# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଫେବୃୟାରୀ ୪/୨୦୧୯ (୧୬ ପୃଷ୍ଠା) | Bhubaneswar, Monday, February 4/ 2019 | ★★★★

୪୫ଶ ଭାଗ ୭୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ଟଣ୍ଡନଙ୍କୁ ଟାଇଟଲ

ଭାରତର ପ୍ରଫେଶନାଲ ସ୍କ୍ୱାଶ୍ ଖେଳାଳି ରମିତ ଟଣ୍ଡନ ପିଏସ୍ଏ ଚ୍ୟାଲେଞ୍ଜର ସିଆଟଲ ଓପନ୍ ଟାଇଟଲ ହାସଲ କରିଛନ୍ତି। ୧୫

୦୨

## କପିଲଙ୍କ ତୃତୀୟ ୱେଡିଂ ରିସେପ୍ସନ

ହାସ୍ୟାଭିନେତା କପିଲ ଶର୍ମା ଶନିବାର ଦିଲ୍ଲୀରେ ତୃତୀୟ ଥର ଲାଗି ୱେଡିଂ ରିସେପ୍ସନ ପାଳନ କରିଛନ୍ତି।



**ଆଜିର ସମ୍ପାଦକୀୟ**

**ଏହା ଯଦି ଟ୍ରେଲର ହୁଏ**

**ଆଜିର ମନ୍ତବ୍ୟ**

" କେନ୍ଦ୍ରର ଶସ୍ୟ ବୀମା ଯୋଜନା ଚାଷୀଙ୍କ ଟଙ୍କା ଛଡ଼ାଇନେବା ପାଇଁ ଉଦ୍ଦିଷ୍ଟ।

– ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

**କିଛି ତଥ୍ୟ**

୨୦୧୯-୨୦ ଅନ୍ତରୀଣ ବଜେଟରେ ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ(ୟୁଆଇଡିଏଆଇ)ର ବ୍ୟୟ ବରାଦରେ ୮.୭% ହ୍ରାସ ଘଟି ୧୨୨୭ କୋଟି ରହିଛି। ଏହା ୨୦୧୮-୧୯ରେ ୧୨୪୫ କୋଟି ଟଙ୍କା ଥିଲା।

– ଅର୍ଥ ମନ୍ତ୍ରଣାଳୟ

# ଖୁଣ୍ଟରେ କେନ୍ଦ୍ରର ୮୫% ଅସଫଳତା

ସୁନୀତ ମିଶ୍ର

ଭୁବନେଶ୍ୱର, ୩।୨

କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଆସିବା ପରେ ୨୦୧୯ ସୁଦ୍ଧା ଦେଶର ପ୍ରତି ଗାଁକୁ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସରକାରକୁ ଆସିବାର କିଛିଦିନ ମଧ୍ୟରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନା ୩ ଡିସେମ୍ବର ୨୦୧୪ରେ ଆରମ୍ଭ କରିଥିଲେ। ଏହା ସହ ୨୮ ଏପ୍ରିଲ ୨୦୧୮ରେ ନିଜେ ପ୍ରଧାନମନ୍ତ୍ରୀ ଏକ ଟୁଇଟ୍ କରି ଦେଶର ପ୍ରତ୍ୟେକ ଗାଁରେ ବିଜୁଳି ପହଞ୍ଚି ସାରିଥିବା ଦର୍ଶାଇଥିଲେ। ସେହି ଦିନଟିକୁ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଐତିହାସିକ ବୋଲି ମଧ୍ୟ କହିଥିଲେ। ଏ ନେଇ ଧରିତ୍ରୀ ପକ୍ଷରୁ ଓଡିଶାରେ ସର୍ଭେ ହେବା ପରେ ଦେଶର ପ୍ରଧାନମନ୍ତ୍ରୀଙ୍କ ମୁହଁରୁ ବାହାରିଥିବା ଏତେବଡ କଥାଟିର ବାସ୍ତବତା କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଜଣାପଡିଛି।

ପ୍ରତିଶ୍ରୁତି ପୂରଣ ନ କରି, ଆଗକୁ ନିର୍ବାଚନ ଥିବାରୁ ମୋଦି ସରକାର ସବୁ ଘରେ ବିଜୁଳି ପହଞ୍ଚାଇ ଦେଇଛନ୍ତି ବୋଲି ଅସତ୍ୟ ଡିଣ୍ଡିମ ପିଟୁଥିବା ସାଧାରଣ ନାଗରିକମାନେ ମଧ୍ୟ ଅଭିଯୋଗ କରିଛନ୍ତି। ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନା ଏବଂ ପରବର୍ତ୍ତୀ ସମୟରେ ଅଣାଯାଇଥିବା ସୌଭାଗ୍ୟ ଯୋଜନାରେ ଏ ପର୍ଯ୍ୟନ୍ତ ସବୁ ଗାଁ ଏବଂ ପ୍ରତି ଘରେ ବିଜୁଳି ପହଞ୍ଚିନାହିଁ। ଅନେକ ଗ୍ରାମରେ ଖୁଣ୍ଟ ପୋତି ଦେଇ ଯୋଜନାର ଶତପ୍ରତିଶତ ସଫଳତା କଥା ପ୍ରଚାର କରାଯାଉଛି। ଅପରପକ୍ଷରେ ଓପିଟିସିଏଲର ଉଚ୍ଚପଦସ୍ଥ ଅଧିକାରୀ ଜେ.ପି. ଦାସଙ୍କୁ ଏ ନେଇ ଧରିତ୍ରୀ ପକ୍ଷରୁ ପଚାରିବାରୁ ସେ କହିଛନ୍ତି ଯେ, ଲକ୍ଷ୍ୟ ରଖାଯାଇଥିବା ଟାର୍ଗେଟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ବହୁତ ଗାଁରେ ବିଦ୍ୟୁତ୍ ପହଞ୍ଚାଯାଇ ସାରିଛି ଏବଂ ଆଉ କିଛି ସ୍ଥାନରେ ରହିଯାଇଛି। ଏଥିପାଇଁ ଧାର୍ଯ୍ୟ କରାଯାଇଥିବା ସମୟସୀମା ମଧ୍ୟ ବୃଦ୍ଧି କରାଯାଇଛି। ୩୧ ଡିସେମ୍ବର ୨୦୧୮ ସୁଦ୍ଧା ଟାର୍ଗେଟ ପୂରଣ କରିବାକୁ ଲକ୍ଷ୍ୟ ରଖାଯାଇଥିଲା, ଏବେ ସେହି ସମୟ ଅବଧିକୁ ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ ବୃଦ୍ଧି କରିଦିଆଯାଇଛି ବୋଲି ଦାସ କହିଛନ୍ତି। ହେଲେ ପାର୍ଲାମେଣ୍ଟରେ କିନ୍ତୁ ମିଛ ସଫଳତାର ଆହୁରି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ୩୧ ଜାନୁୟାରୀ ୨୦୧୯ରେ ପାର୍ଲାମେଣ୍ଟରେ ହୋଇଥିବା ମିଳିତ(ଉଭୟ ରାଜ୍ୟ ସଭା ଓ ଲୋକ ସଭା) ଅଧିବେଶନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ନିଜ ଉଦ୍‌ବୋଧନରେ ମଧ୍ୟ କହିଥିଲେ ଯେ, ଆମ ସରକାର ଦେଶର ପ୍ରତି ଗାଁ ଏବଂ ଘରେ ଘରେ ବିଦ୍ୟୁତ୍ ପହଞ୍ଚାଇ ସାରିଛନ୍ତି। ୨୦୧୪ରେ ୧୮


Narendra Modi
@narendramodi

28th April 2018 will be remembered as a historic day in the development journey of India. Yesterday, we fulfilled a commitment due to which the lives of several Indians will be transformed forever! I am delighted that every single village of India now has access to electricity.

10:28 · 29 Apr 18 · Twitter Web Client

୯ ମାସ ତଳେ ପ୍ରଧାନମନ୍ତ୍ରୀ କରିଥିବା ଟୁଇଟ୍।

ହଜାରରୁ ଅଧିକ ଗାଁରେ ବିଦ୍ୟୁତ୍ ସେବା ପହଞ୍ଚିପାରି ନ ଥିଲା। ହେଲେ ବର୍ତ୍ତମାନ ସେ ଲକ୍ଷ୍ୟ ସମ୍ପୂର୍ଣ୍ଣ ପୂରଣ କରାଯାଇସାରିଛି। ସେହିପରି ସୌଭାଗ୍ୟ ଯୋଜନା ଜରିଆରେ ଦେଶରେ ଥିବା ୨କୋଟି ୪୭ଲକ୍ଷ ଗରିବ ଘରେ ବିଦ୍ୟୁତ୍ ସେବା ପହଞ୍ଚି ସାରିଛି। ଦେଶର କୌଣସି ଗରିବ ଆଉ ଅନ୍ଧାରରେ ରହୁ ନ ଥିବା କୋବିନ୍ଦ ନିଜ ଉଦ୍‌ବୋଧନରେ କହିଥିଲେ। ଏହାର ଦିନକ ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ମଧ୍ୟ ବଜେଟ ଉପସ୍ଥାପନ କରିବା ସମୟରେ ଦେଶର ସବୁ ଘରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ବିଦ୍ୟୁତ୍ ସେବା ପହଞ୍ଚାଇ ସାରିଥିବା କଥା ଦୋହରାଇଥିଲେ। ଏହି ଅବସରରେ କେନ୍ଦ୍ରର ଯୋଜନାକୁ ମଧ୍ୟ ସେ ଭରପୂର ପ୍ରଶଂସା କରିଥିଲେ।

ଅପରପକ୍ଷରେ କେନ୍ଦ୍ର ସରକାରଙ୍କ ସରକାରୀ ପୋର୍ଟାଲର ତଥ୍ୟ ଅନୁଯାୟୀ ମଧ୍ୟ ଲକ୍ଷ୍ୟ ରଖାଯାଇଥିବା ସମସ୍ତ ଗ୍ରାମ ଓ ଘରେ ଘରେ ବିଜୁଳି ପହଞ୍ଚାଇବାର କାର୍ଯ୍ୟ ଶତପ୍ରତିଶତ ପୂରଣ ହୋଇସାରିଥିବା ଦର୍ଶାଇ ଦିଆଯାଇଛି। ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନାରେ ଓଡିଶାର ସର୍ବମୋଟ ୩୮୬୦ ଗ୍ରାମରେ ବିଦ୍ୟୁତ୍ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଥିଲା। ସେଥିରୁ ୩୨୮୧ ଗ୍ରାମରେ ବିଦ୍ୟୁତ୍ ସେବା ପହଞ୍ଚି ସାରିଛି। ବାକି ୫୭୯ଟି ଗ୍ରାମରେ କେହି ବାସ କରୁ ନ ଥିବା ପୋର୍ଟାଲରେ ଉଲ୍ଲେଖ ରହିଛି। ଏହି କ୍ରମରେ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ଏପ୍ରିଲ ୨୦୧୮ ସୁଦ୍ଧା ଶତପ୍ରତିଶତ ପୂରଣ କରିଦିଆଯାଇଛି। ହେଲେ ୫ ସେପ୍ଟେମ୍ବର ୨୦୧୮ରେ କୋରାପୁଟ ବିଧାୟକ ତାରାପ୍ରସାଦ ବାହିନୀପତି ବିଧାନସଭାରେ ପଚାରିଥିବା ଏକ ତାରକା ପ୍ରଶ୍ନର ଉତ୍ତରରେ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂହ କହିଥିଲେ ଯେ, ସାଉଥ୍‌କୋଠାରୁ ମିଳିଥିବା ତଥ୍ୟ ଅନୁଯାୟୀ କୋରାପୁଟ ଜିଲାର ୧୬୦୬ଟି ପଡା ଗ୍ରାମରେ ରାଜୀବ ଗାନ୍ଧୀ ଗ୍ରାମୀଣ ☞ପୃଷ୍ଠା-୪


କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଚାଞ୍ଚେରା ଗ୍ରାମରେ ବିନା ବିଦ୍ୟୁତ୍ ସଂଯୋଗରେ ୮ମାସ ହେଲା ରହିଛି ଖୁଣ୍ଟ ଓ ତାର।

- ଧରାପଡ଼ିଲା ପ୍ରଧାନମନ୍ତ୍ରୀଙ୍କ ମିଥ୍ୟା ତଥ୍ୟ
- ଫେଲ୍ ମାରିଛି ଦିନଦୟାଲ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନା
- ବାର୍ଷିକ ୮% ବିଦ୍ୟୁତ୍ ସଂଯୋଗ ଚାହିଦା ବଢୁଛି


ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତର ସୁଧାକରତଇଳା ଗ୍ରାମରେ ପଡିରହିଥିବା ବିଦ୍ୟୁତ୍ ଖୁଣ୍ଟ।

## ଭାରତର ଐତିହାସିକ ସିରିଜ ବିଜୟ

ୱେଲିଂଟନ, ୩।୨(ପି.ଟି.)

ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ କ୍ରିକେଟ ସିରିଜରେ ଭାରତ ୪-୧ରେ ବ୍ୟବଧାନରେ ବିଜୟୀ ହୋଇଛି। ଏଥିସହିତ ନ୍ୟୁଜିଲାଣ୍ଡ ମାଟିରେ ଭାରତ ସର୍ବବୃହତ୍ ସିରିଜ ବିଜୟ ହାସଲ କରି ଇତିହାସ ସୃଷ୍ଟି କରିଛି। ରବିବାର ଖେଳାଯାଇଥିବା ପଞ୍ଚମ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଭାରତ ୩୫ ରନରେ ଘରୋଇ ଦଳକୁ ହରାଇ ଏହି ସଫଳତା ହାସଲ କରିଛି। ୯୦ ରନର ଉପଯୋଗୀ ପାଳି ଖେଳିଥିବା ଭାରତୀୟ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ବେଳେ ସିରିଜରେ ସ୍ଥିର ପ୍ରଦର୍ଶନ କରିଥିବା ଦ୍ରୁତ ବୋଲର ମହମ୍ମଦ ସାମି ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଛନ୍ତି।

(ବିସ୍ତୃତ ବିବରଣୀ ଖେଳ ପୃଷ୍ଠାରେ)

## ପଦ୍ମଶ୍ରୀ ଫେରାଇଲେ ମଣିପୁରୀ ଫିଲ୍ମ ପ୍ରଯୋଜକ



ଇମ୍ଫାଲ,୩।୨

ନାଗରିକତ୍ୱ ସଂଶୋଧନ ବିଲ୍‌କୁ ବିରୋଧ କରି ପ୍ରଖ୍ୟାତ୍ ମଣିପୁରୀ ଫିଲ୍ମ ପ୍ରଯୋଜକ ଅରିବମ୍ ଶ୍ୟାମ ଶର୍ମା ରବିବାର କେନ୍ଦ୍ର ସରକାରଙ୍କୁ ପଦ୍ମଶ୍ରୀ ଉପାଧି ଫେରାଇ ଦେଇଛନ୍ତି। ୮୨ ବର୍ଷୀୟ ଅରିବମ୍ ଅଦ୍ୟାବଧି ୧୪ଟି ଫିଚର୍ ଓ ୩୧ଟି ନନ୍-ଫିଚର ଫିଲ୍ମର ପ୍ରଯୋଜନା କରିଛନ୍ତି। ରାଜ୍ୟ ତଥା ଜାତୀୟ ସିନେମା ଜଗତକୁ ଅତୁଳନୀୟ ଅବଦାନ ପାଇଁ ୨୦୦୬ରେ ତତ୍କାଳୀନ ରାଷ୍ଟ୍ରପତି ଏପିଜେ ଅବ୍‌ଦୁଲ କଲାମ ତାଙ୍କୁ ମର୍ଯ୍ୟାଦାଜନକ ଏହି ସମ୍ମାନ ଦେଇଥିଲେ। ☞ପୃଷ୍ଠା-୪

- ୫ ସିବିଆଇ ଅଧିକାରୀ ଅଟକ ପରେ ଖଲାସ

## ଜେରା କରିବାକୁ ଯାଇ ହଟହଟା

କୋଲକାତା,୩।୨

ପଶ୍ଚିମବଙ୍ଗର ରାଜଧାନୀ କୋଲକତାରେ ରବିବାର ସନ୍ଧ୍ୟାରେ ଏକ ଅପ୍ରତ୍ୟାଶିତ ଘଟଣା ଘଟିଛି। କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପ୍ରସଙ୍ଗକୁ ନେଇ ମୁହାଁମୁହିଁ ସ୍ଥିତିରେ ଥିବାବେଳେ ଏହାର ରାଜନୈତିକ ପ୍ରଭାବ ପୋଲିସ ଏବଂ ତଦନ୍ତକାରୀ ସଂସ୍ଥା ଉପରେ ପଡ଼ିଛି। ରୋଜ୍‌ଭ୍ୟାଲି ଏବଂ ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାର ତଦନ୍ତ ପାଇଁ କୋଲକାତା ଯାଇଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଏକ ଟିମ୍‌କୁ ସ୍ଥାନୀୟ ପୋଲିସ ଅଟକ ରଖିଥିଲା। ଏହାକୁ ନେଇ ବିବାଦ ସୃଷ୍ଟି ହେବା ପରେ ୫ ଅଧିକାରୀଙ୍କୁ ଛାଡ଼ିଦିଆଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି। ସେ 'ସମ୍ବିଧାନ ବଞ୍ଚାଅ' ଦାବିରେ ମେଟ୍ରୋ ଚ୍ୟାନେଲ ନିକଟରେ ଧାରଣାରେ ବସିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଜାତୀୟ ରାଜନୀତିରେ ଉଷ୍ମତା ବଢ଼ିଯାଇଛି। ସିବିଆଇର ଏକ ୫ ଜଣିଆ ଟିମ୍ ରବିବାର କୋଲକାତା ଯାଇଥିଲା। ରୋଜ୍‌ଭ୍ୟାଲି ଓ ସାରଦା ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ କୋଲକାତା ପୋଲିସ କମିଶନର ରାଜୀବ କୁମାରଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ପାଇଁ ୫ ତଦନ୍ତକାରୀ ଅଧିକାରୀ ଲୋଉଡନ୍ ଷ୍ଟ୍ରିଟ୍‌ସ୍ଥିତ ରାଜୀବଙ୍କ ☞ପୃଷ୍ଠା-୪

**କୋଲକାତାରେ ହାଇଡ୍ରାମା**

- ରାଜୀବ କୁମାରଙ୍କୁ ଜେରା କରିବାକୁ ଯାଇଥିଲା ସିବିଆଇ ଟିମ୍
- ଜିପ୍‌ରେ ବସାଇ ଥାନାକୁ ନେଇଗଲେ ପୋଲିସ ଅଧିକାରୀ
- କେନ୍ଦ୍ର ଉପରେ ବର୍ଷିଲେ, ଧାରଣାରେ ବସିଲେ ମମତା

## ସୀମାଞ୍ଚଳ ଏକ୍ସପ୍ରେସ୍ ଲାଇନଚ୍ୟୁତ: ୬ ମୃତ

ସୋନପୁର (ବିହାର),୩।୨(ପି.ଟି.)

ବିହାର କିଷନଗଞ୍ଜ ଜିଲାର ଯୋଗବାଣୀରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ସୀମାଞ୍ଚଳ ଏକ୍ସପ୍ରେସ ବୈଶାଳୀ ଜିଲାରେ ରବିବାର ଭୋର ପାଖାପାଖି ୪ଟା ସମୟରେ ଲାଇନଚ୍ୟୁତ ହୋଇଛି। ଏହି ଦୁର୍ଘଟଣାରେ ୬ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ୨୯ ଆହତ ହୋଇଛନ୍ତି। ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଗୁରୁତର ୨ ଜଣଙ୍କୁ ପାଟନା ଏବଂ ମୁଜାଫରପୁର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ରେଳଧାରଣାରେ ଫାଟ ଯୋଗୁ ୧୨୪୮୭ ଯୋଗବାଣୀ-ଆନନ୍ଦବିହାର ସୀମାଞ୍ଚଳ ଏକ୍ସପ୍ରେସର ୧୧ଟି ବଗି ଲାଇନଚ୍ୟୁତ ହୋଇଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡିଛି। ତିନୋଟି ବଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଟ୍ରେନ୍‌ଟି ସହଦାଇ ବୁଜୁର୍ଗଠାରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଏହାର ଗୋଟିଏ ସାଧାରଣ ବଗି, ଗୋଟିଏ ଏସି କୋଚ, ୩ଟି ସ୍ଲିପର କୋଚ ଏବଂ ଅନ୍ୟ ୬ଟି ବଗି ଲାଇନଚ୍ୟୁତ ହୋଇଛି। ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କ କାର୍ଯ୍ୟାଳୟ ପକ୍ଷରୁ ମୃତକଙ୍କ ପରିବାର ଲାଗି ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା ହୋଇଥିବାବେଳେ ଗୁରୁତର ଆହତଙ୍କ ଲାଗି ୧ ଲକ୍ଷ ଏବଂ ସାମାନ୍ୟ ଆହତଙ୍କ ଲାଗି ୫୦ ହଜାର ଟଙ୍କା ଘୋଷଣା କରାଯାଇଛି। ରେଳପଥ ସୁରକ୍ଷା କମିଶନର (ପୂର୍ବାଞ୍ଚଳ ଜୋନ୍) ଲତିଫ ଖାନ୍ ଏହି ଦୁର୍ଘଟଣାର ତଦନ୍ତ କରିବେ। ରେଳ ଦୁର୍ଘଟଣାରେ ଯାତ୍ରୀଙ୍କ ମୃତ୍ୟୁକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରେଳମନ୍ତ୍ରୀ ଗୋୟଲ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ରେଳପଥର ଉଚ୍ଚ ☞ପୃଷ୍ଠା-୪

- ୧୧ ବଗି ଲାଇନଚ୍ୟୁତ, ୩ ସମ୍ପୂର୍ଣ୍ଣ ନଷ୍ଟ
- ୨୯ ଆହତଙ୍କ ମଧ୍ୟରୁ ୨ ଗୁରୁତର
- ରେଳଲାଇନରେ ଫାଟ ଯୋଗୁ ଦୁର୍ଘଟଣା
- ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ସହାୟତା ଘୋଷଣା
- ୩ ହେଲ୍ପଲାଇନ ଘୋଷଣା
- ରେଳପଥ ସୁରକ୍ଷା କମିଶନର (ପୂର୍ବାଞ୍ଚଳ ଜୋନ୍) ତଦନ୍ତ କରିବେ



**ମିଶନଶକ୍ତି ସମାବେଶ, ଚାଷୀ ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**

## ଉଚ୍ଚଶିକ୍ଷା ପାଇଁ 'କାଳିଆ ଛାତ୍ରବୃତ୍ତି'

ବାରିପଦା ଅଫିସ/କେନ୍ଦୁଝର(ସ୍ୱ.ପ୍ର.), ୩।୨-ମୟୂରଭଞ୍ଜ ଜିଲାର ରାଇରଙ୍ଗପୁର ଓ କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଗସ୍ତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ୪ଟି ସ୍ୱତନ୍ତ୍ର ଘୋଷଣା କରିଛନ୍ତି। ବଣପାହାଡ ଘେରା ଆଦିବାସୀ ଅଧ୍ୟୁଷିତ ରାଇରଙ୍ଗପୁର ବ୍ଲକର ବିକାଶ ଲାଗି ୩ଟି ଘୋଷଣା କରାଯାଇଥିବା ବେଳେ ଘଟଗାଁ ବ୍ଲକ ପଣ୍ଡାପଡା ଚାଷୀ ସମାବେଶରେ 'କାଳିଆ ଛାତ୍ରବୃତ୍ତି' ନାମରେ ଆଉ ଏକ ଯୋଜନା ଘୋଷଣା କରାଯାଇଛି।

ରାଇରଙ୍ଗପୁର ବାସିନ୍ଦାଙ୍କ ସ୍ୱାସ୍ଥ୍ୟସେବା ପ୍ରତି ଗୁରୁତ୍ୱ ଦିଆଯାଇ ସ୍ଥାନୀୟ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟକୁ ସମ୍ପ୍ରସାରଣ କରାଯିବ ବୋଲି ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ପିପିପି ମୋଡରେ ୧୦୦ଟି ବେଡ୍‌କୁ ଉନ୍ନୀତ କରାଯିବ ବୋଲି କୁହାଯାଇଛି। ଏହି ଅଞ୍ଚଳର ଯୁବପିଢି କ୍ରୀଡାପ୍ରତି ବେଶ୍ ଆଗ୍ରହ ପ୍ରକାଶ କରୁଥିବାରୁ ଏକ ଷ୍ଟାଡିୟମ ନିର୍ମାଣ କରାଯିବାକୁ ଘୋଷଣା କରାଯାଇଛି। ରାଇରଙ୍ଗପୁରକୁ ଜିଲା ମାନ୍ୟତା ଘୋଷଣା ଲାଗି ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିବାରୁ ମୁଖ୍ୟମନ୍ତ୍ରୀ ଏହାକୁ ପ୍ରାଧାନ୍ୟ ଦେଇ ଏଠାରେ ଜଣେ ଅତିରିକ୍ତ ଜିଲାପାଳ ରହିବେ ବୋଲି କହିଛନ୍ତି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଏହି ଦାୟିତ୍ୱରେ ରହିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେହିପରି ଘଟଗାଁ ବ୍ଲକ ପଣ୍ଡାପଡା ଚାଷୀ ସମାବେଶରେ ଘୋଷଣା ହୋଇଥିବା 'କାଳିଆ ଛାତ୍ରବୃତ୍ତି' ଯୋଜନାରେ ଉଚ୍ଚଶିକ୍ଷା ପାଇଁ ଆଶାୟୀ ଥିବା କାଳିଆ ହିତାଧିକାରୀଙ୍କ ପରିବାରର ପିଲାମାନେ ମାଗଣାରେ ଶିକ୍ଷା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଖର୍ଚ୍ଚ ସରକାର ବହନ କରିବେ ବୋଲି କୁହାଯାଇଛି।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟା ୪୦ରେ ରାଇରଙ୍ଗପୁରସ୍ଥିତ ମହୁଲଡିହା ପଡ଼ିଆରେ ହେଲିକପ୍ଟରରୁ ଓହ୍ଲାଇ ମିଶନ ଶକ୍ତି ପକ୍ଷରୁ ଆୟୋଜିତ ସମାବେଶରେ ଯୋଗଦେଇଥିଲେ। ସେ ପ୍ରଥମେ ଉପରୋକ୍ତ ସ୍ୱତନ୍ତ୍ର ଘୋଷଣା କରିବା ପରେ ୪୫.୦୫ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ୨୧ ପ୍ରକଳ୍ପର ଉଦ୍‌ଘାଟନ ଓ ୯୬୦.୩୪ କୋଟି ଟଙ୍କା ବ୍ୟୟ ଅଟକଳରେ ୧୫ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ମିଶନ ଶକ୍ତି କାର୍ଯ୍ୟକ୍ରମର ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ ସ୍ୱାଗତ ଭାଷଣ ଦେଇ ମୟୂରଭଞ୍ଜ ☞ପୃଷ୍ଠା-୪


ପଣ୍ଡାପଡ଼ାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଳିଆ ସହାୟତା ପତ୍ର ଚାଷୀଙ୍କୁ ପ୍ରଦାନ କରୁଛନ୍ତି।

**ସମ୍ପ୍ରସାରିତ ହେବ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ**


SUDHAKAR
WIRES AND CABLES
THE POWER HIGHWAY
WANTED DEALERS
CONTACT US
93374 27021
sales.cables@sudhakarind.com



NECC NATIONAL EGG CO-ORDINATION COMMITTEE 03.02.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 83 | 136 | 146 |
| CTC | 85 | 139 | 149 |
| DKL | 85 | 139 | 149 |
| BDK | 86 | 140 | 150 |
| BLS | 86 | 140 | 150 |
| ANG | 85 | 139 | 149 |

*Conditions Apply

Eggs Retail Price- 49/-Dozen
Issued in the Interest of Consumers



"କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସବୁ ଦଳର ସାମ୍ବିଧାନିକ ଓ ଗଣତାନ୍ତ୍ରିକ ଅଧିକାର ରହିଛି।
-କେଶରୀନାଥ ତ୍ରିପାଠୀ,
ପଶ୍ଚିମବଙ୍ଗ ରାଜ୍ୟପାଳ

## ■ ସାଧାରଣ ନିର୍ବାଚନ ପୂର୍ବରୁ ହିନ୍ଦୁ ଭୋଟ ବ୍ୟାଙ୍କ ପାଇଁ ପ୍ରୟାସ

# ବିବାଦରେ ନାଗରିକତ୍ୱ ବିଲ୍

ନୂଆଦିଲ୍ଲୀ,୩।୨

ନାଗରିକତ୍ୱ (ସଂଶୋଧନ) ବିଲ୍, ୨୦୧୯କୁ ନେଇ ବିବାଦ ତେଜିବାରେ ଲାଗିଛି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସାଧାରଣ ନିର୍ବାଚନ ପୂର୍ବରୁ ହିନ୍ଦୁ ଭୋଟ ବ୍ୟାଙ୍କ ସୃଷ୍ଟି ପାଇଁ ଏହି ବିଲ୍‌କୁ ପାର୍ଲାମେଣ୍ଟରେ ଗୃହୀତ କରିବାକୁ ଉଦ୍ୟମ କରୁଥିବା ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। ଉକ୍ତ ବିଧେୟକକୁ ବିରୋଧ କରି ଅନେକ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇଥିବାବେଳେ ଏହାକୁ ଗୃହୀତ କରାଇଲେ ବିପଜ୍ଜନକ ସ୍ଥିତି ସୃଷ୍ଟି ହେବ ବୋଲି ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରଫୁଲ୍ଲ କୁମାର ମହନ୍ତ ରବିବାର ଚେତାବନୀ ଦେଇଛନ୍ତି। ସେପଟେ ପ୍ରଖ୍ୟାତ ମଣିପୁରୀ ଫିଲ୍ମ ପ୍ରଯୋଜକ ଅରିବମ୍ ଶ୍ୟାମ ଶର୍ମା ବିଲ୍ ପ୍ରତ୍ୟାହାର କରିବା ପାଇଁ କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ଯାଇ ପଦ୍ମଶ୍ରୀ ଉପାଧି ଫେରାଇ ଦେଇଛନ୍ତି।

ଆସୋମ ଗଣ ପରିଷଦ (ଏଜିପି) ଅଧ୍ୟକ୍ଷ ପ୍ରଫୁଲ୍ଲ ମହନ୍ତ ରବିବାର ନୂଆଦିଲ୍ଲୀରେ କହିଛନ୍ତି, ନାଗରିକତ୍ୱ ସଂଶୋଧନ ବିଲ୍‌କୁ ନେଇ ରାଜ୍ୟରେ ଆନ୍ଦୋଳନ ତେଜିବାରେ ଲାଗିଛି। ଏହି ବିକ୍ଷୋଭ ୧୯୭୯-୮୫ ଆସାମ ଆନ୍ଦୋଳନ ଭଳି। ଏହି ବିଧେୟକ କେଶବାନନ୍ଦ ଭାରତୀ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ଉଲ୍ଲଂଘନ କରୁଛି। ଏନ୍‌ଡିଏ ସରକାର ଲୋକଙ୍କ ଭାବାବେଗକୁ ସମ୍ମାନ ନ ଦେଇ ଏହି ବିଲ୍‌କୁ ରାଜ୍ୟ ସଭାରେ ଗୃହୀତ କରାଇଲେ ଆସାମରେ ବିପଜ୍ଜନକ ସ୍ଥିତି ସୃଷ୍ଟି ହେବ। ଏଥିପାଇଁ ମୋଦି ସରକାର ଦାୟୀ ହେବେ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ରବିବାର ଏହି ବିଲ୍‌କୁ ଦେଶ ପାଇଁ 'ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ' ବୋଲି ଅଭିହିତ କରିଛନ୍ତି। ଏହି ପ୍ରସଙ୍ଗରେ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ବିଭିନ୍ନ ରାଜନୈତିକ ଦଳ ସହ ଆଲୋଚନା କରିବେ ବୋଲି ଶାହ କହିଛନ୍ତି। ଚାରିଆଡୁ ବିରୋଧର ସମ୍ମୁଖୀନ ହେବା ପରେ ବିଲ୍‌କୁ ସରକାର ଚଳିତ ଅଧିବେଶନରେ ରାଜ୍ୟ ସଭାରେ ଆଗତ କରି ନ ପାରନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିବାବେଳେ ଶାହ ଏହି ମନ୍ତବ୍ୟ ଦେଇଛନ୍ତି। ସେପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁର ବିଜୟପୁରରେ କହିଛନ୍ତି, ଯେଉଁମାନେ ପଡ଼ୋଶୀ ଦେଶଗୁଡ଼ିକରୁ ଭାରତକୁ ପଳାୟନ କରିବାକୁ ବାଧ୍ୟ ହୋଇଛନ୍ତି, କେନ୍ଦ୍ର ସରକାର ସେମାନଙ୍କ ସହ ଛିଡ଼ା ହେବେ। କଂଗ୍ରେସ କ୍ଷମତାରେ ଥିବାବେଳେ ଆମର ସେହି ଭଉଣୀ ଭାଇଙ୍କ ଦୁର୍ଦ୍ଦଶା ଉପରେ ଧ୍ୟାନ ଦେଇଥିଲେ ଆଜି ଏଭଳି ସ୍ଥିତି ଉପୁଜି ନ ଥାଆନ୍ତା ବୋଲି ମୋଦି ସମାଲୋଚନା କରିଛନ୍ତି।



### ବିଲ୍‌ରେ କ'ଣ ଅଛି

ନାଗରିକତ୍ୱ (ସଂଶୋଧନ) ବିଲ୍, ୨୦୧୯ ଆଫଗାନିସ୍ତାନ, ପାକିସ୍ତାନ ଓ ବାଂଲାଦେଶର ହିନ୍ଦୁ, ଶିଖ୍, ଜୈନ, ବୌଦ୍ଧ ଓ ପାର୍ସୀ ସମ୍ପ୍ରଦାୟର ଲୋକଙ୍କୁ ନାଗରିକ ଅଧିକାର ପ୍ରଦାନ ଲାଗି ଉଦ୍ଦିଷ୍ଟ। ଧାର୍ମିକ ଉତ୍ପୀଡ଼ନ ଯୋଗୁ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଏହି ପଡ଼ୋଶୀ ଦେଶଗୁଡ଼ିକରୁ ଭାରତକୁ ପଳାୟନ କରି ଆସିଥିବା ଅଣ-ମୁସଲିମ୍‌ମାନଙ୍କୁ ନାଗରିକତ୍ୱ ଦେବା ଲାଗି ନାଗରିକତ୍ୱ ଆଇନ, ୧୯୫୫ରେ ସଂଶୋଧନ ଆଣିବା ପାଇଁ ସରକାର ଚାହୁଁଛନ୍ତି। ୧୨ ବର୍ଷ ପୂର୍ବରୁ ଦେଶ ଛାଡ଼ି ଭାରତ ଆସିଥିବା ଅଣ-ମୁସଲିମ୍‌ମାନଙ୍କୁ ଭାରତର ନାଗରିକତ୍ୱ ଦେବାର ଆଇନ ରହିଥିବାବେଳେ ଏହି ଅବଧିକୁ ୬ ବର୍ଷକୁ ହ୍ରାସ କରିବା ହେଉଛି ପ୍ରସ୍ତାବିତ ସଂଶୋଧନର ଉଦ୍ଦେଶ୍ୟ। ଏହି ବିଲ୍ ଶୀତ ଅଧିବେଶନରେ ଜାନୁୟାରୀ ୮ରେ ଲୋକ ସଭାରେ ଗୃହୀତ ହୋଇଥିବାବେଳେ ରାଜ୍ୟ ସଭାରେ ପାସ୍ କରାଇବା ଲାଗି ସରକାର ଉଦ୍ୟମ ଜାରି ରଖିଛନ୍ତି। ଉଚ୍ଚ ସଦନରେ ଭାଜପାର ସଂଖ୍ୟାବଳ ନ ଥିବାରୁ ଏହା ଗୃହୀତ ହୋଇ ନ ପାରେ। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହାକୁ ବିରୋଧ କରିବାକୁ ପ୍ରସ୍ତୁତ ହୋଇ ରହିଛନ୍ତି।

### ବିରୋଧ କାହିଁକି

ଆସାମ ଚୁକ୍ତି ଅନୁସାରେ ୧୯୭୧ ପରେ ବେଆଇନ ଭାବେ ଯେଉଁ ପ୍ରବାସୀମାନେ ଭାରତକୁ ଆସିଥିଲେ, ଧର୍ମ ନିର୍ବିଶେଷରେ ସେମାନଙ୍କୁ ନିଜ ମୂଳ ଦେଶକୁ ପ୍ରତ୍ୟର୍ପଣ କରାଯିବା କଥା। କିନ୍ତୁ ପ୍ରସ୍ତାବିତ ବିଲ୍ ଉକ୍ତ ଚୁକ୍ତିକୁ ଉଲ୍ଲଂଘନ କରୁଛି। କେନ୍ଦ୍ରର ମୋଦି ସରକାର ଭାଜପାର ଭୋଟ ବ୍ୟାଙ୍କ ତିଆରି କରିବାକୁ ଉଦ୍ୟମ କରୁଥିବା ଦର୍ଶାଇ ବିପକ୍ଷ ଏହାକୁ ବିରୋଧ କରୁଛନ୍ତି। ୧୯୮୦ ଦଶକରେ ବେଆଇନ ଅନୁପ୍ରବେଶ ନିରୋଧୀ ଆନ୍ଦୋଳନରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ୨୦୧୬ରେ ଆସାମର ସର୍ବାନନ୍ଦ ସୋନୋୱାଲ ସରକାର ପୁରସ୍କୃତ କରିଥିଲେ। ଗତମାସ ୧୨୫ ପରିବାର ନାଗରିକତ୍ୱ ବିଲ୍ ପ୍ରତିବାଦରେ ଗୁଆହାଟୀରେ ଶୋଭାଯାତ୍ରା କରି ଉକ୍ତ ପୁରସ୍କାର ଫେରାଇ ଦେଇଥିଲେ। ଆସାମ ଆନ୍ଦୋଳନ ବେଳେ ପ୍ରାଣ ହରାଇଥିବା ୮୫୫ ଲୋକଙ୍କ ପ୍ରତି ଏହା ଅପମାନ ବୋଲି ସେମାନେ ଦର୍ଶାଇଥିଲେ।




### କେନ୍ଦ୍ରର ଆଭିମୁଖ୍ୟ

ବିଭାଜନ ବେଳେ ଯେଉଁ ଭୁଲ କରାଯାଇଥିଲା, ଏହି ବିଲ୍ ଜରିଆରେ ତା'ର ପ୍ରାୟଶ୍ଚିତ୍ତ କରାଯିବାର ବ୍ୟବସ୍ଥା ରହିଛି। ବିଭାଜନ ବେଳର ପୀଡ଼ିତଙ୍କୁ ସୁରକ୍ଷା ଦେବା ପାଇଁ ଏହା ଉଦ୍ଦିଷ୍ଟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ କରିଛନ୍ତି। ବଜେଟ ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାର୍ଲାମେଣ୍ଟକୁ ସମ୍ବୋଧିତ କରି ଏହି ବିଲ୍ ସପକ୍ଷରେ ମତ ଦେଇଥିଲେ। ପାକିସ୍ତାନ, ବାଂଲାଦେଶ, ଆଫଗାନିସ୍ତାନର ସଂଖ୍ୟାଲଘୁ ବଞ୍ଚିତ ବର୍ଗଙ୍କୁ ଭାରତର ନାଗରିକତ୍ୱ ଦିଆଗଲେ ସେମାନେ ନ୍ୟାୟ ପାଇବେ ବୋଲି ରାଷ୍ଟ୍ରପତି କହିଥିଲେ।

### ବିରୋଧରେ କିଏ

ଏହି ବିଲ୍‌କୁ ଆସାମ ସମେତ ସମଗ୍ର ଉତ୍ତର-ପୂର୍ବରେ ବିରୋଧ କରାଯାଉଛି। ଉତ୍ତର-ପୂର୍ବର ୪ ମୁଖ୍ୟମନ୍ତ୍ରୀ ମଧ୍ୟ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିସାରିଲେଣି। ନିକଟରେ ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ୍ ସଙ୍ଗ୍‌ମା ଓ ମିଜୋରାମ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା ନୂଆଦିଲ୍ଲୀ ଗସ୍ତକରି ଏହି ବିବାଦୀୟ ବିଲ୍ ପ୍ରତ୍ୟାହାର କରିବା ଲାଗି କେନ୍ଦ୍ର ଉପରେ ଚାପ ପକାଇଥିଲେ। ଇତିମଧ୍ୟରେ ନାଗରିକତ୍ୱ ସଂଶୋଧନ ବିଲ୍‌କୁ ମଣିପୁରରେ ବିରୋଧ କରୁଥିବା ମିଳିତ ମଞ୍ଚ ମଣିପୁର ପିପୁଲ ଏଗେନ୍‌ଷ୍ଟ ସିଟିଜେନ୍‌ଶିପ୍ ଆମେଣ୍ଡମେଣ୍ଟ ବିଲ୍ (ଏମ୍‌ପିଏସିଏବି) ହିନ୍ଦୀ ଭାଷାକୁ ସମ୍ପୂର୍ଣ୍ଣ ବର୍ଜନ କରିବା ଲାଗି ଆହ୍ୱାନ ଦେଇଛି। ଏହାସହ ଉକ୍ତ ବିଲ୍‌କୁ ପ୍ରତ୍ୟାହାର ନ କରିବା ଯାଏ ଜାତୀୟ ସଙ୍ଗୀତ, ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଗସ୍ତ ଉପରେ କଟକଣା ଜାରି କରି ଆନ୍ଦୋଳନ ଜୋରଦାର୍ କରିବାକୁ ଘୋଷଣା କରିଛି। ପ୍ରଫୁଲ୍ଲ ମହନ୍ତଙ୍କ ନେତୃତ୍ୱରେ ଏଜିପିର ଏକ ପ୍ରତିନିଧି ଦଳ ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଓ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମନବୀ ଆଜାଦଙ୍କୁ ଭେଟି ଏନେଇ ଆଲୋଚନା କରିଛନ୍ତି। ମୋଦି ସରକାରଙ୍କ ଏହି ବିବାଦୀୟ ବିଲ୍ ପ୍ରତିବାଦରେ ଏଜିପି ଏହା ପୂର୍ବରୁ ଏନ୍‌ଡିଏ ଛାଡ଼ି ସାରିଛି।

## ସଂକ୍ଷେପରେ

### ୨ ପାକ୍ ସେନା ଅଧିକାରୀଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ



ମୁମ୍ବାଇ,୩।୨(ପି.ଟି.): ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାରେ ସମ୍ପୃକ୍ତ ପାକିସ୍ତାନର ଦୁଇ ସେନା ଅଧିକାରୀ ମେଜର ଅବଦୁଲ ରେହମନ ପାଶା ଏବଂ ମେଜର ଇକ୍‌ବାଲଙ୍କୁ ମୁମ୍ବାଇର ଏକ ସେସନ୍ସ କୋର୍ଟ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିଛି। ମେଜର ପାଶା ଚାକିରିରୁ ଅବସର ନେଇ ସାରିଥିବାବେଳେ ମେଜର ଇକ୍‌ବାଲ ଆଇଏସ୍ଆଇ ଅଫିସର ଭାବେ କାର୍ଯ୍ୟରତ ଥିବା ବିଶ୍ୱାସ କରାଯାଉଛି। ଆମେରିକା ଜନ୍ମିତ ଲଶ୍କର-ଇ-ତୋଇବା ଆତଙ୍କବାଦୀ ଡାଭିଡ କୋଲେମାନ ହେଡ୍‌ଲୀ ଦୁଇ ପାକିସ୍ତାନୀ ଅଫିସରଙ୍କ ସମ୍ପର୍କରେ ସୂଚନା ଦେଇଥିଲା। ଉଭୟ ଇକ୍‌ବାଲ ଏବଂ ପାଶାଙ୍କ ବିରୋଧରେ ମୁମ୍ବାଇ ପୋଲିସର କ୍ରାଇମ୍ ବ୍ରାଞ୍ଚ ଚାର୍ଜଶିଟ୍ ଦାଖଲ କରିଥିଲା। ଅତିରିକ୍ତ ସେସନ୍ସ ଜଜ୍ ଗତ ୨୧ ତାରିଖରେ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଉଜ୍ଜ୍ୱଲ ନିକମ୍‌ଙ୍କ ଆବେଦନକୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ।

### ୫ମ ଦିନରେ ଆନ୍ନାଙ୍କ ଅନଶନ

ମୁମ୍ବଇ,୩।୨(ପି.ଟି.): କେନ୍ଦ୍ରରେ ଲୋକପାଳ ଏବଂ ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ଦାବିରେ ଆନ୍ନା ହାଜାରେ (୮୧) ରାଲେଗାଁ ସିଦ୍ଧିଠାରେ ଅନଶନରେ ବସିଛନ୍ତି। ରବିବାର ୫ମ ଦିନରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିଛି। ରାଜ୍ୟ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଶିବ ସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ କହିଛନ୍ତି।

### କଲମ୍ବିଆ ସଂଘର୍ଷରେ ୧୦ ମୃତ

ବୋଗୋଟା,୩।୨(ପି.ଟି.): କଲମ୍ବିଆର ସେନା ଓ ପୋଲିସ ସହ ଶନିବାର ସଂଘର୍ଷରେ ରିଭୋଲ୍ୟୁଶନାରୀ ଆର୍ମଡ୍ ଫୋର୍ସେସ୍ ଅଫ୍ କଲମ୍ବିଆ (ଏଫ୍‌ଏଆର୍‌ସି)ର ଅସନ୍ତୁଷ୍ଟ ବିଦ୍ରୋହୀ ଗରିଲା ଗ୍ରୁପ୍‌ର ନେତା ରୋଡ୍ରିଗୋ କାଡେଟେ (୫୨)ଙ୍କ ସମେତ ୧୦ ସଦସ୍ୟ ପ୍ରାଣ ହରାଇଛନ୍ତି। ୨୦୧୬ ଶାନ୍ତି ପ୍ରକ୍ରିୟା ଅନ୍ତର୍ଗତ ଏଫ୍‌ଏଆର୍‌ସିର ୭ହଜାର ସଦସ୍ୟ ଅସ୍ତ୍ରଶସ୍ତ୍ର ସମର୍ପଣ କରିଥିଲେ। ତେବେ ଏବେ ବି ୧,୭୦୦ ସଦସ୍ୟ ସରକାର ବିରୋଧୀ ବିଦ୍ରୋହରେ ସକ୍ରିୟ ରହିଛନ୍ତି। ଡ୍ରଗ୍ସ ଟଙ୍କାରେ ସେମାନେ ବଳିୟାନ ହୋଇଥିବା ପ୍ରତିରକ୍ଷା ମୁଖ୍ୟ ଗୁଇଲର୍ମୋ ବୋଟେରୋ କହିଛନ୍ତି।

### ତିରୁପତି ମନ୍ଦିରରୁ ୩ ସୁନା ମୁକୁଟ ଚୋରି



ତିରୁପତି, ୩।୨(ପି.ଟି.): ତିରୁପତିର ଶ୍ରୀ ଗୋବିନ୍ଦରାଜ ମନ୍ଦିରରୁ ୧.୩ କେଜିର ୩ ସୁନା ମୁକୁଟ ଚୋରି ହୋଇଥିବା ତିରୁମାଲା ତିରୁପତି ଦେବସ୍ଥାନମ୍ସ (ଟିଟିଡି)ର ସୁରକ୍ଷା ଅଧିକାରୀ ରବିବାର ସ୍ପଷ୍ଟ କରିଛନ୍ତି। ଶନିବାର ରାତିରେ ଏହି ଚୋରି ଘଟଣା ଘଟିଛି। ଏ ନେଇ ଟିଟିଡି ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଚଳାଇଛି। ସିସିଟିଭି କ୍ୟାମେରା ଫୁଟେଜର ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି।

### [ଇତିହାସର ଆଇନାରେ]

### ଫେବୃୟାରୀ ୪ର ପ୍ରମୁଖ ଘଟଣା

୨୦୦୪ ଫେବୃୟାରୀ ୪ରେ ମାର୍କ ଜୁକରବର୍ଗ ଅନ୍‌ଲାଇନ୍ ସୋସିଆଲ୍ ନେଟୱର୍କିଂ ସାଇଟ୍ ଫେସବୁକ୍ ଲଞ୍ଚ କରିଥିଲେ। ଏହି ସର୍ଭିସ କମ୍ପାନୀ କାଲିଫର୍ନିଆର ମେନ୍‌ଲୋ ପାର୍କରେ ଅବସ୍ଥିତ। ଜୁକରବର୍ଗଙ୍କୁ ଏଥିରେ ସହାୟତା କରିଥିଲେ ତାଙ୍କ ସାଥୀ ତଥା ହାର୍ଭାର୍ଡ କଲେଜ ଷ୍ଟୁଡେଣ୍ଟ ଓ ରୁମ୍‌ମେଟ୍ ଏଡୱାର୍ଡୋ ସାଭେରିନ୍, ଆଣ୍ଡ୍ରୁ ମ୍ୟାକ୍ କୋଲମ୍, ଦସ୍ତିନ ମୋସ୍କୋଭିଜ୍ ଏବଂ କ୍ରିସ୍ ହୁଗେସ୍।

୧୯୭୬ ଫେବୃୟାରୀ ୪ରେ ଗୁଏଟମାଲା ଓ ହୋଣ୍ଡୁରାସ୍‌ରେ ଭୂମିକମ୍ପ ଯୋଗୁ ୨୨,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଗୁଏଟମାଲା କେନ୍ଦ୍ରୀୟ ଆମେରିକାର ଏକ ଦେଶ। ଏହାର ଉତ୍ତର ପଶ୍ଚିମରେ ମେକ୍ସିକୋ ଏବଂ ପୂର୍ବରେ ହୋଣ୍ଡୁରାସ୍ ରହିଛି। ହୋଣ୍ଡୁରାସ୍‌କୁ ସରକାରୀ ଭାବେ ରିପବ୍ଲିକ୍ ଅଫ୍ ହୋଣ୍ଡୁରାସ୍ କୁହାଯାଏ।

# ଆତଙ୍କବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଦେବୁ: ମୋଦି

■ଲଦାଖରେ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟିତ
■ଜମ୍ମୁରେ ଏମ୍ସ ଓ ଅନ୍ୟ ପ୍ରକଳ୍ପ ଶିଳାନ୍ୟାସ
■'କୃଷିଋଣ ଛାଡ଼କୁ କଂଗ୍ରେସ ଭୋଟ ପାଇଁ ବ୍ୟବହାର କରୁଛି'



ଶ୍ରୀନଗର/ଜମ୍ମୁ/ଲେହ, ୩।୨ (ପି.ଟି)

ସୀମାପାର ସର୍ଜିକାଲ ଷ୍ଟ୍ରାଇକ୍ କରି ଭାରତ ଆତଙ୍କବାଦ ଦମନର ନୂଆ ନୀତିରୀତି ସାରା ବିଶ୍ୱକୁ ଦେଖାଇଥିଲା। ଆତଙ୍କବାଦର ପ୍ରସାର କରି ନିରୀହ ଯୁବକଙ୍କ ଜୀବନ ନେଉଥିବା ଉଗ୍ରପନ୍ଥୀଙ୍କୁ ମୁହଁତୋଡ ଜବାବ ଦିଆଯିବ। ଜମ୍ମୁ-କଶ୍ମୀରରେ ଆମେ ଆତଙ୍କବାଦୀଙ୍କ ମେରୁଦଣ୍ଡ ଭାଙ୍ଗିଦେବୁ। ଶ୍ରୀନଗରଠାରେ ଏକ ସଭାକୁ ସମ୍ବୋଧନ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆତଙ୍କବାଦୀଙ୍କୁ ଏଭଳି କଡ଼ା ଚେତାବନୀ ଦେଇଛନ୍ତି। ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ନାଜିର ଅହମଦ ୱାନି, ଔରଙ୍ଗଜେବଙ୍କ ସମେତ ଅନ୍ୟମାନଙ୍କୁ ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ପ୍ରଧାନମନ୍ତ୍ରୀ ରବିବାର ଜମ୍ମୁ-କଶ୍ମୀର ଗସ୍ତରେ ଯାଇ ଲଦାଖରେ ପ୍ରଥମ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଉଦ୍‌ଘାଟନ କରିବା ସହିତ ଜମ୍ମୁରେ ଅଖିଳ ଭାରତ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ), ଭାରତୀୟ ଗଣଯୋଗାଯୋଗ ଶିକ୍ଷାନୁଷ୍ଠାନ (ଆଇଆଇଏମ୍‌ସି), ଚେନାବ ନଦୀରେ ବ୍ରିଜ, ଦେବିକା ଓ ତାୱି ନଦୀରେ ପ୍ରଦୂଷଣ ଦୂରୀକରଣ ପ୍ରକଳ୍ପ, କଠୁଆରେ ୟୁନିଭର୍ସିଟି ଇନ୍‌ଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜିର ଶିଳାନ୍ୟାସ କରିଛନ୍ତି। ଏଥିସହିତ ରାଜ୍ୟରେ ୫ଟି ନୂଆ ମେଡିକାଲ କଲେଜ ସ୍ଥାପନ ଲାଗି ୭୫୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ପ୍ରଧାନମନ୍ତ୍ରୀ ସୂଚନା ଦେଇଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ କଂଗ୍ରେସର କୃଷିଋଣ ଛାଡ଼କୁ ନେଇ ବର୍ଷିଥିଲେ। ଏହି ଦଳ ପୂର୍ବରୁ ଯେଉଁ ଋଣ ଛାଡ଼ କରିଥିଲା ସେଥିରେ କେବଳ ମଧ୍ୟସ୍ଥ ଏବଂ କେତେଜଣ ନିର୍ଦ୍ଦିଷ୍ଟ ଚାଷୀ ଉପକୃତ ହୋଇଥିଲେ। ଏବେ ନିର୍ବାଚନ ଜିତିବା ଲାଗି କଂଗ୍ରେସ କୃଷିଋଣ ଛାଡକୁ ଅସ୍ତ୍ର କରିଥିବା ମୋଦି କହିଥିଲେ। ପୂର୍ବ ସରକାର ଦ୍ୱାରା ଅବହେଳିତ ହୋଇ ଆସିଥିବା କୃଷକମାନଙ୍କ କଲ୍ୟାଣ ଲାଗି ସେ ବର୍ଷକୁ ୬ ହଜାର ଟଙ୍କା ପ୍ରତ୍ୟକ୍ଷ ଆୟ ସହାୟତା ଯୋଜନା ଘୋଷଣା କରିଛନ୍ତି। କଂଗ୍ରେସ ସରକାରର କୃଷିଋଣ ଛାଡ଼ରୁ ୭୦-୮୦ ପ୍ରତିଶତ ଗରିବ ଚାଷୀ ବାଦ ପଡିଥିଲେ। ସେମାନଙ୍କ ପାଇଁ କ'ଣ କରିଛ ବୋଲି ମୋଦି ପ୍ରଶ୍ନ କରିଛନ୍ତି।

## ■ ଭାଜପାର ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତି ଅଭିଯାନ

# ନିଆଯିବ ୧୦ କୋଟିଙ୍କ ମତାମତ

ନୂଆଦିଲ୍ଲୀ,୩।୨(ପି.ଟି.)

ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ଦଳର ଇସ୍ତାହାର ପ୍ରସ୍ତୁତି ଲାଗି ଭାଜପା ପକ୍ଷରୁ ରବିବାରଠାରୁ ମେଗା ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନରେ ୧୦ କୋଟି ଲୋକଙ୍କଠାରୁ ଇସ୍ତାହାର ସମ୍ପର୍କରେ ମତାମତ ସଂଗ୍ରହ କରାଯିବ। ଦେଶର ଦୀର୍ଘମିଆଦୀ ବିକାଶ ପାଇଁ ଦୃଢ଼ ମୂଳଦୁଆ ପକାଇଥିବା ନରେନ୍ଦ୍ର ମୋଦି ସରକାର କେବଳ ସମ୍ମିଳିତ ବିକାଶ ସୁନିଶ୍ଚିତ କରିପାରିବ ବୋଲି ଭାଜପା ଅଧ୍ୟକ୍ଷ ଅମିତ ଶାହ କହିଛନ୍ତି। ଶାହଙ୍କ ସମେତ ବରିଷ୍ଠ ନେତା ରାଜନାଥ ସିଂ 'ଭାରତ କେ ମନ୍ କି ବାତ୍, ମୋଦି କେ ସାଥ୍'ର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନ ଏକମାସ ଧରି ଚାଲିବ ଏବଂ ଭାଜପାର ନିର୍ବାଚନୀ ସଂକଳ୍ପ ପତ୍ର ପ୍ରସ୍ତୁତିରେ ସାରା ଦେଶରୁ ଲୋକମାନଙ୍କ ମତାମତ ସଂଗ୍ରହ କରାଯିବ। ଇସ୍ତାହାର ପ୍ରସ୍ତୁତି ପ୍ରକ୍ରିୟାକୁ ଗଣତାନ୍ତ୍ରିକୀକରଣ କରିବା ଲାଗି ପ୍ରଥମ ଥର ଏଭଳି ଦେଶବ୍ୟାପୀ ଅଭିଯାନ ଆରମ୍ଭ ହୋଇଥିବା ଶାହ କହିଛନ୍ତି।

## ଫୁର୍‌ସତ

### ବାମନ ଗାଲାକ୍ସି ଠାବ



ୱାଶିଂଟନ୍: ଜ୍ୟୋତିର୍ବିଜ୍ଞାନୀମାନେ ହବଲ ସ୍ପେସ୍ ଟେଲିସ୍କୋପ୍ ସହାୟତାରେ ୩୦ ନିୟୁତ ଆଲୋକବର୍ଷ ଦୂରତାରେ ଏକ ବାମନ ଗାଲାକ୍ସି ଠାବ କରିଛନ୍ତି। ଗବେଷକ ଟିମ୍ ଏଥିପାଇଁ ନାସା/ଇଏସ୍ଏ (ୟୁରୋପୀୟ ସ୍ପେସ୍ ଏଜେନ୍ସି)ର ଟେଲିସ୍କୋପ୍ ବ୍ୟବହାର କରି ଗ୍ଲୋବୁଲାର କ୍ଲଷ୍ଟର (ବର୍ତ୍ତୁଳାକାର ଛାୟାପଥ) 'ଏନ୍‌ଜିସି ୬୭୫୨' ମଧ୍ୟରେ ଏଭଳି ଗାଲାକ୍ସି ଠାବ କରିପାରିଛନ୍ତି। ସେମାନେ ଗ୍ଲୋବୁଲାର କ୍ଲଷ୍ଟର୍‌ର ବୟସ ଜାଣିବା ପାଇଁ ପର୍ଯ୍ୟବେକ୍ଷଣ କରୁଥିବା ବେଳେ ଅଚାନକ ଏହାକୁ ଆବିଷ୍କାର କରିଥିଲେ। ଏ ସମ୍ପର୍କିତ ଅଧ୍ୟୟନ ମାସିକ ପତ୍ରିକା 'ରୟାଲ ଆଷ୍ଟ୍ରୋନୋମିକାଲ ସୋସାଇଟି: ଲେଟର୍ସ'ରେ ପ୍ରକାଶ ପାଇଛି। ଜ୍ୟୋତିର୍ବିଜ୍ଞାନୀମାନେ ନକ୍ଷତ୍ରପୁଞ୍ଜର ଉଜ୍ଜ୍ୱଳତା ଏବଂ ତାପମାତ୍ରା ବିଶ୍ଳେଷଣ କରିବା ପରେ ଜାଣିପାରିଛନ୍ତି, ଏହା ମିଲ୍କି ୱେର ଅଂଶବିଶେଷ ନୁହେଁ।

### ଉଲ୍‌କା ମାଡ଼ରୁ ମହାଦେଶ ସୃଷ୍ଟି



କୋହାନ୍ସବର୍ଗ: ୩୮୦କୋଟି ବର୍ଷ ତଳେ ମହାକାଶରୁ ଯେଉଁ ଉଲ୍‌କାଖଣ୍ଡ ପୃଥିବୀ ପୃଷ୍ଠରେ ମାଡ ହୋଇଥିଲା ତାହାର ପ୍ରଭାବରେ ମହାଦେଶ ଜନ୍ମ ନେଇଥିଲା ବୋଲି ଏକ ଅଧ୍ୟୟନରୁ ଜାଣିବାକୁ ମିଳିଛି। ଉଲ୍‌କା ମାଡର ପ୍ରଭାବ ପୃଥିବୀରେ ବାଲୁକାମୟ ମୃତ୍ତିକା ସୃଷ୍ଟି କରିଥିଲା। ବାଲୁକାମୟ ପୃଷ୍ଠଭୂମି ବିଭିନ୍ନ ମହାଦେଶ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଲକ୍ଷ ଲକ୍ଷ ବର୍ଷ ବିତିଗଲା ପରେ ପୃଥିବୀର ଉପର ସ୍ତର ଉର୍ବର ମୃତ୍ତିକାରେ ପରିଣତ ହୋଇଥିଲା ବୋଲି ବୈଜ୍ଞାନିକମାନେ ମତଦେଇଛନ୍ତି। ଅତୀତରେ ଏପରି ଏକ ସମୟ ଥିଲା ଯାହାକୁ ହାଡିଆନ୍ ଇଅନ୍ କୁହାଯାଏ। ସେତେବେଳେ ପୃଥିବୀ ଉପରେ ନିରନ୍ତର ଉଲ୍‌କାମାଡ ହେଉଥିଲା। ଏହାଦ୍ୱାରା ପୃଥିବୀର ଉପରସ୍ତର ଶିଳା ଭାଙ୍ଗିରୁଜି ବାଲିରେ ପରିଣତ ହେଉଥିଲା। ଦକ୍ଷିଣ ଆଫ୍ରିକାର ୱିଟ୍‌ୱାଟର୍ସର୍ୟାଣ୍ଡ ୟୁନିଭର୍ସିଟିର ଗବେଷକମାନେ ଏହି ମତ ଦେଇଛନ୍ତି। ଏ ସମ୍ପର୍କିତ ଗବେଷଣା ଜର୍ନାଲ ନେଚର କମ୍ୟୁନିକେଶନ୍ସରେ ପ୍ରକାଶ ପାଇଛି। ବର୍ତ୍ତମାନ ଚନ୍ଦ୍ରପୃଷ୍ଠ ଅନେକ ଆଗ୍ନେୟଗିରିର ସମାହାର ଦେଖାଯାଉଥିବା ଭଳି ସେତେବେଳେ ପୃଥିବୀ ମଧ୍ୟ ସେହିପରି ଦେଖାଯାଉଥିଲା ବୋଲି ବୈଜ୍ଞାନିକମାନେ କହିଛନ୍ତି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

ସ୍ଥାନୀୟ ଅଞ୍ଚଳ– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୧୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୨ | ୧୨.୧ |
| ଚାନ୍ଦବାଲି | ୩୦.୯ | ୧୪.୬ |
| କଟକ | ୩୧.୬ | ୧୨.୦ |
| ପାରାଦ୍ୱୀପ | ୨୯.୩ | ୧୫.୧ |
| ଭୁବନେଶ୍ୱର | ୩୨.୩ | ୧୨.୨ |
| ଗୋପାଳପୁର | ୨୯.୬ | ୧୫.୦ |
| ପୁରୀ | ୨୮.୬ | ୧୬.୦ |
| ଅନୁଗୋଳ | ୩୧.୧ | ୯.୬ |
| ବାରିପଦା | --- | ୧୩.୦ |
| ଝାରସୁଗୁଡ଼ା | ୩୧.୧ | ୧୨.୦ |
| କେନ୍ଦୁଝର | ୨୮.୬ | ୧୧.୨ |
| ସମ୍ବଲପୁର | ୩୧.୨ | ୧୧.୭ |
| ସୁନ୍ଦରଗଡ଼ | --- | ୧୨.୦ |
| ହୀରାକୁଦ | ୨୯.୯ | ୧୩.୪ |
| ତାଳଚେର | ୩୨.୦ | ୧୨.୪ |
| ଭବାନୀପାଟଣା | ୩୦.୦ | ୧୨.୫ |
| ବଲାଙ୍ଗୀର | --- | ୧୧.୫ |
| କୋରାପୁଟ | ୨୬.୫ | ୯.୪ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୦.୦ |
| ମାଲକାନଗିରି | ୩୪.୦ | ୧୦.୫ |
| ସୋନପୁର | ୩୦.୪ | ୧୨.୬ |
| ଦାରିଙ୍ଗିବାଡ଼ି | ୨୫.୦ | ୯.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### କପିଲଙ୍କ ୱେଡିଂ ରିସେପ୍ସନ୍

ନୂଆଦିଲ୍ଲୀ: ହାସ୍ୟାଭିନେତା କପିଲ ଶର୍ମା ଶନିବାର ତୃତୀୟଥର ଲାଗି ୱେଡିଂ ରିସେପ୍ସନ୍ ପାଳନ କରିଛନ୍ତି। ଡିସେମ୍ବରରେ ସେ ତାଙ୍କ ଦୀର୍ଘଦିନର ବାନ୍ଧବୀ ଗିନି ଚତ୍‌ରଥଙ୍କୁ ବିବାହ କରିଥିଲେ। ଦିଲ୍ଲୀରେ ଅନୁଷ୍ଠିତ ରିସେପ୍ସନ ଉତ୍ସବରେ ଯୋଗଦେଇଥିଲେ ଯୁବରାଜ ସିଂ, ସୁରେଶ ରାଇନା, ମାଇକା ସିଂ, ଦଲେର ମେହେନ୍ଦୀ ଏବଂ ସୋହେଲ୍ ଖାନ୍‌ଙ୍କ ସମେତ ଅନେକ ଅତିଥି। ନବ ବିବାହିତ ଦମ୍ପତି ସୁଶୋଭିତ ଢଙ୍ଗରେ ସଜେଇ ହୋଇଥିବା ଦେଖିବାକୁ ମିଳିଥିଲା। କପିଲ ଏକ ନୀଳ ବନ୍ଧଗଳା, ଧଳା ଟ୍ରାଉଜର ପରିଧାନ ସହ କାନ୍ଧରେ ଶାଲ୍ ପକାଇଥିବା ବେଳେ ପତ୍ନୀ ଗିନି ଏକ ନୀଳ ଅନାରକଲି ପିନ୍ଧିଥିଲେ। ଅତିଥି ଓ ଆଗନ୍ତୁକଙ୍କ ଆଶୀର୍ବାଦ ଓ କୃତଜ୍ଞତା ଆବଶ୍ୟକ କରୁ ବୋଲି କପିଲ ଉକ୍ତ ଫଟୋ ସହିତ ଟୁଇଟ୍ କରିଥିଲେ। ଡିସେମ୍ବର ୧୨ରେ ପଞ୍ଜାବର ଜଳନ୍ଧରଠାରେ କମେଡି-କିଙ୍ଗ୍ କପିଲଙ୍କର ଗିନିଙ୍କ ସହିତ ହାତଗଣ୍ଠି ପଡିଥିଲା। ଏହାର କିଛି ଦିନ ପରେ ଉକ୍ତ ଦମ୍ପତି ଅମୃତସରଠାରେ ଆତ୍ମୀୟ ଓ ବନ୍ଧୁବାନ୍ଧବଙ୍କ ଲାଗି ଏକ ରିସେପ୍ସନ୍ ପାର୍ଟି ଆୟୋଜନ କରିଥିଲେ। ଡିସେମ୍ବର ୨୪ରେ ମୁମ୍ବାଇରେ ଆୟୋଜିତ ରିସେପ୍ସନ୍ ପାର୍ଟିରେ ବଲିଉଡ୍ ସେଲିବ୍ରିଟିମାନେ ଯୋଗଦେଇଥିଲେ।



# ବିଜେଡି ପୋଡ଼ା ଟ୍ରାନ୍ସଫର୍ମର, ବଦଳାଇବାକୁ ହେବ

**ପୁରୀ ଅଫିସ,୩।୨**

ବିଜେଡି ସରକାରର ଟ୍ରାନ୍ସଫର୍ମର ପୋଡ଼ିଗଲାଣି। ଏହି ପୋଡ଼ା ଟ୍ରାନ୍ସଫର୍ମରକୁ ବଦଳାଇବାକୁ ପଡ଼ିବ। ନବୀନ ବାବୁଙ୍କ ସରକାରକୁ ଉପାଡ଼ି ଫିଙ୍ଗି ଦେବାକୁ ହେବ ବୋଲି ଆହ୍ୱାନ ଦେଇଛନ୍ତି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ। କେନ୍ଦ୍ର ସରକାରଙ୍କୁ ବଡ଼ ବିଦ୍ୟୁତ୍ କାରଖାନାର ଉଦାହରଣ ଭାବେ ନେଇ ସେଠାରୁ ଆସୁଥିବା ବିଦ୍ୟୁତ୍ (କେନ୍ଦ୍ରୀୟ ଯୋଜନା) ପୋଡ଼ା ଟ୍ରାନ୍ସଫର୍ମର (ବିଜେଡି ସରକାର) ଯୋଗୁ ଓଡ଼ିଶାର ତୃଣମୂଳସ୍ତରରେ ପହଞ୍ଚୁ ନାହିଁ ବୋଲି କହିଥିଲେ। ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ ମହା ଅଧିବେଶନ ଉଦ୍‌ଯାପନୀ ଅବସରରେ ରବିବାର ତାଳବଣିଆଠାରେ ଆୟୋଜିତ ହୋଇଥିଲା ଆଦିବାସୀ ଅଧିକାର ରାଲି। ଏଥିରେ ଶାହ ଯୋଗଦେଇ ୨୦୧୯ରେ ନରେନ୍ଦ୍ର ମୋଦିଙ୍କୁ ପୁଣିଥରେ ପ୍ରଧାନମନ୍ତ୍ରୀ କରିବା ପାଇଁ ଓଡ଼ିଶାବାସୀ ବିଶେଷକରି ଆଦିବାସୀ ଜନଜାତିଙ୍କ ସହାୟତା ଲୋଡ଼ିଥିଲେ।

ପ୍ରଥମେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶିଷ ଭିକ୍ଷା କରି ଶାହ ତାଙ୍କ ଭାଷଣ ଆରମ୍ଭ କରିଥିଲେ। ଓଡ଼ିଶାରେ ଜନଜାତିଙ୍କ ଏକ ବଡ଼ ଭାଗ ରହିଥିବା ସତ୍ତ୍ୱେ ସେମାନଙ୍କ ସ୍ଥିତି ଆଜି ଦୟନୀୟ ରହିଛି। କଂଗ୍ରେସ କି ବିଜେଡି କେହି ଏମାନଙ୍କ ବିକାଶ ଚିନ୍ତା କରୁନାହାନ୍ତି। କିନ୍ତୁ ଭାଜପା ସଦାସର୍ବଦା ଜନଜାତିଙ୍କୁ ଗୁରୁତ୍ୱ ଦେଇଆସିଛି। ୧୦ ବର୍ଷରେ ୟୁପିଏ ସରକାର ଜନଜାତିଙ୍କ ପାଇଁ ୩୦,୭୦୦ କୋଟି ଟଙ୍କା ବଜେଟରେ ବ୍ୟବସ୍ଥା କରିଥିବାବେଳେ ମୋଦି ସରକାର ୫୦ ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। କେନ୍ଦ୍ରରେ ଭାଜପା ସରକାର ଆସିବା ପରେ ଜନଜାତିଙ୍କ ଦ୍ୱାରା ଉତ୍ପାଦିତ ଲଘୁ ଜଙ୍ଗଲଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ବୃଦ୍ଧି କରାଯାଇଛି। ୪୯ଟି ଜଙ୍ଗଲଜାତ ଦ୍ରବ୍ୟକୁ ଏଥିରେ ସାମିଲ କରାଯାଇଛି। ଦେଶର ଆଦିବାସୀ ଜନଜାତିଙ୍କ ବିକାଶ ପାଇଁ ମୋଦି ସରକାର ଜିଲା ଖଣିଜ ପାଣ୍ଠି (ଡିଏମ୍ଏଫ୍) କରିଛନ୍ତି। ଡିଏମ୍ଏଫ୍ ଲାଗି ୯ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ଶାହ କହିଥିଲେ। ଏହାସହିତ ଦାନ ମାଝି କଥା ଉଠାଇ ତାହା ରାଜ୍ୟ ପାଇଁ ଲଜ୍ଜାଜନକ ଘଟଣା ବୋଲି କହିଥିଲେ। ଜଣେ ଆଦିବାସୀ ମା'ର ମୃତଦେହ ସତ୍କାର ଲାଗି ବ୍ୟବସ୍ଥା କରିପାରୁ ନ ଥିବା ସରକାର କ୍ଷମତାରେ ରହିବାର ଅଧିକାର ନାହିଁ ବୋଲି ଶାହ କହିଥିଲେ।



ପୁରୀ ତାଳବଣିଆଠାରେ ଭାଜପା ପକ୍ଷରୁ ଆୟୋଜିତ ଆଦିବାସୀ ଅଧିକାର ରାଲିରେ ଦଳୀୟ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ୍ ଓରାମ୍ ଓ ଅନ୍ୟ ନେତୃବୃନ୍ଦ।

## ଆଦିବାସୀ ଅଧିକାର ରାଲିରେ ବର୍ଷିଲେ ଶାହ

- ଦାନ ମାଝି ଘଟଣା ରାଜ୍ୟ ପାଇଁ ଲଜ୍ଜାଜନକ
- କଂଗ୍ରେସ-ବିଜେଡି ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ
- ରତ୍ନଭଣ୍ଡାରର ସୁରକ୍ଷାକୁ ନେଇ ଉଠାଇଲେ ପ୍ରଶ୍ନ

ମୁଖ୍ୟମନ୍ତ୍ରୀଙ୍କୁ କଟାକ୍ଷ କରି ଶାହ କହିଛନ୍ତି, ବୟସାଧିକ କାରଣରୁ ନବୀନ ବାବୁଙ୍କ କାନକୁ ଆଉ ଭଲ ଭାବେ ଶୁଭୁନାହିଁ। ଓଡ଼ିଶାର ଯୁବକ ହକ୍ ମାଗି ନିରାଶ ହେବା ପରେ ବାହାରକୁ ଯାଉଛନ୍ତି। ଓଡ଼ିଶା ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ, କିନ୍ତୁ ଏହି ରାଜ୍ୟ ସମୃଦ୍ଧ ନୁହଁ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓଡ଼ିଆ କହିପାରନ୍ତି ନାହିଁ କି ବୁଝିପାରନ୍ତି ନାହିଁ। ତେଣୁ ଓଡ଼ିଆ ଭାଷାର ସମ୍ମାନ ଏବଂ ସ୍ୱାଭିମାନ ପାଇଁ ଆଗାମୀ ଦିନରେ ଓଡ଼ିଆ କହିପାରୁଥିବା ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ସେ ଆହ୍ୱାନ ଦେଇଥିଲେ।

ଓଡ଼ିଶାର ଅଧିକାଂଶ ହସ୍ପିଟାଲରେ ଡାକ୍ତର ନାହାନ୍ତି, କୃଷକଙ୍କୁ ଧାନର ପ୍ରକୃତ ମୂଲ୍ୟ ମିଳୁ ନ ଥିବା ବେଳେ ୪୨% ଲୋକ ପାନୀୟ ଜଳ ପାଉନାହାନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ବି ସୁରକ୍ଷିତ ନୁହେଁ। ମହାପ୍ରଭୁ ହେଉଛନ୍ତି ଜଗତର ନାଥ, ତାଙ୍କ ରତ୍ନଭଣ୍ଡାରରେ ଭାରତର ସମୃଦ୍ଧି ନିହିତ ରହିଛି। ଏହାର ସୁରକ୍ଷା ରାଜ୍ୟ ସରକାରଙ୍କ ଉତ୍ତର ଦାୟିତ୍ୱ। କ'ଣ ପାଇଁ ଏଥିରେ ଦୁର୍ନୀତି ହୋଇଛି, ଏହାର ହିସାବ କାହିଁକି ଦିଆଯାଉ ନାହିଁ, ଏହି ଜବାବ ଆଜି ଓଡ଼ିଶା ମାଗୁଛି ବୋଲି ଶାହ କହିଥିଲେ।

ବଜେଟରେ କୃଷକଙ୍କ ବିକାଶ ପାଇଁ ଥିବା ଯୋଜନା ସମ୍ପର୍କରେ ଆଲୋକପାତ କରି କହିଲେ, ୨୦୦୯ରେ କଂଗ୍ରେସ ସରକାର କୃଷକମାନଙ୍କର ୫୭ ହଜାର କୋଟି ଟଙ୍କା ଋଣ ଛାଡ଼ କରିଥିଲେ। ଭାରତର ମାତ୍ର ୩ କୋଟି କୃଷକ ଏହାର ଫାଇଦା ପାଇଥିଲେ। ବର୍ତ୍ତମାନ ମୋଦି ସରକାର କୃଷକଙ୍କ ପାଇଁ ୭୫ ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି। ଆଗାମୀ ୧୦ ବର୍ଷରେ କୃଷକଙ୍କୁ ସାଢେ ୭ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯିବାର ଯୋଜନା ହୋଇଛି। କୃଷକଙ୍କ କଥା କହୁଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ରବି ଏବଂ ଖରିଫ ଫସଲ କ'ଣ ଜାଣନ୍ତି ନାହିଁ ବୋଲି କଟାକ୍ଷ କରିଥିଲେ ଶାହ।

କଂଗ୍ରେସ ଓ ବିଜେଡି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। କିଏ କାହାର ବି ଟିମ୍ ତାହା ଜଣାପଡୁ ନାହିଁ। ଓଡ଼ିଶାରେ କଂଗ୍ରେସ କ୍ଷମତାରେ ଥିବା ବେଳେ କୌଣସି ବିକାଶ ହେଉ ନ ଥିଲା କି ଏବେ ବିଜେଡି ସରକାରରେ ହେଉନାହିଁ। କେନ୍ଦ୍ରରେ କଂଗ୍ରେସ ସରକାର ସମୟରେ ଓଡ଼ିଶାକୁ ୭୯ ହଜାର କୋଟି ଟଙ୍କା ମିଳିଥିଲା। ନରେନ୍ଦ୍ର ମୋଦି ସରକାର ସମୟରେ ଓଡ଼ିଶାକୁ ୨ ଲକ୍ଷ ୧୧ ହଜାର କୋଟି ଟଙ୍କାର ଆର୍ଥିକ ଅନୁଦାନ ମିଳିଛି। କେନ୍ଦ୍ର ସରକାର ୧୨୯ଟି ଯୋଜନାରେ ଅନୁଦାନ ଦେଉଥିବା ଶାହ କହିବା ସହ ଆୟୁଷ୍ମାନ୍ ଯୋଜନାକୁ ରାଜ୍ୟ ସରକାର ଗ୍ରହଣ କରୁ ନ ଥିବାରୁ ସମାଲୋଚନା କରିଥିଲେ।




# ସମୟ କହିବ, କିଏ ପୋଡ଼ା ଟ୍ରାନ୍ସଫର୍ମର

**ଭୁବନେଶ୍ୱର,୩।୨(ବ୍ୟୁରୋ)**

## ନବୀନଙ୍କ ଦୃଢ଼ୋକ୍ତି

- ଶାହଙ୍କ ବକ୍ତବ୍ୟ ଉପରେ ରଖିଲେ ଜବାବ
- ନିଜ ବଳରେ 'ଏ' ଟିମ୍
- ବହୁସଂଖ୍ୟକ ଆସନରେ ଜିତିବୁ

୨୦୧୯ ସାଧାରଣ ନିର୍ବାଚନ ଫଳାଫଳକୁ ଅପେକ୍ଷା କର। କେଉଁ ସରକାରକୁ ଫୋପାଡିବାକୁ ପଡ଼ିବ, ସେ କଥା କେବଳ ଓଡ଼ିଶାର ଜନସାଧାରଣ ହିଁ ନିର୍ଣ୍ଣୟ ନେଇପାରିବେ। ମୋ ଦଳ ଏବଂ ସରକାର ପ୍ରତିବଦ୍ଧତା ସହ କାର୍ଯ୍ୟକରୁଛି। ତେଣୁ କିଏ ପୋଡ଼ା ଟ୍ରାନ୍ସଫର୍ମର ଏବଂ କିଏ ଓଡ଼ିଶାବାସୀଙ୍କ ପ୍ରକୃତ ଟ୍ରାନ୍ସଫର୍ମର, ତାହା ସମୟ କହିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ବିଧାନସଭାରେ ଦଳର ବିଧାୟକ ବୈଠକ ପରେ ଏହି ମନ୍ତବ୍ୟ ଦେଇଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ପୁରୀଠାରେ ଆୟୋଜିତ ଦଳର ଆଦିବାସୀ ସମାବେଶରେ ବିଜେଡି ସଭାପତିଙ୍କୁ ପୋଡ଼ା ଟ୍ରାନ୍ସଫର୍ମର କହିବା ସହ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ପୂର୍ବାପେକ୍ଷା ଅଧିକ ଆକ୍ରମଣାତ୍ମକ ହୋଇଥିବାରୁ ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ ହୋଇଛି।

ସେହିପରି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବିଜେଡିକୁ ଭାଜପାର 'ବି' ଟିମ୍ ଏବଂ ଭାଜପା ସଭାପତି ବିଜେଡିକୁ କଂଗ୍ରେସର 'ବି' ଟିମ୍ ଭାବେ ଆଖ୍ୟାୟିତ କରିଛନ୍ତି। ଏହା ଉପରେ ମୁଖ୍ୟମନ୍ତ୍ରୀ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଉଭୟ କଂଗ୍ରେସ ଓ ଭାଜପାର କଥା କହିବାର ସ୍ୱାଧୀନତା ରହିଛି। ହେଲେ ବିଜେଡି ନିଜ ବଳରେ 'ଏ' ଟିମ୍, ଏଥିସହିତ ଉଭୟ କଂଗ୍ରେସ ଓ ଭାଜପାଠାରୁ ପୂର୍ବଭଳି ସମଦୂରତ୍ୱ ବଜାୟ ରଖିଛି। ସେହିଭଳି ଭାଜପାର ମିଶନ୍-୧୨୦ ସମ୍ପର୍କରେ ମତ ରଖି ନବୀନ କହିଛନ୍ତି ଯେ, ଏହା ସମ୍ପୂର୍ଣ୍ଣ ଭାବେ ଅସମ୍ଭବ କଥା। ରାଜ୍ୟବାସୀ ପୂର୍ବାପେକ୍ଷା ବିଜେଡିକୁ ଅଧିକ ସଂଖ୍ୟକ ଆସନ ଦେଇ ବିପୁଳ ଭାବେ ବିଜୟୀ କରିବେ।

# ଟ୍ରକ୍‌କୁ ପିଟିଲା ବାଇକ୍: ୨ ମୃତ

**ବେଦବ୍ୟାସ, ୩।୨ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଲଡିହି ଛକରେ ଶନିବାର ବିଳମ୍ବିତ ରାତିରେ ଏକ ଟ୍ରକ ସହିତ ବାଇକ୍ ପିଟିହୋଇଯିବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବଣାଇ ଥାନା କଣ୍ଟାବାହାଲ ଗ୍ରାମର ସରୋଜ ମୁଣ୍ଡା (୨୮) ଏବଂ ରାଜଗାଙ୍ଗପୁର ଥାନା ଧେଙ୍ଗରପାଲିର ନାରାୟଣ ଗୌଡ଼(୨୧)। ପୋଲିସ ସୂଚନାନୁଯାୟୀ, ଶନିବାର ରାତି ପ୍ରାୟ ସାଢ଼େ ୧୦ଟାରେ ରାଜଗାଙ୍ଗପୁର ପାର୍ଶ୍ୱରୁ ସରୋଜ ଏବଂ ନାରାୟଣ ରାଉରକେଲା ଆଡକୁ ହିରୋହୋଣ୍ଡା ବାଇକ୍ ନଂ. ଓଡି ୧୬ ଇ-୪୪୧୨ରେ ଦ୍ରୁତ ଗତିରେ ଆସୁଥିଲେ। ବେଲଡିହି ଛକ ସ୍ଥିତ ଏକ ପେଟ୍ରୋଲ ପମ୍ପରୁ ବାହାରୁଥିବା ଟ୍ରକ ନଂ. ଜେଏଚ ୦୯ ଏଏନ-୬୫୪୦ ସହିତ ବାଇକ୍ ଭାରସାମ୍ୟ ହରାଇ ଧକ୍କା ହୋଇଥିଲା। ଫଳରେ ଉଭୟ ଗୁରୁତର ହୋଇଥିଲେ। ଖବରପାଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ହୋଇଥିବା ଦୁଇଜଣଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହ ରାଉରକେଲା ସରକାରୀ ଡାକ୍ତରଖାନାର ମର୍ଗ ହାଉସରେ ରଖାଯାଇଛି।

# ଆଦିବାସୀଙ୍କ ଅଧିକ କ୍ଷତି କରିଛି ବିଜେଡି: ଧର୍ମେନ୍ଦ୍ର

**ପୁରୀ ଅଫିସ,୩।୨**

## ଜନଜାତି କାହା ନିୟନ୍ତ୍ରଣରେ ଚାଲନ୍ତି ନାହିଁ: ଜୁଏଲ

ରବିବାର ତାଳବଣିଆଠାରେ ଭାଜପା ପକ୍ଷରୁ ଆୟୋଜିତ ଆଦିବାସୀ ଅଧିକାର ରାଲିରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ୧୯ ବର୍ଷ ଧରି କ୍ଷମତାରେ ଥିବା ବିଜେଡି ସରକାର ଓଡ଼ିଶାର ଆଦିବାସୀ ଭାଇଭଉଣୀଙ୍କ ସବୁଠୁ ଅଧିକ କ୍ଷତି କରିଛି। କଳିଙ୍ଗନଗର ଗୁଳିକାଣ୍ଡକୁ ଆଦିବାସୀ ଜନତା ଏ ପର୍ଯ୍ୟନ୍ତ ଭୁଲି ପାରିନାହାନ୍ତି। କଳକାରଖାନା କିମ୍ବା ଉଦ୍ୟୋଗକୁ କେହି ବିରୋଧ କରୁନାହାନ୍ତି, କିନ୍ତୁ ପୁଞ୍ଜିପତିଙ୍କୁ ସନ୍ତୁଷ୍ଟ କରିବା ଲାଗି ନିରୀହ ଆଦିବାସୀଙ୍କୁ ହତ୍ୟା କରି କଳକାରଖାନା ବସାଇବା ହେଉଛି ରାଜ୍ୟ ସରକାରଙ୍କ ଚରିତ୍ର। କନ୍ଧମାଳର ଗୁମୁଡୁମାହାରେ ନିରୀହ ଆଦିବାସୀଙ୍କୁ ବିନା କାରଣରେ ହତ୍ୟା କରାଗଲା। କିନ୍ତୁ କ'ଣ ପାଇଁ ଏବଂ କିଏ ଦୋଷୀ ତାହାର ଉତ୍ତର ଏ ପର୍ଯ୍ୟନ୍ତ ମିଳିଲା ନାହିଁ। ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଭୁଶୁଡ଼ିପଡିଛି। ଏହାଦ୍ୱାରା ଆଦିବାସୀ ଲୋକେ ଅଧିକ ପ୍ରଭାବିତ ହେଉଛନ୍ତି। କେନ୍ଦ୍ର ସରକାର ଡିଏମ୍ଏଫ୍ ବାବଦ ଅନୁଦାନ ପଠାଇଥିଲେ ବି ତାହା ଖର୍ଚ୍ଚ ହୋଇପାରୁ ନାହିଁ। ଓଡ଼ିଶାରେ ଏକ ଅପାରଗ, ଦୁର୍ନୀତିଗ୍ରସ୍ତ, ମିଛ କହୁଥିବା ସମ୍ବେଦନହୀନ ସରକାର ଶାସନରେ ବସିଛି। ଏ ସରକାରକୁ ବଦଳାଇବାର ସମୟ ଆସିଛି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ସେହିପରି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍ କହିଥିଲେ, କଂଗ୍ରେସ ସବୁବେଳେ ଅନୁସୂଚିତ ଜାତି ଓ ଜନଜାତିଙ୍କ କଥା କୁହେ, କିନ୍ତୁ କେବେହେଲେ ସେମାନଙ୍କୁ ମନ୍ତ୍ରୀମଣ୍ଡଳରେ ସ୍ଥାନ ଦିଏ ନାହିଁ। କିନ୍ତୁ ଭାଜପା ମନ୍ତ୍ରିମଣ୍ଡଳରେ ଅନୁସୂଚିତ ଜନଜାତିର ଲୋକେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଛନ୍ତି। ଜନଜାତି ସମାଜ କାହା ନିୟନ୍ତ୍ରଣରେ ଚାଲନ୍ତି ନାହିଁ। ସେମାନଙ୍କୁ କେହି ନଚାଇ ପାରନ୍ତି ନାହିଁ। ଟାଇଗର ଏବଂ ଟ୍ରାଇବାଲ କେବଳ ନିଜ ନିୟନ୍ତ୍ରଣରେ ଚାଲନ୍ତି ବୋଲି ଜୁଏଲ କହିଥିଲେ।

ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଥିଲେ, ଜଙ୍ଗଲ ଭିତରେ ଥିବା ଗାଁକୁ ବିଜେଡି ସରକାର ରାଜସ୍ୱ ଗ୍ରାମ ଘୋଷଣା କରୁନାହିଁ। ଅନେକ ଆଦିବାସୀ ଅଞ୍ଚଳ ରହିଛି ଯେଉଁଠିକୁ ରାସ୍ତା, ବିଜୁଳି ନାହିଁ। ସ୍କୁଲରେ ଶିକ୍ଷକ ନାହାନ୍ତି। ତେଣୁ ଏବେ ଜବାବ ଦେବାର ସମୟ ଆସିଛି ବୋଲି ସେ କହିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗୋ ସାମ୍ବିଧାନିକ ହକ୍‌ର କଥା ଉଠାଇ ଆଦିବାସୀ ଜନଜାତିଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ରାଜ୍ୟ ସରକାରଙ୍କୁ ପେସା ଆଇନ ଲାଗୁ କରିବା ପାଇଁ କହିଥିଲେ। ଏଥିରେ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ ମଧ୍ୟ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

ଓଡ଼ିଶା ଶାସନ

## ୩୦ ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ-୨୦୧୯



**ବାର୍ତ୍ତା**

ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ୩୦ତମ ସଡ଼କ ସୁରକ୍ଷା ସପ୍ତାହ ଫେବୃଆରୀ ମାସ ୦୪ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଆମ ରାଜ୍ୟ ତଥା ଦେଶରେ ପାଳନ କରାଯାଉଅଛି।

ପ୍ରତିଦିନ ସଡ଼କ ଦୁର୍ଘଟଣା ଘଟି ଅନେକ ଲୋକ ଅକାଳରେ ମୃତ୍ୟୁବରଣ କରୁଥିବାରୁ ଓ ଅନେକ ଧନ ସମ୍ପତ୍ତି ନଷ୍ଟ ହେଉଥିବାରୁ ଏହାର ନିରାକରଣ ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ।

ସଡ଼କ ଦୁର୍ଘଟଣା ଓ ଏହାର ଭୟାବହତା ରୋକିବା ପାଇଁ ଶିକ୍ଷା, ସଚେତନତା, ଉପଯୁକ୍ତ ଡିଜାଇନ୍‌ର ସଡ଼କ ନିର୍ମାଣ, ନିୟମର କଡ଼ାକଡ଼ି ଅନୁପାଳନ ଓ ଜରୁରୀକାଳୀନ ଚିକିତ୍ସାର ମୁଖ୍ୟ ଭୂମିକା ରହିଛି। ରାଜ୍ୟ ସରକାରଙ୍କ ତରଫରୁ ସଡ଼କ ଦୁର୍ଘଟଣା ରୋକିବା ପାଇଁ ଅନେକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରାଯାଇଛି।

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ମୁଁ ସମସ୍ତ ସଡ଼କ ବ୍ୟବହାରକାରୀମାନଙ୍କ ସହଯୋଗ କାମନା କରିବା ସହ ଏକ ଦୁର୍ଘଟଣାମୁକ୍ତ ସମାଜ ପାଇଁ ସମସ୍ତଙ୍କୁ ସଂକଳ୍ପବଦ୍ଧ ହେବା ନିମନ୍ତେ ଆହ୍ୱାନ କରୁଛି।

ନୃସିଂହ ଚରଣ ସାହୁ
ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ),
ବାଣିଜ୍ୟ ଓ ପରିବହନ ବିଭାଗ, ଓଡ଼ିଶା

"ସଡ଼କ ସୁରକ୍ଷା - ଜୀବନ ରକ୍ଷା"

ଶିକ୍ଷୟିତ୍ରୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା

# ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୋର୍ଟ ଚାଲାଣ

**ଧର୍ମଶାଳା,୩।୨(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଏକ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିବା ଅଭିଯୋଗରେ ଧର୍ମଶାଳା ପୋଲିସ ରବିବାର ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଗିରଫ କରିଛି। ଉଭୟଙ୍କ ଡାକ୍ତରୀମାଇନା ପରେ ପ୍ରଧାନ ଶିକ୍ଷକଙ୍କୁ ଯାଜପୁର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି। ଅଭିଯୁକ୍ତ ହେଲେ ସ୍ଥାନୀୟ ନେଉଳପୁର ଗ୍ରାମର ବିନୋଦ ବିହାରୀ ସେଠୀ। ପ୍ରକାଶ ଯେ, ବିନୋଦ ଦୁଇବର୍ଷ ହେବ ଉକ୍ତ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ହେଲେ ପରବର୍ତ୍ତୀ ସମୟରେ ବିବାହ କରିବାକୁ ମନା କରିଦେଇଥିଲେ। କିନ୍ତୁ ଶିକ୍ଷୟିତ୍ରୀ ଜଣକ ବିବାହ ପାଇଁ ଜିଦ୍ କରିବାରୁ ବିନୋଦ ଶନିବାର ତାଙ୍କୁ ମାରପିଟ୍ କରିଥିଲେ। ଏହା ଜଣାପଡ଼ିବା ପରେ ବିଦ୍ୟାଳୟର ଅନ୍ୟ ଶିକ୍ଷକମାନେ ସମ୍ପୃକ୍ତା ଶିକ୍ଷୟତ୍ରୀଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ନେଇ ଶିକ୍ଷୟିତ୍ରୀ ଜଣକ ଶନିବାର ସନ୍ଧ୍ୟାରେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (୪୫/୧୯) ଏକ ରୁଜୁ କରି ତଦନ୍ତ ଜାରି ରଖିଥିଲା।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଦିବ୍ୟାଜ୍ୟୋତି
ପରିବାରବର୍ଗ


ପ୍ରଜ୍ଞା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




**SALE**

L&T Pc 71 Komatsu show room condition, 2009 Dec. (Mo): 7978887806. D-10897




Jagannath Vihar, Baramunda five bedrooms, four toilets, dining, kitchen at first floor as whole or in two parts. 9861119281. D-64576

New opening ayurvedic body massage smart therapist, Shree herbal. 7750020754. D-65553




**SALE**

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

Bhubaneswar AIIMS Hospital, MOBus stand ନିକଟରେ gharabari plot sale. 8480745797. D-65342

Tamando ବଜାର ପଛପଟେ ଘରବାରି ପାଚେରି ହୋଇ ରହିଥିବା plot ମିଳୁଅଛି। 9439864322. D-65351

Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452. D-65808

Gharabari boundary plot infront Krupajal Engineering College, Bhubaneswar: 9090899281, 8908805482. D-65461

BDA yellow zone stitiban plot at Khandagiri 30 feet Main Road, 30 feet Sub Road. 9437426733. D-10890

Just pay 1lac book a studio, 1BHK, 2BHK flat prime location at Puri. Contact: 9438389359. D-10926

Palaspalli (Airport area) BDA Duplex 2950 sqft. 5BR + 2 bath immediate sale. 8114657714, 7684890328. D-64575

Gharabari boundary plots, AIIMS price- 1250/- gharabari boundary plots 200 ft. road side, KIIT price- 900/-, 750/-. 8249483868. D-10876

Residential plot for sale at Patia connecting with blacktop road boundary-wall, electrification, water supply (ready for construction). 9556003065, 7978159231. D-65352

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Fully refreshed/ relaxed body massage by expert therapist, Shastri Nagar. 7377984773. D-65542

Rejuvenate and Ayurvedic full body massage by smart therapist. 9114402304. D-65543

Ayurvedic full body massage ladies/ gents experts therapist. 8338097451 . D-65810

Herbal fullbody massage with refreshment by well trained therapist. 7381239385. D-65547

Experience full body massage with us by experts. 06742597822, 7377048581. D-65548

Physiotherapy, full body massage by trained ladies/ gents therapist: 7008773793. D-65464

Welcome to Seva care refresh your body. Contact: 9937062638, 9777989263. D-65465

Improving your health, skin care through expert therapist, excellent offer. 9668374480. D-65552

Herbal full body massage by smart/ expert therapist. Contact: 8338067247. D-65554

New opening ayurvedic full body massage. 7077444583. D-10885

**18th Happy Birthday**



**Prangya Priyadarsini Sahoo**
Ekamra Villa, Bhubaneswar
May the joy that you have spread in the past come back to you and god bless you. Wishing you a very happy birthday. **Wishes from: Family, friends and relatives.**
D-65556

**Happy Birthday**



**Santanu Kumar Sahoo**
Bandhamunda, Balanga
"We wish for all of your wishes to come true. Happy Birthday Maam"
Best wishes from
**Gunu (Appulu)**
D-10934

## 'ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ନିର୍ବାଚନୀ ସଂସ୍କାର ଅଟକିଛି'

ନୂଆଦିଲ୍ଲୀ,୩।୨(ପି.ଟି.): ରାଜନୈତିକ ଦଳଗୁଡ଼ିକର ଇଚ୍ଛାଶକ୍ତି ଏବଂ କ୍ରିୟାଶୀଳତାର ଅଭାବରୁ ଅନେକ ନିର୍ବାଚନୀ ସଂସ୍କାର ଦୀର୍ଘଦିନ ହେଲା କାର୍ଯ୍ୟକାରୀ ହୋଇ ନ ପାରି ପଡିରହିଥିବା ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ଏସ୍.ୱାଇ. କ୍ୟୁରେଶୀ କହିଛନ୍ତି।

## ଉଚ୍ଚଶିକ୍ଷା ପାଇଁ...

ଜିଲାକୁ ମିଶନ ଶକ୍ତିର ଗଡ ବୋଲି କହିଥିଲେ। ସ୍ୱୟଂସହାୟକ ଗୋଷ୍ଠୀ(ଏସ୍ଏଚ୍ଜି)ର ସଦସ୍ୟା ରଞ୍ଜିତା ଲେଙ୍କା ଓ ରମାମଣି ମହାନ୍ତି ନିଜ ସଂଘର୍ଷମୟ କାହାଣୀ ମୁଖ୍ୟମନ୍ତ୍ରୀଙ୍କୁ ଶୁଣାଇଥିଲେ। ସମାବେଶରେ ନୂତନ ଭାବେ ଗଠନ କରାଯାଇଥିବା ଏସ୍ଏଚ୍ଜିଙ୍କୁ ଉତ୍ସାହିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲାର ୧୨ଟି ବ୍ଲକର ୭୪୫୩ଟି ଏସ୍ଏଚ୍ଜିଙ୍କୁ ୧୬କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ସମଗ୍ର ରାଜ୍ୟରେ ୩ଲକ୍ଷ ଗୋଷ୍ଠୀଙ୍କୁ ୪୫୦କୋଟି ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି ସମାବେଶରେ କୁହାଯାଇଥିଲା। ସେହିପରି ଡିଜିଟାଲ ବା ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ମହିଳାମାନେ ସହଜରେ ରୋଜଗାର ବୃଦ୍ଧି, ଅନଲାଇନ ବ୍ୟାଙ୍କସେବା, ବିଭିନ୍ନ ତଥ୍ୟ ସମ୍ପର୍କରେ ଅବଗତ ହେବା, ତଦାରଖ, ଉତ୍ପାଦିତ ଦ୍ରବ୍ୟର ବିକ୍ରୟ ଲାଗି ବିଭିନ୍ନ କ୍ଷେତ୍ରରେ ସୁବିଧା ପାଇପାରିବେ। ଏଥିପାଇଁ ସବୁ ଏସ୍ଏଚ୍ଜିଙ୍କୁ ୩ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ସେହିପରି ମୟୂରଭଞ୍ଜ ଜିଲାର ୧୨ଟି ବ୍ଲକରେ ୭୪୬୭ଟି ଏସ୍ଏଚ୍ଜିଙ୍କୁ ୨କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି ଏସ୍ଏଚ୍ଜିର ବିଭିନ୍ନ କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ଲାଗି ବ୍ଲକସ୍ତରରେ ମହାସଂଘ ଗଠନ କରାଯାଇଛି। ତେବେ ଏହି ମହାସଂଘକୁ ସୁଦୃଢ଼ କରିବା ପାଇଁ ୨୫ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଉଛି। ଅନୁରୂପ ଭାବେ ମୟୂରଭଞ୍ଜ ଜିଲାର ୧୨ଟି ବ୍ଲକସ୍ତରୀୟ ମହାସଂଘକୁ ମୋଟ ୩କୋଟି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିଭଳି ଅଙ୍ଗନୱାଡ଼ି କର୍ମୀ ଓ ଅଙ୍ଗନୱାଡି ସହାୟିକା ନିଜର ନିୟମିତ କାର୍ଯ୍ୟ ସହିତ ଗ୍ରାମ୍ୟ ପରିଦର୍ଶନ ପାଇଁ ପ୍ରତ୍ୟେକ ଅଙ୍ଗନୱାଡି କର୍ମୀ ପିଛା ୫ଶହ ଏବଂ ସହାୟିକାଙ୍କ ପିଛା ୨ଶହ ଟଙ୍କା ହିସାବରେ ମୟୂରଭଞ୍ଜ ଜିଲାର ୧୨ଟି ବ୍ଲକର ୧୭୯୮ଟି ଅଙ୍ଗନୱାଡି କର୍ମୀ ଏବଂ ଅଙ୍ଗନୱାଡି ସହାୟିକାଙ୍କୁ ମୋଟ ୪୮.୬୨ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ବୋଲି ସମାବେଶରେ ସୂଚନା ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୨ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରିବା ସହ ୬ଜଣ ଅଙ୍ଗନୱାଡି କର୍ମୀ ଓ ସହାୟକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ମହିଳା ବିକାଶ ସମବାୟ ନିଗମର ଅଧ୍ୟକ୍ଷା ଧନ୍ୟବାଦ ଅର୍ପଣ କରିଥିଲେ।

ଏହାପରେ ମଧ୍ୟାହ୍ନ ସାଢେ ୧୨ଟାରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଅଭିମୁଖେ ଯାଇଥିଲେ। ଘଟଗାଁ ବ୍ଲକ ପଣ୍ଡାପଡ଼ାଠାରେ 'କାଳିଆ' ଯୋଜନାର କୃଷକ ମହା ସମାବେଶରେ ସେ ଯୋଗଦେଇ ୬୬ କୋଟି ଟଙ୍କାର ୧୭ ପ୍ରକଳ୍ପ ଉଦ୍‌ଘାଟନ ଓ ୨୧ ଶହ କୋଟି ଟଙ୍କା ବ୍ୟୟରେ ୪୭ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ କାଳିଆ ଛାତ୍ରବୃତ୍ତି ଯୋଜନା ଘୋଷଣା କରିଥିଲେ।

## ପଦ୍ମଶ୍ରୀ ଫେରାଇଲେ...

କେନ୍ଦ୍ର ସରକାର ନାଗରିକତ୍ୱ ବିଲ୍‌କୁ ପାର୍ଲାମେଣ୍ଟରେ ଗୃହୀତ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଏହାକୁ ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନ ବିରୋଧ କରି ରାଜରାସ୍ତାକୁ ଓହ୍ଲାଇଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ହିନ୍ଦୁ ଭୋଟବ୍ୟାଙ୍କ ତିଆରି କରିବା ପାଇଁ ଉଦ୍ୟମ ଚଳାଇଥିବା ସମାଲୋଚକମାନେ ଅଭିଯୋଗ ଆଣିଛନ୍ତି। ଏହି ପ୍ରସ୍ତାବକୁ ମୁସଲମାନ ବିରୋଧୀ ଭାବେ ଅନେକେ ଅଭିହିତ କରିଛନ୍ତି। ପଡ଼ୋଶୀ ଦେଶଗୁଡ଼ିକର ଅଣ-ମୁସଲିମମାନଙ୍କୁ ନାଗରିକତ୍ୱ ପ୍ରଦାନ ପାଇଁ ସରକାର ଉଦ୍ୟମ ଚଳାଇଥିବାରୁ ସମଗ୍ର ଉତ୍ତର-ପୂର୍ବରେ ଏହାକୁ ନେଇ ଆନ୍ଦୋଳନ ମୁଣ୍ଡ ଟେକିଛି। ଏହିକ୍ରମରେ ପ୍ରଯୋଜକ ଆରିବମ୍ ଇମ୍ଫାଲସ୍ଥିତ ବାସଭବନରେ ରବିବାର ଅପରାହ୍ଣରେ ଏକ ଖବରଦାତା ସମ୍ମିଳନୀ ଡାକି ନାଗରିକତ୍ୱ (ସଂଶୋଧନ) ବିଲ୍, ୨୦୧୯କୁ ବିରୋଧ କରିଛନ୍ତି। ସେ କହିଛନ୍ତି, ମଣିପୁରବାସୀଙ୍କୁ ଏବେ ସୁରକ୍ଷା ଜରୁରୀ। ୫୦୦ରୁ ଊର୍ଦ୍ଧ୍ୱ ଆସନ ବିଶିଷ୍ଟ ସଦନ (ଲୋକ ସଭା)ରେ ରାଜ୍ୟର ମାତ୍ର ଜଣେ କି ଦୁଇଜଣ ସଦସ୍ୟ ଅଛନ୍ତି। ଏମିତିରେ ପାର୍ଲାମେଣ୍ଟରେ ଉତ୍ତର-ପୂର୍ବର ପ୍ରତିବାଦ ସ୍ୱର କିପରି ଶୁଣାଯିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାସହ ଏହି ଜନବିରୋଧୀ ବିଲ୍ ପ୍ରତ୍ୟାହାର କରିବା ଦାବିରେ ସେ ପଦ୍ମଶ୍ରୀ ଉପାଧି ଫେରାଇ ଦେଇଛନ୍ତି। ଏହାକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି।

## ପ୍ରଥମ ପୃଷ୍ଠାରୁ...

## ସୀମାଞ୍ଚଳ ଏକ୍ସପ୍ରେସ୍...

ପଦାଧିକାରୀ, ଜିଲାପାଳ, ଏସ୍‌ପି ପ୍ରମୁଖ ପହଞ୍ଚି ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ। ଏନ୍‌ଡିଆର୍‌ଏଫର ଦୁଇଟିଟିମ୍ ଉଦ୍ଧାର କାର୍ଯ୍ୟରେ ଲାଗିଥିବାବେଳେ ସ୍ଥାନୀୟ ଲୋକେ ମଧ୍ୟ ସେମାନଙ୍କୁ ସହାୟତା କରିଥିଲେ। ଘଟଣାସ୍ଥଳକୁ ଡାକ୍ତରୀ ଟିମ୍ ପଠାଯାଇଥିଲା। ଯାତ୍ରୀଙ୍କ ଲାଗି ପର୍ଯ୍ୟାପ୍ତ କ୍ୟାଟରିଂ ବ୍ୟବସ୍ଥା ଦାନାପୁର ଓ ହାଜିପୁରରେ କରାଯାଇଥିଲା। କେତେଜଣ ଯାତ୍ରୀଙ୍କୁ ୧୦ଟି ବସ୍ ସହାୟତାରେ ହାଜିପୁର ନିଆଯାଇଥିଲା। ସୋନପୁର, ହାଜିପୁର ଏବଂ ବରାଉଣୀ ଲାଗି ରେଳବାଇ ପକ୍ଷରୁ ଯଥାକ୍ରମେ ତିନୋଟି ହେଲ୍ପଲାଇନ ୦୬୧୫୮୨୨୧୬୪୫, ୦୬୨୨୪୨୭୨୨୩୦ ଏବଂ ୦୬୨୭୯୨୩୨୨୨୨ ଜାରି କରାଯାଇଛି।

## ଜେରା କରିବାକୁ...

ବାସଭବନରେ ପହଞ୍ଚିଥିଲେ। ମାତ୍ର ସ୍ଥାନୀୟ ପୋଲିସ ସେମାନଙ୍କୁ ଜିପ୍‌ରେ ବସାଇ ଏକ ଥାନାକୁ ନେଇଯାଇଥିଲା। ସିବିଆଇ ଅଧିକାରୀମାନଙ୍କୁ ଥାନାରେ ଅଟକ ରଖାଯାଇଥିବା ନେଇ ବିବାଦ ସୃଷ୍ଟି ହେବା ପରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ଜଣାପଡ଼ିଛି। ସିବିଆଇ ଅଫିସରମାନେ ରାଜୀବଙ୍କୁ ପ୍ରଶ୍ନ କରିବା ପୂର୍ବରୁ ଆବଶ୍ୟକ ଦସ୍ତାବିଜ ସେମାନଙ୍କ ପାଖରେ ଥିଲା କି ନାହିଁ ତାହା ଜାଣିବା ଲାଗି ଯାଞ୍ଚ କରିବା ପାଇଁ ସେମାନଙ୍କୁ ଥାନାକୁ ନିଆଯାଇଥିଲା ବୋଲି ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜୀବଙ୍କ ବାସଭବନକୁ ଧାଇଁଥିଲେ। ପରେ ମମତା 'ସମ୍ବିଧାନ ବଞ୍ଚାଅ' ନାମରେ ମେଟ୍ରୋ ଚ୍ୟାନେଲ ନିକଟରେ ଧାରଣାରେ ବସିଥିଲେ। ଏହା ପୂର୍ବରୁ ନିର୍ବାଚନ କମିଶନଙ୍କ ଏକ ଟିମ୍ କୋଲକାତାକୁ ବୈଠକ ପାଇଁ ଯାଇଥିବାବେଳେ ୧୯୮୯ ବ୍ୟାଚ୍ ଆଇପିଏସ୍ ଅଧିକାରୀ ରାଜୀବ କୁମାର ଅନୁପସ୍ଥିତ ରହିଥିଲେ। ଚିଟ୍‌ଫଣ୍ଡ ମାମଲାର ତଦନ୍ତକାରୀ ଏସ୍‌ଆଇଟିର ନେତୃତ୍ୱ ନେଉଥିବା ରାଜୀବ ଜେରାର ସମ୍ମୁଖୀନ ହେବାକୁ ଥିବାରୁ ଏହାକୁ ଏଡାଇବା ଲାଗି ଫେରାର ହୋଇଯାଇଥିବା ଶନିବାର ସିବିଆଇ ପକ୍ଷରୁ କୁହାଯାଇଥିଲା। ସେପଟେ ମମତା ରାଜୀବଙ୍କ ସମର୍ଥନରେ ଆସିଥିଲେ। ଭାଜପା କ୍ଷମତାର ଅପବ୍ୟବହାର କରି ପୋଲିସକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରୁଥିବା ସେ ଅଭିଯୋଗ କରିଥିଲେ। ସିବିଆଇ ଅଧିକାରୀମାନେ ରାଜୀବଙ୍କୁ ଜେରା କରିବାକୁ ଯାଇଥିବାବେଳେ 'ଯେସାକୁ ତେସା' ନ୍ୟାୟରେ କୋଲକାତା ପୋଲିସ ଅଧିକାରୀମାନେ ସିଜିଓ କମ୍ପ୍ଲେକ୍ସସ୍ଥିତ ସିବିଆଇର ରାଜ୍ୟ ମୁଖ୍ୟାଳୟକୁ ଘେରିଥିଲେ। ସେପଟେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ବିଜେନ୍ଦ୍ର ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ରାଜୀବଙ୍କ ଘରେ ପହଞ୍ଚିଥିଲେ।

## ଖୁଣ୍ଟରେ କେନ୍ଦ୍ରର...

ବିଦ୍ୟୁତୀକରଣ ଦ୍ୱାଦଶ ଯୋଜନା ଏବଂ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନା ଏବେ ଚାଲୁ ରହିଛି। ଖୁବ୍‌ଶୀଘ୍ର ଏହିସବୁ ଗ୍ରାମକୁ ବିଜୁଳି ପହଞ୍ଚିଯିବ। ତେଣୁ ସବୁ ଗାଁକୁ ବିଦ୍ୟୁତ୍ ଯୋଗାଣ ସରିଥିବା ନେଇ ଯାହା ସରକାରୀ ପୋର୍ଟାଲରେ ଦର୍ଶାଯାଉଛି ତାହା କେତେ ନିର୍ଭରଯୋଗ୍ୟ ସ୍ପଷ୍ଟ ବୁଝାପଡୁଛି। ସେହିପରି ସୌଭାଗ୍ୟ ଯୋଜନାରେ ମଧ୍ୟ ସମାନ ଭାବେ ମିଛକୁ ସତ ବୋଲି ଦର୍ଶାଯାଇଛି। ୨୦୧୭ ଅକ୍ଟୋବର ୧୧ରେ କେନ୍ଦ୍ର ସରକାର ପ୍ରଥମେ ଏହି ଯୋଜନା ଆରମ୍ଭ କରିଥିଲେ। ଡିସେମ୍ବର ୩୧, ୨୦୧୮ ସୁଦ୍ଧା ସବୁ ଗରିବ ପରିବାରକୁ ମାଗଣାରେ ବିଦ୍ୟୁତ୍ ଯୋଗାଇ ଦେବାର ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। କେନ୍ଦ୍ର ହିସାବ ଅନୁଯାୟୀ ଓଡିଶାର ୨୪,୦୧,୮୮୭ ଘରେ ବିଦ୍ୟୁତ୍ ସେବା ପାଇବାରୁ ଲୋକେ ବଞ୍ଚିତ ଥିଲେ। ଏହିସବୁ ଘରେ ବିଜୁଳି ସେବା ଯୋଗାଯାଇ ସାରିଥିବା ସରକାରୀ ପୋର୍ଟାଲରେ ଦର୍ଶାଯାଇଛି। ଯଦି ସବୁ ଘରେ ବିଜୁଳି ପହଞ୍ଚିସାରିଛି ତେବେ ସମୟ ଅବଧିକୁ କାହିଁକି ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଅନ୍ୟପଟେ ଧରିତ୍ରୀ ପକ୍ଷରୁ ଏହାର ସତ୍ୟତା ଜାଣିବାକୁ କେତେଗୁଡିଏ ଗାଁକୁ ଯିବା ପରେ ବିଦ୍ୟୁତ୍ ସେବା ନ ଦେଇ କେବଳ ଖୁଣ୍ଟ ପୋତି ଶତପ୍ରତିଶତ କାମ ସରିଥିବାର ପ୍ରଚାର କରାଯାଉଥିବା ପ୍ରମାଣିତ ହୋଇଛି।

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ବାଉଁଶପାଳ ପଞ୍ଚାୟତର କୁଶିଆ ଗ୍ରାମ ଏବଂ କାନପୁରା ପଞ୍ଚାୟତରେ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ପହଞ୍ଚିନାହିଁ। କେବଳ ଗାଁରେ ୮ମାସ ତଳୁ ଖୁଣ୍ଟ ପକାଇ ଦେଇ ଏବଂ ସବୁ ଘରେ ବୋର୍ଡ ଲଗାଇ କାମ ଶେଷ କରି ଦିଆଯାଇଛି। ଏନେଇ କୁଶିଆ ଗ୍ରାମର ଜୀବନ କୁମାର ଜେନା କହିଛନ୍ତି ଯେ ସେସ୍କୁ, ଠିକାଦାର ଏବଂ ରାଜନେତାମାନଙ୍କ ମଧ୍ୟରେ ଥିବା ମଧୁଚନ୍ଦ୍ରିକା ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଯେଉଁମାନେ କାର୍ଯ୍ୟରେ ଅବହେଳା କରୁଛନ୍ତି ସେମାନଙ୍କୁ କଳାତାଲିକା ଭୁକ୍ତ କାହିଁକି କରାଯାଉ ନାହିଁ ବୋଲି ସେ କହିଛନ୍ତି।


**ଚିତ୍ତରଞ୍ଜନ ସେଠୀ**
କାନପୁରା ସରପଞ୍ଚ

ସେହିଭଳି କାନପୁରା ପଞ୍ଚାୟତରେ ମଧ୍ୟ ସମଦଶା। ଏଠାରେ ମଧ୍ୟ ବସବାସ କରୁଥିବା ଲୋକମାନଙ୍କ ଘରେ ମିଟର ଓ ବୋର୍ଡ ଲଗାଇ ଦିଆଯାଇଛି। ହେଲେ ଗାଁରେ ଏଯାବତ୍ ଖୁଣ୍ଟ କିମ୍ବା ତାର ଟଣାଯାଇନାହିଁ। ସରପଞ୍ଚ ଚିତ୍ତରଞ୍ଜନ ସେଠୀ କହିଛନ୍ତି ଯେ, ଗ୍ରାମରେ ବିଦ୍ୟୁତ୍ ସଂଯୋଗ ଦେବା ଲାଗି ବାରମ୍ବାର ଅନୁରୋଧ ସତ୍ତ୍ୱେ କାର୍ଯ୍ୟ ହୋଇପାରୁ ନାହିଁ। ଟ୍ରାନ୍ସଫର୍ମର ଅଭାବରୁ କାମ ହୋଇପାରୁ ନ ଥିବା ସେସୁ ଅଧିକାରୀ କହୁଛନ୍ତି। ଯେତେବେଳେ ପଚାରିଲେ ଆଜି, କାଲି କହି ସମୟ ଗଡାଇ ଚାଲିଛନ୍ତି ବୋଲି ସେଠୀ କୁହନ୍ତି।

କଳାହାଣ୍ଡି ଜିଲାର ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଚାଙ୍ଘେର ଗ୍ରାମପଞ୍ଚାୟତର ଟିକ୍ରାପଡା, ଧରାଭଟା, ଓଟଗର୍ଲା ଓ ତଲପିପିଲି ଆଦି ଗ୍ରାମରେ ଏଯାଏ ବିଦ୍ୟୁତ୍ ସେବା ପହଞ୍ଚିପାରି ନାହିଁ। ଚାଙ୍ଘେର ପଞ୍ଚାୟତ ସରପଞ୍ଚ ଅଜିତ୍ ମାଝି କହିଛନ୍ତି ଯେ, ଅଧିକାଂଶ ଗାଁରେ ଖୁଣ୍ଟ ପୋତାଯିବା ସହିତ ତାର ମଧ୍ୟ ଟାଣିଦିଆଯାଇଛି। ହେଲେ ଏ ପର୍ଯ୍ୟନ୍ତ ଲୋକେ ବିଜୁଳି ପାଇପାରି ନାହାନ୍ତି। ଆଜି, କାଲିର ପ୍ରତିଶ୍ରୁତିରେ ଦିନ କଟୁଛି ବୋଲି ସେ କହିଛନ୍ତି।


**ଅଜିତ୍ ମାଝି**
ଚାଙ୍ଘେର ସରପଞ୍ଚ

କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ ମିଣିଆ ପଞ୍ଚାୟତର ପିସୁପଦର ରାଜସ୍ୱ ଗ୍ରାମର ଅଡପଡ ଓ କେନ୍ଦୁ ସାହିରେ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ। ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ ଜ୍ୟୋତି ଯୋଜନା କାର୍ଯ୍ୟକୁ ଏନ୍‌ଟିପିସି ଟେଣ୍ଡର ଆକାରରେ ନେଇ କାମ କରୁଛି। ୧୨ବ୍ଲକର ପ୍ରାୟ ୨୦୦ ଗ୍ରାମରେ ରହୁଥିବା ଲୋକଙ୍କ ଘରେ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ପହଞ୍ଚିପାରି ନ ଥିବା ଅଧିକାରୀଙ୍କଠାରୁ ଜଣାପଡିଛି।

ମୟୂରଭଞ୍ଜ ଜିଲା ଶାମଖୁଣ୍ଟା ବ୍ଲକ କେନ୍ଦୁଆ ପଞ୍ଚାୟତର ବେସରପାଣି ଗ୍ରାମରେ ୬୦ ପରିବାର ବିଜୁଳି ଆଲୁଅ କ'ଣ ଏ ପର୍ଯ୍ୟନ୍ତ ଜାଣିନାହାନ୍ତି। ବିଦ୍ୟୁତ୍ ବିଭାଗ ପକ୍ଷରୁ କେବଳ ଖୁଣ୍ଟ ପୋତି କାମ ସାରି ଦିଆଯାଇଛି। ବେସରପାଣି ଗ୍ରାମର ଅଣାଦୁ ମାଝି କହିଛନ୍ତି ଯେ, ଆମ ଗାଁ ଶିମିଳିପାଳ ପାଦଦେଶରେ ଅବସ୍ଥିତ। ରାତି ହେଲେ ବନ୍ୟଜନ୍ତୁମାନେ ଗାଁକୁ ପଶି ଆସନ୍ତି। ତେଣୁ ଲୋକେ ସନ୍ଧ୍ୟା ପରଠାରୁ ଘରୁ ବାହାରନ୍ତି ନାହିଁ। ଗାଁକୁ ଆସୁଥିବା ବାବୁମାନେ କାମ ହୋଇଯିବ ବ୍ୟସ୍ତ ହୁଅନି ବୋଲି କହି ପଳାନ୍ତି। ହେଲେ ବାସ୍ତବରେ କିଛି କରନ୍ତି ନାହିଁ ବୋଲି ସେ କହିଛନ୍ତି।

ରାଜ୍ୟର ଅନ୍ୟ ସବୁ ଜିଲାରେ ଏହି ପ୍ରକାରର ଉଦାହରଣ ଦେଖିବାକୁ ମିଳିଥିଲା। ଆନୁମାନିକ ହିସାବ ଅନୁଯାୟୀ ଓଡିଶାରେ ବାର୍ଷିକ ପ୍ରାୟ ୮ ପ୍ରତିଶତ ବିଦ୍ୟୁତ୍ ସଂଯୋଗ ପାଇଁ ଚାହିଦା ବୃଦ୍ଧି ପାଉଛି। ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ କାର୍ଯ୍ୟ କରୁଥିବା ସୌଭାଗ୍ୟ ଯୋଜନା ସହିତ ସମ୍ପୃକ୍ତ ଅଧିକାରୀମାନଙ୍କ କହିବାନୁଯାୟୀ, ରାଜ୍ୟରେ ହୁକ ପକାଇ କିମ୍ବା ଅନ୍ୟ ପଦ୍ଧତିରେ ବିଦ୍ୟୁତ୍ ଚୋରି ହ୍ରାସ ପାଉଛି। ତେବେ ରାଜ୍ୟର ଅତିପୁରାତନ ସଞ୍ଚାରଣ ବ୍ୟବସ୍ଥା ଯୋଗୁ ଅତ୍ୟଧିକ କ୍ଷତି ଘଟୁଥିବାରୁ ଧାର୍ଯ୍ୟ ଲକ୍ଷ୍ୟରେ ପହଞ୍ଚିବା କଷ୍ଟକର ହୋଇପଡୁଛି। ଏ ଦିଗରେ କେନ୍ଦ୍ର ସରକାରଙ୍କଠାରୁ ରାଜ୍ୟକୁ କୌଣସି ସାହାଯ୍ୟର ବ୍ୟବସ୍ଥା କରାଯାଇ ନାହିଁ ବୋଲି ସୌଭାଗ୍ୟ ଯୋଜନାରେ ସମ୍ପୃକ୍ତ ଅଧିକାରୀମାନେ କୁହନ୍ତି।

## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା କାନନବାଳା ପଟ୍ଟନାୟକ**
(ଗଜପତି ନଗର, ଭୁବନେଶ୍ୱର)
ଗ୍ରାମ-ହାଜିପୁର, ଜଗତ୍‌ସିଂହପୁର
ଆବିର୍ଭାବ: ୧୩।୦୯।୧୯୪୯
ତିରୋଧାନ: ୨୫।୦୧।୨୦୧୯
ତୁ ''କାନନର ବାଳା'' ଥିଲୁ
ବା ଫୁଲର 'ରେଣୁ'
ଅଥବା ସୁନ୍ଦର 'ସୁଷମା'
'ଟଗର' ଗଛପରି ଅମର ହେଲୁନି
ଜଳିଜଳି ଅଜାଣତରେ ଝାଉଁଳି ଗଲୁ।
ତୋ ମୁହଁର ଛୋଟ ସିନ୍ଦୂର ବିନ୍ଦୁପରି
ଆମ ଭିତରେ ଜଳି ରହିଥା।
ଶୋକସନ୍ତପ୍ତ: ପୁତ୍ର-ଦେବାଶିଷ ପଟ୍ଟନାୟକ, କନ୍ୟା-ଶିଲା ପଟ୍ଟନାୟକ ଓ ବନ୍ଧୁ ପରିବାରବର୍ଗ।
ଧ-୧୦୮୪୫

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଗଗନ ବିହାରୀ ପଟ୍ଟନାୟକ**
ମଇଁନ୍ଦିପୁର, ୨୨ମୌଜା, ଜଗତସିଂହପୁର
ଜନ୍ମ-୧୮।୦୭।୧୯୩୩
ତିରୋଧାନ: ୨୫।୦୧।୨୦୧୯
ଆଜି ବି ତୁମର ଶବ୍ଦ ଆମ କାନରେ ଗୁଞ୍ଜୁଛି। ସେ ଅନାବିଳ ସ୍ନେହ, ନିଃସ୍ୱାର୍ଥପର ଉପଦେଶ ଓ ସମୟ ଉପଯୋଗୀ ଦିଗଦର୍ଶନ ଆମ ପାଇଁ ଅମୂଲ୍ୟ ସମ୍ପଦ। ତୁମ ଅମର ଆତ୍ମାର ସଦ୍‌ଗତି ପ୍ରାର୍ଥନାରେ ପୁତ୍ର: ବିଭୁ, ବିଶ୍ୱ (ବିଟୁ), ବିଷ୍ଣୁ (ଜିତୁ), ପୁତ୍ରବଧୂ-ସୀମା, ରୀମା, ନୀମା, ଝିଅ-ଲିନା, ଚାଇନି, ଜ୍ୱାଇଁ-ଅଜୟ, ଧୀରେନ୍ଦ୍ର, ନାତି, ନାତୁଣୀ ଓ ସମସ୍ତ ଆତ୍ମୀୟବର୍ଗ।
ଧ-୧୦୯୩୩

### ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ନଗେନ୍ଦ୍ର ନାଥ ଶତପଥୀ**
ଜୟପୁର, ସାକ୍ଷୀଗୋପାଳ
ଆବିର୍ଭାବ: ୩।୯।୧୯୪୨
ତିରୋଧାନ: ୨୬।୧।୨୦୧୯
ତୁମର ବିୟୋଗରେ ଆମ ପାଇଁ ଯେଉଁ ଶୂନ୍ୟତା ସୃଷ୍ଟି ହେଲା ତାହା ଅପୂରଣୀୟ। ତୁମର ସଚ୍ଚୋଟତା, ସତ୍ୟନିଷ୍ଠତା ଆମ୍ଭମାନଙ୍କ ପାଇଁ ସଦାସର୍ବଦା ମାର୍ଗ ଦର୍ଶନ ହୋଇରହିବ। ଆପଣଙ୍କର ଅଭୁଲା ସ୍ମୃତି ସର୍ବଦା ଆମ ସହିତ ରହିଥାଉ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ହତଭାଗିନୀ ସ୍ତ୍ରୀ ସୁଷମା, ପୁତ୍ର-ବିଭୂତି ରଞ୍ଜନ ଶତପଥୀ (ଜନି), କନ୍ୟା-ଜ୍ୱାଲା, ଜୁଲି, ବନ୍ଧୁ ଏବଂ ପରିବାରବର୍ଗ।
ଧ-୧୦୯୩୫

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ଚନ୍ଦ୍ର ସମେତ ଚତୁଃଗ୍ରହ କର୍ମସ୍ଥାନରେ କାର୍ଯ୍ୟସିଦ୍ଧି, ଅର୍ଥ ଓ ସମ୍ମାନ ଲାଭ କରାଇବେ। କିନ୍ତୁ ନିକିତି ତଉଲ ପରି ପାରିବାରିକ ଜୀବନର ପଲା ନିମ୍ନାଭିମୁଖୀ ହେତୁ ମନାନ୍ତର ଓ ଭୁଲ୍ ବୁଝାମଣାରୁ ଅଶାନ୍ତ ସ୍ଥିତି ମଧ୍ୟ ଉପୁଜିପାରେ। କିନ୍ତୁ କୃତ୍ତିକା ନକ୍ଷତ୍ର ସକାଶେ ଲୋକ ସମ୍ପର୍କ, ସଭାସମିତି, ଆଲୋଚନାଚକ୍ର, ସାହିତ୍ୟସଭା ପ୍ରୀତିପ୍ରଦ ରହିବ।

**ବୃଷ**
ଗୁରୁକ୍ଷେତ୍ରସ୍ଥ ଶୁକ୍ର ହେତୁ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆନନ୍ଦ ଅନୁଭବ କରିବେ । ଆନୁଷ୍ଠାନିକ କାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଆଜିର ଯାତ୍ରା, ଧର୍ମକାର୍ଯ୍ୟ, ଭ୍ରାତୃ ସମ୍ପର୍କ କ୍ଷେତ୍ରରେ ସଫଳତା ପ୍ରଦାନ କରିବ। ପଡୋଶୀଙ୍କ ସହ ସାଧାରଣ କଥାରେ ଉତ୍ତେଜିତ ହୋଇ ଭୁଲ୍ କରିପାରନ୍ତି।

**ମିଥୁନ**
ଧନସ୍ଥାନ ପ୍ରତି ଏକାଧିକ ଗ୍ରହଙ୍କ ଦୃଷ୍ଟିଜନିତ ଅର୍ଥନୈତିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲରେ ଅତିବାହିତ ହେବ। ପାରିବାରିକ କୌଣସି ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ। କର୍ମକ୍ଷେତ୍ରରେ ନିଜ ଉପରେ ନ୍ୟସ୍ତ ଥିବା କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇ ପ୍ରଶଂସିତ ହୋଇପାରନ୍ତି।

**କର୍କଟ**
ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କ କାର୍ଯ୍ୟଦକ୍ଷତା ଓ ସାଂଗଠନିକ ପ୍ରବୃତ୍ତିର ପ୍ରଶଂସା ମିଳିବ। କିନ୍ତୁ ସପ୍ତମସ୍ଥ ଗ୍ରହ ବିବାଦରେ ପରାଜୟ ଓ ମାଲିମକଦ୍ଦମାରେ ବିଫଳତା ପ୍ରଦାନ କରିପାରେ। ଧନାଧିପଙ୍କ ସ୍ଥିତିର ଦୁର୍ବଳତା କାରଣରୁ ଆର୍ଥିକ ଅନଟନ ହେତୁ ଚାହୁଁଥିବା ଜିନିଷ ପ୍ରାପ୍ତିର ଆଶା ପୂରଣ ହୋଇପାରିବ ନାହିଁ। ନିଜର ଫାଇଦା ହାସଲ ପାଇଁ ବନ୍ଧୁମାନେ ଫନ୍ଦିଫିକର କରିପାରନ୍ତି।

**ସିଂହ**
ସମସ୍ୟା ଆସିଲେ ମଧ୍ୟ ଷଷ୍ଠଭାବସ୍ଥ ରବି ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିର ସାମନା କରିବା ପାଇଁ ପଛଘୁଞ୍ଚା ଦେବେନାହିଁ। ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରି ସମସ୍ୟା ସୃଷ୍ଟି କରିପାରନ୍ତି। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ବୁଦ୍ଧିଜିବୀ ମାନଙ୍କ ଦ୍ୱାରା ପ୍ରଶଂସିତ ହେବେ। ବ୍ୟବସାୟିକ ସ୍ଥିତି ଓ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବାର ଆଶା ରହିଛି।

**କନ୍ୟା**
ମଙ୍ଗଳଙ୍କ କୁପ୍ରଭାବରୁ ବୃହସ୍ପତିଙ୍କ ଦୃଷ୍ଟି ହେତୁ ପାରିବାରିକ ସମର୍ଥନ, ବାହାର ଲୋକଙ୍କ ସାହାଯ୍ୟ ଆପଣଙ୍କ ପଛରେ ରହିବ, ଯାନବାହନ,ପରିବହନ, ଜମିଜମା ସମ୍ବନ୍ଧୀୟ ସମସ୍ୟା ଆକସ୍ମିକ ଆସିବାର ସୂଚନା ରହିଛି। କଳା, କାରିଗରି, ନିର୍ମାଣ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ତୁଳା**
ପରମମିତ୍ର ଯୁକ୍ତ ରାଶ୍ୟାଧିପତି ଆପଣଙ୍କୁ କୌଣସି ଆନୁଷ୍ଠାନିକ କାମ, ସ୍ଥଗିତ ଧାର୍ମିକ କାର୍ଯ୍ୟ ପାଇଁ ନିୟୋଜିତ କରିପାରେ। ବିଜାତୀୟ ବ୍ୟକ୍ତିମାନଙ୍କ ସହ ମିତ୍ରତା ପ୍ରତି ପାରିବାରିକ ସମର୍ଥନ ଅବଶ୍ୟ ରହିବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ,କଳା ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ।

**ବିଛା**
ରାଶିରେ ବୃହସ୍ପତି ଓ ଗୁକ୍ଷେତ୍ରସ୍ଥ ଶନି ଯୋଗୁ କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ମନୋରଞ୍ଜନ, ଯାତ୍ରା, ବନ୍ଧୁଙ୍କ ସହ ଆଲୋଚନା, ଯାନ୍ତ୍ରିକ ଜିନିଷ କ୍ରୟ, ଦୂରଯାତ୍ରା ପାଇଁ ଦିନଟି ଅନୁକୂଳ ରହିବ। ପାରିବାରିକ କ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣାକୁ କେନ୍ଦ୍ରକରି ଟେନସନ୍ ବଢ଼ିପାରେ।

**ଧନୁ**
ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ଓ ସହାନୁଭୂତି ଆପଣଙ୍କୁ ନୂତନ ଗୃହ, ଯାନବାହନ କ୍ରୟ ଓ କାର୍ଯ୍ୟସିଦ୍ଧି ପାଇଁ ପ୍ରେରଣାଦାୟୀ ରହିବେ। କୌଣସି ବିବାଦୀୟ ଘଟଣା ସକାଶେ ଯେଉଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଶିକ୍ଷା,ପରୀକ୍ଷା, ସାହିତ୍ୟ, ସଙ୍ଗୀତ ଓ ପ୍ରତିଯୋଗିତା କ୍ଷେତ୍ରରେ ଅବଶ୍ୟ ସଫଳତା ହାସଲ କରିପାରିବେ ।

**ମକର**
ନିଜର ପ୍ରିୟବନ୍ଧୁଙ୍କ ଭୁଲ୍ ବୁଝାମଣା ଜନିତ ଦୋଷାରୋପ ମନକୁ ବେଶି ବାଧିବ। ପାପଗ୍ରହ ପ୍ରଭାବରୁ ମାନସିକ ସ୍ଥିରତା ହରାଇବା ସାଙ୍ଗକୁ ସ୍ୱାସ୍ଥ୍ୟ ସମସ୍ୟାଗ୍ରସ୍ତ ମଧ୍ୟ ହୋଇପାରନ୍ତି। ଫଳତଃ ମାନସିକ ଚାପ ବୃଦ୍ଧିପାଇବା ଜନିତ ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବଢ଼ିପାରେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ତୁଲାଇ ନେବେ।

**କୁମ୍ଭ**
ସ୍ୱାସ୍ଥ୍ୟରେ ଉନ୍ନତି ସାଙ୍ଗକୁ ନିଜର ବନ୍ଧୁବର୍ଗଙ୍କ ସହାନୁଭୂତି ଲକ୍ଷ୍ୟ ପୂରଣରେ ସହାୟକ ହେବ। ଯେକୌଣସି କାମ ହେଉନା କାହିଁକି ଆପଣ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରୁହନ୍ତୁ। ଶିଳ୍ପ, ନୂତନ ଉଦ୍ୟୋଗ, ବ୍ୟବସାୟ, ପରିବହନ, ବାଣିଜ୍ୟ, କଳା, କାରଖାନା ଦିଗରୁ ଉପକୃତ ହେବେ।

**ମୀନ**

ପ୍ରତ୍ୟେକ ଦିଗରୁ ଗ୍ରହସମ୍ପର୍କର ଅନୁକୂଳତା ଆପଣଙ୍କ ଜୀବନଚର୍ଯ୍ୟାର ସାମଗ୍ରୀକ ଦିଗ ପାଇଁ ଲାଭଦାୟକ ରହିବ। ସ୍ଥଗିତ କାମ, ସ୍ୱାସ୍ଥ୍ୟ ସମସ୍ୟା, ବାଣିଜ୍ୟ, ବ୍ୟବସାୟରେ ସମସ୍ୟା ସମାଧାନ ସହ ବିବାଦରେ ବିଜୟଲାଭ କରିବେ। କିନ୍ତୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ଦୀର୍ଘଦିନରୁ ଭଙ୍ଗା ପଡିଯାଇଥିବା ସମ୍ପର୍କ ପୁଣିଯୋଡ଼ି ହୋଇଯିବ।

ଆଜି ମାଘମାସର ତ୍ରିବେଣୀ ଅମାବାସ୍ୟା ସୋମବାର, ଫେବୃୟାରୀ ୪ ତାରିଖ,ବିଶ୍ୱ କର୍କଟ ଦିବସ, ବିଜାଦେବୀଙ୍କ ଜନ୍ମୋତ୍ସବ, ଠାକୁର ଅଭିରାମ ପରମହଂସଙ୍କ ଜୟନ୍ତୀ, ଉତ୍କଳଗୌରବ ମଧୁସୂଦନଙ୍କ ତିରୋଧାନ ଦିବସ,ରାଶି ନକ୍ଷତ୍ର-ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, ମିଥୁନରାଶିର ଘାତବାର,ଅମାବାସ୍ୟାର ଶ୍ରାଦ୍ଧ, ଦିବା ଘ୭।୪୯ମି. ମଧ୍ୟେ ଘ୧।୨୮ମି. ଗତେ, ଘ୨।୫୧ମି. ମଧ୍ୟେ ଅମୃତବେଳା। ଦିବା ଘ୯।୧୨ମି. ଗତେ ଘ୧୦।୩୫ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୭।୪୮ମି. ଗତେ ଘ୯।୧୨ମି. ମଧ୍ୟେ ରାହୁକାଳ।

# ଓଡ଼ିଶାରେ ହେବ ୬ ମଡେଲ ଡିଗ୍ରୀ କଲେଜ

- ଡିଜିଟାଲ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ
- ଉତ୍କଳ ବିଶ୍ୱବିଦ୍ୟାଳୟରେ ହେବ ଏଣ୍ଟରପ୍ରିନ୍ୟୁରଶିପ୍, ଇନୋଭେଶନ ଆଣ୍ଡ୍ କ୍ୟାରିୟର ହବ୍
- ଓଡ଼ିଆ ଛାତ୍ରୀଙ୍କ ସହ କଥା ହେଲେ ମୋଦି

ଭୁବନେଶ୍ୱର, ୩।୨(ବ୍ୟୁରୋ)

ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନରେ ମୋଟ ୩୩୦୦ କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରବିବାର ଶ୍ରୀନଗରରୁ ୭୦ ମଡେଲ ଡିଗ୍ରୀ କଲେଜ, ୧୧ ପ୍ରଫେଶନାଲ କଲେଜ, ୬୬ ଏଣ୍ଟରପ୍ରିନ୍ୟୁରଶିପ୍, ଇନୋଭେଶନ ଆଣ୍ଡ୍ କ୍ୟାରିୟର ହବ୍ ଏବଂ ଗୋଟିଏ ମହିଳା ବିଶ୍ୱବିଦ୍ୟାଳୟର ଡିଜିଟାଲ ଶିଳାନ୍ୟାସ କରିଛନ୍ତି ପ୍ରଧାନମନ୍ତ୍ରୀ। ଏଥିମଧ୍ୟରେ ଓଡ଼ିଶାର କଳାହାଣ୍ଡି, ଗଜପତି, କନ୍ଧମାଳ, ବଲାଙ୍ଗୀର, ଢେଙ୍କାନାଳ ଓ କୋରାପୁଟ ଜିଲାରେ ୬ଟି ମଡେଲ ଡିଗ୍ରୀ କଲେଜ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରେ ଗୋଟିଏ ଏଣ୍ଟରପ୍ରିନ୍ୟୁରଶିପ୍, ଇନୋଭେଶନ ଆଣ୍ଡ୍ କ୍ୟାରିୟର ହବ୍ ରହିଛି।



ଶିଳାନ୍ୟାସ ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଉଚ୍ଚ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ କୁଳପତି ଓ ଅନ୍ୟମାନେ।

ଶିଳାନ୍ୟାସ କାର୍ଯ୍ୟକ୍ରମ ଅବସରରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ଛାତ୍ରୀଛାତ୍ରଙ୍କ ସହିତ ପ୍ରଧାନମନ୍ତ୍ରୀ କଥା ହେବା ସହ କହିଲେ, ଶିକ୍ଷାର ଗ୍ଲୋବାଲ ଷ୍ଟାଣ୍ଡାର୍ଡ ହାସଲ କରିବାକୁ ଚାହୁଁଛୁ। ଆଇଆଇଟି, ଆଇଆଇଏମ୍ ଭଳି କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନର ବିସ୍ତାର ପାଇଁ ପ୍ରୟାସ କରୁଛୁ। ବହୁ ଛାତ୍ରୀଛାତ୍ର ଶିକ୍ଷା ପାଇଁ ବିଦେଶକୁ ଯାଉଛନ୍ତି। ଆମେ ଏପରି ବ୍ୟବସ୍ଥା କରିବା ଯେପରି ଭାରତକୁ ବିଦେଶରୁ ଛାତ୍ରୀଛାତ୍ର ଆସିବେ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହି ପରିପ୍ରେକ୍ଷୀରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ଛାତ୍ରୀ ଅଙ୍କିତା କୁଣ୍ଡୁ ପ୍ରଧାନମନ୍ତ୍ରୀଙ୍କ ସହିତ କଥା ହୋଇଥିଲେ। ଶିକ୍ଷା ସହିତ ପର୍ଯ୍ୟଟନକୁ କିପରି ଯୋଡ଼ା ଯାଇପାରିବ ବୋଲି ସେ ପ୍ରଧାନମନ୍ତ୍ରୀଙ୍କୁ ପଚାରିଥିଲେ। ଉତ୍ତରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଓଡ଼ିଶା ପ୍ରାଚୀନ ଐତିହ୍ୟରେ ଭରି ହୋଇଛି। କୋଣାର୍କ ଓଡ଼ିଶାକୁ ବିଶ୍ୱ ଦରବାରରେ ପରିଚୟ ଦେଇଛି। ସାରା ଦେଶରେ ପର୍ଯ୍ୟଟନର ବିକାଶ ହୋଇଛି। ତେବେ ନିଜ ରାଜ୍ୟରେ ଟେକ୍ନୋଲୋଜି ବ୍ୟବହାର କରି ପ୍ରଚାର ପ୍ରସାର କରାଗଲେ ପର୍ଯ୍ୟଟନର ବିକାଶ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ମନ୍ତ୍ରୀ ଅନନ୍ତ ଦାସ କହିଛନ୍ତି ଯେ, ଏହା ଏକ ରାଜନୈତିକ କାର୍ଯ୍ୟକ୍ରମ ପରି ଲାଗିଲା। ଛାତ୍ରୀଛାତ୍ରଙ୍କ ପ୍ରଶ୍ନର ଉତ୍ତର ଓ ଉଚ୍ଚ ଶିକ୍ଷା ଅପେକ୍ଷା ପ୍ରଧାନମନ୍ତ୍ରୀ ସରକାରଙ୍କ ବିଭିନ୍ନ ଯୋଜନାକୁ ଅଧିକ ଉପସ୍ଥାପନା କଲେ। ଯଦି ପର୍ଯ୍ୟଟନର ବିକାଶ କଥା କହୁଛନ୍ତି ତେବେ ତା'ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଦେଲେ ଭଲ ହୁଅନ୍ତା ବୋଲି ମନ୍ତ୍ରୀ କହିଛନ୍ତି।

## ତ୍ରିସ୍ତରୀୟ ସୁରକ୍ଷାରେ ବିଧାନସଭା

ଭୁବନେଶ୍ୱର, ୩।୨(ବ୍ୟୁରୋ)

ସୋମବାରଠାରୁ ଆରମ୍ଭ ହେଉଛି ବିଧାନସଭାର ବଜେଟ ଅଧିବେଶନ। ଏଥିପାଇଁ ବିଧାନସଭାର ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ରବିବାର ପୋଲିସ ଡିଜି ଡ଼. ଆର୍‌ପି ଶର୍ମା ଓ ପୋଲିସ କମିଶନର ସତ୍ୟଜିତ ମହାନ୍ତି ବିଧାନସଭା ଭିତର ଓ ବାହାର ପରିସର ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ଏହି ଅବସରରେ ଡିଜିପି ଶର୍ମା ସୂଚନା ଦେଇ କହିଛନ୍ତି, ବଜେଟ ଅଧିବେଶନ ପାଇଁ ବିଧାନସଭାକୁ ତ୍ରିସ୍ତରୀୟ ସୁରକ୍ଷା ବଳୟରେ ରଖାଯାଇଛି। ବିଧାନସଭା ଚାଲିବା ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତକୁ ନଜରରେ ରଖି ୩୦ ପ୍ଲାଟୁନ ପୋଲିସ ଫୋର୍ସ, ୧୦୦ ଦକ୍ଷ ଅଫିସର ଓ ୨ ୟୁନିଟ ଏସ୍‌ଓଜି ଫୋର୍ସ ମୁତୟନ କରାଯାଇଛି। ଏଥିସହ ବିଧାନସଭା ସମ୍ମୁଖ ଧାରଣାସ୍ଥଳରେ ଏକ ସ୍ୱତନ୍ତ୍ର ପୋଲିସ କଣ୍ଟ୍ରୋଲ ରୁମ୍‌ର ବ୍ୟବସ୍ଥା କରାଯାଇଛି। ଏସବୁ ଅଞ୍ଚଳକୁ ନଜରରେ ରଖିବା ପାଇଁ ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯାଇଛିବୋଲି ଡିଜିପି ଶର୍ମା କହିଛନ୍ତି।






# ବିଏସ୍‌ପିରେ ମିଶିଲେ କୃଷ୍ଣ ସଗରିଆ

## ମାୟାବତୀ କହିଲେ, ନବୀନଙ୍କ ବିପକ୍ଷରେ ଲଢିବି

ଭୁବନେଶ୍ୱର,୩।୨(ବ୍ୟୁରୋ)

ପୂର୍ବତନ କୋରାପୁଟ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ରବିବାର ବହୁଜନ ସମାଜବାଦୀ ପାର୍ଟି(ବିଏସ୍‌ପି)ରେ ମିଶିଛନ୍ତି। ଶଗରିଆଙ୍କ ସହ ଅବିଭକ୍ତ କୋରାପୁଟ ଜିଲାର କିଛି ସଙ୍ଗଠକ ଏବଂ କେନ୍ଦ୍ରାପଡା ଜିଲାର କିଛି ଯୁବ ନେତା ମଧ୍ୟ ବିଏସ୍‌ପିରେ ସାମିଲ ହୋଇଛନ୍ତି। ମାଷ୍ଟରକ୍ୟାଣ୍ଟିନସ୍ଥିତ ଲୋୟର ପିଏମ୍‌ଜିରେ ଆୟୋଜିତ ଏକ ମିଶ୍ରଣ ପର୍ବରେ କୃଷ୍ଣ ବିଏସ୍‌ପିରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ବିଏସ୍‌ପି ନେତା ତଥା ୟୁପିର ପୂର୍ବତନ ମନ୍ତ୍ରୀ ଧର୍ମବୀର ଅଶୋକ , ବିଏସ୍‌ପି ରାଜ୍ୟ ସଭାପତି ଟଙ୍କଧର ବାଗ୍ , ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ମିଶ୍ରଣ ପର୍ବ ପରେ କୃଷ୍ଣ କହିଛନ୍ତି ଯେ, ନିର୍ବାଚନ ଲଢି ଜିତିବା ଅପେକ୍ଷା ଅନୁସୂଚିତ ଜାତି ବର୍ଗକୁ ସଙ୍ଗଠିତ କରିବା, ବହୁଜନଙ୍କୁ ରାଜନୈତିକ ଅଧିକାର ପାଇଁ ସଚେତନତା କରାଇବା ପ୍ରଭୃତି କାର୍ଯ୍ୟ କରିବି। ଏହି ସବୁ କାର୍ଯ୍ୟ କରିବା ପାଇଁ ବିଏସ୍‌ପି ହିଁ ପ୍ରକୃତ ପ୍ଲାଟଫର୍ମ। ଯଦି ତାଙ୍କୁ ସୁଯୋଗ ମିଳେ, ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିରୋଧରେ ଲଢିବେ କି ବୋଲି ଗଣମାଧ୍ୟମ ପ୍ରତିନିଧି କୃଷ୍ଣଙ୍କୁ ପ୍ରଶ୍ନ ପଚାରିଥିଲେ। ଉତ୍ତରରେ ସେ କହିଥିଲେ ଯେ, ଯଦି ବିଏସ୍‌ପି ମୁଖ୍ୟ ତଥା ଭଉଣୀ ସୁଶ୍ରୀ ମାୟାବତୀ ଚାହାନ୍ତି, ତେବେ ନବୀନଙ୍କ ବିରୋଧରେ ପ୍ରାର୍ଥୀ ହେବାରେ କୌଣସି ଆପତ୍ତିନାହିଁ। କେବଳ ଅନୁସୂଚିତ ଜାତି ନୁହେଁ, ଅନୁସୂଚିଚତ ଜନଜାତି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ ପାଇଁ ମଧ୍ୟ ଲଢେଇ କରିବି। କୁନ୍ଦୁଲି ପୀଡିତାକୁ ନ୍ୟାୟ ନ ମିଳିବା ପ୍ରସଙ୍ଗରେ ଇସ୍ତଫାକୁ କଂଗ୍ରେସ ଦଳରେ ଭିନ୍ନ ଭାବେ ଚିତ୍ରଣ କରାଗଲା। ଏହା ତାଙ୍କ ଅନ୍ତର ଆତ୍ମାକୁ ବ୍ୟଥିତ କରିଛି। ବିଭିନ୍ନ ପ୍ରସଙ୍ଗରେ କଂଗ୍ରେସ ନେତୃତ୍ୱ ଏବଂ ବିରୋଧୀ ଦଳ ନେତାଙ୍କ ଆଭିମୁଖ୍ୟକୁ ମଧ୍ୟ କୃଷ୍ଣ ସମାଲୋଚନା କରିଥିଲେ। ତାଙ୍କ ଦ୍ୱାରା ଆୟୋଜିତ ମିଶ୍ରଣ ପର୍ବକୁ ଆସୁଥିବା ଗାଡିକୁ ବିଭିନ୍ନ ସ୍ଥାନରେ ଅଟକାଯାଉଥିବା ସେ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଯଦି ବହୁଜନ ବର୍ଗ ପ୍ରତି ସରକାର ଏପରି ଆଭିମୁଖ୍ୟ ପୋଷଣ କରନ୍ତି, ତେବେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ସେହିପରି ଧରମବୀର ଅଶୋକ କହିଛନ୍ତି ଯେ, ସାମ୍ପ୍ରଦାୟିକ ଏବଂ ସ୍ୱେଚ୍ଛାଚାରୀ ଶକ୍ତିକୁ ମୁକାବିଲା ବିଏସ୍‌ପି ହିଁ କରିପାରିବ। ୟୁପିରେ ଏସ୍‌ପି ସହ ହୋଇଥିବା ମେଣ୍ଟ ଦେଶକୁ ବିକଳ୍ପର ରାସ୍ତା ଦେଖାଇବ। ଓଡ଼ିଶାରେ ଆଗାମୀ ଦିନରେ ବିଏସ୍‌ପି ନିର୍ଣ୍ଣାୟକ ଭୂମିକା ନେବ ବୋଲି ଧରମବୀର କହିଛନ୍ତି। ସେହିପରି ସମାଜବାଦୀ ପାର୍ଟି ନେତା ରବି ବେହେରା କହିଛନ୍ତି ଯେ, ୟୁପି ପରି ଓଡ଼ିଶାରେ ମଧ୍ୟ ଏସ୍‌ପି-ବିଏସ୍‌ପି ଏକାଠି ଲଢିବେ। ସର୍ବାଙ୍ଗୀନ ବିକାଶ ଏବଂ ପଛୁଆବର୍ଗର ଉନ୍ନତିକୁ ପ୍ରାଧାନ୍ୟ ଦେଉଥିବା ସମସ୍ତ ବ୍ୟକ୍ତିଙ୍କୁ ସ୍ୱାଗତ କରାଯିବ।




୩୦ତମ ଜାତୀୟ
ସଡ଼କ ସୁରକ୍ଷା ସପ୍ତାହ
୦୪ ଫେବୃଆରୀ - ୧୦ ଫେବୃଆରୀ, ୨୦୧୯

"ସୁରକ୍ଷିତ ରୁହନ୍ତୁ - ସୁଖୀ ରୁହନ୍ତୁ"

ସଡ଼କ ସୁରକ୍ଷା ସପ୍ତାହ ଉପଲକ୍ଷେ
ଆମ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଫେବୃଆରୀ ମାସର ୪ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଆମ ରାଜ୍ୟରେ ପାଳନ କରାଯାଉଥିବା ଆନନ୍ଦର କଥା।

ବେପରୁଆ ଗାଡ଼ି ଚାଳନା ଏବଂ ସଡ଼କ ବ୍ୟବହାରକାରୀ ମାନଙ୍କ ଅସାବଧାନତା ଦୁର୍ଘଟଣାର ମୁଖ୍ୟ କାରଣ। ରାଜ୍ୟ ସରକାରଙ୍କ ପକ୍ଷରୁ ସଡ଼କ ଦୁର୍ଘଟଣା ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସଡ଼କ ଦୁର୍ଘଟଣା ହ୍ରାସ କରିବାରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ବିଶେଷ ଭୂମିକା ରହିଛି।

ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଅବସରରେ ମୁଁ ସମସ୍ତ ସଡ଼କ ବ୍ୟବହାରକାରୀ ମାନଙ୍କ ସହଯୋଗ କାମନା କରିବା ସହ ସଡ଼କ ସୁରକ୍ଷା ନିୟମକୁ ଆନ୍ତରିକତାର ସହ ପାଳନ କରିବା ନିମନ୍ତେ ସଂକଳ୍ପବଦ୍ଧ ହେବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଉଛି।

ଜୀବନ ଅମୂଲ୍ୟ। ଏହା ସୁରକ୍ଷିତ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ।

ନବୀନ ପଟ୍ଟନାୟକ

"ସଡ଼କ ସୁରକ୍ଷା - ଜୀବନ ରକ୍ଷା"

ଓଡ଼ିଶା ରୋଡ୍ ସେଫ୍ଟି ସୋସାଇଟି
ବାଣିଜ୍ୟ ଓ ପରିବହନ ବିଭାଗ,
ଓଡ଼ିଶା ସରକାର

ଆସନ୍ତୁ, ଓଡ଼ିଶାକୁ ଏକ ଦୁର୍ଘଟଣାମୁକ୍ତ ରାଜ୍ୟରେ ପରିଣତ କରିବା

ଅନ୍ୟମାନେ ତୁମ ସମ୍ବନ୍ଧେ କ'ଣ କହୁଛନ୍ତି, କରୁଛନ୍ତି ଓ ଭାବୁଛନ୍ତି- ସେକଥାକୁ ନେଇ ଯଦି ତୁମେ ଆଘାତ ପାଉଥାଅ ବା ବ୍ୟଥିତ ହେଉଥାଅ- ତା'ହେଲେ ତୁମେ ଜଣେ ଦୁର୍ବଳ ମଣିଷ ଏବଂ ତୁମେ କେବେ ଏକାନ୍ତ ଭାବେ ଭଗବାନଙ୍କ ପ୍ରଭାବର ଅଧୀନ ହୋଇ ବଞ୍ଚି ନାହିଁ।
-ଶ୍ରୀମା



# ଏହା ଯଦି ଟ୍ରେଲର ହୁଏ

ସାଧାରଣ ନିର୍ବାଚନ ୨ ମାସ ବାକି ଥିବା ବେଳେ କେନ୍ଦ୍ରର ଭାଜପା ସରକାରଙ୍କ ତରଫରୁ ଅର୍ଥମନ୍ତ୍ରୀ ପୀୟୂଷ ଗୋୟେଲ ୧ ଫେବୃୟାରୀ ୨୦୧୯ରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିଛନ୍ତି। ଅର୍ଥନୀତି ପରିଭାଷାରେ ଏହାକୁ ଅନ୍ତରୀଣ ବା କାମଚଳା କୁହାଯାଉଥିଲେ ମଧ୍ୟ ଏହାର ଆକାର ଦେଖିଲେ ଓଜନିଆ ମନେହେଉଛି। ନିର୍ବାଚନକୁ ଆଖି ଆଗରେ ରଖି ମୋଦି ସରକାର ଶେଷ ଓଭରରେ ୬ ଛକା ମାରିବାକୁ ଉଦ୍ୟମ କରିଛନ୍ତି। ସେତିକି ନୁହେଁ, ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, 'ଏହା ଟ୍ରେଲର ମାତ୍ର'। ଭୋଟ ପରେ ପୂରା ସିନେମା ଦେଖିବାକୁ ମିଳିବ। ଏଥିରୁ ମନେହୁଏ ଯେପରି ଦେଶବାସୀଙ୍କୁ ଏକପ୍ରକାର ଅଧା ଲାଳସା ଓ ଅଧା ଧମକ ଦେଇ ମୋଦି ଏଭଳି ମନ୍ତବ୍ୟ ଦେଇଛନ୍ତି। ଚାଷୀ, ଶ୍ରମିକ ଓ ମଧ୍ୟବିତ୍ତଙ୍କୁ ସୁହାଇଲା ଭଳି କେତୋଟି ଘୋଷଣା କରିଛନ୍ତି ବୋଲି ବାରମ୍ବାର କୁହାଯାଉଛି । ଭୋଟ ପାଇବା ପାଇଁ ସରକାର ଶେଷ ବଜେଟରେ ଲୋଭନୀୟ ଉପହାର ଦେବାକୁ ଚେଷ୍ଟା କରିଛନ୍ତି। ଏହା କହିଲା ବେଳକୁ ପ୍ରଧାନମନ୍ତ୍ରୀ ଗତ ୪ଟି ବଜେଟରେ କାହିଁକି କୃଷି, ଗରିବ ଏବଂ ମଧ୍ୟବିତ୍ତଙ୍କୁ ଅଣଦେଖା କରିଥିଲେ ତାହାର କୌଣସି ଉତ୍ତର ଥିଲା ଭଳି ମନେହେଉ ନାହିଁ। ସେଥିପାଇଁ କି ମୋଦିଙ୍କ ଉପରେ ଅବିଶ୍ୱାସ ଜନ୍ମୁଛି ଯେ, ଏହା ଯଦି କେବଳ ଟ୍ରେଲର ଥିଲା, ତେବେ ପୂରା ସିନେମାରେ ପୁନର୍ବାର ସେହି ଧନୀ ଏବଂ ବ୍ୟବସାୟୀଙ୍କ ରୋମାଞ୍ଚକର କାହାଣୀ ଲୁକ୍କାୟିତ ଥିବ। କାରଣ ଟ୍ରେଲର ମାଧ୍ୟମରେ କେବଳ ଦର୍ଶକଙ୍କୁ ଆକର୍ଷିତ କରାଯାଇଥାଏ। ସମ୍ପୂର୍ଣ୍ଣ କାହାଣୀ କୌଣସି ଟ୍ରେଲରରେ ଦର୍ଶାଯାଏ ନାହିଁ।

ବିରୋଧୀ ଏହି ବଜେଟକୁ ଲାଞ୍ଚ ଦେଇ ଭୋଟ କିଣିବା ସହ ସମାନ ବୋଲି ସମାଲୋଚନା କରୁଛନ୍ତି। ଏଥିରେ ଯେଭଳି ବ୍ୟବସ୍ଥା କରାଯାଇଛି, ତାହାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠୁଛି। ବଜେଟକୁ ଦେଖିଲେ ଯେଉଁ ଚାଷୀଙ୍କର ୨ ହେକ୍ଟରରୁ କମ୍ ଜମି ଥିବ, ସେମାନଙ୍କୁ ୩ କିସ୍ତିରେ ବର୍ଷକୁ ୬ ହଜାର ଟଙ୍କା ଦିଆଯିବା ଘୋଷଣା କରାଯାଇଛି। ଏହାର ହିତାଧିକାରୀ ତାଲିକାରୁ ଭୂମିହୀନ ଓ କୃଷି ଶ୍ରମିକ ବଞ୍ଚିତ ହେଉଥିବା ବେଳେ କେଉଁ ଦୃଷ୍ଟିରୁ ସମଗ୍ର କୃଷକ ସମାଜ ଉପକୃତ ହେବେ ବୋଲି ଏବେ କଥା ଉଠିଲାଣି। କାରଣ କେନ୍ଦ୍ର ସରକାରଙ୍କ ସିଧାସଳଖ କୌଣସି ମାଧ୍ୟମ ନାହିଁ, ଯଦ୍ଦ୍ୱାରା ପ୍ରତ୍ୟେକ ଗ୍ରାମର ଚାଷୀଙ୍କୁ ଠାବ କରାଯାଇପାରିବ। ଏଭଳିସ୍ଥଳେ ନରେନ୍ଦ୍ର ମୋଦି ୫ ବର୍ଷ ତଳେ ଦେଇଥିବା ପ୍ରତିଶ୍ରୁତିକୁ ଲୋକେ ମନେ ପକାଉଛନ୍ତି। ୨୦୧୪ ସାଧାରଣ ନିର୍ବାଚନ ବେଳେ ସେ କହିଥିଲେ ଯେ, କ୍ଷମତାକୁ ଆସିଲେ ବିଦେଶରୁ କଳା ଧନ ଆଣି ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧୫ ଲକ୍ଷ ଟଙ୍କା ଜମା କରାଯିବ। ସମୟ ବିତିଯାଇଥିଲେ ମଧ୍ୟ ସୁଧ ସହିତ ଟଙ୍କା ମିଳିଲା ନାହିଁ। ଆଂଶିକ ଭାବେ କିଛି କିଛି କ୍ଷୁଦ୍ର ଚାଷୀଙ୍କୁ ଦେଇ ସରକାର ଲଲିପପ୍ ଧରାଇଛନ୍ତି ବୋଲି ବିରୋଧୀ କହୁଛନ୍ତି। ଦ୍ୱିତୀୟ କଥା ହେଉଛି, ୨୯ ରାଜ୍ୟ ଓ ୭ କେନ୍ଦ୍ରଶାସିତ ଅଞ୍ଚଳରେ ଥିବା କ୍ଷୁଦ୍ର ଚାଷୀଙ୍କୁ ସରକାର କିଭଳି ଚିହ୍ନଟ କରିବେ, ତାହାର ମେକାନିଜିମ୍ ବା ଯନ୍ତ୍ରକ୍ରିୟା ଦେଖାଇ ନାହାନ୍ତି। ଏକ ଯୋଜନା କାର୍ଯ୍ୟକାରୀ କରିବା ଲାଗି ଯେଉଁ ଦୂରଦୃଷ୍ଟିର ଆବଶ୍ୟକତା ରହିଛି, ତାହା ଏହି ବଜେଟରେ ଦେଖିବାକୁ ମିଳିନାହିଁ। ବିଶେଷକରି ବେକାର ଓ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ବଜେଟରେ କିଛି ବ୍ୟବସ୍ଥା କରାଯାଇ ନାହିଁ। ୨୦୧୪ ସାଧାରଣ ନିର୍ବାଚନ ପ୍ରଚାର ବେଳେ ବର୍ଷକୁ ୨ କୋଟି ଯୁବତୀଯୁବକଙ୍କୁ ଚାକିରି ଦେବେ ବୋଲି ମୋଦି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବାସ୍ତବ ଚିତ୍ର ଏବେ ଭିନ୍ନ ଚିତ୍ର ଦେଉଛି। ନିକଟରେ ଜାତୀୟ ନମୁନା ସର୍ବେକ୍ଷଣ ଅଫିସ (ଏନ୍‌ଏସ୍‌ଏସ୍‌ଓ) ପକ୍ଷରୁ ଜାରି ସମୀକ୍ଷା ରିପୋର୍ଟରେ ପ୍ରଦର୍ଶିତ ତଥ୍ୟକୁ ଦେଖିଲେ ୪୫ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୭-୧୮ରେ ଏହା ଥିଲା ସବୁଠାରୁ ନ୍ୟୂନ ସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି। ଏହି ସଂସ୍ଥାର ତଥ୍ୟକୁ ନୀତି ଆୟୋଗ ତରଫରୁ ଖଣ୍ଡନ କରାଯାଇଛି। ତେବେ ମନେରଖିବାକୁ ହେବ ଯେ, ନୀତି ଆୟୋଗରେ ନିଯୁକ୍ତ ଲୋକମାନେ କୌଣସି ଯୋଗ୍ୟତା ଯୋଗୁ ନୁହେଁ, ରାଜନୈତିକ ଚାପରେ ଥଇଥାନ ବ୍ୟବସ୍ଥାର ସୁବିଧା ପାଇଛନ୍ତି।

ଅନ୍ୟ ଏକ ପ୍ରସଙ୍ଗକୁ ଦେଖାଯାଉ। ଅର୍ଥମନ୍ତ୍ରୀ ପୀୟୂଷ ଗୋୟେଲ ଯେତେବେଳେ ଘୋଷଣା କଲେ ଯେ, ବାର୍ଷିକ ଆୟ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଜନ କରୁଥିବା ବ୍ୟକ୍ତିଙ୍କୁ ଟିକସ ଛାଡ଼ କରାଯିବ, ସେତେବେଳେ ଭାଜପାର କେତେକ ସାଂସଦ ଟେବୁଲ ବାଡ଼ାଇବା ସହିତ ଦୀର୍ଘ ପ୍ରାୟ ୩ ମିନିଟ୍ ପର୍ଯ୍ୟନ୍ତ 'ମୋଦି-ମୋଦି-ମୋଦି...' ସ୍ଲୋଗାନ୍ ଦେଇଚାଲିଲେ। ଏଥିରୁ ମନେହେଲା ଯେପରି ସଂସଦ ଭିତରୁ ନିର୍ବାଚନୀ ପ୍ରଚାର ଆରମ୍ଭ ହେଲା। କେହି ଜଣେ ପଚାରିଲେ ନାହିଁ ଯେ, କିଛି ଦିନ ପୂର୍ବରୁ ଏହି ମୋଦି ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଉଚ୍ଚଜାତିରେ ଆର୍ଥିକ ଦୁର୍ବଳଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାରେ ୮ ଲକ୍ଷ ଟଙ୍କା ବାର୍ଷିକ ଆୟ ମାପକାଠି ଭାବେ ରଖାଯାଇଥିଲା। ଯଦି ତାହା ସତ ହୁଏ, ତେବେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼ ବୁଝିବା କଷ୍ଟକର।

ଏହି ଅନ୍ତରୀଣ ବଜେଟ-୨୦୧୯ର ପ୍ରତ୍ୟେକଟି ଅଂଶକୁ ଦେଖିଲେ ମନେହୁଏ ଯେପରି ଆତ୍ମବିରୋଧାଭାସ ଚିନ୍ତାଧାରା ପ୍ରକାଶ କରାଯାଇଛି। ସେଥିପାଇଁ ଏହାର ସଫଳ କାର୍ଯ୍ୟକାରିତାକୁ ନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ।

## ଚିରନ୍ତନୀ

ଶତ ଶତ କଶାଘାତ
ଚନ୍ଦନ ସମାନ ତାହା
ଅକାରଣ ପଡ଼ିଲେ ଏ ଦେହେ,
ସବୁ ଅଙ୍ଗେ ଲେପିଦିଏ ସ୍ନେହେ।
(ଆସ୍ତିକର ଆକୁତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 7 | 9 | | 4 | | | B | | | 3 | C | | 0 | |
| A | 5 | | | | | | | 2 | | | | | | |
| B | | | | 7 | | 5 | 8 | | | | | E | 9 | |
| | | | | 8 | 5 | | | 7 | | B | | | | |
| | | 2 | | 9 | A | 0 | | | 1 | | E | | | |
| | | | A | | | | | | | 5 | | 8 | | 1 |
| 8 | E | 0 | | | D | | | B | A | | | 9 | 2 | 3 |
| 7 | | | | | | | | | 3 | | | B | C | |
| 3 | | | 6 | | | 9 | | | | | D | | | E |
| | | A | | 0 | | | | 4 | | E | 9 | | 7 | |
| | | | 4 | | | C | | | 8 | | | | | |
| C | 0 | | 5 | | | 2 | | E | 9 | | A | | | |
| E | 4 | 1 | | | 9 | | | | | | | A | 8 | |
| | A | D | B | 3 | | | | | | | | 2 | | |
| | | 5 | 0 | 2 | E | | | | | 1 | 6 | | B | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | A | D | 0 | 1 | 6 | B | E | 8 | C | 2 | 9 | 3 | 7 | 5 |
| E | 2 | C | 7 | D | 8 | A | 9 | 3 | 1 | 6 | 5 | 4 | B | 0 |
| 1 | 5 | 0 | C | 3 | 4 | 7 | 2 | D | A | B | 8 | E | 6 | 9 |
| 3 | B | 6 | A | 5 | 9 | 4 | 1 | 0 | D | 7 | E | 2 | C | 8 |
| 8 | 9 | 7 | B | E | 2 | C | 5 | 6 | 0 | 3 | 4 | 1 | D | A |
| C | 6 | 1 | 3 | 8 | E | 0 | D | 5 | 7 | 4 | A | 9 | 2 | B |
| B | D | 5 | 1 | 9 | 0 | 8 | A | 7 | 2 | C | 3 | 6 | E | 4 |
| 2 | 0 | A | D | B | 7 | 3 | 4 | E | 9 | 8 | 6 | C | 5 | 1 |
| 9 | 3 | 8 | 2 | 4 | C | 6 | B | 1 | 5 | E | 0 | D | A | 7 |
| 7 | 4 | E | 5 | 6 | A | 9 | C | 2 | B | 1 | D | 8 | 0 | 3 |
| 0 | 7 | 9 | E | A | 3 | D | 6 | 4 | 8 | 5 | 2 | B | 1 | C |
| 5 | E | 3 | 8 | C | 1 | 2 | 7 | 9 | 6 | A | B | 0 | 4 | D |
| A | 8 | B | 4 | 2 | D | 5 | 3 | C | E | 0 | 1 | 7 | 9 | 6 |
| 6 | 1 | 4 | 9 | 7 | B | E | 0 | A | 3 | D | C | 5 | 8 | 2 |
| D | C | 2 | 6 | 0 | 5 | 1 | 8 | B | 4 | 9 | 7 | A | 3 | E |

ଗତକାଲିର ଉତ୍ତର



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

# ଗଣତନ୍ତ୍ରର ରାଜପୁରୁଷ

ବିଶ୍ୱବିଖ୍ୟାତ କଥାକାର ଓସ୍କାର ୱାଇଲଡ୍‌ଙ୍କ ସେଇ ଅନବଦ୍ୟ କାହାଣୀ ଯେଉଁମାନେ ପଢ଼ିଥିବେ, ପଢ଼ା ସରିବା ମାତ୍ରେ ସେମାନେ ନିଶ୍ଚୟ ହଜିଯାଇଥିବେ ନିଜ ସୁପ୍ତ ଚେତନାର କେଉଁ ଅଗମ୍ୟ ମାନସିକ ଇଲାକାରେ। ମାନବୀୟ କାରୁଣ୍ୟରେ ଭରପୂର ଏହି ଲହୁଲୁହର କାହାଣୀ ସେମାନଙ୍କୁ ନେଇ ପହଞ୍ଚାଇ ଦେଇଥିବ ଏମିତି ଏକ ଅତିମାନସର ସ୍ୱପ୍ନରାଜ୍ୟରେ, ଯେଉଁଠି ଗୋଟିଏ ପଟେ ଶୁଣାଯାଉଥିବ ରାଜତନ୍ତ୍ରରେ ବର୍ବର ଅତ୍ୟାଚାରର ଭୈରବ ହୁଙ୍କାର ଓ ଅନ୍ୟପଟେ ପ୍ରତିଧ୍ୱନିତ ହେଉଥିବ ସେଇ ଉଦାର ନୂଆରାଜାଙ୍କ ମାନବିକତାର ଓଁକାର ଉଚ୍ଚାରଣ। ଏଠାରେ ଆଲୋଚ୍ୟ ପ୍ରସଙ୍ଗଟି ଯଦିଓ ଗଣତନ୍ତ୍ରର ରାଜପୁରୁଷଙ୍କୁ ନେଇ, ତେବେ ଏହାର ପ୍ରତିପକ୍ଷ ରାଜତନ୍ତ୍ରର ଗଣପୁରୁଷ ସେଇ କାହାଣୀର ନାୟକଙ୍କ ଚରିତ୍ର ପ୍ରଥମେ ଅନୁଧ୍ୟାନ କରାଯାଉ।

ନିଜର ଏକମାତ୍ର ସୁକୁମାରୀ କନ୍ୟା ଜଣେ ଅବାଞ୍ଛିତ ନୀଚବଂଶଜକୁ ଗୋପନରେ ବାହା ହୋଇଥିବାର ଦେଖି ରାଜା କ୍ରୋଧରେ ଅସ୍ଥିର ହୋଇଉଠିଲେ। ଝିଅର ସୁଖଠାରୁ ନିଜ ବଂଶର ଆଭିଜାତ୍ୟକୁ ବଡ ବିଚାରୁଥିବା ରାଜା କେବଳ ଯେ ଗୋପନରେ ଘାତକଦ୍ୱାର ନିଜ ଜ୍ୱାଇଁଙ୍କୁ ହତ୍ୟା କଲେ ତାହା ନୁହେଁ, କିଛିଦିନ ପରେ ତାଙ୍କ କନ୍ୟା ଗର୍ଭରୁ ଜନ୍ମ ନେଇଥିବା ଶିଶୁପୁତ୍ରକୁ ମଧ୍ୟ ଚୋରାଇ ନେଇ ଜଙ୍ଗଲରେ ରହୁଥିବା ଜଣେ ନିଃସନ୍ତାନ ମେଷପାଳକଙ୍କୁ ଦେଇ ଆସିଲେ। ଅସହ୍ୟ ଦୁଃଖରେ ଅତିଷ୍ଠ ହୋଇ ରାଜକନ୍ୟା ବି ଅଚିରେ ସଂସାର ଛାଡିଦେଲେ। କେଇବର୍ଷ ବିତିଗଲା। ବାର୍ଦ୍ଧକ୍ୟର ଆହ୍ୱାନରେ ରାଜାଙ୍କ ଶେଷ ସମୟ ଉପସ୍ଥିତ ହେଲାରୁ ସିଂହାସନରେ ଉତ୍ତରାଧିକାରୀଙ୍କୁ ନେଇ ତାଙ୍କର ଚେତା ପଶିଲା। ରାଜାଳୟଠାରୁ ଏକ ଅପହଞ୍ଚ ଦୂରତ୍ୱରେ ବଢି ଆସୁଥିବା ମେଷପାଳକ ବାଳକଟି ହିଁ ଥିଲା ତାଙ୍କ ବଂଶର ଶେଷ ଦୀପଶିଖା। ସୁତରାଂ, ନିଜର ସମସ୍ତ ଅହଂକାର ସତ୍ତ୍ୱେ ତାଙ୍କର ସେଇ ଅପାଂକ୍ତେୟ ନାତିଟିର ରାଜ୍ୟାଭିଷେକ ଶେଷ କରିବାକୁ ଆଦେଶ ଦେଇ ସେ ଆଖି ବୁଜିଦେଲେ।

ଜଙ୍ଗଲରେ ମେଣ୍ଢା ଚରାଇବାକୁ ନିଜ ଜୀବନର ଯାତ୍ରା ମନେକରୁଥିବା ଷୋଳ ବର୍ଷର ତରୁଣ ରାଜମୁକୁଟ ପିନ୍ଧିବାର ମହାର୍ଘ ଅନୁଭବ ପାଇଁ ନିଜକୁ ପ୍ରସ୍ତୁତ କରୁଥିବା ବେଳେ ହଠାତ୍ ରାଜ୍ୟାଭିଷେକର ପୂର୍ବରାତିରେ ତିନୋଟି ସ୍ୱପ୍ନ ଦେଖିଲେ। ସ୍ୱପ୍ନ ତ ନୁହେଁ, ଦୁଃସ୍ଥ ଦରିଦ୍ର ପ୍ରଜାମାନଙ୍କ ତାଜା ରକ୍ତରେ ନିଜ କପାଳ ଉପରେ ଅଙ୍କିତ ହେବାକୁ ଯାଉଥିବା ରାଜତିଳକ ପାଇଁ ଏକ ତୀବ୍ର ଚେତାବନୀ। କ୍ରୀତଦାସଙ୍କ କଷ୍ଟଶ୍ରମର ଝାଳଗନ୍ଧରେ ସୁରଭିତ ହେବାକୁ ଥିବା ରାଜମୁକୁଟର ଭବିଷ୍ୟତ ପାଇଁ ଏକ ବିପଦର ଆଭାସବାଣୀ। ପ୍ରଥମ ସ୍ୱପ୍ନଟି ଥିଲା ଚିତ୍ତଚାଞ୍ଚଲ୍ୟକାରୀ। ଏକ ଅନ୍ଧକାରଭରା ନିବୁଜ କକ୍ଷରେ କେଇଜଣ ବୁଣାକାର ସୁନା ଜରିପକା ଲୁଗା ବୁଣିବାରେ ବ୍ୟସ୍ତ। କୋରଡଗତ ଚକ୍ଷୁ, ମଳିନ ଦର୍ଶନ ମୁହଁଟିମାନ ନେଇ ଥରି ଉଠୁଥିବା ହାତଗୁଡିକ ଲୁଗା ବୁଣୁଥିବା ଦେଖି ତରୁଣ ମେଷପାଳକ ଦୁଃଖରେ ଭାଙ୍ଗିପଡିଲେ। ପଚାରିଲେ, ''କାହା ପାଇଁ ତୁମର ଏ ଲୁଗାବୁଣା ?'' ଉତ୍ତର ମିଳିଲା, ''ଆଉ କାହା ପାଇଁ! ଆମ ନୂଆ ରାଜାଙ୍କ ପାଇଁପରା। ରାତି ପାହିଲେ ତାଙ୍କର ଅଭିଷେକ। ତାଙ୍କ ପାଇଁ ତ ସମର୍ପିତ ଆମର ଏ ହୀନ ଜୀବନ?'' ଉତ୍ତର ମିଳିଲା ଜଣେ ବୁଢାଙ୍କଠାରୁ ଯିଏ କଥା ମଝିରେ କାଶି କାଶି ବେଦମ୍ ହୋଇଗଲେ ଓ ତାଙ୍କ ପାଟିରୁ ଝଲକାଏ ତାଜା ରକ୍ତ ନିଗିଡିପଡିଲା। ସ୍ୱପ୍ନଭଙ୍ଗ ପରେ ଭାବୀ ରାଜା ଚିତ୍କାର କରିଉଠିଲେ, ଏକ ଅସମ୍ଭବ ଅସ୍ୱସ୍ତିବୋଧ ନେଇ।

ନୂଆ ରାଜାଙ୍କ ଦ୍ୱିତୀୟ ସ୍ୱପ୍ନ ଥିଲା ଆହୁରି ଭୟଙ୍କର। ହସ୍ତପଦବନ୍ଧା କ୍ରୀତଦାସଙ୍କ ମଧ୍ୟରୁ ସେ ଥିଲେ ଜଣେ। ତା' ଅଣ୍ଟାରେ ଦଉଡି ବାନ୍ଧି ସମୁଦ୍ର ଗହ୍ୱରକୁ ନିକ୍ଷେପ କରାଗଲା ଓ କିଛି ସମୟ ପରେ ପୁଣି ଦଉଡି ଟାଣି ତାକୁ ନୌକା ଉପରକୁ ଅଣାଗଲା। ତା' ହାତରେ ଥିବା ମୁଣିରେ ଥିଲା ମେଞ୍ଚାଏ ଶାମୁକା। ନୌକା ଉପରେ ଥିବା ଅନ୍ୟ କ୍ରୀତଦାସମାନେ ଶାମୁକା ଭାଙ୍ଗି ମୁକ୍ତା ଖୋଜିବାରେ ଲାଗିପଡିଲେ ଓ କୌଣସି ମୁକ୍ତାର ସନ୍ଧାନ ନ ପାଇ ସେଇ ବୁଡାଳି ଦାସକୁ ଆଉଥରେ ସମୁଦ୍ର ମଧ୍ୟକୁ ନିକ୍ଷେପ କଲେ। ଏହିଭଳି ବାରମ୍ବାର ନିକ୍ଷେପ କରିବା ମଧ୍ୟରେ କ୍ରୀତଦାସଟିର ଦେହ ଅବଶ ହୋଇ ଆସିଲା। ମାତ୍ର ଶେଷରେ ସେ ଏକ ବିଶାଳ ଶାମୁକା ସଂଗ୍ରହ କରି ଉପରକୁ ଉଠିଲା କ୍ଷଣି ପ୍ରାଣତ୍ୟାଗ କଲା ସିନା, ସେଇ ଶାମୁକାଟି ମଧ୍ୟରୁ ଏକ ଉଜ୍ଜ୍ୱଳ ମୁକ୍ତା ବାହାରି ମୁକ୍ତା ସନ୍ଧାନ କସରତର ସମାପ୍ତି ଘୋଷଣା କଲା। ମୃତ କ୍ରୀତଦାସର ଶବକୁ ସମୁଦ୍ର ଭିତରକୁ ଫିଙ୍ଗି ଦେଲାବେଳେ ଅନ୍ୟ ଦାସମାନେ ଉଲ୍ଲାସରେ ଘୋଷଣା କରୁଥିଲେ, ''କାଲିର ଅଭିଷେକ ଉତ୍ସବରେ ଆମ ନୂଆରାଜାଙ୍କ ରାଜଦଣ୍ଡରେ ଏ ସୁନ୍ଦର ମୁକ୍ତାଟି ଖଚିତ ହୋଇ ବେଶ୍ ଉଜ୍ଜ୍ୱଳ ଦିଶିବ।'' ଭାବୀ ରାଜା ଆଉ ଥରେ ଚିହିଁକି ଉଠିଲେ ନିଜ ଭିତରେ।

ରାତିର ଶେଷପ୍ରହରର ଶେଷ ସ୍ୱପ୍ନଟି ମଧ୍ୟରେ ଭରି ରହିଥିଲା ରାଜ ଅତ୍ୟାଚାରର ଆଉ ଏକ ନାରକୀୟ ଚିତ୍ର। ଅନାବୃଷ୍ଟିର ଭୟଙ୍କର ପ୍ରଭାବ ମଧ୍ୟରେ ତୃଷିତ ପ୍ରଜାମାନେ କଠୋର ପରିଶ୍ରମ କରି କୂଅଟିଏ ଖୋଳୁଥିଲା ବେଳେ ଜଣେ ସିପାହି ସେମାନଙ୍କୁ ଚାବୁକ ମାରି ଏକ ପାହାଡ ଆଡକୁ ଅଡାଇ ନେଲେ ଓ ସେମାନଙ୍କୁ ପଥରକାଟି ହୀରା ସନ୍ଧାନ କରିବାକୁ ନିର୍ଦ୍ଦେଶ ଦେଲେ। ଘଣ୍ଟା ଘଣ୍ଟା ଧରି ଦାରୁଣ ଶ୍ରମ ଓ ନିର୍ଦ୍ଦୟ ସିପାହିଙ୍କ ଚାବୁକ ମାଡରେ ତିନିଟି ଜୀବନ ଅକାଳରେ ଝଡିପଡିଲା ପରେ ଶେଷରେ ଯେଉଁ ଅନୁପମ ହୀରାଟି ଉପଲବ୍ଧ ହେଲା, ତାହା ନୂଆରାଜାଙ୍କ ମୁକୁଟରେ ଶୋଭା ପାଇବାର ସମ୍ଭାବନା ସୃଷ୍ଟି କରୁଥିଲା।

କାଳଜୟୀ କାହାଣୀଟିର ଉପସଂହାରରେ ଥିଲା ଆକାଂକ୍ଷିତ ଅଭିଷେକର ଅଧ୍ୟାୟ। ଗତରାତିର ତିନିତିନିଟି ଭୟଙ୍କର ସ୍ୱପ୍ନ ଦେଖି ଚରମ ଅନ୍ତର୍ଦାହ ମଧ୍ୟରେ ଛଟପଟ ହେଉଥିବା ତରୁଣ ରାଜା ଜଙ୍ଗଲରୁ ଆଣିଥିବା ନିଜ ଭଙ୍ଗା ବାକ୍ସ ମଧ୍ୟରୁ ଛିଣ୍ଡା କାମିଜ କାଢି ପିନ୍ଧିଲେ। ହାତରେ ଥିଲା ମେଣ୍ଢା ଗୋଡାଇବା ପାଇଁ ଉଦ୍ଦିଷ୍ଟ ସେଇ ପୁରୁଣା ବାଡିଟି ଓ ମୁଣ୍ଡରେ ବନ୍ଧା ଯାଇଥିଲା ଜଙ୍ଗଲୀ ଗୋଲାପ ଗଛର କଅଁଳ ଡାଳଟିଏ। ରାଜ ପୁରୋହିତ ଓ ପାରିଷଦବର୍ଗଙ୍କ ସକଳ ବାରଣକୁ ଅବଜ୍ଞା କରି ନୂଆରାଜା ଦୃଷ୍ଟାନ୍ତଟିଏ ସୃଷ୍ଟି କଲେ। କହିଲେ, ''ପ୍ରଜାମାନଙ୍କ ସ୍ୱେଦ-ରକ୍ତରେ ଗଢା ଏ ସୁନା ଜରିପକା ରାଜପୋଷାକ, ମୁକ୍ତା ଖଚିତ ରାଜଦଣ୍ଡ ଓ ହୀରାଶୋଭିତ ରାଜମୁକୁଟ ମୋ ରାଜପଣ ପାଇଁ କେବେ ଶୁଭଙ୍କର ହୋଇ ନ ପାରେ।''

ଅତୀତ ଗର୍ଭରେ ଅବଲୁପ୍ତ ହୋଇଯାଇଥିବା ରାଜତନ୍ତ୍ରର ଏହି ଉଦାର ରାଜପୁରୁଷ ଚିରକାଳ ଏକ ବିରଳ ପ୍ରଜାତି। କେବଳ ସେ କାଳର ରାଜତନ୍ତ୍ର ନୁହେଁ, ଏ କାଳର ଗଣତନ୍ତ୍ରରେ ମଧ୍ୟ ଏମାନଙ୍କ ସଂଖ୍ୟା ସ୍ୱର୍ଗର ପାରିଜାତଠାରୁ ଆହୁରି ମହଙ୍ଗା। ସକଳ ପ୍ରକାର ରାଜକୀୟ ପରିଚର୍ଯ୍ୟାର କୋଳାହଳ ମଧ୍ୟରେ ଏବେ ବି ଗଣତନ୍ତ୍ରର ରାଜପୁରୁଷମାନେ ଅଭିଷିକ୍ତ ହେଉଥିଲା ବେଳେ ଅସହାୟ ପ୍ରଜାମାନଙ୍କ ହତାଶାର ଦୀର୍ଘଶ୍ୱାସ ନିଃଶବ୍ଦରେ ମିଳାଇଯାଏ କାଳରୁ କାଳାନ୍ତର ଯାଏ।

କେତେ କଠୋର ସଂଗ୍ରାମ ଓ ମହାନ୍ ସାଧନାର ସିଦ୍ଧି ଏହି ଗଣତନ୍ତ୍ର। ଅଥଚ ଏଠି ମଧ୍ୟ ରାଜତନ୍ତ୍ର ଭଳି ବହୁ ଆଡମ୍ବରରେ ଅଭିଷେକ ପର୍ବ ଅନୁଷ୍ଠିତ ହୁଏ। ଥରେ ସିଂହାସନରେ ଅଭିଷିକ୍ତ ହୋଇଗଲା ପରେ କାଲିଯାଏ ମେଷପାଳକ ପରି ସାଧାରଣ ଜୀବନ ବଞ୍ଚୁଥିବା ଲୋକ ହଠାତ୍ ରାଜପୁରୁଷର ମର୍ଯ୍ୟାଦା ଲାଭ କରି ଅସାଧାରଣ ହୋଇଯା'ନ୍ତି। ମୁଣ୍ଡରେ ମନ୍ତ୍ରିତ୍ୱର ମୁକୁଟ ପିନ୍ଧି, ହାତରେ କ୍ଷମତାର ରାଜଦଣ୍ଡ ଧରି ନାଲିବତି ରାଜରଥରେ ସବାର ହୋଇ ଦରବାରୀ କୋଳାହଳ ଓ ଚାଟୁକାରଙ୍କ ଜୟଧ୍ୱନି ମଧ୍ୟରେ ଏମିତି ଲୀନ ହୋଇଯା'ନ୍ତି ଯେ କେଇଦିନ ପୂର୍ବରୁ ପଛରେ ଛାଡି ଆସିଥିବା ଜଙ୍ଗଲର ଝାଉଁସ୍ୱନ ତାଙ୍କ କାନକୁ ସ୍ପର୍ଶ କରିପାରେ ନାହିଁ। ସାଧାରଣ ଜୀବନର କମନୀୟ ସଙ୍ଗୀତ ଦରବାରୀ ଭାଟର ସ୍ତବପାଠ ଆଗରେ ବେସୁରା ଜଣାପଡେ। ବଙ୍ଗଳାର ଚିଙ୍ଗୁଡି ଚିକେନର ବାସ୍ନା ଆଗରେ ଗ୍ରାମ୍ୟ ବଡ଼ିପୋଡ଼ା ଓ ଶାଗପଖାଳର ମହକ ଫିକା ପଡିଯାଏ।

କେଇବର୍ଷ ତଳେ ଜଣେ ଅଶୀତିପର ବୃଦ୍ଧଙ୍କଠୁ ଶୁଣିଥିବା ତାଙ୍କ ଅଙ୍ଗେନିଭା କାହାଣୀ ଏ ପ୍ରସଙ୍ଗରେ ବେଶ୍ ପ୍ରଣିଧାନଯୋଗ୍ୟ। ବୃଦ୍ଧଙ୍କ ସମସ୍ୟା ଥିଲା ଅତ୍ୟନ୍ତ ଗମ୍ଭୀର। ତାଙ୍କ ପୁଅବୋହୂ ଦୁହେଁ ଏକାବେଳେ ଦୁନିଆ ଛାଡିଥିଲେ ଏକ ଗାଡି ଦୁର୍ଘଟଣାରେ। ଏକମାତ୍ର ସାହାରା ନାତିକୁ ବଡ କରି ନିଜ ବାର୍ଦ୍ଧକ୍ୟର ଆଶାବାଡି ଭାବେ ଗଢି ତୋଳୁଥିବା ବେଳେ ଏକ ଗୁରୁତର ବ୍ୟାଧିରେ ଆକ୍ରାନ୍ତ ହୋଇ ସେ ବି ବିଛଣା ଧରିଥିଲା। ତାଙ୍କ ପରିବାରର ଦୁର୍ଭାଗ୍ୟ ସହ ପରିଚିତ ଥିବା ସେଇ ଅଞ୍ଚଳର ଜଣେ ମନ୍ତ୍ରୀଙ୍କ ପାଖକୁ ଯାଇ ସେ ନାତିଟିର ଉନ୍ନତ ଚିକିତ୍ସା ପାଇଁ କିଛି ସରକାରୀ ବ୍ୟବସ୍ଥା କରିବାକୁ ନିବେଦନ କଲା ମାତ୍ରେ ମନ୍ତ୍ରୀ ମହୋଦୟ ଯେଉଁ ପ୍ରତିକ୍ରିୟା ପ୍ରକାଶ କରିଥିଲେ, ତାହା ବୃଦ୍ଧଙ୍କ ଦୁର୍ଭାଗ୍ୟଠାରୁ ଥିଲା ଶତଗୁଣ ଯନ୍ତ୍ରଣାଦାୟକ। ବୃଦ୍ଧ ଅତ୍ୟନ୍ତ ଆବେଗରେ କାନ୍ଦି ପକାଇଥିଲେ ସେଦିନ ତାଙ୍କ ଅନୁଭୂତି ବଖାଣିଲା ବେଳେ। କହୁଥିଲେ, 'ତା' ମନ୍ତ୍ରିପଣ କ'ଣ ସବୁଦିନ ରହିଥିବ ?'

ଚରମ ଅସହାୟତାକୁ ନିଜ କୋକେଇରେ ବାନ୍ଧି ବୃଦ୍ଧଙ୍କ ମହାଯାତ୍ରା ଏଇ କେଇଦିନ ପୂର୍ବରୁ ହୋଇଗଲା ପରେ ପୁରୁଣା କଥାଟି ମନକୁ ଆନ୍ଦୋଳିତ କଲା। ପ୍ରକୃତରେ କେତେ ସତ କହି ନ ଥିଲେ ସେ। ସେଦିନର ସେ ମନ୍ତ୍ରୀ ଜଣକ ଆଜି ବୟସ ଖସିଯାଇଥିବା ଏକ ପରିତ୍ୟକ୍ତ ବାରାଙ୍ଗନା ପରି ବେଶ୍ ଅଲୋଡା, ଅବହେଳିତ। ଲୋକଙ୍କ ଆସ୍ଥା ଓ ବିଶ୍ୱାସର ବରଦାନ ଲାଭ କରି ଗଣତନ୍ତ୍ରର ରାଜପୁରୁଷ ବୋଲାଉଥିବା ମହାମହିମମାନେ ଜନସାଧାରଣଙ୍କୁ ହେୟ ମନେ କରୁଥିଲା ବେଳେ ଏ କଥା ଯଦି ଜାଣନ୍ତେ ଯେ ଯେଉଁ ସମୟ ତାଙ୍କୁ ମେଷପାଳକରୁ ଆଣି ସିଂହାସନରେ ବସାଇଛି, ସେ ମହାକାଳ ପୁଣି ତାଙ୍କୁ ପଛକୁ ଠେଲି ଦେଇପାରେ, ତା'ହେଲେ ବୋଧହୁଏ ଏମିତି ଉଦ୍ଧତ ହୁଅନ୍ତେ ନାହିଁ, ଅଲୋଡା ବି, ଠିକ୍ ସେଦିନର ସେଇ ମନ୍ତ୍ରୀଙ୍କ ପରି !

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର, ଚକେଇସିହାଣି,
ଭୁବନେଶ୍ୱର, ମୋ-୮୮୯୫୬୨୪୧୦୫



ଡା. ସୁରେନ୍ଦ୍ରନାଥ ପତି

# ଦୁରାରୋଗ୍ୟ କର୍କଟ

କ୍ୟାନ୍ସର ବା 'କର୍କଟ' ରୋଗର ନାଁ ଶୁଣିଲେ ସମସ୍ତଙ୍କ ମନରେ ଭୟ ସଞ୍ଚରିଯାଏ, ରୋଗାକ୍ରାନ୍ତ ବ୍ୟକ୍ତିଟି ଆଉ ବେଶିଦିନ ବଞ୍ଚିବ ନାହିଁ ଏହି ଆଶଙ୍କାରେ। କାରଣ ଏହାର ସମ୍ପୂର୍ଣ୍ଣ ସଫଳ ଚିକିତ୍ସା ନାହିଁ। କର୍କଟ ବା କଙ୍କଡ଼ା ପରି ଏହା ଅଙ୍ଗକୁ କାମୁଡି ଧରିଥିବାରୁ ଏପରି ନାମକରଣ। କୌଣସି ଅଙ୍ଗର କୋଷଗୁଡିକ ବିନା କାରଣରେ ଅତ୍ୟଧିକ ସଂଖ୍ୟାରେ ବୃଦ୍ଧି ପାଇ ଅଲଗା ପ୍ରକାର କୋଷ ସୃଷ୍ଟି କରନ୍ତି, ଲାଗି ରହିଥିବା ସୁସ୍ଥ କୋଷଗୁଡିକୁ ମାଡ଼ିଯାଆନ୍ତି, ସେଠାରେ ସେପରି ସଂଖ୍ୟା ବୃଦ୍ଧି କରନ୍ତି, ରକ୍ତ ଓ ଲସିକା ଦ୍ୱାରା ଦୂରବର୍ତ୍ତୀ ଅଙ୍ଗକୁ ପ୍ରସାରିତ ହୋଇ ସେଠାରେ ମଧ୍ୟ ବଂଶ ବୃଦ୍ଧି କରନ୍ତି। ପ୍ରଥମେ ଯନ୍ତ୍ରଣା ଆଦୌ ହୁଏନାହିଁ। ଏଥିପାଇଁ ବ୍ୟକ୍ତି ପ୍ରଥମରୁ ଜାଣି ନ ପାରି, ଅନ୍ୟାନ୍ୟ ଲକ୍ଷଣ ପ୍ରକାଶ ପାଇଲା ପରେ ବିଳମ୍ବରେ ଜାଣେ। ସେତେବେଳକୁ ରୋଗ ମାଡିଯାଇଥାଏ।

ଯେଉଁ ରାସାୟନିକ ପଦାର୍ଥଗୁଡିକ କ୍ୟାନ୍ସର ସୃଷ୍ଟି କରନ୍ତି, ସେଗୁଡିକୁ 'କାର୍ସିନୋଜେନ୍' କୁହାଯାଏ। ସେଥିମଧ୍ୟରେ ନାଇଟ୍ରୋସାମିନ୍, ବେନଜିନ୍, ଆରୋମାଟିକ୍ ହାଇଡ୍ରୋକାର୍ବନ ଆଦି ପ୍ରଧାନ। ଟବାକୋ ଧୂଆଁ ବା ଧୂମପାନ ମଧ୍ୟ ଏକ ପ୍ରଧାନ କାରଣ। କେତେକ ରଙ୍ଗଶିଳ୍ପ ଓ ଆଜବେଷ୍ଟସ ଶିଳ୍ପରେ କାର୍ଯ୍ୟ କରୁଥିବା ବ୍ୟକ୍ତି କ୍ୟାନ୍ସରରେ ଆକ୍ରାନ୍ତ ହେବାର ସମ୍ଭାବନା ଥାଏ। ଏବେ ବାୟୁମଣ୍ଡଳ ଅତି ପ୍ରଦୂଷିତ ହୋଇଛି, ଆଣବିକ ରଶ୍ମିର ବିକିରଣ ହୋଇ ବାୟୁରେ ମିଶୁଛି। ଏମାନେ କ୍ୟାନ୍ସର ସୃଷ୍ଟି କରନ୍ତି। ରକ୍ତ ସଂକ୍ରମଣ ଯୋଗୁ କେତେକ ଭୂତାଣୁ ସୁସ୍ଥ ମାନବ ଦେହରେ ପ୍ରବେଶ କରି ଏହି ରୋଗ ମଧ୍ୟ ସୃଷ୍ଟି କରନ୍ତି। ଅତ୍ୟାଧୁନିକ ଲାଇଫ୍ ଷ୍ଟାଇଲ ଦ୍ୱାରା ଶାରୀରିକ ପରିଶ୍ରମର ଅଭାବ ଦେଖାଯାଉଛି। ମଦ୍ୟପାନ, ଧୂମପାନ, ପୃଥୁଳତା ଆଦି କ୍ୟାନ୍ସର ପାଇଁ ଦାୟୀ। ଗବେଷଣାରୁ ଜଣାଯାଇଛି, ଶତକଡା ୫-୧୦ ଭାଗ କ୍ୟାନ୍ସର 'ଜିନ୍' ଦ୍ୱାରା ମାତାପିତାଙ୍କଠାରୁ ସନ୍ତାନକୁ ଯାଇଥାଏ ଓ ପରେ ରୋଗ ସୃଷ୍ଟି କରାଇଥାଏ। ପିଲାମାନଙ୍କ କ୍ଷେତ୍ରରେ ରକ୍ତ କର୍କଟ ଓ ମସ୍ତିଷ୍କ କ୍ୟାନ୍ସର ଅଧିକ ଦେଖାଯାଏ।

ସବୁ ଦେଶରେ ଏହି ରୋଗ ଅଧିକ ଦେଖାଯାଉଛି, ଅକାଳ ମୃତ୍ୟୁର କାରଣ ସାଜିଛି। ମୃତ୍ୟୁର ୬ଟି କାରଣ ମଧ୍ୟରୁ କ୍ୟାନ୍ସର ଗୋଟିଏ। ଅତି ଉନ୍ନତ ଦେଶଗୁଡ଼ିକରେ ପ୍ରାଥମିକ ଅବସ୍ଥାରେ ସଫଳ ଚିକିତ୍ସା ଦ୍ୱାରା ମୃତ୍ୟୁସଂଖ୍ୟା ହ୍ରାସ ପାଉଥିବା

## ବିଶ୍ୱ କର୍କଟ ଦିବସ ଉପଲକ୍ଷେ

ବେଳେ ବିକାଶଶୀଳ ଓ ଅନୁନ୍ନତ ଦେଶଗୁଡ଼ିକରେ ଏହା ବଢ଼ି ବଢ଼ି ଚାଲିଛି। ଏହାକୁ ଦୂର କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିଷ୍ପତ୍ତି ଅନୁଯାୟୀ ସଚେତନତା ସୃଷ୍ଟି ନିମନ୍ତେ ଫେବୃୟାରୀ ୪ ତାରିଖକୁ ବିଶ୍ୱ କର୍କଟ ଦିବସ ଭାବେ ସବୁ ଦେଶରେ ପାଳନ କରାଯାଉଛି।

ମନୁଷ୍ୟର ପ୍ରାୟ ସବୁ ଅଙ୍ଗରେ କର୍କଟ ରୋଗ ହୋଇପାରେ। ମସ୍ତିଷ୍କଠାରୁ ମଳଦ୍ୱାର, ମୁଖ ଗହ୍ୱର, ଖାଦ୍ୟ ଓ ଶ୍ୱାସନଳୀ, ଫୁସ୍‌ଫୁସ୍, ପାକସ୍ଥଳୀ, ଯକୃତ, ଅଗ୍ନ୍ୟାଶୟ, ଅନ୍ତନଳୀ, କିଡ୍‌ନୀ ଓ ମୂତ୍ରାଶୟ, ପ୍ରୋଷ୍ଟେଟ, ଅଣ୍ଡକୋଷ, ନାରୀମାନଙ୍କର ଜରାୟୁ, ଏହାର ଗ୍ରୀବା, ଓଭାରି, ସ୍ତନ, ବ୍ଲଡ୍ ବା ରକ୍ତ କ୍ୟାନ୍ସର, ଚର୍ମ କ୍ୟାନ୍ସର ଦେଖାଯାଏ। ମହିଳାମାନେ ସ୍ତନ କର୍କଟ ଏବଂ ପୁରୁଷମାନେ ଫୁସ୍‌ଫୁସ୍ କର୍କଟରେ ଅଧିକ ମୃତ୍ୟୁବରଣ କରୁଛନ୍ତି। ଯେଉଁ ଅଙ୍ଗରେ କର୍କଟ ହୁଏ, ସେହି ଅନୁସାରେ ଲକ୍ଷଣ ପ୍ରକାଶ ପାଏ। କାଶ, କଫ, ରକ୍ତ ପଡିବା, ଢୋକିବାରେ କଷ୍ଟ, କ୍ଷୁଧାହୀନତା, ମଳମୂତ୍ର ତ୍ୟାଗ କରିବାରେ ଦ୍ରୁତ ପରିବର୍ତ୍ତନ, ଛାତି ଓ ପେଟରେ ପାଣି ଜମିବା, ହାଡ଼ ଭାଙ୍ଗିବା, ଆବୁ ଦେଖାଯିବା, ସ୍ତନରେ ଆବୁ ହେବା, ଜରାୟୁରୁ ରକ୍ତ କ୍ଷରଣ, ମୁଣ୍ଡବ୍ୟଥା ଏବଂ ବାନ୍ତି ଆଦି କେତେକ ପ୍ରଧାନ ଲକ୍ଷଣ। ସବୁପ୍ରକାର କର୍କଟ ରୋଗରେ ବ୍ୟକ୍ତିଠାରେ ଦ୍ରୁତ ଓଜନ କମିବା, ଦୁର୍ବଳତା ଓ କ୍ଳାନ୍ତି ଲାଗିବା, ଜ୍ୱର ଲାଗି ରହିବା, ରକ୍ତହୀନତା, କ୍ଷୁଧା ହ୍ରାସ ଦେଖାଯାଏ। ଯନ୍ତ୍ରଣା ନ ହେବାରୁ ବ୍ୟକ୍ତିଟି ଚିକିତ୍ସା ପାଇଁ ଯାଏ ନାହିଁ।

ଚିକିତ୍ସାଳୟରେ ରକ୍ତ ପରୀକ୍ଷା, ବାୟୋପ୍ସି, ସିଟିସ୍କାନ୍, ଏମ୍‌ଆର୍‌ଆଇ ଆଦି ଅତ୍ୟାଧୁନିକ ପରୀକ୍ଷାନିରୀକ୍ଷା ହୋଇ କର୍କଟ ରୋଗର ନିଦାନ ହୋଇପାରୁଛି। ପୁଣି ଏଥିପାଇଁ ସ୍ୱତନ୍ତ୍ର 'କର୍କଟ ରୋଗ ପ୍ରତିଷ୍ଠାନ'ମାନ ସ୍ଥାପନ କରାଯାଇ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯାଉଛି। ରୋଗର ପ୍ରଥମ ଅବସ୍ଥାରେ ସର୍ଜରି କରି ସେହି ଅଂଶକୁ ବାହାର କରି ଦିଆଯାଏ। ନିକଟସ୍ଥ ଟିସୁ ଆକ୍ରାନ୍ତ ହୋଇଥିଲେ 'ରେଡିଓଥେରାପି' ଦିଆଯାଏ। ଏହାଦ୍ୱାରା କ୍ୟାନ୍ସର ସେଲ୍‌ଗୁଡିକ ମୃତ୍ୟୁ ଲଭନ୍ତି। ଅନ୍ୟ ସ୍ଥାନକୁ ମାଡ଼ି ଯାଇଥିଲେ 'କେମୋଥେରାପି' ଦ୍ୱାରା ଔଷଧ ରକ୍ତରେ ଦିଆଯାଇ ସେଲ୍‌ଗୁଡିକୁ ନଷ୍ଟ କରି ଦିଆଯାଏ। ଏହା ଦ୍ୱାରା ରୋଗକୁ ଆୟତ୍ତାଧୀନ କରାଯାଇ କିଛିମାସ ବା ବର୍ଷପାଇଁ ବଞ୍ଚାଇ ଦିଆଯାଏ। ବ୍ୟୟବହୁଳ ଔଷଧ ଏବଂ ରେଡିଓଥେରାପି ଦେଶର ସରକାର ବିନା ମୂଲ୍ୟରେ କର୍କଟ ରୋଗ ପ୍ରତିଷ୍ଠାନମାନଙ୍କରେ ଉପଲବ୍ଧ କରିଛନ୍ତି।

surendranathpati @gmail.com

## ଏଇ ଭାରତରେ

ମଣିଷ ଅପରାଧ କଲେ ଥାନାରେ ଅଭିଯୋଗ କରାଯାଏ। କିନ୍ତୁ କୁକୁଡା ମଣିଷ ଶିଶୁକୁ ନଖରେ ରାମ୍ପୁଡିବାରୁ ତାକୁ ଥାନାକୁ ଯିବାକୁ ପଡିଛି। ଏପରି ଏକ ଘଟଣା ଘଟିଛି ମଧ୍ୟପ୍ରଦେଶର ଶିବପୁରୀ ଜିଲାରେ। ଏଠାରେ ୮ମାସର ଶିଶୁପୁତ୍ରକୁ ଗୋଡ ନଖରେ ରାମ୍ପୁଡିଥିବା ଅଭିଯୋଗରେ ଗୋଟିଏ କୁକୁଡାକୁ ପୋଲିସ ଥାନା ଆସିବାକୁ ପଡିଛି। ପୁନମ କୁଶୱାହ ନାମ୍ନୀ ଜଣେ ମହିଳାଙ୍କ ଅଭିଯୋଗ ଅନୁଯାୟୀ, ପଡିଶା ଘର ପୋଷା କୁକୁଡା ତାଙ୍କ ଶିଶୁପୁତ୍ରକୁ ରାମ୍ପୁଡିଥିଲା। ପୂର୍ବରୁ ମଧ୍ୟ କୁକୁଡା ଏଭଳି କରିଥିବା ପୁନମ୍ ଥାନାରେ ଜଣାଇଥିଲେ। ଅଭିଯୋଗ ପାଇବା ପରେ କୁକୁଡା ସମେତ ମାଲିକାଣୀ-ମାଲିକଙ୍କୁ ପୋଲିସ ଥାନାକୁ ଡକାଇଥିଲା। ଥାନାରେ ପହଞ୍ଚିବା ପରେ ମାଲିକାଣୀ କାନ୍ଦିବାକୁ ଲାଗିଥିଲେ। କୁକୁଡା ପ୍ରତି କୌଣସି ଦଣ୍ଡବିଧାନ ନ କରିବାକୁ ସେ ଗୁହାରି କରିଥିଲେ। କୁକୁଡାକୁ ଜଗି ରଖିବା ଲାଗି ମାଲିକାଣୀ-ମାଲିକ ଥାନାବାବୁଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେମାନଙ୍କର କୌଣସି ସନ୍ତାନ ନ ଥିବାରୁ ସେମାନେ କୁକୁଡାକୁ ଆଦରରେ ପାଳୁଥିବା ପ୍ରକାଶ କରିଥିଲେ। ଏଥି ସହିତ ଉକ୍ତ ଦମ୍ପତି ପୁନମ୍‌ଙ୍କୁ ମଧ୍ୟ କ୍ଷମାପ୍ରାର୍ଥନା କରିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

### ୪ ଫେବୃୟାରୀ ୧୯୯୪

- ଆଫ୍ରିକୀୟ ଜାତୀୟ କଂଗ୍ରେସର ସଭାପତି ନେଲ୍‌ସନ୍ ମଣ୍ଡେଲା ଦେଶରେ ହେବାକୁଥିବା ସାଧାରଣ ନିର୍ବାଚନ ବେଳେ ଦ୍ୱୈତ ଭୋଟ ଗ୍ରହଣ ବ୍ୟବସ୍ଥାକୁ ପ୍ରଚଳନ କରିବାକୁ ରାଜି ହୋଇଛନ୍ତି।
- ଦେଶରେ କାର୍ଯ୍ୟକାରୀ ହେଉଥିବା ଦଳବଦଳ ଆଇନରେ ଥିବା ତ୍ରୁଟିବିଚ୍ୟୁତିକୁ ପୁନଃ ସମୀକ୍ଷା କରାଯାଇ ସେଥିରେ ଆବଶ୍ୟକ ପରିବର୍ତ୍ତନ କରାଯିବା ନେଇ ଲୋକ ସଭା ବାଚସ୍ପତି ଶିବରାଜ ପାଟିଲଙ୍କ ମତପ୍ରକାଶ ।

## ସାପ୍ତାହିକ ପଞ୍ଜିକା

ଜାନୁୟାରୀ ୨୭-ବିଶିଷ୍ଟ ଓଡ଼ିଆ କଣ୍ଠଶିଳ୍ପୀ ଅର୍ଜ୍ଜୁନ ଚରଣ ସାମଲଙ୍କ ୭୭ ବର୍ଷ ବୟସରେ ପରଲୋକ।
୨୮- ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚୈତନ୍ୟ ପ୍ରସାଦ ମାଝିଙ୍କର ୯୦ ବର୍ଷ ବୟସରେ ପରଲୋକ।
୨୯- ଅଯୋଧ୍ୟାରେ ବିବାଦୀୟ ଜମି ସଂଲଗ୍ନ ନିର୍ବିବାଦୀୟ ୬୭ ଏକର ଜମିକୁ ରାମ ଜନ୍ମଭୂମି ନ୍ୟାସ ସମେତ ମୂଳ ମାଲିକଙ୍କୁ ଫେରାଇ ଦେବା ପାଇଁ ସୁପ୍ରିମ୍‌କୋର୍ଟଙ୍କ ଅନୁମତି ଲୋଡ଼ିଛନ୍ତି କେନ୍ଦ୍ର ସରକାର।
୩୦- ଅନୁସୂଚିତ ଜାତି ଓ ଜନଜାତି ଅଧିନିୟମର ସଂଶୋଧନ ଉପରେ ସ୍ଥଗିତାଦେଶ ଦେବାକୁ ସୁପ୍ରିମ୍‌କୋର୍ଟ ପୁଣିଥରେ ମନା କରିଦେଇଛନ୍ତି।
୩୧- ୪୫ବର୍ଷ ଭିତରେ ଭାରତରେ ବେକାରି ହାର ସର୍ବାଧିକ ସ୍ତରରେ ପହଞ୍ଚିଛି ବୋଲି ଏକ ରିପୋର୍ଟରୁ ପ୍ରକାଶ।
ଫେବୃୟାରୀ ୧-ଆଜି କେନ୍ଦ୍ର ସରକାର ଅନ୍ତରୀଣ ବଜେଟ ଉପସ୍ଥାପନ କରିଛନ୍ତି, ଯେଉଁଥିରେ ନିର୍ବାଚନକୁ ଆଖି ଆଗରେ ରଖି ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଉପରେ ଆୟକର ଛାଡ଼ ଓ ଚାଷୀଙ୍କ ପାଇଁ ଅନେକ ଲୋଭନୀୟ ଯୋଜନା ଘୋଷଣା କରାଯାଇଛି।

## ଆମ ସମସ୍ୟା

### ସୁଧହାର କମାଯାଉ

ମହାଶୟ,

ସେବା ସମବାୟ ସମିତିରୁ ବହୁ କମ୍ ନାମମାତ୍ର ଓ କ୍ଷୁଦ୍ରଚାଷୀ ଋଣ ଆଣୁଛନ୍ତି। ବଡ଼ ଚାଷୀ ଅଧିକ ଋଣ ଆଣି, ତାକୁ ନ ଶୁଝି ପୁଣି ଋଣ ଉପରେ ନୂଆ ଋଣ ଆଣୁଛନ୍ତି। ଚାଷୀ ଋଣରେ ସୁଧହାର କମ୍ ପଡୁଛି ସତ ହେଲେ ଋଣ ଶୁଝିବାକୁ ଘରୁ ଟଙ୍କା ଦେବାକୁ ପଡୁନାହିଁ। ସମବାୟ ସମିତିର ସମ୍ପାଦକ ସବୁ ବାଟ ଦେଖାଇ ଦେଉଛନ୍ତି। ବେଶ୍ ଦି ପଇସା ରୋଜଗାର ବି ହେଉଛି। ରିନ୍ୟୁଆଲ ହୋଇଥିବାରୁ ଚାଷୀ କର୍ପ କଟିଂ ହିସାବରେ କେତେବେଳେ ୭୦%ରୁ ୮୦% ବା ତଦୂର୍ଦ୍ଧ୍ୱ ଋଣଛାଡ ପାଉଛି ତ ପୁଣି କେବେ ୩୦%ରୁ ଅଧିକ ବୀମା ବାବଦରେ କ୍ଷତିପୂରଣ ପାଉଛି। କିନ୍ତୁ ଯେଉଁ ଚାଷୀ ଋଣ ଶୁଝିପାରୁ ନାହାନ୍ତି ବା ନବୀକରଣ କରି ପାରୁନାହାନ୍ତି ସେମାନଙ୍କ ଉପରେ ଚଢା ସୁଧ ହିସାବ ହେଉଛି। ଯଦି ଖିଲାପି ଋଣ ଉପରେ ସୁଧହାର କମାଯାଆନ୍ତା ବା ସୁଧ ଛାଡ କରାଯାଆନ୍ତା, ବହୁ ଚାଷୀ ଋଣ ପରିଶୋଧ କରିପାରନ୍ତେ।

ରମେଶ ଦତ୍ତ, କଲ୍ୟାଣୀନଗର, ଭଦ୍ରକ

### ଆବାସ ଯୋଜନାରୁ ବଞ୍ଚିତ ଗରିବ ଚିତ୍ରକର

ମୁଁ ଜଣେ ବାସହୀନ ଦରିଦ୍ର ଚିତ୍ରକର। ଦୀର୍ଘବର୍ଷ ଧରି ରସୁଲଗଡ଼ରେ କ୍ୟାବିନ ନେଇ ଚିତ୍ରବୃତ୍ତି କରି ଆସୁଥିଲି। ଥଇଥାନ ନ କରି ବିଏମ୍‌ସି ଦୋକାନ ଉଚ୍ଛେଦ କରିବା ପରେ ଜୀବନ ଜୀବିକାରେ ସଂକଟ ଆସିଲା। ବାସଗୃହ ଭଡ଼ା ନେଇ ଚଳିବା ଅସମ୍ଭବ ହେବାରୁ ସରକାରଙ୍କ ଆବାସ ଯୋଜନାରେ ଘରଟିଏ ପାଇବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଦରଖାସ୍ତ କରିଥିଲି। କିନ୍ତୁ ଏ ପର୍ଯ୍ୟନ୍ତ ଆବାସଟିଏ ପାଇବାରୁ ବଞ୍ଚିତ ରହିଛି। ମୁଖ୍ୟମନ୍ତ୍ରୀ ବିଚାର କରନ୍ତୁ।

ଲକ୍ଷ୍ମୀକାନ୍ତ ମହାରଣା, ମଞ୍ଚେଶ୍ୱର ରେଲୱେ କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପାରାଦୀପରେ ଦେବାଶିଷଙ୍କ ଶୋଭାଯାତ୍ରା

ପାରାଦୀପ,୩।୨(ସ୍ୱ.ପ୍ର.)

ପାରାଦୀପ ବିଜେଡି ରାଜନୀତିରେ ରବିବାର ପୁଣି ଥରେ କମ୍ପନ ସୃଷ୍ଟି ହୋଇଛି। ବିଜେଡିରୁ ବିଧାୟକ ଦାମୋଦର ରାଉତଙ୍କୁ ବହିଷ୍କାର କରାଯିବା ପରେ ଏହି ନିର୍ବାଚନମଣ୍ଡଳୀରେ ଦଳ ନେତୃତ୍ୱ ଶୂନ୍ୟ ହୋଇ ରହିଛି। ଏଠାରେ ନେତୃତ୍ୱ ଦୌଡ଼ରେ ଏକାଧିକ ଆଶାୟୀ ଅଛନ୍ତି। ସେମାନଙ୍କ ମଧ୍ୟରେ କଟକ ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ ସବୁଠୁ ଆଗରେ ରହିଥିବା ଚର୍ଚ୍ଚା ହେଉଛି। ଦେବାଶିଷ ମଧ୍ୟ ଗତ କିଛିମାସ ହେଲା ବିଭିନ୍ନ ସଭା ସମିତି କରି ଏହି ଚର୍ଚ୍ଚାକୁ ଖୋରାକ ଯୋଗାଇ ଆସିଛନ୍ତି। ତେବେ ସେସବୁ ସଭା ସମିତି ପାରାଦୀପ ନିର୍ବାଚନମଣ୍ଡଳୀ ଅଧୀନ କୁଜଙ୍ଗ ଓ ଅନ୍ୟ ସ୍ଥାନରେ ହେଉଥିଲା। ପାରାଦୀପରେ ସେଭଳି ଆଖିଦୃଶିଆ କାର୍ଯ୍ୟକ୍ରମ କରିବାକୁ ତାଙ୍କୁ ବିଶେଷ ସମର୍ଥନ ମିଳୁ ନ ଥିବା କୁହାଯାଉଥିଲା। କିନ୍ତୁ ରବିବାର ସେ ପାରାଦୀପ ଆସିଥିବାବେଳେ ତାଙ୍କୁ ବିପୁଳ ସମର୍ଥନ ମିଳିଛି। ଏଠାରେ ଏକ କ୍ରିକେଟ ଟୁର୍ନାମେଣ୍ଟରେ ସେ ଅତିଥି ଭାବେ ଯୋଗଦେବାକୁ ଆସିଥିବାବେଳେ ତାଙ୍କ ସହ ପାରାଦୀପ ପୌରାଞ୍ଚଳର ୫ ଜଣ ବିଜେଡି କାଉନ୍ସିଲରଙ୍କୁ ଦେଖିବାକୁ ମିଳିଥିଲା, ଯାହାକି ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ୨ନଂ.ୱାର୍ଡ କାଉନ୍ସିଲର ଅଜୟ ନାୟକ, ୯ନଂ. ୱାର୍ଡର ଇନ୍ଦ୍ରମା ମହାପାତ୍ର, ୩ନଂ.ୱାର୍ଡର ଲିଲି ସାମଲ, ୧୮ ନଂ. ୱାର୍ଡର ଜଗନ୍ନାଥ ରାଓ ଏବଂ ୧୯ ନଂ.ୱାର୍ଡର ରଶ୍ମିତା ପରିଡ଼ା ପ୍ରମୁଖ ଦେବାଶିଷଙ୍କ ସହ ଥିଲେ। ଏପରିକି ଏକଦା ଦାମଙ୍କ ସହ ଥିବା ଦୁଇ ଯୁବ ସଙ୍ଗଠକ ରାକେଶ ପଟ୍ଟନାୟକ ଓ ବାପୁ ପରିଡ଼ା ଏଠାରେ ଉପସ୍ଥିତ ଥିଲେ। କର୍ମୀମାନେ ଦେବାଶିଷଙ୍କୁ ଅଠରବାଙ୍କୀଠାରୁ ମଧୁବନ ପର୍ଯ୍ୟନ୍ତ ଏକ ବାଇକ ଶୋଭାଯାତ୍ରାରେ ପାଛୋଟି ନେଇଥିଲେ। ଏହାର ନେତୃତ୍ୱ ବାପୁ ଓ ରାକେଶ ନେଇଥିଲେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ପାରାଦୀପ ବିଜେଡିର ଅନ୍ୟତମ ଛାମୁଆ ନେତା ପୌରାଧକ୍ଷ ବସନ୍ତ ବିଶ୍ୱାଳ ଓ ନଗର ବିଜେଡି ସଭାପତି ସୁମନ୍ତ ବିଶ୍ୱାଳ ଏହି କାର୍ଯ୍ୟକ୍ରମଠାରୁ ଦୂରେଇ ରହିଥିଲେ। କ୍ରିକେଟ ଟୁର୍ନାମେଣ୍ଟ ସହ ପାରାଦୀପରେ ରବିବାର ଆଉ କେତେକ କ୍ରୀଡ଼ା ମଧ୍ୟ ହୋଇଥିଲା। ବିଜୁ ଯୁବ ବାହିନୀର ଆନ୍ତଃ ବିଦ୍ୟାଳୟ କ୍ରୀଡ଼ା ଓ ପାରାଦୀପ ଗଡ଼ରେ ହୋଇଥିବା କରାଟେ ପ୍ରଶିକ୍ଷଣ ଶିବିରରେ ବସନ୍ତ ଅତିଥି ଭାବେ ଯୋଗଦେଇଥିଲେ। ପାରାଦୀପ ନିର୍ବାଚନମଣ୍ଡଳୀର ନେତୃତ୍ୱ ଆଶାୟୀ ଦୁଇ ନେତା ଗୋଟିଏ ଦିନରେ ଭିନ୍ନ ଭିନ୍ନ କ୍ରୀଡ଼ା ମଞ୍ଚରେ ନିଜ ଉପସ୍ଥିତି ଜାହିର କରିବା ଆଲୋଚନାର ବିଷୟ ହୋଇଛି।

# ଟ୍ରେନ୍ ଧକ୍କାରେ ୪ ହରିଣ ମୃତ

**ରଘୁନାଥପୁର, ୩।୨ (ଡି.ଏନ.ଏ.):** ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଧଳତଙ୍ଗଡ଼ ସଂରକ୍ଷିତ ଜଙ୍ଗଲ ନିକଟସ୍ଥ ଗୋପାଳପୁର ରେଳ ଧାରଣାରେ ରବିବାର ରାତି ପ୍ରାୟ ୮ଟାରେ ଟ୍ରେନ୍ ଧକ୍କାରେ ୪ ହରିଣଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଜଙ୍ଗଲରୁ ହରିଣପଲ ରେଳ ଧାରଣାର ଅପରପାର୍ଶ୍ୱକୁ ଚରିବାକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ପାରାଦୀପରୁ କଟକ ଯାଉଥିବା ମାଲବାହୀ ଟ୍ରେନ୍ ଆଗରେ ହରିଣପଲ ଆସିଯାଇଥିଲେ। ଫଳରେ ସେଥିରୁ ୪ଟି ହରିଣ ଟ୍ରେନ୍ ଚକାତଳେ କଟି ଯାଇଥିଲେ। ରାତି ୧୦ଟାରେ ସ୍ଥାନୀୟ ଲୋକେ ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଖବର ଲେଖାହେବାବେଳକୁ ଘଟଣାସ୍ଥଳରେ ବନ କର୍ମଚାରୀ କି ଜିଆର୍‌ପି ପହଞ୍ଚି ନ ଥିବା ଜଣାପଡ଼ିଛି।

# ୧୯୯୮ ବ୍ୟାଚ୍‌ର ବନ୍ଧୁମିଳନ

**ପାରାଦୀପ,୩।୨(ସ୍ୱ.ପ୍ର.):** ପାରାଦୀପଗଡ଼ ସ୍ଥିତ ଶ୍ରୀମା ବିଦ୍ୟାପୀଠର ୧୯୯୮ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ସ୍ଥାନୀୟ ଅନାଥାଶ୍ରମରେ ଅନ୍ତେବାସୀଙ୍କୁ ଖାଦ୍ୟ ପ୍ରଦାନ କରାଯିବା ସହ ବୃକ୍ଷରୋପଣ, ସଫେଇ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି କରାଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ତତ୍କାଳୀନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିମନ୍ତ୍ରିତ କରାଯାଇ ସମ୍ମାନିତ କରାଯାଇଥିଲା। ରଶ୍ମିତା, ଅଭିମନ୍ୟୁ, ଲିଙ୍ଗରାଜ, ପ୍ରତାପ, ଦୀପ, ମୁନା, ବୁଦ୍ଧିଆ, ସଂଗ୍ରାମ ପ୍ରମୁଖଙ୍କ ଉଦ୍ୟମରେ କାର୍ଯ୍ୟକ୍ରମ ହୋଇଥିଲା।

# ବିଜୁ ଯୁବ ବାହିନୀର 'ଆସ ଖେଳିବା'

ପାରାଦୀପ,୩।୨(ସ୍ୱ.ପ୍ର.)

ପାରାଦୀପ ବିଜୁ ଯୁବ ବାହିନୀ ପକ୍ଷରୁ ରବିବାର ଦିନିକିଆ ଆନ୍ତଃ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା 'ଆସ ଖେଳିବା' ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଶିଶୁ ମନ୍ଦିର ପ୍ରଧାନ ଶିକ୍ଷକ ମନୋଜ ରଞ୍ଜନ ସେଠୀ, ରାଜେନ୍ଦ୍ର କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ବାହିନୀର କର୍ମକର୍ତ୍ତା ପରିଚାଳନା କରିଥିଲେ।






# ଛବୀନ୍ଦ୍ର ସ୍ମାରକୀ କ୍ରିକେଟ : ୟୁନାଇଟେଡ୍ ସ୍ପୋର୍ଟିଂ ଚାମ୍ପିୟନ



ଚାମ୍ପିୟନ ଦଳକୁ ବିଧାୟକ ଦେବାଶିଷ ସାମନ୍ତରାୟ ଟ୍ରଫି ପ୍ରଦାନ କରୁଛନ୍ତି।

ପାରାଦୀପ,୩।୨(ସ୍ୱ.ପ୍ର.)

ପାରାଦୀପର ମଧୁବନ ଏନ୍ଏସି ପଡ଼ିଆରେ ଚାଲିଥିବା ଛବୀନ୍ଦ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ବ୍ରହ୍ମପୁରର ୟୁନାଇଟେଡ୍ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ରାଇଜିଂ ଷ୍ଟୁଡେଣ୍ଟ କଟକ ଓ ୟୁନାଇଟେଡ୍ ସ୍ପୋର୍ଟିଂ ବ୍ରହ୍ମପୁର ମଧ୍ୟରେ ହୋଇଥିଲା। ରାଇଜିଂ ଷ୍ଟୁଡେଣ୍ଟ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୯ ଉଇକେଟ୍ ହରାଇ ୧୫୧ ରନ୍ କରିଥିଲା। ଜବାବରେ ୟୁନାଇଟେଡ୍ ସ୍ପୋର୍ଟିଂ ୨୧ ଓଭରରେ ୫ ଉଇକେଟ୍ ହରାଇ ୧୫୫ରନ୍ କରି ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ କଟକ ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଆଇ.ଏସ୍. ଗିରି ମ୍ୟାନ୍ ଅଫ୍ ଦି ସିରିଜ୍ ଓ ପ୍ରବୀଣ କୁମାର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ।

# କରାଟେ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



କରାଟେ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିଙ୍କ ସହ ପ୍ରଶିକ୍ଷାର୍ଥୀମାନେ ।

ପାରାଦୀପ,୩।୨(ସ୍ୱ.ପ୍ର.)

ପାରାଦୀପ ଗଡ଼ରେ ଗତ ସପ୍ତାହ ହେଲା ଚାଲିଥିବା କରାଟେ ପ୍ରଶିକ୍ଷଣ ଶିବିର ରବିବାର ଶେଷ ହୋଇଛି। ଏଥିରେ ୮୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କୃତୀ ଛାତ୍ରୀଛାତ୍ରଙ୍କୁ ବେଲ୍ଟ ମିଳିଥିଲା। ଅମରଜ୍ୟୋତି ରାଉତ ଓ ପ୍ରଶିକ୍ଷକ କାହ୍ନୁଚରଣ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା। ଉଦ୍‌ଯାପନ ଉତ୍ସବରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟଅତିଥି, ଗଡ଼ ସରପଞ୍ଚ ମିହିର ରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।




## ଉତ୍କଳଗୌରବ ମଧୁସୂଦନ ଦାସଙ୍କ

## ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ

DADLS-265

୦୪ ଫେବୃଆରୀ, ୨୦୧୯

**ସକାଳ ଘ.୧୦.୩୦ମି.**
ରାଜଭବନ ଛକସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଶ୍ରଦ୍ଧା ସୁମନ ଅର୍ପଣ ।

**ସମୟ: ପୂର୍ବାହ୍ଣ ଘ.୧୦.୪୦ମି.** **ସ୍ଥାନ : ବିଧାନସଭା ପ୍ରାଙ୍ଗଣ**

ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ବାଚସ୍ପତି, ମାନ୍ୟବର ଉପବାଚସ୍ପତି, ମାନ୍ୟବର ବିରୋଧୀ ଦଳ ନେତା, ମାନ୍ୟବର ମନ୍ତ୍ରିମଣ୍ଡଳର ବରେଣ୍ୟ ସଦସ୍ୟବୃନ୍ଦ, ମାନ୍ୟବର ସାଂସଦ ତଥା ବିଧାୟକଗଣ ଓ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।

**ସାଧାରଣ ସଭା**

**ସମୟ : ସଂଧ୍ୟା ୬ ଘଟିକା** **ସ୍ଥାନ : ଜୟଦେବ ଭବନ**

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ପ୍ରତାପ ଜେନା**, ମାନ୍ୟବର ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ ଏବଂ ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି – **ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର**, ମାନ୍ୟବର ବିଧାୟକ,
**ଶ୍ରୀମତୀ ଜ୍ୟୋତି ରେଖା ନାୟକ**, ଜିଲ୍ଲା ପରିଷଦ ଅଧ୍ୟକ୍ଷା, କଟକ

ମୁଖ୍ୟ ବକ୍ତା – **ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା**, ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ, ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର

କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସ୍ୱରବିତାନ ଅନୁଷ୍ଠାନର କଳାକାର କୃଷ୍ଣଚନ୍ଦ୍ର ରାୟ, ଡ. ଝୁମୁକି ରଥ, ଛନ୍ଦା ମିଶ୍ର, ବିବେକ ରାଉତ, ଶିବାନି ଦାସ, ବିଭୁ ପ୍ରସାଦ ନାୟକ ଓ ପୁଷ୍ପାଞ୍ଜଳି ମହାଳିକଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଉତ୍କଳ ସମ୍ମିଳନୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

**ଲକ୍ଷ୍ମୀଧର ମହାନ୍ତି**
ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0568/1819

"ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ,
ଟାଣେ କିରେ ଗାଡ଼ି ଦାନାର ତୋବଡା
ଘୋଡ଼ା ମୁହେଁ ବନ୍ଧା ଥିଲେ ?"

– ଉତ୍କଳଗୌରବ ମଧୁସୂଦନ ଦାସ


■ ବାଲିଘରର ୨୯ତମ ବାର୍ଷିକୋତ୍ସବ

# ସମାଜ ପରିବର୍ତ୍ତନ କରିପାରେ ଲେଖନୀ

ତିର୍ତ୍ତୋଲ, ୩।୨(ଡି.ଏନ.ଏ.)

ଶିଶୁ ସାହିତ୍ୟ ପତ୍ରିକା ବାଲିଘର ଓ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନର ୨୯ତମ ବାର୍ଷିକୋତ୍ସବ ରବିବାର ମୁଖ୍ୟ କାର୍ଯ୍ୟାଳୟ ତିର୍ତ୍ତୋଲ ବ୍ଲକ ମୁଣ୍ଡିଦା ଗ୍ରାମରେ ଅନୁଷ୍ଠିତ ହୋଇଛି। ଏହି ସାରସ୍ୱତ ମହାମିଳନ ଉତ୍ସବରେ ଡ.ଚନ୍ଦ୍ରକାନ୍ତ ପଣ୍ଡା ସଭାପତିତ୍ୱ କରିଥିଲେ। 'ସାହିତ୍ୟରେ ଗାଁ ମାଟିର ବାସ୍ନା' ଶୀର୍ଷକ ଆଲୋଚନାଚକ୍ରରେ ପାରାଦୀପ ବିଧାୟକ ଡା. ଦାମଦୋର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲେଖନୀ ସମାଜ ପରିବର୍ତ୍ତନ କରିପାରେ ବୋଲି କହିଥିଲେ। କବି, ଲେଖକମାନେ ସମାଜ ପରିବର୍ତ୍ତନ ଧର୍ମୀ ଲେଖା ପ୍ରତି ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ବାବାଜୀ ଚରଣ ପଟ୍ଟନାୟକ ମୁଖ୍ୟବକ୍ତା, ସାହିତ୍ୟିକ ପ୍ରଫେସର ନିତ୍ୟାନନ୍ଦ ସାହୁ, ଅଧ୍ୟାପକ ଉମାକାନ୍ତ ନାୟକ, ଉତ୍କଳ ସାହିତ୍ୟ ସମାଜ ଆବାହକ ସୁଧାକର ମନ୍ତ୍ରୀ, ଶଶୀଭୂଷଣ ସ୍ୱାଇଁ, ଅଜୟ କୁମାର ମହାନ୍ତି, ପ୍ରାବନ୍ଧିକ ରବିନ ଖଣ୍ଡାୟତ ରାୟ, ଇଂ ନିର୍ମଳ ଚନ୍ଦ୍ର ଦାସ, ଆଡଭୋକେଟ ସତ୍ୟ ଦାସ, ବର୍ଷିୟାନ ପାଲାଗାୟକ ଜଗନ୍ନାଥ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ ଓ କବି ଉମାକାନ୍ତ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ତଥା ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କୃତ ଲେଖକ ବୈଷ୍ଣବ ଚରଣ ମହାନ୍ତିଙ୍କୁ ବାଲିଘର ସାହିତ୍ୟ ସମ୍ମାନ–୨୦୧୯ ପ୍ରଦାନ କରାଯାଇଥିଲା। ସୁନାମଣୀ ରାଉତଙ୍କୁ ବାଲିଘର ଶିଶୁ ସାହିତ୍ୟିକ ସମ୍ମାନ, କବି ସଦାଶିବ ଦାଶଙ୍କୁ ବାଲିଘର କବିତା ସମ୍ମାନ, ଗାଳ୍ପିକ ରବି ସ୍ୱାଇଁଙ୍କୁ ବାଲିଘର ଗଳ୍ପ ସମ୍ମାନ, କାଦମ୍ବିନୀ ପତ୍ରିକାର ସମ୍ପାଦିକା ଇତି ସାମନ୍ତଙ୍କୁ ବାଲିଘର ସାରସ୍ୱତ ପ୍ରତିଭା ସମ୍ମାନ, ଛନ୍ଦା ମିଶ୍ରଙ୍କୁ ବାଲିଘର ପ୍ରବନ୍ଧ ସମ୍ମାନ, ଡା. ବିଜୟ କୁମାର ମିଶ୍ରଙ୍କୁ ବାଲିଘର ମାନବ ସେବା ସମ୍ମାନ, ମମତା ବିଶ୍ୱାଳଙ୍କୁ ବାଲିଘର ସମାଜସେବା ସମ୍ମାନ, ପ୍ରଦୀପ ଚୌଧୁରୀଙ୍କୁ ବାଲିଘର ସାମ୍ବାଦିକ ସମ୍ମାନ ପ୍ରଦାନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ପ୍ରତିଭାଧାରୀ ବ୍ୟକ୍ତି ବିଶେଷ ଓ ବର୍ଷିୟାନ ପାଲାଗାୟକ ଶେଖର ଜଗନ୍ନାଥ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବାଲିଘରର ବାର୍ଷିକ ସଂଖ୍ୟା ଓ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁଙ୍କ ଅନୁବାଦିତ ୭ଖଣ୍ଡ ପୁସ୍ତକକୁ ଅତିଥି ଉନ୍ମୋଚନ କରିଥିଲେ। ପୂର୍ବାହ୍ଣରେ ଅନୁଷ୍ଠିତ 'ମାତୃଭାଷା ସୁରକ୍ଷା ଆମର ଦାୟିତ୍ୱ'ଶୀର୍ଷକ ଆଲୋଚନାଚକ୍ରରେ ଔପନାସିକ ଭାଗୀରଥି ଦାସ, ଆଇନଜୀବୀ ବୈଷ୍ଣବ ଚରଣ ଦାସ, ଅନୁଷ୍ଠାନର ସ୍ଥାୟୀ ସଭାପତି ଅଜୟ କୁମାର ବେହେରା, ଉପସଭାପତି ପ୍ରାଧ୍ୟାପିକା ଡ. ବିଷ୍ଣୁପ୍ରିୟା ଦାସ, ଅଧ୍ୟାପକ ଶ୍ରୀଚରଣ ଦାସ, ସାରସ୍ୱତ ସାଧକ ଶିକ୍ଷାବିତ ମହେନ୍ଦ୍ର କୁମାର ଆଚାର୍ଯ୍ୟ, ଅନ୍ତେଇ ବିଜୁ ପଟ୍ଟନାୟକ କଲେଜର ଅଧ୍ୟକ୍ଷ ଜଗନ ମୋହନ ସାହୁ, ନାଟ୍ୟକାର କୈଳାସ ମଲ୍ଲିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶେଷରେ ଉପଦେଷ୍ଟା ହେମନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଚମକ ଚାନ୍ଦିନୀ ଦାଶ, ନିରୁପମା କର ଓ ପାରିମିତା ସାହୁଙ୍କ ସଂଯୋଜନାରେ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ।


ଉତ୍ସବରେ ବିଧାୟକ ଦାମୋଦର ରାଉତ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇଲେକ୍ଟ୍ରୋନିକ୍ସ ଇଣ୍ଟରଲକିଂ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

**ଟେଣ୍ଡର ନଂ.-** ୬୭୦-୩ଇଆଇ-ଏନ୍ଆର୍-କେନ୍ଦ୍ରି-ଏମ୍ଏନ୍‌ଡିଏଚ୍, ତାରିଖ- ୨୮।୦୧।୨୦୧୯
**କାର୍ଯ୍ୟ:** ଦକ୍ଷିଣ ପୂର୍ବ ମଧ୍ୟ ରେଳପଥର ରାୟପୁର ଡିଭିଜନରେ ନୂଆ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ନୟା ରାୟପୁର ଏବଂ କେନ୍ଦ୍ରି ଷ୍ଟେଶନର ନୂଆ ଇଲେକ୍ଟ୍ରୋନିକ୍ସ ଇଣ୍ଟରଲକିଂ (ଡିଷ୍ଟ୍ରିବ୍ୟୁଟେଡ୍ ଟାଇପ୍)ର ଇଞ୍ଜିନିୟରିଂ କ୍ଲିୟରାନ୍ସକୁ ସୁବିଧାଜନକ କରିବା ଏବଂ ସ୍ଥାପନ/ପରୀକ୍ଷଣ/କମିଶିଂ ପାଇଁ ୟାର୍ଡରେ ଏସ୍ ଆଣ୍ଡ ଟି କ୍ଲିୟରାନ୍ସ ଏବଂ ମନ୍ଦିର ହସୌଦ ଷ୍ଟେଶନଠାରେ ବିଦ୍ୟମାନ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ (ଡିଷ୍ଟ୍ରିବ୍ୟୁଟେଡ୍ ଟାଇପ୍) (ମେସର୍ସ ମେଧା ଗଠନ)ର ପରିବର୍ତ୍ତନ/ସଂଶୋଧନ।
**ଟେଣ୍ଡର ମୂଲ୍ୟ-** ଟ.୧୫,୨୨,୭୧,୩୫୫/– (ପନ୍ଦର କୋଟି ବାଇଶ ଲକ୍ଷ ଏକସ୍ତରି ହଜାର ତିନିଶହ ପଞ୍ଚାବନ ମାତ୍ର)।
**ଇଏମ୍‌ଡି-** ଟ.୯,୧୧,୩୬୦ (ନଅଲକ୍ଷ ଏଗାର ହଜାର ତିନିଶହ ଷାଠିଏ ମାତ୍ର)।
**ଟେଣ୍ଡର ସମାପ୍ତି:** ତା୦୬।୦୩।୨୦୧୯ରିଖ ଅପରାହ୍ଣ ୧୫.୩୦ ଘଟିକାରେ।
ଅଧିକ ବିବରଣୀ/ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଡେପୁଟି ସିଏସ୍‌ଟିଇ (ସିଓଏନ୍), ଏସ୍ଇସି ରେଳପଥ, ଶାହଡୋଲଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନ୍‌ଲୋଡ୍ କରନ୍ତୁ ।

**ଡେପୁଟି ଚିଫ୍ ସିଗ୍‌ନାଲ ଆଣ୍ଡ ଟେଲିକମ୍, ଇଂ./ସିଓଏନ୍/ଶାହଡୋଲ**

CPR/10/374

ସ୍ୱଚ୍ଛ ଭାରତ ଅଭିଯାନ



**ଆଲ୍ଲାହାବାଦ ବ୍ୟାଙ୍କ**

ମଣ୍ଡଳ କାର୍ଯ୍ୟାଳୟ : ୩/ ୧ବି, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫,
ଫୋନ୍ - (୦୬୭୪) ୨୩୬୨୩୪୨, ୨୩୬୦୪୩୩, ଫ୍ୟାକ୍ସ - ୨୩୬୨୮୩୬

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଛି । ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ,୨୦୦୨ ଧାରା ୧୩(୨) ଅନୁଯାୟୀ ନୋଟିସ ଜାରି ପରେ ନିମ୍ନଲିଖିତ ଆକାଉଣ୍ଟଗୁଡିକର ସମ୍ପତ୍ତିଗୁଡିକୁ ଦଖଲ କରିଛନ୍ତି । ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪)ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରିବାକୁ ଅଧୀକାର ପାଇଛନ୍ତି । ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବ୍‌ସାଇଟ https://allahabadbank.auctiontiger.net ରେ ପ୍ରଦତ୍ତ ପଦ୍ଧତି ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରାଯିବ ।

**ଇ-ନିଲାମ ତାରିଖ ଓ ସମୟ: ତା ୦୮.୦୩.୨୦୧୯ (ଶୁକ୍ରବାର) ପୂର୍ବାହ୍ଣ ୧୧.୦୦ଘଟିକାରୁ ଅପରାହ୍ଣ ୧.୦୦ ଘଟିକା**

**ପ୍ରସ୍ତାବ/ଇ - ନିଲାମ ପ୍ରକ୍ରିୟା ସମ୍ବନ୍ଧିୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା ୦୬.୦୩.୨୦୧୯ ରିଖ ଅପରାହ୍ଣ ୫.୦୦ ଘଟିକା**

| ଶାଖାର ନାମ / ଋଣଗ୍ରହୀତା/ ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ)ଡିମାଣ୍ଡ ନୋଟିସ୍ ତାରିଖ, (ଖ)ଦଖଲ ନୋଟିସ୍ ତାରିଖ,(ଗ)ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସମ୍ପତ୍ତିର ବିବରଣୀ | କ)ସଂରକ୍ଷିତ ମୂଲ୍ୟ ଖ)ଅମାନତ ରାଶି ଗ)ବର୍ଦ୍ଧିତ ବିଡ୍ ପରିମାଣ |
|---|---|---|---|
| **ଭୁବନେଶ୍ୱର ମୁଖ୍ୟ ଶାଖା** ଋଣଗ୍ରହୀତା: ମେସର୍ସ କଟକ ଡାଇବେଟିକ୍ ରିସର୍ଚ୍ଚ ଫାଉଣ୍ଡେସନ୍, ଜାମିନ୍‌ଦାର:(୧) ଡଃ ଆଲୋକ କାନୁନ୍‌ଗୋ (ମ୍ୟାନେଜିଂ ଟ୍ରଷ୍ଟି), ପିତା-ୱପଦମଶ୍ରୀ ବିନୋଦ, (୨) ଶ୍ରୀ ଆୟାଶ କାନ୍ତ କାନୁନ୍‌ଗୋ (ଟ୍ରଷ୍ଟି), ସମସ୍ତଙ୍କ ଠିକଣା: ୧୧୨୦, ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯ । | କ)୨୮.୦୮.୨୦୧୮ ଖ)୦୭.୧୨.୨୦୧୮ ଗ)୨୮.୦୮.୨୦୧୮ ସୁଦ୍ଧା ଟ.୨,୦୩,୮୬,୫୪୭.୦୫/- +୨୮.୦୮.୨୦୧୮ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ଡଃ ଆଲୋକ କାନୁନ୍‌ଗୋଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.-୫୧୯, ଡ୍ରଇଁ ନଂ.-ବି/୧୨୬୩, ପ୍ଲଟ ନଂ.-୧୧୨୦ (ଜିଏ ଡିପାର୍ଟମେଣ୍ଟ ପ୍ଲଟ ନଂ.-ଏ/୧), ଏରିଆ-୨.୦୦ ଏକର, ଜିଲ୍ଲା-ଖୋର୍ଦ୍ଧା, ମୌଜା-ଡୁମୁଡୁମା, ଏସ୍ଆରଓ-ଖଣ୍ଡଗିରି, ଥାନା ନଂ.-୦୪, ଭୁବନେଶ୍ୱର । ଚଉହଦି: ଉତ୍ତର-ପ୍ଲଟ ନଂ.୪୪୩(ଆଇ.ଆଇ.ଟି.ଟି.ଏମ୍), ଦକ୍ଷିଣ-ସରକାରୀ ପ୍ଲଟ ନଂ.୧୧୨୦(ପିଟି), ପୂର୍ବ-୧୦୦'-୦' ଚଉଡା ରାସ୍ତା, ପଶ୍ଚିମ- ପିଆରଓ-୬୦'-୦' ଚଉଡା ରାସ୍ତା । | କ) ଟ.୩୪,୭୧,୭୫,୦୦୦/- ଖ) ଟ.୩,୪୭,୧୭,୫୦୦/- ଗ) ଟ.୨୫,୦୦୦/- |
| **ଭୁବନେଶ୍ୱର ମୁଖ୍ୟ ଶାଖା** ଋଣଗ୍ରହୀତା :ମେସର୍ସ କାନୁନ୍‌ଗୋ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡାଇବେଟିସ୍ ସ୍ପେସିଆଲିଟିସ୍ ପ୍ରା.ଲିଃ, ଜାମିନ୍‌ଦାର: (୧) ଡଃ ଆଲୋକ କାନୁନ୍‌ଗୋ (ପରିଚାଳନା ନିର୍ଦ୍ଦେଶକ), ପିତା-ୱପଦମଶ୍ରୀ ବିନୋଦ, ଠିକଣା: ୧୧୨୦, ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯, (୨)ଶ୍ରୀମତୀ ମମତା ତ୍ରିପାଠୀ (ନିର୍ଦ୍ଦେଶକ), ଠିକଣା: ଫ୍ଲାଟ ନଂ.-୩୦୨, ଆକରକ୍ସ ରାଧାଗୋବିନ୍ଦ ଏନ୍‌କ୍ଲେଭ, ଏନ୍୪/୪୨, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫ । | କ)୨୮.୦୯.୨୦୧୮ ଖ)୦୭.୧୨.୨୦୧୮ ଗ)୨୮.୦୯.୨୦୧୮ ସୁଦ୍ଧା ଟ.୨,୪୨,୮୭,୮୩୮.୫୦/- +୨୮.୦୯.୨୦୧୮ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ଡଃ ଆଲୋକ କାନୁନ୍‌ଗୋଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.-୧-ସି/୨୩, ସେକ୍ଟର-୯, ସା/ପୋ-ମର୍କତ ନଗର, ଥାନା-ବିଡାନାସୀ, ଜିଲ୍ଲା-କଟକ, ଏରିଆ-୨୪୦୦ ବର୍ଗଫୁଟ । ଚଉହଦି: ଉତ୍ତର-୯ ମିଟର ଚଉଡା ରାସ୍ତା, ଦକ୍ଷିଣ-ପ୍ଲଟ ନଂ.-୧-ସି/୨୪, ପୂର୍ବ-ପ୍ଲଟ ନଂ.୧-ସି/୨୨, ପଶ୍ଚିମ-୧୨ ମିଟର ଚଉଡା ରାସ୍ତା । | କ) ଟ.୧,୩୯,୭୦,୦୦୦/- ଖ) ଟ.୧୩,୯୭,୦୦୦/- ଗ) ଟ.୨୫,୦୦୦/- |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**

୧) ଇ - ନିଲାମ ପ୍ଲାଟଫର୍ମ (https://allahabadbank.auctiontiger.net) ଆମର ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର), ପଞ୍ଜିକୃତ କାର୍ଯ୍ୟାଳୟ : ଅହମ୍ମଦାବାଦ, **ଯୋଗାଯୋଗ ନଂ. : ୦୭୯-୪୦୨୩୦୮୨୪/୮୨୩/୮୨୧ ଏବଂ ମୋବାଇଲ୍ ନଂ. ଶ୍ରୀ ରାମ ଶର୍ମା କିମ୍ବା ଶ୍ରୀ ରାକେଶ ନାୟକ -୦୮୦୦୦୦୨୩୨୯୭, ୦୯୯୩୭୨୨୦୩୧୯** ଦ୍ୱାରା ପ୍ରଦାନ କରାଯିବ । ଆବଶ୍ୟକମତେ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ EMD ଜମା କରିଥିଲେ ଏହି ସେବା ପ୍ରଦାନକାରୀ ମଧ୍ୟ ଇ - ନିଲାମ ତାଲିମ ଏବଂ ଡେମୋନଷ୍ଟ୍ରେସନ ପ୍ରଦାନ କରିପାରିବେ ।
୨) ଇ - ନିଲାମରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଅଂଶଗ୍ରହଣକାରୀମାନେ ସେବାପ୍ରଦାନକାରୀଙ୍କ ଉପରୋକ୍ତ ୱେବସାଇଟରୁ ବିନା ଶୁଳ୍କରେ ବିକ୍ରୟ ନୋଟିସ୍, ନିୟମ ଏବଂ ସର୍ତ୍ତାବଳୀ, ଇ - ନିଲାମ କାର୍ଯ୍ୟକାରୀ ପ୍ରକ୍ରିୟା ମାର୍ଗଦର୍ଶିକା ପୁସ୍ତିକା ଏବଂ ଇ - ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ ଫର୍ମ ଯାହାକି ଉପଦର୍ଶିତ ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର) ଅହମ୍ମଦାବାଦ, ଇଣ୍ଟରନେଟରୁ ଡାଉନଲୋଡ କରିପାରିବେ ।
**୩) ଇଛୁକ ନିଲାମଧାରୀମାନେ ଇ - ନିଲାମ ସେବା ପ୍ରଦାନକାରୀଙ୍କ ୱେବସାଇଟ https://allahabadbank.auctiontiger.net ଦ୍ୱାରା ଇ - ନିଲାମରେ ଅଂଶଗ୍ରହଣ କରିପାରିବେ । ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ତା ୦୬.୦୨.୨୦୧୯ ରିଖ ପରଠାରୁ www.tenders.gov.in and https://allahabadbank.auctiontiger.net ଦେଖନ୍ତୁ ।**
**ଦ୍ରଷ୍ଟବ୍ୟ: ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଜାମିନଦାର /ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ତାରିଖରେ ନିଲାମ ବିକ୍ରୟ ସମ୍ପନ୍ନ ହେବ ।**

ସ୍ଥାନ-ଭୁବନେଶ୍ୱର, ତାରିଖ- ୦୨.୦୨.୨୦୧୯ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

## ସଂକ୍ଷେପରେ

### ରାସ୍ତାରେ ଖାଲ ଯୋଗୁ ଧାନ ବୋଝେଇ ଟ୍ରକ ଓଲଟିଲା

**ରାଜନଗର, ୩।୨(ଡିଏନଏ):** ରାଜନଗର-ତାଳଚୁଆ ରାସ୍ତାର କୃଷ୍ଣନଗର ନିକଟରେ ଏକ ଧାନ ବୋଝେଇ ଟ୍ରକ ଓଲଟି ପଡିଛି। ରାସ୍ତାରେ ଖାଲ ଯୋଗୁ ଟ୍ରକଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସ୍ଥାନୀୟ ଲୋକେ ଟ୍ରକ ଭିତରେ ଥିବା ଡ୍ରାଇଭର ଓ ହେଲପରଙ୍କୁ ଉଦ୍ଧାର କରଛନ୍ତି। ଓଆର୦୧ଏମ ୮୧୪୫ ନମ୍ବର ଟ୍ରକରେ ୩ଶହ ବସ୍ତା ଧାନ ବୋଝେଇ ହୋଇ କଟକ ଯାଉଥିଲା। ସୂଚନାଯୋଗ୍ୟ ଯେ ,ନଳିତାପାଟିଆ ଠାରୁ ତାଳଚୁଆ ଯାଏଁ ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ୭ କୋଟି ଟଙ୍କା ବ୍ୟୟରେ ବର୍ଷେ ତଳେ ନିର୍ମାଣ ଶେଷ ହୋଇଛି। ତେବେ ନିର୍ମାଣର କିଛି ଦିନ ମଧରେ ରାସ୍ତାରେ ଆଣ୍ଠୁଏ ଲେଖାଏଁ ଖାଲ ସୃଷ୍ଟି ହୋଇଛି। ଏ ନେଇ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିବା ପରେ ବି କୌଣସି ସୁଫଳ ମିଳିନାହିଁ।

■ ମହାକାଳପଡା ହାଜତ ମୃତ୍ୟୁ ଘଟଣା

# ୫ ମାସ ପରେବି ଖୋଲୁନି ରହସ୍ୟ

**କେନ୍ଦ୍ରାପଡା ଅଫିସ, ୩।୨**

ମହାକାଳପଡା ହାଜତ ମୃତ୍ୟୁ ଘଟଣାକୁ ଇତିମଧ୍ୟରେ ୫ ମାସ ବିତିଛି । ଏବେବି ମାର୍ଶାଘାଇ ବ୍ଲକ ଅଧୀନ ବାଲଣା ଗ୍ରାମର ଅବିନାଶ ପାଇଟାଳ ଓରଫ ମୂଷାଙ୍କ ହତ୍ୟା ଘଟଣା ଅଦ୍ୟାବଧି ରହସ୍ୟାବୃତ ହୋଇରହିଛି। ଜାତୀୟ ମାନବାଧିକାର କମିଶନରେ ଏ ନେଇ ମାମଲା ରୁଜୁ ହୋଇଛି। ମାତ୍ର ଜିଲା ପ୍ରଶାସନ ଓ ପୋଲିସ ରିପୋର୍ଟ ପ୍ରଦାନରେ ବିଳମ୍ବ କରୁଥିବାରୁ ମାମଲା ଆଗେଇ ପାରୁନାହିଁ । ଏହି ଘଟଣାକୁ ନେଇ ପରିବାର ସଦସ୍ୟ ଓ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଦୀର୍ଘ ୩୮ ଦିନ ଧରି ଚାଲିଥିବା ଆନ୍ଦୋଳନ ବନ୍ଦ ହୋଇଯାଇଛି। ତେବେ ପରିବାର ସଦସ୍ୟଙ୍କୁ ୨ ଲକ୍ଷ ୧୦ ହଜାର ଟଙ୍କା କିଏ ଦେଲା, ସେନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅପରପକ୍ଷରେ ଏହି ଘଟଣାକୁ ନେଇ ତତ୍କାଳୀନ ଥାନା ଅଧିକାରୀ ଶ୍ୟାମଘନ ବେହେରାଙ୍କୁ ନିଲମ୍ବନ କରାଯାଇଛି। କିନ୍ତୁ କ୍ରାଇମ ବ୍ରାଞ୍ଚ ଅଥବା ଜିଲା ପୋଲିସ ପକ୍ଷରୁ ଅଦ୍ୟାବଧି ତାଙ୍କୁ ଗିରଫ କରାଯାଉନାହିଁ। ସୂଚନାଯୋଗ୍ୟ, ଏକ ମୋବାଇଲ ଚୋରିକୁ ନେଇ ମହାକାଳପଡା ପୋଲିସ ୨୦୧୮ ଅଗଷ୍ଟ ୨୫ରେ ମୂଷାଙ୍କୁ ସ୍ଥାନୀୟ କେନାଲ ବ୍ରିଜରୁ ଉଠାଇ ନେଇଥିଲା । ତେବେ ପରଦିନ ଥାନାଠାରୁ ୨୦୦ ମିଟର ଦୂରରେ ଥିବା ଅଜୟ ମଲ୍ଲିକଙ୍କ କୋଠାଘରୁ ମୂଷାଙ୍କ ଝୁଲନ୍ତା ମୃତଦେହ ଠାବ କରାଯାଇଥିଲା । ତତ୍କାଳୀନ ଥାନା ଅଧିକାରୀ ବେହେରାଙ୍କ ଅତ୍ୟଧିକ ମାଡ଼ ଯୋଗୁ ତାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ । ରାସ୍ତାରୋକୋ ହଟାଇବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ୨ଲକ୍ଷ ୧୦ ହଜାର ଟଙ୍କା ଦିଆଯିବା ସହ ଥାନା ଅଧିକାରୀ ବେହେରାଙ୍କ ନାମରେ ହତ୍ୟା ମାମଲା ରୁଜୁ ହୋଇଥିଲା। ଏହାପରେ ବେହେରାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ଏଥିସହ କ୍ରାଇମବ୍ରାଞ୍ଚକୁ ତଦନ୍ତ ଦାୟିତ୍ୱ ହସ୍ତାନ୍ତର ହୋଇଥିଲା । ଏ ସମ୍ପର୍କରେ ବୌଦ୍ଧ ଜିଲା ହରଭଙ୍ଗା ଗ୍ରାମର ସୂଚନା ଅଧିକାର କର୍ମୀ ସଚ୍ଚିନ୍ଦ୍ର କୁମାର ସାହୁ ଜାତୀୟ ମାନାବାଧିକାର କମିଶନରେ ଅଭିଯୋଗ କରିଥିଲେ । ମାମଲାର ଅଗ୍ରଗତି ସମ୍ପର୍କରେ ଏକ ତଥ୍ୟ ମାଗିବା ପରେ ସେ ଜାଣିବାକୁ ପାଇଛନ୍ତି ଯେ, ଏହି ମାମଲାରେ ଜିଲା ପୋଲିସ ଓ ପ୍ରଶାସନ ପକ୍ଷରୁ ରିପୋର୍ଟ ପ୍ରଦାନରେ ବିଳମ୍ବ କରାଯାଉଛି । ସେହିପରି ସୂଚନା ଅଧିକାର କର୍ମୀ ପ୍ରତାପ କୁମାର ମହାନ୍ତି ମୃତକଙ୍କ ପରିବାରକୁ ଦିଆଯାଇଥିବା ୨ଲକ୍ଷ ୧୦ ହଜାର ଟଙ୍କାର ଉତ୍ସ ସମ୍ପର୍କରେ ତଥ୍ୟ ମାଗିଥିଲେ। ମାତ୍ର ସମ୍ପୂର୍ଣ୍ଣ ବିବରଣୀ ଦିଆଯାଉ ନାହିଁ ବୋଲି ମହାନ୍ତି ଅଭିଯୋଗ କରିଛନ୍ତି। ଜିଲା ପୋଲିସ ଓ ପ୍ରଶାସନର ଏଭଳି ଦାୟିତ୍ୱହୀନ କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇବାକୁ ଦେଲି କୁକୁରକୁ**
**କୁକୁର ମୁତିଲା ଉପରକୁ ।**

ଯାହାକୁ ପାଳି ପୋଷି ମଣିଷ କରାଯାଇଥାଏ ତା'ପ୍ରତି ସ୍ୱତଃପ୍ରବୃତ୍ତ ମନରେ ଦରଦଭାବ ରହିବା ସ୍ୱାଭାବିକ ହୋଇଥାଏ। ଏପରିସ୍ଥଳେ ସାହାଯ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କ ପ୍ରତି ବେଇମାନି ପ୍ରଦର୍ଶନ କରିବା ଉଚିତ ହୋଇ ନ ଥାଏ। ପାଳିପୋଷି ମଣିଷ କରି ଗଢ଼ିତୋଳିଥିବା ବ୍ୟକ୍ତିଙ୍କ ପ୍ରତି କୃତଘ୍ନତା ପ୍ରକାଶ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖାଇ ଜାଣିଛି ଦୁଧସର**
**ଡେଇଁ ପଡୁଛି ଗଉଡ଼ଘର ।**

ଗାଈ ଥିଲେ କ୍ଷୀର ସରର ଅଭାବ ରହି ନ ଥାଏ । ସାଧାରଣତଃ ଗଉଡ଼ ଗାଈ ପାଳିଥାଏ, କ୍ଷୀର ପାଇବାକୁ ହେଲେ ଗଉଡ଼ ଘର ଯିବାକୁ ପଡ଼ିଥାଏ । ପରୋକ୍ଷରେ କିଛି ସୁବିଧାବାଦୀ ବ୍ୟକ୍ତି ନିଜେ କିଛି ନ କରି କେଉଁଠୁ ସୁବିଧାରେ ସବୁ ହାତେଇହେବ ସେ ଚିନ୍ତାରେ ରହିଥାନ୍ତି। ଯେଉଁଠି ସହଜରେ ମିଳିଯିବାର ସମ୍ଭାବନା ଥାଏ ସେଠାରେ ବଳେ ଆସି ହାଜର ହୋଇଯାଇଥାନ୍ତି। କିଛି ନ କରି ପାଇବାକୁ ଆଗଭର ହେଉଥିବା ବ୍ୟକ୍ତିର ମତିଗତିକୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ଜିଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସମ୍ମିଳନୀ

# ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିଛି ଆଇନସେବା



ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

**କେନ୍ଦ୍ରାପଡା ଅଫିସ, ୩।୨**

ସୁସ୍ଥ ସମାଜ ପାଇଁ ଆଇନର ସୁଫଳ ସବୁବର୍ଗଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ। ବିଜେଡି ସରକାର ଏହାକୁ ଗୁରୁତ୍ୱ ଦେଇଛି। ସାମ୍ପ୍ରତିକ ସମୟରେ ସାଧାରଣଲୋକଙ୍କ ପାଇଁ ଆଇନସେବା ଅପହଞ୍ଚ ନୁହେଁ ବୋଲି କେନ୍ଦ୍ରାପଡ଼ା ଜିଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସମ୍ମିଳନୀରେ ଅତିଥିମାନେ ମତ ଦେଇଛନ୍ତି। ସହରର ଟାଉନ ହଲ୍‌ଠାରେ ସାମ୍ମୁଖ୍ୟର ଜିଲା ସଭାପତି ଭୀମସେନ ଭୂୟାଁଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଆଇନମନ୍ତ୍ରୀ ପ୍ରତାପ ଜେନା, ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ, କେନ୍ଦ୍ରାପଡ଼ା ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡ଼ା, ଜିଲା ଓକିଲ ସଂଘ ସଭାପତି ଦେବଦାସ ମହାନ୍ତି, ଜିଲା ବିଜେଡି ସଭାପତି ଧ୍ରୁବ ଚରଣ ସାହୁ, ରାଜ୍ୟ ବିଜେଡି ସମ୍ପାଦକ ପ୍ରମୋଦ ସାହୁ, ସାମ୍ମୁଖ୍ୟ ରାଜ୍ୟ ଆବାହକ ମିଲନ କାନୁନ୍‌ଗୋ, ଉପଦେଷ୍ଟା ଅସିମ ଅମିତାଭ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ବିଜେଡି ସଂଗଠନକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେବା ସହ କେନ୍ଦ୍ରାପଡ଼ା ଜିଲାର ଉନ୍ନୟନ ସମ୍ପର୍କରେ ଆଲୋକପାତ କରିଥିଲେ। ଆଇନମନ୍ତ୍ରୀ ଜେନା ରାଜ୍ୟରେ ଆଇନ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ପାଇଁ ପ୍ରସ୍ତାବ ରହିଥିବା ସୂଚନା ଦେଇଥିଲେ। ଏହି ଅବସରରେ ଜିଲାର ୪ ବରିଷ୍ଠ ଆଇନଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇନଜୀବୀ ସଞ୍ଜୟ କୁମାର ଜେନା, ଗୋବର୍ଦ୍ଧନ ରାଉତ, ଗଗନବିହାରୀ ଜେନା, ଅଞ୍ଜନା ମହାନ୍ତି, ରେଣୁବାଳା ସାମଲ, ଲଳିତେନ୍ଦୁ ପଣ୍ଡା ପ୍ରମୁଖ ସମ୍ମିଳନୀ ପରିଚାଳନା କରିଥିଲେ।

## ବ୍ୟାନରରେ ନ ଥିଲା ଅତନୁଙ୍କ ଫଟୋ

**କେନ୍ଦ୍ରାପଡ଼ା ଅଫିସ୍, ୩।୨**

ଜିଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ପକ୍ଷରୁ ରବିବାର ଅନୁଷ୍ଠିତ ଆଇନଜୀବୀ ସାମ୍ମୁଖ୍ୟ ସମ୍ମିଳନୀରେ ଯୋଗ ଦେବା ପାଇଁ ଜିଲାର ୩ ବିଜେଡି ବିଧାୟକଙ୍କୁ ନିମନ୍ତ୍ରଣ ଥିଲା। ତେବେ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଏଥିରେ ଯୋଗ ଦେଇନାହାନ୍ତି। ନିକଟରେ ଅତନୁଙ୍କୁ ସିବିଆଇ ନୋଟିସ୍ ପରେ ତାଙ୍କ ରାଜନୈତିକସ୍ଥିତି ନେଇ ଆଲୋଚନା ଜୋର ଧରିଛି। ତେବେ ସମ୍ମିଳନୀରେ ଯୋଗ ଦେବା ପାଇଁ ତାଙ୍କୁ ଡକାଯାଇଥିବା ବେଳେ ସହରର ତିନିମୁହାଣିରେ ଲାଗିଥିବା ବ୍ୟାନରରେ ତାଙ୍କର ଫଟୋ ନଥିବା ଆଲୋଚନାର ବିଷୟ ହୋଇଛି। କୃଷକ ବିକାଶ ସମିତି ଲିଃର ଏହି ବ୍ୟାନରରେ ଜିଲାର ସମସ୍ତ ବିଜେଡି ନେତାଙ୍କ ଫଟୋ ସ୍ଥାନିତ ହୋଇଥିବା ବେଳେ ଅତନୁଙ୍କ ଫଟୋ ନ ଥିଲା। ଏ ସମ୍ପର୍କରେ ସମିତି ସଭାପତି ପ୍ରମୋଦ ସାହୁ କୁହନ୍ତି, ଅତନୁ ସମ୍ମିଳନୀରେ ଯୋଗ ଦେଉ ନ ଥିବା ଜଣା ପଡିବା ପରେ ଏହି ବ୍ୟାନର ପ୍ରସ୍ତୁତ ହୋଇଛି। ସୂଚନାଯୋଗ୍ୟ ଯେ, ସମ୍ମିଳନୀକୁ ଆସି ନଥିବା ସାଂସଦ ପ୍ରତାପ ଦେବଙ୍କ ଫଟୋ ବ୍ୟାନରରେ ସ୍ଥାନିତ ହୋଇଛି। ସମ୍ମିଳନୀକୁ ଆସିବା ସମୟରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଆୟୋଜିତ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ପ୍ରଦୀପ କୁମାର ସାହୁ, ଜିଲା ଯୁବ ବିଜେଡି ସଭାପତି ରାଜେଶ କୁମାର ପଣ୍ଡା, ସଂଖ୍ୟାଲଘୁ ସେଲ୍ ରାଜ୍ୟ ସମ୍ପାଦକ ସେକ୍ ଅବଦୁଲ୍ଲା, ରଞ୍ଜନ କୁମାର ସାହୁ, ଅକ୍ଷୟ କୁମାର ମେକାପ ପ୍ରମୁଖ ପରିଚାଳନା କରିଥିଲେ।

### ଅଟକିଲା ଆମ୍ବୁଲାନ୍ସ

ସମ୍ମିଳନୀ ପାଇଁ ଆଇନଜୀବୀ ସାମୁଖ୍ୟ ପକ୍ଷରୁ ସହରର ତିନିମୁହାଣିଠାରୁ ଟାଉନ ହଲ ପର୍ଯ୍ୟନ୍ତ ଏକ ବାଇକ ରାଲି ହୋଇଥିଲା। ଏହି ଅବସରରେ ଜିଲା ବିସିଜେଡି ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମନ୍ତ୍ରୀ ଜେନା ଯୋଗ ଦେଇଥିବାରୁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖ ରାସ୍ତାରେ ପ୍ରବଳ ଭିଡ଼ ଜମିଥିଲା। ଏହି ଅବସରରେ ଏକ ଆମ୍ବୁଲାନ୍ସ ଭିଡ ମଧ୍ୟରେ ଫସି ଯାଇ ଆଗକୁ ଯାଇ ପାରି ନଥିଲା। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା।

## କେନାଲରେ ପାଣି ପାଇଁ ଭାଜପାର ପ୍ରତିବାଦ ସଭା

**କେନ୍ଦ୍ରାପଡ଼ା ଅଫିସ, ୩।୨**

କ୍ଷେତକୁ ଜଳସେଚନ ପାଇଁ ପାଣି ନାହିଁ। ବିଭିନ୍ନ ସ୍ଥାନରେ ଫେବୃୟାରୀ ଆରମ୍ଭରୁ ପାନୀୟ ଜଳ ସମସ୍ୟା ଦେଖାଦେଲାଣି। ଏଥିପ୍ରତି ରାଜ୍ୟ ସରକାର ଧ୍ୟାନ ଦେଉନାହାନ୍ତି। ଏପରି ଘଟଣା ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ସୃଷ୍ଟି କରିଥିବା ବେଳେ କେନ୍ଦ୍ରାପଡ଼ା ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କ କାର୍ଯ୍ୟକୁ ବିରୋଧ କରାଯିବା ସହ ଇତିମଧ୍ୟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ବ୍ଲକ ପୁରୁଷୋତ୍ତମପୁର ଗ୍ରାମର ବାବା ଅରକ୍ଷିତ ଦାସ ମଠ ପରିସରରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ନେତ୍ରୀ ଉର୍ମିଳା ସେଠୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ବରିଷ୍ଠ କାର୍ଯ୍ୟକର୍ତ୍ତା ବିକ୍ରମ କେଶରୀ ରାଉତରାୟ, ଅଶ୍ୱିନୀ ମହାନ୍ତି, ପଦାରବିନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଜଳ ପରିଚାଳନା ନୀତିକୁ ସମାଲୋଚନା କରିଥିଲେ। ଏହି ଅବସରରେ ପ୍ରତିବାଦ ସ୍ୱରୂପ ନିକଟସ୍ଥ କୂଅରୁ ପାଣି ଆଣି କେନାଲରେ ଢ଼ାଳିଥିଲେ। ଏଥିରେ ବହୁ ସଂଖ୍ୟକ ଭାଜପା କର୍ମୀ ଯୋଗ ଦେଇଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

## ଅଗ୍ନିକାଣ୍ଡରେ ୩ ଭାଇଙ୍କ ୬ ବଖରା ଭସ୍ମ

**ମହାକାଳପଡା, ୩।୨ (ଡି.ଏନ.ଏ.)**



ଅଗ୍ନିକାଣ୍ଡରେ ପୋଡିଯାଇଥିବା ଘର।

ମହାକାଳପଡ଼ା ବ୍ଲକ ଅଧୀନ ଜଅଁରା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ଭାଇଙ୍କର ୬ ବଖରା ଜଳିଯାଇଛି। ଏଥିସହ ଅଗ୍ନିକାଣ୍ଡରେ ଜଣେ ବୃଦ୍ଧ ଆହତ ହୋଇଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବା ବେଳେ ଗ୍ୟାସ୍ କିମ୍ବା ଶର୍ଟ ସର୍କିଟରୁ ନିଆଁ ଲାଗି ଯାଇଥିବା କୁହାଯାଉଛି। ପ୍ରକାଶ ଯେ, ଗ୍ରାମର ବୈଷ୍ଣବ ବେହେରା(୭୦)ଙ୍କ ୩ ପୁଅ ଅଭୟ, ସଞ୍ଜୟ ଓ ବିଜୟଙ୍କ ଘରେ ନିଆଁ ଲାଗି ୬ ବଖରା ଜଳିଯାଇଥିଲା। ନିଆଁ ଲାଗିଥିବା ବେଳେ ବୈଷ୍ଣବ ଘର ଭିତରେ ଥିବା ଯୋଗୁ ସେ ସାମାନ୍ୟ ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଅଣାଯାଇଛି। ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର ଜଳି ଯାଇଥିବା ବେଳେ ବର୍ଷକର ଖାଦ୍ୟ ସାମଗ୍ରୀ, ନଗଦ ୪୦ ହଜାର ଟଙ୍କା, ସୁନା, ରୂପା ଅଳଙ୍କାର ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦଲିଲ ନଷ୍ଟ ହୋଇଯାଇଛି। ଖବରପାଇ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ ମାତ୍ର ସେତେବେଳକୁ ସବୁ ଜଳି ସାରିଥିଲା। ନିଆଁ ଲାଗିଥିବା ୬ ଘର ମଧ୍ୟରେ ୫ଟି ଗ୍ୟାସ ଥିବାରୁ ନିଆଁ ଲିଭାଇବା କଷ୍ଟକର ହୋଇଥିଲା। ସ୍ଥାନୀୟ ସରପଞ୍ଚ ଅନୁପମା ଖଟାଇ, ସମିତିସଭ୍ୟ ଶାରଦା ପ୍ରସାଦ ଚୌଧୁରୀ, ସାମାଜିକ କର୍ମୀ ଭାଗୀରଥି ମଲ୍ଲ ଓ ପଞ୍ଚାୟତସ୍ତରୀୟ ବିଜୁ ଯୁବ ବାହିନୀ ସଦସ୍ୟ ବିମଳା ଦାସ, ସୌମ୍ୟରଞ୍ଜନ ଖୁଣ୍ଟିଆ, ଦୀପକ ପରିଡା ପ୍ରମୁଖ ବିପନ୍ନ ପରିବାରକୁ ଭେଟି ଶୁଖିଲା ଖାଦ୍ୟ, ଚାଉଳ ବଣ୍ଟନ କରିଛନ୍ତି।

■ ନଳିନୀକାନ୍ତ ମହାନ୍ତି ମେମୋରିଆଲ କ୍ରିକେଟ

## କେନ୍ଦ୍ରାପଡାକୁ ହରାଇ ସିଂହପୁର ବିଜୟୀ

**ରାଜନଗର, ୩।୨**

ରାଜନଗର ବ୍ଲକ ଫିରିକିଦାଣ୍ଡିସ୍ଥିତ ଖେଳପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ନଳିନୀକାନ୍ତ ମହାନ୍ତି ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ୩ୟ କ୍ୱାର୍ଟରରେ କେନ୍ଦ୍ରାପଡାର ବାଲାବାବା କ୍ରିକେଟ ଟିମକୁ ୩୯ ରନରେ ହରାଇ ସିଂହପୁରର ଶ୍ରାବଣୀ ଇଲେଭେନ ଷ୍ଟାର ତୃତୀୟଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଟସ ଜିତି ଶ୍ରାବଣୀ ଇଲେଭେନ ଷ୍ଟାର ୨୨ ଓଭରରେ ୧୭୩ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ତରଫରୁ ଦିବାକର କର ୩୬ ରନ ଓ ସୂର୍ଯ୍ୟକାନ୍ତ ମହାପାତ୍ର ୨୩ ରନ କରିଥିଲେ। କେନ୍ଦ୍ରାପଡାର ଜୀବନ ମହାନ୍ତି ଓ ହିମାଂଶୁ ୩ଟି ଲେଖାଏଁ ଉଇକେଟ ନେଇଥିଲେ। ୧୭୪ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା କେନ୍ଦ୍ରାପଡା ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୪ ରନ କରିବାକୁ ସମର୍ଥ ହୋଇଥିଲା। ଦଳର ରୋହିତ ଗାହାଣ ୪୩ ରନ କରିଥିଲେ। ସିଂହପୁରର ଦିବାକର ୩ଟି ଓ ରୁଦ୍ର ପ୍ରସାଦ ୨ଟି ଉଇକେଟ ନେଇଥିଲେ। ଦିବାକର କରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ସୋମବାର ରେଡ କ୍ରିକେଟ ଷ୍ଟାର ଭୁବନେଶ୍ୱର ଓ ଯାଜପୁରର ଇଲେଭେନ ଷ୍ଟାର ମଧ୍ୟରେ ମୁକାବିଲା ହେବ। ଅଧ୍ୟାପକ ଅଭିମନ୍ୟୁ ରାଉତ ଓ ବରିଷ୍ଠ ବିଜେଡି ନେତା ମାଧବାନନ୍ଦ ରାଉତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।


# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

**ମୁଦ୍ରିକା ଫାଇନାନ୍ସ ଲୋନ**
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550
7618439473
ବାଲେଶ୍ୱର - 7055500110
- 7351444489
କଟକ - 7618439473
ଯାଜପୁର - 7088008550
- 8447055760
ସୁନ୍ଦରଗଡ଼ - 7351004140
- 7055111132
3rd Floor, D.N. Enclave, Meerut, U.P.

**GET INSTANT CASH AGAINST GOLD**
GOLD CASH™
An ISO Certified Company 9001:2015
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

**BISWAJIT FINANCE**
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

**CO-OPERATIVE INADIA**
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ। ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

**ଡିଜିଟାଲ ଉପକରଣ -କମ୍ପାନୀ- SMS JOB**
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 45000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
7250664722, 7718760748
Bukaro malepur, jamui Bihar-811313

**S.R. Network**
କମ୍ପାନୀ ଦ୍ୱାରା ଜମି, ଛାତ, ଚାଷଜମି, ଫ୍ଲାଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 65 ଲକ୍ଷ, ଭଡ଼ା 42,000/-, ବାଇକ୍ ମାଗଣା। ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।
ମୋବାଇଲ ନଂ.:
9179208056
8750476936
HNO.31, BLOCK NO.2, VILL. BHUNA, TEHSIL/DISTT.-FATEHABAD

**FINANCE**
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

**!!ଋଣ ଋଣ ଋଣ!! ସାଇ ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

**BIKASA FINANCE**
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

**T.F. FINANCE**
(Govt. Registered)
ବିନା ଗ୍ୟାରେଣ୍ଟର, ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ, ଗୃହ ଋଣ, ସମସ୍ତ ଋଣ ୬ ଘଣ୍ଟାରେ, 0% ସୁଧ, 50% ରିହାତି।
09457625967
D-244, Tejendranagar, Zundal, Zundal-382421, Tal./Dist.- Gandhinagar

**ଡିଜିଟାଲ ଉପକରଣ -କମ୍ପାନୀ- SMS JOB**
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
9065013355, 9162431749
Bukaro malepur, jamui Bihar-811313

**ଋଣ**
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ସରକାରୀ ମୁଦ୍ରା ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ସନ୍ତୁଷ୍ଟ ଗ୍ରାହକ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରୀକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ଟଙ୍କା ନେଉନୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
8126568293
8126592819
SCO-106, Second Floor, Vishal Tower, Connaught Place, Delhi.

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଲୋନ୍ LOAN**
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍। ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

**ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ**
**ଜନତା ଫାଇନାନ୍ସ**
(Govt. Regd) Regd No.- U659001077
ଆପଣ ସମସ୍ତଙ୍କ ପାଇଁ ଆଣିଛନ୍ତି ସୁବର୍ଣ୍ଣ ସୁଯୋଗ। କମ୍ ସୁଧରେ ଋଣ ସୁବିଧା। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର ଏବଂ ମହିଳା ଗ୍ରୁପ୍ ଋଣ ମଧ ଉପଲବ୍ଧ। 2% ସୁଧ 45% ସରକାରୀ ସବ୍‌ସିଡି
Helpline Numbers
9915535422
7626900260
Address
C-281, Pratap Gali, Nanakchand Road, South Delhi - 110003

**BALAJI FINANCE LTD.**
(SINCE 1986)
GOLD MEDALIST
ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ବ୍ୟବସାୟ, ଶିକ୍ଷା, ଗୃହ ଋଣ ଆଦି ସବୁ ପ୍ରକାର ଋଣର ସୁବିଧା ନିଅନ୍ତୁ।
28 ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଯୋଗାଯୋଗ କରନ୍ତୁ
9458728306
9458728290
LIG36, HARIPURA, Haripura Ward, ITARSI Tehsil, ITARSI, Distt.- Hoshangabad (M.P.)-461115

**ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ**
**Janata Finance**
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128
7508116267
T-51, Gali No.8, Gautampuri, Delhi-110053

# ଅଧାରେ ରହିଲା ମସ୍ୟଚାଷ ପ୍ରକଳ୍ପ

**ମୃତ ଅଳକା, ବାଲିଆ ଓ କାଠଯୋଡିରେ ମାଛଚାଷ ଯୋଜନା**

- ଟେକ୍‌ନୋ ଇକୋନୋମିକ ଫିଜିବିଲିଟି ଷ୍ଟଡି ପ୍ରହସନ
- ବର୍ଷେ ବିତିଲା, ଆଗେଇପାରୁନି କାମ

**ଜଗତ୍‌ସିଂହପୁର ଅଫିସ, ୩।୨**

ଏକଦା ସୁନାବ୍ୟା ଓ ସୁଗଭୀର ଥିବା ଅଳକା ନଦୀ ଏବେ ସ୍ଥିତି ହରାଇବସିଛି। ମୃତପ୍ରାୟ ଏହି ନଦୀ ଉପରେ ଜମି ମାଫିଆଙ୍କ ଲୋଲୁପଦୃଷ୍ଟି ଆଜି ଏହାର ସ୍ୱରୂପ ବଦଳାଇ ଦେଇଛି। ଅସାଧୁ ରାଜସ୍ୱ କର୍ମଚାରୀଙ୍କ ସହଯୋଗରେ ଅନେକ ଏହି ଜମିକୁ ନିଜ ନାଁରେ କରିସାରିଲେଣି। ସେହିପରି ବାଲିଆ ଓ କାଠଯୋଡି ନଦୀର କିଛି ଅଂଶ ମୃତପ୍ରାୟ ରହିଛି। ଉକ୍ତ ନଦୀଗୁଡିକର ଶହଶ୍ରାଧିକ ହେକ୍ଟର ଜମି ଜବରଦଖଲକାରୀଙ୍କ କବଜାରେ। ତଥାପି ଯାହା ଅଛି, ସେଗୁଡିକ କିପରି ବିନିଯୋଗ ହୋଇପାରିବ ସେନେଇ ବର୍ଷେ ପୂର୍ବେ ଯୋଜନା ପ୍ରସ୍ତୁତ ହୋଇଥିଲା। କେନ୍ଦ୍ରୀୟ ଅନ୍ତର୍ଦେଶୀୟ ମସ୍ୟ ଗବେଷଣା ସଂସ୍ଥା (ସିଆଇଏଫ୍‌ଆର୍‌ଆଇ) ପକ୍ଷରୁ ଏକ ଟିମ୍ ୪ ଦିନିଆ ଜଗତ୍‌ସିଂହପୁର ଗସ୍ତ କରି କ୍ଷେତ୍ର ପରିଦର୍ଶନ କରିଥିଲେ। ଅନୁଧ୍ୟାନ ସମୟରେ ସେମାନେ ସକରାତ୍ମକ ମତ ଦେଇଥିଲେ। କହିଥିଲେ ଯୋଜନା କାର୍ଯ୍ୟକାରୀ ହେଲେ ଜିଲାର ପାଖାପାଖି ୧୫୦ ହେକ୍ଟର ନଦୀଶଯ୍ୟାରେ ମାଛ ଚାଷ ସମ୍ଭବ ହେବ। ଏଥିରୁ ବାର୍ଷିକ ୬୦୦ ଟନ୍ ମାଛ ଉତ୍ପାଦନ ହୋଇପାରିବ, ଯାହାର ଆନୁମାନିକ ମୂଲ୍ୟ ୭ କୋଟିରୁ ଅଧିକ ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ସିଆଇଏଫ୍‌ଆର୍‌ଆଇ ସର୍ଭେକ୍ଷଣ କାମ ଇତିମଧ୍ୟରେ ୧ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ସୁଦ୍ଧା ଯୋଜନା ଯୋଜନାରେ ରହିଯାଇଛି। ସେତେବେଳେ ଲୋକଙ୍କ ମନରେ ଯେଉଁ ଖୁସି ପରିଲକ୍ଷିତ ହୋଇଥିଲା ତାହା ଏବେ ମଉଳିବାରେ ଲାଗିଛି।

୨୦୧୬-୧୭ରେ ଜିଲା ମସ୍ୟ ବିଭାଗ ପକ୍ଷରୁ ଏ ସମ୍ପର୍କରେ ଡିପିଆର୍ (ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତ କରାଯାଇଥିଲା। ମସ୍ୟ ଯାନ୍ତ୍ରିକ ଖଣ୍ଡ ନିର୍ବାହୀ ଯନ୍ତ୍ରୀ ଓ ଜିଲା ମସ୍ୟ ଅଧିକାରୀ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରି କେଉଁଠି ମସ୍ୟ ଚାଷ କରିବା ସମ୍ଭବ ସେ ସ୍ଥାନ ଚିହ୍ନଟ କରିଥିଲେ। ପରେ ରାଜ୍ୟ ସରକାରଙ୍କ ପାଖକୁ ଡିପିଆର୍ ପଠାଯାଇଥିଲା। ଏଥିରେ ଦର୍ଶାଯାଇଥିଲା, ରଘୁନାଥପୁର ବ୍ଲକ ଅନ୍ତର୍ଗତ ସାଦେଇପୁରରୁ ରେଢୁଆ ପର୍ଯ୍ୟନ୍ତ ପାଖାପାଖି ୫ କିଲୋମିଟର ଲମ୍ବ କାଠଯୋଡି ନଦୀର ମୃତ ଅଂଶରେ ମାଛ ଚାଷ କରାଯାଇପାରିବ। ଏହାଭିତରେ ଥିବା ଅନ୍ୟ ୨ଟି ଗାଁ ତିହୁଡ଼ା ଓ ଗୋପାଳପୁରବାସୀ ମଧ୍ୟ ଉପକୃତ ହୋଇପାରିବେ। ନଦୀର ମୃତ ଅଂଶର ଓସାର ପାଖାପାଖି ୩୦୦ ମିଟର। ଏହା କାଦୁଆ ଓ ଦଳପୂର୍ଣ୍ଣ। କିନ୍ତୁ ପାର୍ଶ୍ୱରେ ବିଦ୍ୟୁତ୍ ଓ ପିଚୁ ରାସ୍ତା ଅଛି। ପ୍ରାଥମିକ ପର୍ଯ୍ୟାୟରେ ୭୫ ହେକ୍ଟର ଉନ୍ନତିକରଣ କରାଯିବା ଆବଶ୍ୟକ। ସେହିପରି କୁଜଙ୍ଗ ବ୍ଲକ ଦେଇ ଯାଇଥିବା ବାଲିଆ ନଦୀର ମୃତ ଅଂଶ ମାଛ ଚାଷ ପାଇଁ ଅନୁକୂଳ। କିନ୍ତୁ ପ୍ରାଥମିକ ପର୍ଯ୍ୟାୟରେ ୫୦ ହେକ୍ଟର ନଦୀ ଗର୍ଭ (୫ କିଲୋମିଟର ଦୈର୍ଘ୍ୟ ଓ ୨୦୦ ମିଟର ପ୍ରସ୍ଥ) ଉନ୍ନତିକରଣ ଆବଶ୍ୟକ। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବଡ଼ଙ୍ଗ, ବାଲିଆ, ପାରିଅଙ୍ଗା ଓ ପାଟପୁର ଗ୍ରାମବାସୀ ଉପକୃତ ହୋଇପାରିବେ। ଏହି ନଦୀ ଶଯ୍ୟା ମଧ୍ୟ ପଙ୍କୁଆ ଓ ଦଳପୂର୍ଣ୍ଣ। ପାର୍ଶ୍ୱରେ ପିଚୁ ରାସ୍ତା ଯାଇଛି। ମୃତ ଅଳକା ନଦୀର ବିରିଡ଼ି, ଜଗତ୍‌ସିଂହପୁର ଓ ନାଉଗାଁ ବ୍ଲକ ଅଞ୍ଚଳରେ ସର୍ଭେକ୍ଷଣ କରାଯାଇଥିଲା। ଏଥିରୁ ଜଣାଯାଇଥିଲା, ବିରିଡ଼ି ବ୍ଲକ ଅନ୍ତର୍ଗତ ପୁରଣ ବସୁନ୍ଧରା ନିକଟରେ ପାଖାପାଖି ୩ ହେକ୍ଟର ନଦୀ ଶଯ୍ୟାରେ ପୋଖରୀ କରାଯାଇପାରେ। ଏହା ହେଲେ ବାଲିଆ, କସ୍‌ପା, ଦଣ୍ଡିଲୋ ଓ ସଢେଇ ଗ୍ରାମବାସୀ ଉପକୃତ ହୋଇପାରିବେ। ସେହିପରି ବାଲିକୁଦା ବ୍ଲକ ଇଛାପୁରରୁ ମଝିକୋରା ଭିତରେ ୨୫ ହେକ୍ଟର ଜମିରେ ମାଛ ଚାଷ ପାଇଁ ପୋଖରୀ କରାଯାଇପାରିବ। ଏହାଦ୍ୱାରା ଈଶ୍ୱରପୁର, ନାର୍ଦ୍ଦିଆ, ମଝିକୋରା ଓଡିରା ଗ୍ରାମବାସୀ ଉପକୃତ ହେବେ। ନାଉଗାଁ ବ୍ଲକର ବନାରଡି, କାଳିଆଗାଁ, ନୂଆଗାଁ, ଅରଖପାରି ଓ ମଧୁପୁର ଆଦି ଗାଁ ପାଖରେ ମୃତ ଅଳକାରେ ପରବର୍ତ୍ତୀ ସମୟରେ ପ୍ରକଳ୍ପ କରାଯିବ। କାରଣ ବର୍ଷାଦିନେ ନଦୀରେ ଜଳପୂର୍ଣ୍ଣ ହୋଇଯାଉଛି। ସେହିପରି ଜଗତ୍‌ସିଂହପୁର ବ୍ଲକର ରମ୍ଭାଦେଇପୁର, କେନ୍ଦାଳ ଓ ଜୋତ ପାର୍ଶ୍ୱ ଅଳକାରେ ଭବିଷ୍ୟତରେ ମସ୍ୟଚାଷ ପାଇଁ ଯୋଜନା କରାଯିବ। ମୃତ ନଦୀ ଶଯ୍ୟାରେ କରାଯିବାକୁ ଥିବା ପୋଖରୀଗୁଡିକ ବିଶେଷକରି ୮୦ ଡେସିମିଲରୁ ୧ ଏକର ଭିତରେ (ପ୍ରତି ପୋଖରୀ) ହେବ। କିନ୍ତୁ ଯେଉଁଠି ନଦୀ ଓସାର ଅଧିକ ସେ କ୍ଷେତ୍ରରେ ବଡ଼ପୋଖରୀ କରାଯାଇପାରେ। ଏଗୁଡିକର ନିଲାମ କେବଳ ସ୍ୱୟଂ ସହାୟକ ଗୋଷ୍ଠୀ, ପିଏସ୍‌ସିଏସ୍ (ପ୍ରାଇମେରୀ ଫିସରିଜ୍ କୋ-ଅପରେଟିଭ୍ ସୋସାଇଟି), ବଡ଼ ଚାଷୀ ବା ଉଦ୍ୟୋଗୀ ନେଇପାରିବେ। ଡିପିଆର୍ ପାଇଲା ପରେ ରାଜ୍ୟ ସରକାର ଏ ସମ୍ପର୍କରେ ଅଧିକ ଅନୁଧ୍ୟାନ କରିବା ପାଇଁ ସିଆଇଏଫ୍‌ଆର୍‌ଆଇର ସହଯୋଗ ଚାହିଁଥିଲା। ସେହି ଅନୁଯାୟୀ, କେନ୍ଦ୍ରୀୟ ସଂସ୍ଥା ସିଆଇଏଫ୍‌ଆର୍‌ଆଇ ଟିମ୍ ଜଗତ୍‌ସିଂହପୁର ଗସ୍ତରେ ଆସି ଟେକ୍‌ନୋ ଇକୋନୋମିକ ଫିଜିବିଲିଟି ଷ୍ଟଡି କରିଥିଲେ। ଆଶା ଥିଲା ଯୋଜନା କାର୍ଯ୍ୟକାରୀ ହେଲେ ଶତାଧିକ ବେକାର ଯୁବକ ଆତ୍ମନିର୍ଭରଶୀଳ ହୋଇପାରିବେ। ସ୍ୱୟଂସହାୟକ ଗୋଷ୍ଠୀ, ପିଏସ୍‌ସିଏସ୍ ଓ ଉଦ୍ୟୋଗୀମାନେ ଉପକୃତ ହେବେ। ଜିଲା ପାଇଁ ଆବଶ୍ୟକ ମାଛ କିଣା ପରିମାଣ କମିଯିବ। ଆଗକୁ ସରକାର ଅଧିକ ପରିମାଣ ଜମି ହାତକୁ ନେଇ ଜିଲା ବିକାଶରେ ସହାୟକ ହେବେ। ହେଲେ ଯୋଜନା ଅଧାରେ ଅଟକିବା ଅସନ୍ତୋଷ ସୃଷ୍ଟି କରିଛି।

## ଧାନଗାଡ଼ି ଲୁଟ ଘଟଣା, ୨ ଅଭିଯୁକ୍ତ କୋର୍ଟଚାଲାଣ

**ବିରିଡ଼ି,୩।୨(ଡି.ଏନ.ଏ):** ବିରିଡ଼ି ଥାନା ଅଧୀନ ଅଢଙ୍ଗଗଡ଼ ପ୍ରାଥମିକ କୃଷି ସେବା ସମବାୟ ସମିତିରୁ ଧାନ ବୋଝେଇ ଟ୍ରକ ଲୁଟ ଘଟଣାରେ ଗିରଫ ୨ ଅଭିଯୁକ୍ତଙ୍କୁ ରବିବାର ପୋଲିସ କୋର୍ଟଚାଲାଣ କରିଛି। ସେମାନେ ହେଲେ ଗାଡ଼ି ଚାଳକ ତଥା ମାଲିକ ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ନେଉଳପୁର ଗ୍ରାମର କଲିମଉଦ୍ଦିନ ଓ ଏଥିରେ ମଧ୍ୟସ୍ଥତା କରିଥିବା ବାଲିଚନ୍ଦ୍ରପୁର ଥାନା ରାହାଳ ଗ୍ରାମର ମନୋଜ ସାମଲ। ସୂଚନାଯୋଗ୍ୟ, ଗତ ୨୧ ତାରିଖରେ ଅଢଙ୍ଗଗଡ଼ ସମବାୟ ସମିତିରୁ ସଂଗୃହୀତ ୩୦୬ କୁଇଣ୍ଟାଲ ଧାନକୁ ଏକ ନକଲି ନମ୍ବର ଥିବା ଟ୍ରକ ନେଇ ନିଖୋଜ ହୋଇଯାଇଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ଖୋର୍ଦ୍ଧା-ଟାଙ୍ଗୀ ଥାନା ଓ ପୁରୀ-କଣାସ ଥାନା ଅଞ୍ଚଳରେ ମଧ୍ୟ ସମାନ ଢଙ୍ଗରେ ଧାନ ଲୁଟ୍ କରୁଥିଲେ ବୋଲି ଜଣାପଡିଛି। ଖବରପାଇ ସେଠାକାର ପୋଲିସ ବିରିଡି ଥାନାକୁ ଆସି ସେମାନଙ୍କୁ ପଚରାଉଚରା କରିଥିଲେ।

## ସଂକ୍ଷେପରେ

### ରତ୍ନଯୋଡ଼ି ଉନ୍ନୟନ ପରିଷଦର ସଫେଇ



**ବାଲିଆ,୩।୨:** ବିରିଡ଼ି ବ୍ଲକ ଦରଡ଼ା ପଞ୍ଚାୟତରେ ଥିବା ମାଳିକା ପ୍ରସିଦ୍ଧ ରତ୍ନବଟର ରତ୍ନଯୋଡ଼ି ପୀଠାରେ ରବିବାର ସଫେଇ କାର୍ଯ୍ୟକ୍ରମ ହୋଇଛି। ରତ୍ନଯୋଡ଼ି ଉନ୍ନୟନ ପରିଷଦ ପକ୍ଷରୁ ରତ୍ନଯୋଡ଼ି ଜୋରରୁ ଦଳ ସଫେଇ କରାଯାଇଥିଲା। ଏଥିସହ ଜୋରକୁ ଲାଗିଥିବା ପାହାଚ ରଙ୍ଗ ଦିଆଯିବା ସହ ଅଳିଆ ଆବର୍ଜନା ପୋଡ଼ାଯାଇଥିଲା। ଏଥିରେ ବିରିଡ଼ି ବ୍ଲକ ଉପାଧ୍ୟକ୍ଷା ଗୀତାଞ୍ଜଳି ସାହୁ, ଦେବେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ବାରିକ, ଗୋପୀନାଥ ନାୟକ, ଅରୁଣ ହୋତା, ଜ୍ଞାନରଞ୍ଜନ ଦାସ, ଦିଗାମ୍ବର ବିଶ୍ୱାଳ, ଉମେଶ ଚନ୍ଦ୍ର ସ୍ୱାଇଁ, ଗୋପୀକୃଷ୍ଣ ପରିଜା, ଦୁର୍ଗା ଚରଣ ସାହୁ, ରମାକାନ୍ତ ନାୟକ, ଜୟନ୍ତୀ ମହାପାତ୍ର, ବିଜୟ ପାଇକରାୟ, ପଦ୍ମ ଚରଣ ବେହେରା, ବିକ୍ରମ ନନ୍ଦ, ଦିଲୀପ ଶତପଥୀ ପ୍ରମୁଖ ସାମିଲ ହୋଇଥିଲେ।

### ବିଜେଡିର ୱାର୍ଡ କମିଟି ବୈଠକ

**ବିରିଡ଼ି,୩।୨(ଡି.ଏନ.ଏ):** ବିରିଡ଼ି ବ୍ଲକ ହାଜିପୁର ପଞ୍ଚାୟତ ବିଜେଡିର ୱାର୍ଡ କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ପଞ୍ଚାୟତ ବିଜୁ ଯୁବ ବାହିନୀ ସଭାପତି ସନ୍ତୋଷ କୁମାର ନାୟକ ସଭାପତିତ୍ୱ କରିଥିଲେ। ପଞ୍ଚାୟତର ୧୫ଟି ୱାର୍ଡରେ କମିଟି ଗଠନ କରାଯାଇଥିଲା। ଆଗାମୀ ଦିନରେ ପଞ୍ଚାୟତରେ ବିଜେଡି କର୍ମୀମାନେ ଏକାଠି ହୋଇ ସଙ୍ଗଠନକୁ ମଜଭୁତ କରିବା ପାଇଁ ଆଲୋଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତା ପଢାଯାଇଥିଲା। ବିନୋଦ ଦାସ, ନିରାକାର ଜେନା, ଅଶୋକ ବେହେରା, କେଦାର ନନ୍ଦୀ, ସଚ୍ଚିଦାନନ୍ଦ କର, ମାନସ ବେହେରା, ଲକ୍ଷ୍ମୀଧର ମିଶ୍ର, ଅମୀୟ କୁଣ୍ଡୁ, ପରିଚାଳନା କରିଥିଲେ।

### ଶୀତ କବିତା ଆସର

**ବାଙ୍କୀ,୩।୨(ସ୍ୱ.ପ୍ର.):** ବାଙ୍କୀ ବିଦ୍ୟାରତ୍ନ ଭବନ ପରିସରରେ ରବିବାର ଶୀତକାଳିନ କବିତା ପାଠଉତ୍ସବ ମାସିକ ସାହିତ୍ୟ ଆସର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ କବି ଶରତ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସାହିତ୍ୟ ଆସର ସମ୍ପାଦକ ଜ୍ଞାନେନ୍ଦ୍ର ମୋହନ ମିଶ୍ର ବିବରଣୀ ପାଠ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କବି ଭଗବାନ ସାମଲଙ୍କ ସଂଯୋଜନାରେ କବିତା ଆବୃତ୍ତି କରାଯାଇଥିଲା। କବି ହରିହର ସ୍ୱାଇଁ, ବିଦ୍ୟୁତ୍‌ଲତା ଭୂୟାଁ, ସରୋଜିନୀ ସାହ, ସୁରେଶ ଚନ୍ଦ୍ର ସାହୁ, କମଳାକାନ୍ତ ମିଶ୍ର, ସୁବାସ ପ୍ରହରାଜ, ଡ.ଚିତ୍ରସେନ ରାଉତ, ପ୍ରଫୁଲ୍ଲ କୁମାର ସାହୁ ଓ ଜଗମୋହନ ରାଉତ ପ୍ରମୁଖ ଯୋଗଦେଇ ନିଜ ନିଜର କବିତା ଆବୃତ୍ତି କରିଥିଲେ। ଶେଷରେ ସମ୍ପାଦକ ଉପସ୍ଥିତ କବିୟିତ୍ରୀକବିଙ୍କୁ ଧନ୍ୟବାଦ ଦେଇଥିଲେ।

### ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପ୍ରୋତ୍ସାହନ ରାଶି

**ତିରିଆ,୩।୨(ଡି.ଏନ.ଏ.):** ତିରିଆ ବ୍ଲକ ଅଧୀନ ପୁରୁଣାତିରିଆସ୍ଥିତ ହାଇସ୍କୁଲ ଖେଳ ପଡ଼ିଆରେ ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ବ୍ଲକ ଅଧ୍ୟକ୍ଷା ରୂପା ଦଲେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଏହି ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ବିଡିଓ ପରେଶ କୁମାର ନାୟକ, ସିଡିପିଓ ମମତା ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଗିରଥୀ ନନ୍ଦ, ଗୌରହରି ପରିଡ଼ା, ଆତ୍ମା ଅଧ୍ୟକ୍ଷ ହରେନ୍ଦ୍ର ଦଳେଇ, ଡ. ମନୋରଞ୍ଜନ ମହାନ୍ତି, ସରପଞ୍ଚ ରଞ୍ଜନା ସାହୁ, ସମିତିସଭ୍ୟା ସନ୍ଧ୍ୟାରାଣୀ ନାୟକ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାଳିକ ଓ ବିଜୟଲକ୍ଷ୍ମୀ ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ମୋଟ୍ ୩୮୫ ନୂତନ ସ୍ୱୟଂ ସହାୟକ ଗୋଷ୍ଠୀ ଓ ୪୯ ପୁରୁଣା ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୫ହଜାର ଲେଖାଏ ଆର୍ଥିକ ସହାୟତା ରାଶିର ଚେକ ବିଧାୟକ ସ୍ୱାଇଁ ପ୍ରଦାନ କରିଥିଲେ।

## ପୂରଣରେ ବିଜେଡିର ୱାର୍ଡ କମିଟି ବୈଠକ



ବୈଠକରେ ଉପସ୍ଥିତ ବିଜେଡି କର୍ମୀ।

**ବାଲିଆ,୩।୨:** ବିରିଡ଼ି ବ୍ଲକ ୨୨ ମୌଜାସ୍ଥିତ ପୂରଣ ପଞ୍ଚାୟତରେ ବିଜେଡିର ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ମା' ମରୀଚେୟୀ ଠାକୁରାଣୀଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ବିଜେଡି ସଭାପତି ସୁକାନ୍ତ କୁମାର ବାରିକ ସଭାପତିତ୍ୱ କରିଥିଲେ। ବୈଠକରେ ଯୁବନେତା ରାସ ବିହାରୀ ଦାସ ଯୋଗଦେଇ ଦଳର ସାଙ୍ଗଠନିକ ସ୍ଥିତିକୁ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରଜ୍ଞା ପାରମିତା ଦାସ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ। ସରପଞ୍ଚ ସୁଭଦ୍ରା ଭୋଇ, ସମିତି ସଭ୍ୟା ମିତାଲି ଭୋଇ, ପଞ୍ଚାୟତ ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ମହାରଣା, ବିଦ୍ୟାଧର ଦାସ ଓ ପ୍ରବୀର ଦାସ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। କୃପାସିନ୍ଧୁ ଭୋଇ, ରଞ୍ଜନ ସ୍ୱାଇଁ, ବିଜୁ ଯୁବ ବାହିନୀ ସଭାପତି ମନୋଜ ବେହେରା ଓ ଦିଲୀପ ଭୋଇ ସହଯୋଗ କରିଥିଲେ। ସେହିପରି ଅଢଙ୍ଗଗଡ଼ରେ ପଞ୍ଚାୟତ ବିଜେଡି ସଭାପତି ଅକ୍ଷୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ୱାର୍ଡ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ମଧ୍ୟ ଦେଢଶହରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନାର ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ଆଲୋଚନା କରିଥିଲେ।

## ୧୯୮୬ ବ୍ୟାଚ୍ ବନ୍ଧୁ ମିଳନ

**ବାଲିଆ, ୩।୨:** ସିଦ୍ଧେଶ୍ୱରପୁରସ୍ଥିତ ଗୋପାଳସ୍ମୃତି ବିଦ୍ୟାପୀଠର ୧୯୮୬ ମସିହା ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ଉତ୍ସବ ବିରିଡ଼ି ବ୍ଲକର ରତ୍ନବଟ ରତ୍ନଯୋଡ଼ି ନିକଟରେ ଅନୁଷ୍ଠିତ ହୋଇଛି। ଦିଲୀପ କୁମାର ଶତପଥୀ, ବିଚିତ୍ରାନନ୍ଦ ପରିଡା, ରଞ୍ଜନ ପରିଡା, ସଙ୍ଗୀତା ଦାସ, କଳ୍ପନା ଖଣ୍ଡାଇ, ପୁରଜିତ ମିଶ୍ରଙ୍କ ଆହ୍ୱାନରେ ଆୟୋଜିତ ଏହି ବନ୍ଧୁମିଳନ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ଦାସ ଓ ନୀଳମଣୀ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମନୋରମା ପ୍ରଧାନ, ପ୍ରଣତି ସ୍ୱାଇଁ, ମମତା ଦାସ, ରଞ୍ଜିତ ରଞ୍ଜନ ପଟ୍ଟନାୟକ, ରାମଚନ୍ଦ୍ର ସୋରେନ, ସୁକାନ୍ତ ଖୁଣ୍ଟିଆ, ବିକାଶ ରାଉତରାୟ, ରଞ୍ଜିତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ରାସ୍ତା ଖୋଳି ଠିକାଦାର ଛୁ, ଲୋକେ ହିନସ୍ତା

**ନାଉଗାଁ, ୩।୨ (ସ୍ୱ.ପ୍ର.):** ନାଉଗାଁ ବ୍ଲକ ମୁଣ୍ଡାଳ-ଜାମୁଗାଁ ରାସ୍ତା ମରାମତି ପାଇଁ ଠିକାଦାର ରାସ୍ତାର ଉଭୟ ପାର୍ଶ୍ୱ ଖୋଳିଦେଇଛନ୍ତି। ତେବେ ଏହାର ୧୫ ଦିନ ପରେ ମଧ୍ୟ ରାସ୍ତା ମରାମତି ନ କରିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ଦୀର୍ଘ ୧୦ ବର୍ଷ ଧରି ଏହା ମରାମତି କରାଯାଇ ନ ଥିଲା। ଫଳରେ ମୁଣ୍ଡାଳୋ, ବେଣାପଡ଼ା, ଓରଣ୍ଡ, ଜାମୁଗାଁ ଆଦି ଗ୍ରାମର ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକ ବର୍ଷାଦିନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଗାଁ ମଧ୍ୟକୁ ଜରୁରୀ ସମୟରେ କୌଣସି ଗାଡ଼ି ଯାଇପାରୁ ନ ଥିଲା। ପିଲାମାନେ ବିଦ୍ୟାଳୟ ଯିବାରେ ଅସୁବିଧା ହେଉଥିଲା। ରାସ୍ତା ମରାମତି ପାଇଁ ଉକ୍ତ ଗ୍ରାମର ନବ କିଶୋର ମହାନ୍ତି, ହରପ୍ରସାଦ ମହାନ୍ତି, ପ୍ରଶାନ୍ତ ମହାନ୍ତି, ମନ୍ମଥ ଓଝା, ତ୍ରିନାଥ ମହାନ୍ତି ପ୍ରମୁଖ ବ୍ଲକ ଓ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ। ରାସ୍ତା ମରାମତି ନ ହେଲେ ମୁଣ୍ଡାଳଠାରେ ଶିଖର-ବାଲିଭଉଁରୀ ରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଦୀର୍ଘଦିନ ପରେ ରାସ୍ତା ମରାମତି ପାଇଁ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ଠିକାଦାର ନିଯୁକ୍ତି କରାଗଲା। ଠିକାଦାର ରାସ୍ତା ନିର୍ମାଣ ପାଇଁ କୌଣସି ସରଞ୍ଜାମ ନ ପକାଇ ପ୍ରଥମେ ରାସ୍ତାର ଦୁଇ ପାର୍ଶ୍ୱ ଖୋଳି ଦେଇଛନ୍ତି। ଫଳରେ ଯାତାୟାତ ବାଧାପ୍ରାପ୍ତ ହେଉଛି। ବିନା ସୂଚନା ଫଳକରେ ଠିକାଦାର ରାସ୍ତାର ଉଭୟ ପାର୍ଶ୍ୱ ଖୋଳିଥିବାରୁ କାର୍ଯ୍ୟର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରଞ୍ଜନ ତରାଇଙ୍କୁ ପଚାରିବାରେ ଠିକାଦାରଙ୍କ ସହିତ କଥା ହୋଇ ଖୁବଶୀଘ୍ର ରାସ୍ତା କାମ ଆରମ୍ଭ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଷ୍ଟେଟ୍ ଆଇଡିଆଲ୍ ପବ୍ଲିକ୍ ସ୍କୁଲ ବାର୍ଷିକ କ୍ରୀଡ଼ା





ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ।

**ରଘୁନାଥପୁର,୩।୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ପାଟେଣିଗାଁ ବର୍ତ୍ତାସ୍ଥିତ ଷ୍ଟେଟ୍ ଆଇଡିଆଲ୍ ପବ୍ଲିକ୍ ସ୍କୁଲର ଦୁଇଦିନ ବ୍ୟାପୀ ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷକ ସମୀର ପାଳ ଓ ସ୍ୱର୍ଣ୍ଣପ୍ରିୟା ବେଉରାଙ୍କ ପରିଚାଳନାରେ ସିନିୟର, ଜୁନିୟର ଓ ସବ୍‌ଜୁନିୟର ଛାତ୍ରୀଛାତ୍ରଙ୍କୁ ନେଇ ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ସ୍କିପିଂ, ଜଲିପି ରେସ୍ ଓ ବୌଦ୍ଧିକ ଜ୍ଞାନ ପରୀକ୍ଷା ଆଦି କରାଯାଇଥିଲା। ସିନିୟର ବାଳକ ବିଭାଗରେ ମଙ୍ଗଲ ସିଂ ଓ ବାଳିକାରେ ପୂଜାରାଣୀ ମାହାଳି, ଜୁନିୟର ବାଳକରେ ସତ୍ୟଶଙ୍କର ପଟ୍ଟନାୟକ ଓ ବାଳିକାରେ ପ୍ରିୟଙ୍କା ସ୍ୱାଇଁ ଏବଂ ସବ୍‌ଜୁନିୟର ବାଳକ ବିଭାଗରେ ସାଇ ଅଂଶିତା ମିଶ୍ର ଓ ବାଳିକା ବିଭାଗରେ ଅପରାଜିତା ସ୍ୱାଇଁ ଚାମ୍ପିୟନ ହୋଇଥିଲେ। ଆୟୋଜିତ ଉତ୍ସବରେ ଅଧ୍ୟକ୍ଷ ରୁପେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ସ୍ଥାନୀୟ ସରପଞ୍ଚ ଜାନକୀ ବଲ୍ଲଭ ସ୍ୱାଇଁ ମୁଖ୍ୟଅତିଥି, ପ୍ରଧାନ ଶିକ୍ଷୟିତ୍ରୀ ରୀତା ରାଉତ, ଶିକ୍ଷାବିତ୍ ପ୍ରାଣକୃଷ୍ଣ ନାୟକ ଓ ପଣ୍ଡିତ ବିଜୟ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା ସମ୍ବନ୍ଧୀୟ ଦିଗଦର୍ଶନ ଦେଇଥିଲେ। ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ଦାସ ଓ ଅଳକା ରାଉତଙ୍କ ସହଯୋଗରେ କୃତୀ ପ୍ରତିଯୋଗୀ ଓ ଚାମ୍ପିୟନ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରିଥିଲେ। ବିଭାସିନୀ ସ୍ୱାଇଁ ଅତିଥି ପରିଚୟ, କାମିନୀ ମହାପାତ୍ର ସ୍ୱାଗତ ଭାଷଣ ଓ ଚପଳା କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଶେଷରେ ମୋତିଲାଲ ପାଲଙ୍କ ତତ୍ତ୍ୱାବଧାନରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସରସୁଦା ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା

**ବିରିଡ଼ି,୩।୨(ଡି.ଏନ.ଏ):** ବିରିଡ଼ି ବ୍ଲକ ଶଙ୍ଖପୁର ପଞ୍ଚାୟତସ୍ଥିତ ସରସୁଦା ଉଚ୍ଚ ବିଦ୍ୟାଳୟର ୨୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଗତ ୩୧ ତାରିଖରେ ଆରମ୍ଭ ହୋଇ ୧ ତାରିଖରେ ଉଦ୍‌ଯାପିତ ହୋଇଛି। ଦୁଇଦିନ ଧରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ଼, ମ୍ୟୁଜିକ ଚେୟାର, ସଟପୁଟ, ପୁଚି, ହାଇଜମ୍ପ, ଲଙ୍ଗଜମ୍ପ, ଗଣିତ ଦୌଡ଼, ସ୍ଲୋ ସାଇକେଲ ଆଦି କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନ ଉତ୍ସବରେ ପ୍ରଧାନ ଶିକ୍ଷକ ନରେନ୍ଦ୍ରନାଥ ସ୍ୱାଇଁ ସଭାପତିତ୍ୱ କରିଥିଲେ। ସରପଞ୍ଚ ରଶ୍ମୀରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ାର ଆଭିମୁଖ୍ୟ ଓ ଉପକାରିତା ସମ୍ପର୍କରେ କହିଥିଲେ। ବାଳିକା ବିଭାଗରେ ବାଗ୍‌ଦାୟିନୀ ମହାରଣା ଓ ବାଳକ ବିଭାଗରେ ସୁନିଲ କୁମାର ଭୋଇ ଚାମ୍ପିୟନ ହୋଇଥିଲେ। ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ଆଲୋକ ରଞ୍ଜନ ସ୍ୱାଇଁଙ୍କ ସହ ସୁଶାନ୍ତ ରାଉତରାୟ, ପ୍ରକାଶ ରାୟ, ସୋମନାଥ ବେହେରା, ଅନନ୍ତ ଜେନା, ଆଦରମଣୀ ଜେନା, ପ୍ରତାପ ମହାପାତ୍ର, ନିମାଇଁ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅରବିନ୍ଦ କର ଧନ୍ୟବାଦ ଦେଇଥିଲେ।

## ■ ପାରାଦୀପରେ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ନାମେଣ୍ଟ

# ବେଷ୍ଟ ଗ୍ରସ୍ ହେଲେ ରାଞ୍ଚିର ସୁଖନାଥ

- ମୁଖ୍ୟ ଆକର୍ଷଣ ଦିଲୀପ ତିର୍କୀ
- ପୁରୁଷ ବର୍ଗରେ ମୋଟ୍ ୬୨ ପ୍ରତିଯୋଗୀ

**ପାରାଦୀପ,୩।୨(ସ୍ୱ.ପ୍ର.):** ପାରାଦୀପ ଗଲ୍ଫ ପଡ଼ିଆରେ ରବିବାର ୧୮ତମ ଆମନ୍ତ୍ରଣୀୟ ଦିନିକିଆ ଗଲ୍ଫ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ଝାଡ଼ଖଣ୍ଡ ରାଞ୍ଚି ଗଲ୍ଫ କ୍ଲବର ସୁଖନାଥ ମହତୋ ବେଷ୍ଟ ଗ୍ରସ୍ ହୋଇଥିଲେ। ସେହିପରି ହ୍ୟାଣ୍ଡିକ୍ୟାପ୍ (୧ରୁ ୧୮) ବର୍ଗରେ କ୍ୟାପ୍‌ଟେନ୍ ଅତୁଲ୍ୟ କୁମାର ମହାପାତ୍ର ଚାମ୍ପିୟନ ଓ ଶ୍ରୀକାନ୍ତ ପ୍ରଧାନ ରନର୍ସ ଅପ୍, ହ୍ୟାଣ୍ଡିକ୍ୟାପ୍ (୧୮ରୁ ୨୪) ବର୍ଗରେ ଦୀପକ ଷଡ଼ଙ୍ଗୀ ଚାମ୍ପିୟନ ଓ ଆର.ପି.କେ ରେଡ୍ଡି ରନର୍ସ ଅପ୍ ହୋଇଥିଲେ। ଲଙ୍ଗେଷ୍ଟ ଡ୍ରାଇଭ୍‌ରେ ସୁମିତ କୁମାର ମହତୋ ଓ ନିୟରେଷ୍ଟ ପିନ୍‌ରେ ଅନୁରାଗ ସଚଦେବା ବିଜୟୀ ହୋଇଛନ୍ତି। ଭେଟେରାନ୍ ବର୍ଗରେ କୈଳାସ ଚନ୍ଦ୍ର ମହାରଣା ଚାମ୍ପିୟନ ଓ ବିଜୟ କୁମାର ସାହୁ ରନର୍ସ ଅପ୍ ହୋଇଛନ୍ତି। ମହିଳା ପୁଟିଙ୍ଗ ବର୍ଗରେ ରୀତା ସିକ୍‌ଦାର ଚାମ୍ପିୟନ ଓ ରଶ୍ମୀପ୍ରଭା ଦାସ ରନର୍ସ ଅପ୍ ହୋଇଥିଲେ। ଶିଶୁ ବର୍ଗରେ ଜ୍ୟୋତିର୍ମୟୀ ମହାନ୍ତ ଚାମ୍ପିୟନ ଓ ହନସିତ ଦାସ ରନର୍ସ ଅପ୍ ହୋଇଥିଲେ। ଉଦ୍‌ଘାଟନ ଓ ପୁରସ୍କାର ବିତରଣ ଉତ୍ସବରେ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଓ ପାରାଦୀପ ଲେଡିଜ କ୍ଲବ ସଭାନେତ୍ରୀ ଶୁଭଲକ୍ଷ୍ମୀ ରାୟ ଅତିଥି ଭାବେ ଯୋଗ ଦେଇଥିଲେ। ପୁରୁଷ ବର୍ଗରେ ମୋଟ୍ ୬୨ ଜଣ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ମୁଖ୍ୟ ଆକର୍ଷଣ ଥିଲେ ହକି ତାରକା ଦିଲୀପ ତିର୍କୀ। ରାଞ୍ଚି, ପାରାଦୀପ, ମହାନଦୀ ଓ ଭୁବନେଶ୍ୱର ଗଲ୍ଫ କ୍ଲବ୍‌ର ଖେଳାଳିମାନେ ଏଥିରେ ଭାଗ ନେଇଥିଲେ। ଆୟୋଜକ ପାରାଦୀପ ଗଲ୍ଫ କ୍ଲବର ସଭାପତି ଏ.କେ. ମହାପାତ୍ର, ବବ୍‌ଲୁ ସିକ୍‌ଦାର ଓ ଅନ୍ୟମାନେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ଗଲ୍ଫ ଟୁର୍ନାମେଣ୍ଟରେ ଚାମ୍ପିୟନ ଖେଳାଳିମାନେ।



ଦିଲୀପ ତିର୍କୀ

## ତୈଳ ସଂରକ୍ଷଣ ପାଇଁ ଗଣଦୌଡ଼

**ଏରସମା, ୩।୨ (ସ୍ୱ.ପ୍ର.):** ତୈଳ ସଂରକ୍ଷଣ ଦିବସ ପାଳନ ଅବସରରେ ରବିବାର ଏରସମା ବ୍ଲକ ସଦରମହକୁମାରେ ସଚେତନତା ସୃଷ୍ଟି ପାଇଁ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଛି। ଗ୍ୟାସ ଅଥୋରିଟି ଅଫ ଇଣ୍ଡିଆ ଲିମିଟେଡ(ଜିଏଆଇଏଲ) ପକ୍ଷରୁ ଏହି ଗଣଦୌଡ଼ ସତସଙ୍ଗ ବିହାର ନିକଟରୁ ଏରସମା ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ଉଜ୍ଜଳା ଯୋଜନାର ଜିଲା ସହକାରୀ କାର୍ଯ୍ୟନିର୍ବାହୀ ସନ୍ତୋଷ ପ୍ରଧାନ, ଜିଲା ସଂଯୋଜକ ବିଭୂଦତ୍ତ ପ୍ରଧାନ, ଉମେଶ ସେଠୀଙ୍କ ସହ ଶତାଧିକ ଯୁବକ ସାମିଲ ହୋଇଥିଲେ। ଚାଲି ଚାଲି ଆମେ ଯାତ୍ରା କରିବା, ପରିବେଶ ଆମ ସୁସ୍ଥ ରଖିବା ଆଦି ସ୍ଲୋଗାନ ଲେଖାଥିବା ପ୍ଲା କାର୍ଡ ଧରି ସଚେତନତା ସୃଷ୍ଟି କରାଯାଇଥିଲା।

## ଆଞ୍ଚଳିକ ଯୁବ ପରିଷଦ କ୍ରିକେଟ: କଟକ ଚାମ୍ପିୟନ

**ଏରସମା,୩।୨(ସ୍ୱ.ପ୍ର.)**

ଏରସମା ବ୍ଲକ ଆଞ୍ଚଳିକ ଯୁବ ପରିଷଦ ପକ୍ଷରୁ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ଗତ ୨୬ ତାରିଖରୁ ଆରମ୍ଭ ହୋଇ ରବିବାର ଉଦ୍‌ଯାପିତ ହୋଇଛି। ଡା.ଅମୀୟ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ଆଞ୍ଚଳିକ ଯୁବ ପରିଷଦ ପଡ଼ିଆରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ୮ ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ କଟକର ମା'ମଙ୍ଗଳା କ୍ରିକେଟ ଟିମ୍ ଓ ପାରାଦୀପର ବ୍ଲୁ ଷ୍ଟାର ମଧ୍ୟରେ ହୋଇଥିଲା। ପାରାଦୀପ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୨୧୧ ରନ୍ କରିଥିଲା। ଜବାବରେ କଟକ ୧୮ ଓଭରରେ ୨୧୨ ରନ କରି ଚାମ୍ପିୟନ ହୋଇଥିଲା। ସମରେଶ ମୁଦୁଲି ଓ ରଞ୍ଜନ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ପରିଷଦ ସଭାପତି ଜ୍ୟୋତି ରଞ୍ଜନ କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ ବିଧାୟକ ପ୍ରଶାନ୍ତ ମୁଦୁଲି ମୁଖ୍ୟ ଅତିଥି, ଏରସମା ବ୍ଲକ ବିଜେଡି ସଭାପତି ପୀତବାସ ଗଛାୟତ, ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଗୀତାଞ୍ଜଳି ମହାନ୍ତି, ସାମାଜିକ କର୍ମୀ ଧିରେନ୍ଦ୍ର ଚୌଧୁରୀ, ସମ୍ପାଦକ ବିଶ୍ୱନାଥ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ମୁଦୁଲି ଚାମ୍ପିୟନ ଦଳକୁ ଚାମ୍ପିୟନ ଟ୍ରଫି ଓ ରନର୍ସ ଅପ୍ ଦଳକୁ ରନର୍ସ କପ୍ ପ୍ରଦାନ କରିଥିଲେ। ସତ୍ୟ ରଞ୍ଜନ ସେନାପତି ମ୍ୟାନ ଅଫ ଦି ସିରିଜ ଓ ରୋଶନ ସ୍ୱାଇଁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷେପରେ**

## ଚୁଲିରୁ ନିଆଁ ଉଠି ୮ ବଖରା ଜଳିଗଲା

ମାର୍ଶାଘାଇ,୩।୨(ଡିଏନଏ): ମାର୍ଶାଘାଇ ଥାନା ଅନ୍ତର୍ଗତ ମହାକାଳପଡା ବ୍ଲକର ମହାନଙ୍ଗଳା ଗ୍ରାମରେ ରବିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୮ ବଖରା ଚାଳଛପର ଘର ପୋଡିଯାଇଛି । ମହାନଙ୍ଗଳା ଗ୍ରାମର ଅକ୍ରୁର ସ୍ୱାଇଁଙ୍କ ରୋଷେଇ ଘର ଚୁଲିରୁ ନିଆଁ ଉଠି ତାଙ୍କର ୨ ବଖରା ଜଳିଯାଇଥିଲା । ତାଙ୍କ ଘରକୁ ଲାଗିଥିବା ନିର୍ମଳ ସ୍ୱାଇଁ , ଧରଣୀଧର ସ୍ୱାଇଁ ,ପ୍ରଫୁଲ୍ଲ ସ୍ୱାଇଁ ,ଅଜୟ ସ୍ୱାଇଁ ,ପବିତ୍ର ସ୍ୱାଇଁ ,ଚକ୍ରଧର ସ୍ୱାଇଁଙ୍କର ଗୋଟିଏ ଲେଖାଁଏ ବଖରା ପୋଡ଼ିଯାଇଛି । ଖବର ପାଇ ମାର୍ଶାଘାଇ ଓ ମହାକାଳପଡାରୁ ନିଆଁ ଲିଭାଳୀ ଦଳ ଆସି ନିଆଁକୁ ଆୟତ୍ତ କରିଥିଲେ । ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ଯାଇଥିବା ପ୍ରାଥମିକ ଆକଳନରୁ ଜଣାପଡିଛି ।ସ୍ଥାନୀୟ ସରପଞ୍ଚ ଧ୍ରୁବ ଚରଣ ଅଗ୍ନିବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି । ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଅନୁସୂଚିତ ଜାତି ଜନଜାତି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସୁରକ୍ଷା ପାଇଁ ସ୍ୱାକ୍ଷର ଅଭିଯାନ



ପଟ୍ଟାମୁଣ୍ଡାଇ, ୩।୨ (ସ୍ୱ.ପ୍ର) : ଓଡିଶାର ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ବୃତ୍ତି ଅର୍ଥ କେନ୍ଦ୍ର ସରକାର କାଟ କରିବା ବିରୋଧରେ ପଟ୍ଟାମୁଣ୍ଡାଇ କଲେଜ ଓ ମହିଳା କଲେଜରେ ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ସୁରକ୍ଷା ନେଇ ସ୍ୱାକ୍ଷର ଅଭିଯାନ ଅନୁଷ୍ଠିତ ହୋଇଥିଲା । ଏହି ଅଭିଯାନରେ ପଟ୍ଟାମୁଣ୍ଡାଇ ନଗର ଯୁବ ବିଜେଡି ସଭାପତି ମିଟୁ ମନୋଜ ନାୟକ, ଛାତ୍ର ବିଜେଡି ସଭାପତି ଜ୍ଞାନାଂଶୁ ଶେଖର ସେଠୀ, ବ୍ଲକ ଉପାଧକ୍ଷ ସୁଶାନ୍ତ ଦାସ, ଯୁବନେତା ଅଶୋକ ଧଳ, ଛାତ୍ର ନେତା ଜନ୍ମେଜୟ ସାହୁ, ଅଞ୍ଜନା ମଲିକ, ସୋନାଲି ପରିଡା, ନମିତା ମଲିକ, ଦେବସ୍ମିତା କାମିଲି, ସୁନିତା ବାରିକ, ଝିଲି ସେଠୀ, ବର୍ଷାରାଣୀ ସ୍ୱାଇଁ ପ୍ରମୁଖ ସ୍ୱାକ୍ଷର ଅଭିଯାନରେ ସାମିଲ ହୋଇ ଛାତ୍ରୀଛାତ୍ରମାନଙ୍କୁ ଅନୁସୂଚିତ ଜାତି ଓ ଜନଜାତି ଭତ୍ତା ସମ୍ପର୍କରେ ସଚେତନ କରିବା ସହିତ ସ୍ୱାକ୍ଷର ସଂଗ୍ରହ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦେବାଶିଷ ନାୟକ, ଅନିରୁଦ୍ଧ ମଲିକ, ଶଶିକାନ୍ତ ମଲିକ, ଆକାଶ ନାୟକ, ପ୍ରିୟରଞ୍ଜନ ମଲିକ, ଦେବାଶିଷ ପାତ୍ର, ସ୍ମୃତି ରଞ୍ଜନ ପାଢୀ, ମିର୍ଜା ଇସମାଇଲ ବେଗ, ଦେବାଶିଷ ଦାଶ, ମହମ୍ମଦ ଫିରଦୋଶ୍, ସୁନିତା ଦାସ ପ୍ରମୁଖ ସ୍ୱାକ୍ଷର ଅଭିଯାନରେ ସାମିଲ ହୋଇଥିଲେ ।

■ ସରୁନାହିଁ ହରିଦାସପୁର- ପାରାଦୀପ ରେଳପଥ ନିର୍ମାଣ କାର୍ଯ୍ୟ

# ରେଳସେବା ଅପେକ୍ଷାରେ କେନ୍ଦ୍ରାପଡ଼ାବାସୀ

■ ୨୦ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା ପ୍ରକଳ୍ପ
■ ୧୯୯୯ରେ ହୋଇଥିଲା ଶିଳାନ୍ୟାସ
■ ନଦୀନାଳ ଓ ଅର୍ଥ ଅଭାବ ଯୋଗୁ ନିର୍ମାଣ କାର୍ଯ୍ୟ ବିଳମ୍ବ

କେନ୍ଦ୍ରାପଡା ଅଫିସ, ୪।୨

ଦେଶର ଶିଳ୍ପ ଅଭିବୃଦ୍ଧି, ପର୍ଯ୍ୟଟନ, ପରିବହନ ଓ ସାମାଜିକ ବିକାଶ ପାଇଁ ରେଳ ସେବାର ବହୁଳ ଆବଶ୍ୟକତା ରହିଛି। ତେବେ କେନ୍ଦ୍ରାପଡା ଜିଲାରେ ଅଦ୍ୟାବଧି ଏହି ସେବା ପହଞ୍ଚିପାରିନାହିଁ। ଗତ ୨୦ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ହରିଦାସପୁର- ପାରାଦୀପ ନୂଆ ବ୍ରଡ ଗେଜ୍ ରେଳଲାଇନ ପ୍ରକଳ୍ପ ଏବେବି ଶେଷ ହୋଇନାହିଁ। ଏବେ କେନ୍ଦ୍ର ସରକାର ଏହି ପ୍ରକଳ୍ପ ପାଇଁ ବଜେଟରେ ୪୦୦କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଫଳରେ ଚଳିତ ବର୍ଷ ଶେଷ ସୁଦ୍ଧା ଜିଲାରେ ରେଳ ଗଡ଼ିବାର ଆଶା ସୃଷ୍ଟି ହୋଇଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେଲେ ଦଇତାରୀ, ବାଂଶପାଣୀ ଅଞ୍ଚଳରୁ ପାରାଦୀପ ପର୍ଯ୍ୟନ୍ତ ଲୁହାପଥର ପରିବହନ ହୋଇପାରିବ। ସେହିପରି ଏହି ରେଳପଥ ଯୋଗୁ ପାରାଦୀପ- କଟକ ରେଳପଥର ଉପରେ ରହୁଥିବା ଭାର ହ୍ରାସ ପାଇବ। ଏଥିସହ ଏହି ୨ ରେଳପଥରେ ଅଧିକ ଯାତ୍ରୀବାହୀ ଓ ପଣ୍ୟବାହୀ ରେଳ ଚଳାଚଳ ହୋଇପାରିବ । ସେହିପରି ପୂର୍ବତଟରେ ଏହି ୮୨ କିଲୋମିଟର ରେଳପଥ ନିର୍ମାଣ ହେବାଦ୍ୱାରା ଖଡ଼ଗପୁର ଓ କଲିକତା ପାଇଁ



ଗୋପ ଛକ ନିକଟରେ ରେଳପଥର ନିର୍ମାଣାଧୀନ ପୋଲ।

ପାରାଦୀପରୁ ନୂଆ ପଥ ଖୋଲିଯିବ। ଯାତ୍ରୀ ଓ ମାଲ ପରିବହନ କ୍ଷେତ୍ରରେ ମୂଲ୍ୟର ହ୍ରାସ ଘଟିବ। ଏହି ରେଳପଥ ପାଇଁ ୧୯୯୫-୯୬ ଆର୍ଥିକ ବର୍ଷରେ ଯୋଜନା କରାଯାଇଥିଲା। ଏଥିପାଇଁ ୧୭୮୦ ଏକର ଜମିର ଆବଶ୍ୟକତା ଥିଲା। ଏ ନେଇ କେନ୍ଦ୍ର ରେଳ ବିଭାଗ ପକ୍ଷରୁ ସର୍ବେକ୍ଷଣ ହେବା ପରେ ୧୯୯୯ ଏପ୍ରିଲ ୪ରେ ତତ୍କାଳୀନ ରେଳମନ୍ତ୍ରୀ ନୀତୀଶ କୁମାର ଜିଲାର ମାର୍ଶାଘାଇଠାରେ ଏହି ପ୍ରକଳ୍ପର ଶିଳାନ୍ୟାସ କରି ୨୦୦୪ ସୁଦ୍ଧା କେନ୍ଦ୍ରାପଡା ଜିଲା ଦେଇ ରେଳ ଗଡ଼ିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହି ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ହିଁ ରହିଯାଇଛି। ଇତିମଧ୍ୟରେ ଅନେକ ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଏହି କାର୍ଯ୍ୟ ଶେଷ ହୋଇପାରିନାହିଁ। ଏହାର ନିର୍ମାଣ କାର୍ଯ୍ୟରେ ମୁଖ୍ୟ ବାଧକ ସାଜିଥିଲା ଜିଲା ଦେଇ ପ୍ରବାହିତ ନଦୀନାଳ। ନଦୀନାଳରେ ପୋଲ ନିର୍ମାଣ କାର୍ଯ୍ୟରେ ବିଳମ୍ବ ହୋଇଥିଲା। ଏହାଛଡା ପ୍ରକଳ୍ପ ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ଅର୍ଥ ବ୍ୟୟବରାଦ ମଧ୍ୟ କମ୍ ରହିଥିଲା ବୋଲି ଆରଭିଏନ୍ଏଲ(ରେଳବିକାଶ ନିଗମ ଲିମିଟେଡ୍)ର ଯୁଗ୍ମ ସାଧାରଣ ପରିଚାଳକ ଶ୍ରୀନିବାସ ସାହୁ କହିଛନ୍ତି। ସେ କହିଛନ୍ତି ଯେ, ଇତିମଧ୍ୟରେ ୨ଟି ବଡ ନଦୀରେ ପୋଲ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

ସେହିପରି ରେଳପଥ ମଧ୍ୟରେ ଥିବା ୩୧ପୋଲ ଓ ୧୬୪ଟି କଲଭର୍ଟ ନିର୍ମାଣ ଇତିମଧ୍ୟରେ ଶେଷ ହୋଇଛି । ଦ୍ରୁତଗତିରେ ରେଳପଥ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଖୁବଶୀଘ୍ର ଜିଲାବାସୀ ରେଳସେବାର ଲାଭ ଉଠାଇପାରିବେ। ଏ ସମ୍ପର୍କରେ ଭାଜପାର ବରିଷ୍ଠ ନେତା ଭୁବନମୋହନ ଜେନା କହିଛନ୍ତି, କେନ୍ଦ୍ରାପଡାରେ ରେଳସେବା ଏକ ସ୍ୱପ୍ନ ପରି ଲାଗୁଥିଲା। ୨୦୧୪ରେ ରାଜ୍ୟ ସରକାର ଏଠାରେ ରେଳପଥ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ୩୦୦ କୋଟି ଟଙ୍କା ଦାବି କରିଥିଲେ। ମାତ୍ର ତତ୍କାଳୀନ କେନ୍ଦ୍ର ସରକାର ଏଥିପାଇଁ କେବଳ ୩୬.୮ କୋଟି ଟଙ୍କାର ବ୍ୟୟବରାଦ କରିଥିଲେ। ମାତ୍ର ନୂତନ ସରକାର କେନ୍ଦ୍ରକୁ ଆସିବା ପରେ ପୂର୍ବ ୩ଟି ବଜେଟରେ ଏଥିପାଇଁ ୨୦୦ କୋଟି ଲେଖାଏ ଟଙ୍କା ବ୍ୟୟ ବରାଦ ହୋଇଥିଲା। ଚଳିତ ବର୍ଷ ପ୍ରକଳ୍ପର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହାର ବ୍ୟୟ ବରାଦ ୪୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଫଳରେ ଅଧୁରା କାମ ଶୀଘ୍ର ଶେଷ ହୋଇପାରିବ ବୋଲି ଆଶା କରାଯାଉଛି। ସେହିପରି ରେଳପଥ ସମ୍ପର୍କରେ ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ କହିଛନ୍ତି , ଏହି ରେଳ ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ବହୁତ ଅବଦାନ ରହିଛି । ଏହି ଏସପିଭି (ସ୍ପେଶିଆଲ ପରପୋଜ ଭେଇକିଲ) ପ୍ରୋଜେକ୍ଟରେ ରାଜ୍ୟର ୨୬.୫୪ ପ୍ରତିଶତ ଅଂଶଧନ ରହିଛି । ଏହାବ୍ୟତୀତ ଜମି ଅଧିଗ୍ରହଣ ସମୟରେ ନଦୀ, ନାଳ, କେନାଲ, ମାହାରା ଆଦିରେ ରେଳପଥ ସମ୍ପ୍ରସାରଣ ପାଇଁ ଅନୁମୋଦନ ଦେଇଛନ୍ତି। ଏଥିସହ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ରେଜିଷ୍ଟ୍ରେଶନ ଓ ଷ୍ଟାମ୍ପ ଫିସ ମଧ୍ୟ ଛାଡ କରିଦେଇଛନ୍ତି। ତେବେ ଆରଭିଏନଏଲର କାର୍ଯ୍ୟଶୈଳୀ ପାଇଁ ପ୍ରକଳ୍ପର ଅଗ୍ରଗତି ହୋଇପାରୁନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ଅପରପକ୍ଷେ ରେଳପଥ କାର୍ଯ୍ୟ ତୁରନ୍ତ ଶେଷ ହେବାପରେ ଏହାର ଲାଭ ଉଠାଇବା ପାଇଁ ଜିଲାବାସୀ ଉତ୍କଣ୍ଠାର ସହ ଜଗି ବସିଛନ୍ତି। ଏବେ ବଜେଟରେ ଅଧିକ ଅର୍ଥ ବ୍ୟୟ ବରାଦ ହେବା ପରେ ପ୍ରକଳ୍ପ କାର୍ଯ୍ୟ କେତେଶୀଘ୍ର ଶେଷ ହେବ ତାହା ଦେଖିବାକୁ ବାକି ରହିଲା।

## ବେଲପାଳରେ ମା' ରଟନ୍ତି କାଳୀପୂଜା ଆରମ୍ଭ



ରାଜନଗର,୩।୨(ଡିଏନଏ)

ରାଜନଗର ବ୍ଲକ ବେଲପାଳ ଗ୍ରାମରେ ରବିବାରଠାରୁ ମା' ରଟନ୍ତି କାଳୀପୂଜା ଆରମ୍ଭ ହୋଇଛି। ଏହା ୭ଦିନ ଧରି ଚାଲିବ। ସତୁରୀ ବର୍ଷ ତଳୁ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି। ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତିକୁ ମଧ୍ୟରାତ୍ରରେ ଜୀବନ୍ୟାସ ଦିଆଯିବ। ମା'ଙ୍କ ପାର୍ବଣ ମହୋତ୍ସବ ପାଇଁ ଗାଁ ଏବେ ଉତ୍ସବମୁଖର ହୋଇପଡିଛି। ଗ୍ରାମର ପ୍ରଗତି ଯୁବକ ସଂଘ ପକ୍ଷରୁ କାଳୀପୂଜା ଅବସରରେ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଗ୍ରାମର ଯେଉଁମାନେ ସୁଦୂର ବାଙ୍ଗାଲୋର, ସୁରଟ, କଲିକତା, ଦିଲ୍ଲୀ ପ୍ରଭୃତି ସ୍ଥାନରେ ଅଛନ୍ତି ,ସେମାନେ ଏହି ଉତ୍ସବରେ ସାମିଲ ହେବା ପାଇଁ ଗାଁ ମୁହାଁ ହୋଇଛନ୍ତି । ପଣ୍ଡିତ ସୁରେନ୍ଦ୍ର ପଣ୍ଡା, ନବଘନ ପଣ୍ଡା , ଦୋଳଗୋବିନ୍ଦ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାର୍ବଣ ଆରମ୍ଭ ହୋଇଛି। ପୂଜା ଦାୟିତ୍ୱରେ ଥିବା ପ୍ରଗତି ଯୁବକ ସଂଘର ସଭାପତି ବିକ୍ରମ ବାରିକ ଓ ସଂପାଦକ ନିରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଏହି ଉତ୍ସବ ହେଉଛି।

■ ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା

# ହୃଦୟକୁ ଛୁଇଁଲେ ଗପ ଲେଖା ସାର୍ଥକ ହୁଏ

କେନ୍ଦ୍ରାପଡ଼ା ଅଫିସ୍, ୩।୨

ସହରର ମହିପାଳ ଟେଲିକମ ଗ୍ରାଉଣ୍ଡଠାରେ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ପକ୍ଷରୁ ଆୟୋଜିତ ଅଷ୍ଟାଦଶ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳାର ରବିବାର ଥିଲା ତୃତୀୟ ସନ୍ଧ୍ୟା । ଏହି ଅବସରରେ ଗାଳ୍ପିକ ମାତୃଦତ୍ତ ମହାନ୍ତିଙ୍କ ସଂଯୋଜନାରେ 'ଭଲ ଗପର ସଂଜ୍ଞା' ଶୀର୍ଷକ ସାରସ୍ୱତ ଆଲୋଚନା ହୋଇଥିଲା। ଆଲୋଚକମାନେ ମତ ଦେଇଥିଲେ ଯେ, ହୃଦୟକୁ ଛୁଇଁଲେ ଗପ ଲେଖାରେ ସାର୍ଥକତା ଥାଏ। ଏଥିରେ ଗାଳ୍ପିକ ଶୀତେଶ ତ୍ରିପାଠୀ, ଜ୍ୟୋତି ନନ୍ଦ, ରବି ପଣ୍ଡା, ଅତୁଲ ବଳ ଓ ପ୍ରଦୀପ ନାୟକ ଆଲୋଚକ ଭାବେ ଯୋଗ ଦେଇଥିଲେ। ସେମାନେ ଦର୍ଶାଇଥିଲେ ଯେ, ଶବ୍ଦର ଖେଳ ପାଠକଙ୍କୁ ସର୍ବଦା ଆନନ୍ଦ ଦେଇଥାଏ। କେତେକ ଗଳ୍ପ ସାରା ଜୀବନ ପାଠକଙ୍କ ମନେ ରହିଥାଏ। ଗଳ୍ପରେ ସାମାଜିକ ଚିତ୍ରର ବାସ୍ତବ ଚରିତ୍ର ଧରି ରଖିବା ଲେଖକଙ୍କ କାର୍ଯ୍ୟ ବୋଲି ସେମାନେ ମତ ଦେଇଥିଲେ। ଏହି ଅବସରରେ ଗାଳ୍ପିକ ରଞ୍ଜନ ପ୍ରଧାନଙ୍କ ଡୁମା ଦେବତା ଓ ଅନ୍ୟାନ୍ୟ ଗଳ୍ପ ପୁସ୍ତକକୁ ଆଲୋଚକମାନେ ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପୂର୍ବରୁ ସହରର ଗୋପସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ ପକ୍ଷରୁ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କେମ୍‌ର ସଦସ୍ୟ ଜ୍ୟୋତି ନାୟକ, ଶେଷଦେବ ଦାସ, ଭବାନୀ ଶଙ୍କର ଓଝା, ସମ୍ବିତ ଶ୍ରୀଚନ୍ଦନ, ଲଳିତେନ୍ଦୁ ପଣ୍ଡା, କ୍ଷୀରୋଦ କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଏହି ପୁସ୍ତକ ମେଳାରେ ବହୁ ନାମୀ ଦାମୀ ପବ୍ଲିକେଶନଙ୍କ ବହିର ଷ୍ଟଲ ଖୋଲିଛି। ସୋମବାର ସନ୍ଧ୍ୟାରେ ସହରର ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ସହ ଭାବଗ୍ରାହୀ କଳା ନିକେତନ ପକ୍ଷରୁ ଚିର ସବୁଜ ଅକ୍ଷୟ ମହାନ୍ତି ସ୍ମୃତି ସନ୍ଧ୍ୟା ଅନୁଷ୍ଠିତ ହେବ ବୋଲି କେମ ସଭାପତି ଅକ୍ଷୟ କୁମାର ପାଣି ସୂଚନା ଦେଇଛନ୍ତି।





ପୁସ୍ତକମେଳାର ତୃତୀୟ ସନ୍ଧ୍ୟାରେ ଅନୁଷ୍ଠିତ ସମାରୋହରେ ଅତିଥିମାନେ।

## ଭୌତିକ ଅଗ୍ନିକାଣ୍ଡ, ୪ ବଖରା ଜଳିଗଲା

ଆଳି, ୩।୨ (ଡି.ଏନ୍.ଏ.)

ଆଳି ବ୍ଲକ ପଦନୀପାଳ ପଞ୍ଚାୟତ ଦୈତାରୀପୁର ଗ୍ରାମରେ ଗତ ଦୁଇ ଦିନ ହେବ ଭୌତିକ ଅଗ୍ନିକାଣ୍ଡ ଘଟୁଥିବା ନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ରବିବାର ଗ୍ରାମର ବିଶ୍ୱନାଥ ମଳିକ, କାଳନ୍ଦୀ ମଳିକ ଓ କ୍ଷେତ୍ରବାସୀ ମଳିକଙ୍କ ଘରେ ହଠାତ୍ ନିଆଁ ଲାଗିଯାଇଥିଲା। ଘରେ ନିଆଁ ଲାଗି କେବଳ ବାଉଁଶ ଜଳୁଥିବାରୁ ଗ୍ରାମବାସୀ ଏହାକୁ ଭୌତିକ ଅଗ୍ନିକାଣ୍ଡ ବୋଲି କହିଛନ୍ତି। ଶନିବାରଠାରୁ ଗ୍ରାମର ବହୁ ଲୋକଙ୍କ ଘରେ ଏଭଳି ଆକସ୍ମିକ ଭାବେ ନିଆଁ ଲାଗି ଯାଉଥିବାରୁ ସେହି ପରିବାରର ଲୋକମାନେ ଘର ବାହାରକୁ ଜିନିଷପତ୍ର ନେଇ ଆସି ଖୋଲା ଆକାଶତଳେ ପଡ଼ି ରହିଛନ୍ତି। ସୂଚନାଯୋଗ୍ୟ, ଶନିବାର ଗ୍ରାମର ଟୁକୁନା ମଳିକଙ୍କ ଘରେ ହଠାତ୍ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ଏହି ନିଆଁକୁ ଆୟତ୍ତ ନେଇଥିଲେ। ରବିବାର ପୂର୍ବାହ୍ନରେ ପୁଣିଥରେ ଟୁକୁନାଙ୍କ ଘରେ ନିଆଁ ଲାଗିଥିଲା। ଗ୍ରାମବାସୀ ସଙ୍ଗେସଙ୍ଗେ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ବାରମ୍ବାର ଜଣଙ୍କ ଘରେ ହଠାତ୍ ନିଆଁ ଲାଗୁଥିବା ଯୋଗୁ ପରିବାର ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି।

## ଡଲଫିନ୍ କନିଷ୍ଠ ଆବାସିକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ





ଉତ୍ସବରେ ଉପସ୍ଥିତ ଅତିଥିମାନେ।

ମାର୍ଶାଘାଇ, ୩।୨ (ଡ଼ିଏନ୍ଏ)

ମାର୍ଶାଘାଇ ବ୍ଲକ ଶିଳିପୁରସ୍ଥିତ ଡଲଫିନ୍ +୨ଆବାସିକ ମହାବିଦ୍ୟାଳୟ ଏବଂ ଡାଫୋଡିଲ୍ ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ଉଭୟ ଅନୁଷ୍ଠାନର ପ୍ରତିଷ୍ଠାତା ତାପସ ପାଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବିନ୍ଦୁମିତ୍ର ବଳ, ମୁଖ୍ୟବକ୍ତା ଭାବେ ମାର୍ଶାଘାଇ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧାପକ ପ୍ରଭାତ କୁମାର ଲେଙ୍କା ,ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା,ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରାଧାପକ ସୌମେନ୍ଦ୍ର ପାଲ , ଏଲ୍ ଏନ୍ ବିଦ୍ୟାପୀଠର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ରାଉତ ,ମାର୍ଶାଘାଇ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧାପିକା ମେନକା ପାଲ ମଞ୍ଚାସୀନ ଥିଲେ । ଆବାସିକ ଶିକ୍ଷା ବ୍ୟବସ୍ଥାରେ ଛାତ୍ରୀଛାତ୍ରମାନେ ଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ଅଧିକ ସମୟ ଶିକ୍ଷା ଲାଭ କରିବାର ସୁଯୋଗ ପାଇଥାନ୍ତି ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧାପକ ସୁକାନ୍ତ କୁମାର ପ୍ରଧାନ ଉତ୍ସବ ପରିଚାଳନା କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ତାପସ ପାଲ ଧନ୍ୟବାଦ ଦେଇଥିଲେ । ଏହି ଉତ୍ସବରେ ଡଲଫିନ୍ ମହାବିଦ୍ୟାଳୟଓ ଡାଫୋଡିଲ୍ ଇଂରାଜୀ ମିଡିୟମର ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ । ଶେଷରେ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

# କେନ୍ଦ୍ର ସରକାରଙ୍କ ଆତ୍ମନିଯୁକ୍ତି ଯୋଜନା ଦିଗହରା

■ ଜାତୀୟକରଣ ବ୍ୟାଙ୍କ ହିତାଧିକାରୀଙ୍କୁ ଋଣ ଦେଉନାହିଁ
■ ୨୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଲୋକ ଅଦାଲତର ଦ୍ୱାରସ୍ଥ

ପଟ୍ଟାମୁଣ୍ଡାଇ,୩।୨(ସ୍ୱ.ପ୍ର)

କେନ୍ଦ୍ର ସରକାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ଶିକ୍ଷିତ ବେକାର ଯୁବତୀଯୁବକଙ୍କ ଆତ୍ମ ନିଯୁକ୍ତି ଓ ଆୟପନ୍ଥା ଯୋଗାଇ ଦେବାକୁ ପିଏମଇଜିପି ଯୋଜନା କାର୍ଯ୍ୟକାରୀ କରିଛନ୍ତି । ପ୍ରତ୍ୟେକ ରାଜ୍ୟ ଭଳି ଓଡିଶାରେ ମଧ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(କେଏଲଆଇସି), ଖଦୀ ଓ ଗ୍ରାମୋଦ୍ୟୋଗ କମିଶନ, ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡ, ଜିଲା ଶିଳ୍ପକେନ୍ଦ୍ରଙ୍କ ମିଳିତ ସହଯୋଗରେ ଉଦ୍ୟୋଗୀମାନଙ୍କୁ ଚିହ୍ନଟ କରାଯାଇ ବ୍ୟାଙ୍କକୁ ସବ୍‌ସିଡି ଯୁକ୍ତ ଋଣ ପାଇଁ ସୁପାରିଶ କରାଯାଇଥାଏ। ଏଥି ଲାଗି ଚିହ୍ନଟ ହୋଇଥିବା ଉଦ୍ୟୋଗୀମାନଙ୍କୁ ଇଏଡି, ଏସବିଆଇ ଓ ଆରବିଆଇ ମାଧ୍ୟମରେ ତାଲିମ ପ୍ରଦାନ କରାଯାଇଥାଏ । ତାଲିମପ୍ରାପ୍ତ ଉଦ୍ୟୋଗୀମାନଙ୍କୁ ସବସିଡ ଋଣ ପ୍ରଦାନ ପାଇଁ ଜିଲାସ୍ତରରେ ଗଠିତ ଟ୍ୟାକ୍ସ ଫୋର୍ସ କମିଟି ପକ୍ଷରୁ ବିଭିନ୍ନ ବ୍ୟାଙ୍କକୁ ପ୍ରସ୍ତାବ ପଠାଯାଇଥାଏ । ଏହି ଜିଲାସ୍ତରୀୟ ଟ୍ୟାକ୍ସ ଫୋର୍ସ କମିଟିରେ ଜିଲାପାଳ ଅଧକ୍ଷ ଥିବା ବେଳେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଉପାଧକ୍ଷ ଓ ଲିଡ୍ ବ୍ୟାଙ୍କ ମ୍ୟାନେଜର କେଭିଆଇଏସ, କେଭିଆଇବି ଓ ଡିଆଇସି ପ୍ରତିନିଧିମାନେ ସଭ୍ୟ ରହିଥାଅନ୍ତି ।

ଅନୁସୂଚିତ ଜାତି ଓ ଜନଜାତି କର୍ପୋରେସନର ଏମଏସଏମଇ, ଆଇଟିଆଇ ଓ ପଲିଟେକନିକର ପ୍ରତିନିଧି ଭାବେ ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ଓ ଜିଲା ଶିଳ୍ପକେନ୍ଦ୍ରର ମ୍ୟାନେଜର ଅତିଥି ଭାବେ କାର୍ଯ୍ୟ କରିଥାନ୍ତି ।

ଏହି ଜିଲାସ୍ତରୀୟ ଟ୍ୟାକ୍ସ ଫୋର୍ସ କମିଟି ଦ୍ୱାରା ଉଦ୍ୟୋଗୀମାନଙ୍କର ଦରଖାସ୍ତ ଯାଞ୍ଚ କରାଯାଇ ଲିଡ ବ୍ୟାଙ୍କ ମ୍ୟାନେଜରଙ୍କ ନିକଟକୁ ପଠା ଯାଇଥାଏ। ଉଦ୍ୟୋଗୀମାନଙ୍କ ଦ୍ୱାରା ପ୍ରସ୍ତାବିତ ପ୍ରୋଜେକ୍ଟ ବ୍ୟାଙ୍କକୁ ପଠାଯିବା ପରେ ବ୍ୟାଙ୍କ ଋଣ ଦେବା ପ୍ରକ୍ରିୟା ଆରମ୍ଭ କରିଥାଆନ୍ତି । କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ୧୦ ଲକ୍ଷ ଟଙ୍କାରୁ କମ ପ୍ରୋଜେକ୍ଟ ଉପରେ କୌଣସି ଗ୍ୟାରେଣ୍ଟର ଆବଶ୍ୟକ ନାହିଁ । ପଟ୍ଟାମୁଣ୍ଡାଇ ଓ ରାଜନଗର ଅଞ୍ଚଳରେ ଥିବା ବ୍ୟାଙ୍କଗୁଡିକ ହିତାଧିକାରୀମାନଙ୍କୁ ଋଣ ନ ଦେଇ ବିଭିନ୍ନ ଆଳ ଦେଖାଇ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ଫଳରେ ବାରମ୍ବାର ବ୍ୟାଙ୍କକୁ ଦୌଡି ଦୌଡି ହତାଶ ହୋଇପଡିଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଅନ୍ୟ ଉପାୟ ନ ପାଇ ଶେଷରେ ୨୦ରୁ ଊର୍ଦ୍ଧ୍ୱ ହିତାଧିକାରୀ କଟକ ସ୍ଥାୟୀ ଲୋକ ଅଦାଲତର(ପିୟୁଏସ) ଦ୍ୱାରସ୍ଥ ହୋଇଛନ୍ତି । ଏହି ମକଦ୍ଦମାରେ ସମ୍ପୃକ୍ତ ବ୍ୟାଙ୍କଗୁଡିକର ମ୍ୟାନେଜରଙ୍କ ସହିତ ଜିଲାପାଳ, ଜିଲା ଶିଳ୍ପକେନ୍ଦ୍ର ମ୍ୟାନେଜରଙ୍କୁ ପକ୍ଷଭୁକ୍ତ କରାଯାଇଛି । ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ଏସବିଆଇ ମୁଖ୍ୟ ଶାଖା ଓ ବଜାର ଶାଖା, ପିଏନବି, କାନାରା ବ୍ୟାଙ୍କ, ଇଣ୍ଡିଆନ ବ୍ୟାଙ୍କ, ବ୍ୟାଙ୍କ ଅଫ ବରୋଦା, ୟୁନିୟନ ବ୍ୟାଙ୍କ, ଇଣ୍ଡିଆନ ବ୍ୟାଙ୍କ ଶାସନ, ଓଉପଦା ସହିତ ରାଜନଗର ସେଣ୍ଟ୍ରାଲ ବ୍ୟାଙ୍କ, ଚାନ୍ଦିବାଉଁଶମୁଳ ଇଣ୍ଡିଆନ ବ୍ୟାଙ୍କ ପ୍ରଭୃତି ହିତାଧିକାରୀ ମାନଙ୍କୁ ଋଣ ପ୍ରଦାନରେ ସହଯୋଗ କରୁ ନ ଥିବାରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ସବ୍‌ସିଡି ଟଙ୍କା ଫେରି ଯାଉଛି ବୋଲି ହିତାଧିକାରୀମାନେ ଦର୍ଶାଇଛନ୍ତି। ହିତାଧିକାରୀ ଅଶ୍ୱିନୀ କୁମାର ପାତ୍ର, ବୀରେନ ସ୍ୱାଇଁ, ସବିତା ସେଠୀ, ସାବିତ୍ରୀ ସେଠୀ, ସ୍ୱର୍ଣ୍ଣପ୍ରଭା ଭୂୟାଁ, ଅଶୋକ ଦାସ, ସଂଯୁକ୍ତା ବେହେରା, ମମତା ମଲିକ, ସୋନାଲି କୁଣ୍ଡ, ରଶ୍ମିତା ବେହେରା, ବାସନ୍ତି ପରିଡା, ସଙ୍ଗୀତା ଦାସ, ସେବତୀ ସେନାପତି, ଅନ୍ନପୂର୍ଣ୍ଣା ସାହୁ, ଭାରତୀ ମହାନ୍ତି ପ୍ରମୁଖ ୨୦୧୮ରେ ମାମଲା ରୁଜୁ କରିଥିବା ବେଳେ ୨୦୧୯ରେ ସୁକାନ୍ତି ମଲିକ, ଝୁନା ମଲିକ, ରାଜଲକ୍ଷ୍ମୀ ମହାଲିକ, ମଞ୍ଜୁଲତା ପାତ୍ର ସ୍ଥାୟୀ ଲୋକ ଅଦାଲତରେ ଋଣ ପାଇବା ପାଇଁ ମାମଲା ରୁଜୁ କରିଛନ୍ତି । ସ୍ଥାୟୀ ଲୋକ ଅଦାଲତ ମାମଲାଗୁଡିକ ଗ୍ରହଣ କରି ପରବର୍ତ୍ତୀ ପଦକ୍ଷେପ ପାଇଁ କାର୍ଯ୍ୟ ଜାରି ରଖିଛନ୍ତି ।

■ ରାଜନଗରରେ ଡକାୟତି ଉଦ୍ୟମ ପଣ୍ଡ

# ୪ ଅପରାଧୀ ଗିରଫ, ୭ ଚୋରା ମୋଟର ସାଇକେଲ ଜବତ

ରାଜନଗର, ୩।୨(ଡିଏନଏ)

ଶନିବାର ବିଳମ୍ବିତ ରାତିରେ ରାଜନଗର ଭିତରକନିକା ରାସ୍ତାର ହଂସିଣା ସେତୁ ନିକଟରେ ଏକାଠି ହୋଇ ଡକାୟତି ପାଇଁ ଯୋଜନା କରୁଥିବା ୮ ଜଣ ଡକାୟତଙ୍କ ମଧ୍ୟରୁ ପୋଲିସ ଘଟଣାସ୍ଥଳରୁ ୪ ଜଣଙ୍କୁ ଗିରଫ କରିଛି । ଅନ୍ୟ ୪ ଜଣ ପୋଲିସ ଆଖିରେ ଧୂଳି ଦେଇ ଖସି ଯାଇଛନ୍ତି । ଗତ ୨୧ ତାରିଖ କଣ୍ଡିରା ଗୁଳିକାଣ୍ଡରେ ସମ୍ପୃକ୍ତ ଥିବା ସାପଗ୍ୟାଙ୍ଗର ଅପରାଧୀମାନେ ଏହି ଅଞ୍ଚଳରେ ଏକ ବଡଧରଣର ଡକାୟତି କରିବା ପାଇଁ ଯୋଜନା କରୁଥିଲେ । ଏ ସଂପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରାଜନଗର ଥାନା ଆଇଆଇସି ସୁକାନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ ପୋଲିସ ସଦଳବଳେ ସେଠାରେ ଚଢାଉ କରି ରାଜକନିକା ଥାନା ଚେରଣ୍ଟପଡା ଗାଁର ନଣ୍ଡା ମାଝି, ରାଜନଗର ଥାନା ଭିତରଗଡ ଗାଁର ସର୍ବେଶ୍ୱର ବେହେରା, ବ୍ରାହ୍ମଣସାହି ଗାଁର ଅକ୍ଷୟ ବେହେରା, ହଂସୁଆ ଗାଁର ବିବେକାନନ୍ଦ ଦାସଙ୍କୁ ଗିରଫ କରିଥିଲା। ଏହାଛଡା ଘଟଣାସ୍ଥଳରୁ ୩ଟି ଚୋରା ମୋଟର ସାଇକେଲ, ଭୁଜାଲି, ବାରୁଦ ଗୁଣ୍ଡ, ବୋମା ତିଆରି ସାମଗ୍ରୀ, କଳାମୁଖା ଜବତ କରିଥିଲା । ଧରାପଡିଥିବା ୪ ଡକାୟତ କେନ୍ଦ୍ରାପଡା ଜିଲାର ବିଭିନ୍ନ ଥାନା ଅଞ୍ଚଳରୁ ଆହୁରି ୧୦-୧୫ଟି ମୋଟରସାଇକେଲ ଚୋରି କରିଥିବା ସ୍ୱୀକାର କରିଥିଲେ। ସେମାନଙ୍କ ଠାରୁ ମିଳିଥିବା ସୂଚନା ଆଧାରରେ ଆଳି, ରାଜନଗର, ରାଜକନିକା ପୋଲିସ ଓ କେନ୍ଦ୍ରାପଡା ସ୍ପେଶାଲ ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଚଢାଉ କରି ଆଉ ୪ଟି ଚୋରା ମୋଟରସାଇକେଲ ଜବତ କରିଛି। ରବିବାର ରାଜନଗର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କେନ୍ଦ୍ରାପଡା ଏସପି ନୀତି ଶେଖର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଏବେ ବି ତଲାସି ଜାରି ରହିଛି। ଓଆର୦୫ ଏଏସ ୮୮୫୪ ହଣ୍ଟର, ଓଡି୨୯ବି ୩୮୨୬ ଗ୍ଲାମର, ଓଡି୨୯ସି ୮୫୭୨ ଗ୍ଲାମର, ଓଡି୨୯ -୪୪୪୧ ହିରୋ ସ୍ପ୍ଲେଣ୍ଡର ପ୍ରୋ, ଓଆର୦୪ ଏଚ ୯୦୪୦ ହିରୋହୋଣ୍ଡା ସିଡି ଡିଲକ୍ସ, ଓଆର୦୨ ବିଏଫ ୯୧୭୨ ହିରୋହୋଣ୍ଡା ଡିଲକ୍ସ ଓ ଅନ୍ୟ ଏକ ମୋଟରସାଇକେଲ ଜବତ କରାଯାଇଛି। ଜବତ ହୋଇଥିବା ୭ଟି ଚୋରା ମୋଟର ସାଇକେଲ ମଧ୍ୟରୁ ୬ଟି ମୋଟର ସାଇକେଲ ପୂର୍ବରୁ ଚୋରି ହୋଇଥିବା ନେଇ ଆଳି, ପଟ୍ଟାମୁଣ୍ଡାଇ, ରାଜନଗର ଥାନାରେ ମାମଲା ରୁଜୁ ହୋଇଥିଲା। ଏହି ଖବରଦାତା ସମ୍ମିଳନୀରେ ଏସଡିପିଓ ରଞ୍ଜନ କୁମାର ଦେ, ରାଜନଗର ଥାନା ଆଇଆଇସି ପାତ୍ର, ଆଳି ଥାନା ଆଇଆଇସି ମହେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା କଣ୍ଡିରା ଗୁଳିକାଣ୍ଡର ପର୍ଦ୍ଦାଫାଶ କ୍ଷେତ୍ରରେ ପୋଲିସର ବିଫଳତା ନେଇ ପ୍ରଶ୍ନ କରାଯିବାରୁ ଏସପି ନୀତି ଶେଖର ଏହାକୁ ଚତୁରତାର ସହ ଏଡାଇ ଖୁବଶୀଘ୍ର ଅପରାଧୀକୁ ଧରାଯିବ ବୋଲି କହିଥିଲେ। ଏହାଛଡା ୩୦ ତାରିଖ ଦିନ ଶ୍ରୀମତୀ ଅଳଙ୍କାର ଓ କଂସାବାସନ ଦୋକାନରୁ ଚୋରି ଘଟଣାରେ ସଂପୃକ୍ତ ଚୋରଙ୍କୁ ଧରାଯିବ ବୋଲି ଏସ୍‌ପି ସୂଚନା ଦେଇଥିଲେ। ତେବେ ସାପଗ୍ୟାଙ୍ଗର ଅପରାଧୀମାନେ ସକ୍ରିୟ ଥିବା ଜଣାପଡିବା ପରେ ସ୍ଥାନୀୟ ଲୋକେ ଆତଙ୍କିତ ହୋଇ ପଡିଛନ୍ତି ।



ଜବତ ସାମଗ୍ରୀ ଓ ଚୋରା ମୋଟରସାଇକେଲ।

## ସଂକ୍ଷେପରେ

ଗୁରୁଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା

### ଆମ୍ବୁଲାନ୍ସରେ ପ୍ରସବ କଲେ ମହିଳା

**ରାଉରକେଲା ଅଫିସ,୩।୨:** ଆଦିବାସୀବହୁଳ ଗୁରୁଣ୍ଡିଆ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗେଟ୍‌ରେ ଶନିବାର ସନ୍ଧ୍ୟାରେ ତାଲା ଝୁଲୁଥିବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଏଠାକୁ ଆସିଥିବା ଜଣେ ଗର୍ଭବତୀ ଆମ୍ବୁଲାନ୍ସ ଭିତରେ ହିଁ ପ୍ରସବ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, କୁଣ୍ଢେଇଡିହା ପଞ୍ଚାୟତ ସାନବାଲିଆ ଗ୍ରାମର ଚିକନା ଓରାମଙ୍କ ସ୍ତ୍ରୀ ପ୍ରସବ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ମେଡିକାଲ ନେବାକୁ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ୧୦୮ ଆମ୍ବୁଲାନ୍ସ ମହିଳାଙ୍କୁ ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ଗୁରୁଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲା। ତେବେ ସେତେବେଳକୁ ମେଡିକାଲ ଗେଟ୍‌ରେ ତାଲା ଝୁଲୁଥିଲା। ଫଳରେ ମହିଳା ଜଣକ ଆମ୍ବୁଲାନ୍ସ ଭିତରେ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ଖବର ପାଇ ମେଡିକାଲ କର୍ମଚାରୀ ପହଞ୍ଚି ମହିଳାଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ।କ ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ ଷଡ଼ଙ୍ଗୀଙ୍କୁ ପଚରାଯିବାରୁ ସେ କହିଥିଲେ, ଚିକନା ଓରାମଙ୍କ ସ୍ତ୍ରୀ ମେଡିକାଲରେ ପହଞ୍ଚିବା ଘଣ୍ଟାକ ପୂର୍ବରୁ ପ୍ରସବ କରି ସାରିଥିଲେ। ଗେଟ୍‌ରେ ତାଲା ନୁହେଁ, ଖାଲି ଆଉଜାଇ ଦିଆଯାଇଥିଲା। ଏବେ ସମ୍ପୃକ୍ତ ମହିଳା ଓ ତାଙ୍କ ଶିଶୁପୁତ୍ର ମେଡିକାଲରେ ରହି ଭଲରେ ଚିକିତ୍ସିତ ହେଉଛନ୍ତି। ଏହାକୁ କେହି ଜାଣିଶୁଣି ଅପପ୍ରଚାର କରିଛି। ଘଟଣା ସମ୍ପର୍କରେ ମୁଁ ଅବଗତ ଅଛି। ତଥାପି ସତ୍ୟାସତ୍ୟ ନେଇ ତଦନ୍ତ କରୁଛି ବୋଲି ଡା. ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି।

### ଲୁଟ୍ ଘଟଣାକୁ ନେଇ ଥାନାରେ ଉତ୍ତେଜନା

- ପୋଲିସ ସହ ଦୁଇ ରାଜନୈତିକ ଗୋଷ୍ଠୀ ମୁହାଁମୁହିଁ
- ଲୁଟ୍‌ର ଶିକାର ହୋଇଛନ୍ତି ଜିଲା କଂଗ୍ରେସ ସଭାପତିଙ୍କ ପୁଅ

**ଭୁବନେଶ୍ୱର, ୩।୨(ବ୍ୟୁରୋ):** ଶହୀଦନଗର ଥାନାରେ ରବିବାର ଅପରାହ୍ନରୁ ରାତି ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିଲା। ଏକ ଲୁଟ୍ ଘଟଣାକୁ ନେଇ ପୋଲିସ ଅଡୁଆ ପରିସ୍ଥିତିରେ ପଡିଥିବାବେଳେ ପକ୍ଷପାତିତା ଓ ଅବହେଳା ଅଭିଯୋଗ ଆଣି ଦୁଇ ରାଜନୈତିକ ଗୋଷ୍ଠୀ ହୋହଲ୍ଲା କରିଥିଲେ। ମିଳିଥିବା ସୂଚନାନୁସାରେ, ଅପରାହ୍ନ ପ୍ରାୟ ୩ଟାରେ ଶହୀଦନଗର ଲେଭଲକ୍ରସିଂ ଦେଇ କାର୍‌ରେ ଘରକୁ ଫେରୁଥିଲେ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କ ପୁଅ ବୈଭବ। ଲେଭଲକ୍ରସିଂ ଫାଟକ ପଡ଼ିଥିବାରୁ ସେ ନିଜ କାର୍‌ରେ ବସି ଥିବାବେଳେ ହଠାତ୍ ଦୁଇଜଣ ଯୁବକ ତାଙ୍କ ଗାଡ଼ି ଉପରକୁ ଅଖା ପକାଇଥିଲେ। ଏହାଦେଖି ବୈଭବ କାର୍ ଡୋର୍ ଖୋଲି ବାହାରକୁ ଆସି ଅଖା ବାହାର କରୁଥିବାବେଳେ ଅନ୍ୟ ଦୁଇଜଣ ଯୁବକ ତାଙ୍କୁ ଟାଣିନେଇ ତାଙ୍କ ବେକରୁ ସୁନା ଚେନ୍ ଓ ହାତରୁ ସୁନା ବ୍ରେସ୍‌ଲେଟ୍ ଲୁଟି ନେଇଥିଲେ। ବୈଭବଙ୍କ ଅଭିଯୋଗ ମୁତାବକ, ଲୁଟେରାଙ୍କୁ ସେ ମୁକାବିଲା କରୁଥିବାବେଳେ ଶାନ୍ତିପଲ୍ଲୀ ବସ୍ତିର ଜଣେ ଯୁବକ ପହଞ୍ଚି ତାଙ୍କୁ ଧରିନେବା ସହ ଲୁଟେରାଙ୍କୁ ଖସାଇ ଦେଇଥିଲେ। ଫଳରେ ବୈଭବ ଉକ୍ତ ଯୁବକଙ୍କୁ କାବୁ କରିବା ପରେ ଶହୀଦନଗର ପୋଲିସକୁ ଡକାଇ ଜିମା ଦେଇଥିଲେ। ଏଥିସହ ଥାନାରେ ଲିଖିତ ଅଭିଯୋଗ ମଧ କରିଥିଲେ। ମାତ୍ର ଉକ୍ତ ଯୁବକ ଜଣଙ୍କ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସକ୍ରିୟ କର୍ମୀ ଥିବାରୁ ଥାନାରେ ତାଙ୍କ ସମର୍ଥକଙ୍କ ଭିଡ଼ ଲାଗିଥିଲା। ମିଥ୍ୟା ଆରୋପ ଲଗାଯାଇଥିବା ଅଭିଯୋଗ ଆଣି ତାଙ୍କୁ ଛାଡ଼ି ଦେବାକୁ ଦାବି କରି ହୋହଲ୍ଲା କରିଥିଲେ। ଫଳରେ ପୋଲିସ ଅଡୁଆରେ ପଡିଯାଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ପୋଲିସ ଲୁଟ୍ ଘଟଣାରେ କୌଣସି ମାମଲା କିମ୍ବା ପଦକ୍ଷେପ ଗ୍ରହଣ ନ କରିବାରୁ ଲୁଟ୍‌ର ଶିକାର ହୋଇଥିବା ବୈଭବଙ୍କ ପିତା ତଥା ଜିଲା କଂଗ୍ରେସ ସଭାପତି ଓ ତାଙ୍କ ସମର୍ଥକମାନେ ଥାନା ଭିତରେ ନାନା ନାରାବାଜି କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଛି ଓ ମାମଲା ରୁଜୁ କରିବାରେ କାହିଁକି ପଛଘୁଞ୍ଚା ଦେଉଛି ତାହାକୁ ନେଇ ପ୍ରଶ୍ନ ଉଠାଇଥିଲେ। ପରିସ୍ଥିତି ବିଗିଡି ଯାଉଥିବାବେଳେ ଜୋନ ଏସିପି କିଶୋର ମୁଣ୍ଡ ପହଞ୍ଚି ଉପସ୍ଥିତ ଲୋକଙ୍କୁ ବୁଝାଶୁଝା କରିବା ସହ ମାମଲା ରୁଜୁ କରି ଏତଲା କପି ଦେବାପରେ ପରିସ୍ଥିତି ଶାନ୍ତ ପଡିଥିଲା। ଏହାପରେ ଶହୀଦନଗର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

■ ଯାଜପୁର ନିର୍ବାଚନମଣ୍ଡଳୀ

# ବିଜେଡି ଛାଡ଼ିଲେ ପୁରୁଖା କର୍ମୀ

**ବିଧାୟକଙ୍କୁ ଶକ୍ତ ଧକ୍କା**

**ଯାଜପୁର ଅଫିସ,୩।୨**



ପ୍ରଦେଶ କଂଗ୍ରେସ ମୁଖ୍ୟାଳୟରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯାଜପୁର ପୂର୍ବତନ ପୌରାଧ୍ୟକ୍ଷଙ୍କୁ ଫୁଲମାଳ ଦେଇ ଦଳକୁ ସ୍ୱାଗତ କରୁଛନ୍ତି।

ଏକଚାଟିଆ ଶାସନ ଓ କର୍ମୀଙ୍କୁ ଉପେକ୍ଷା ଯାଜପୁର ନିର୍ବାଚନମଣ୍ଡଳୀରେ ବିଜେଡି ପାଇଁ ଭାରି ପଡ଼ିଛି। ଗତ ୨ଦଶନ୍ଧୀରୁ ଊର୍ଦ୍ଧ୍ୱ ଧରି ଦଳ ପାଇଁ କାମ କରି ଆସୁଥିବା କର୍ମୀମାନେ ଏବେ ଦଳର ହାତ ଛାଡ଼ିଛନ୍ତି। ରବିବାର ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଉପସ୍ଥିତିରେ ଯାଜପୁର ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରାଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ କଂଗ୍ରେସର ହାତ ଧରିଛନ୍ତି। ଯାଜପୁର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ(ବବି)ଙ୍କୁ ଏହା ଶକ୍ତ ଧକ୍କା ଲାଗିଛି । ନିର୍ବାଚନକୁ ଆଉ ମାତ୍ର ୨ମାସ ବାକି ରହିଥିବାବେଳେ ବରିଷ୍ଠ ସଂଗଠକ ତଥା ବହୁ ପୁରୁଖା କର୍ମୀ ବିଜେଡି ଛାଡ଼ିବା ଦଳ ପାଇଁ ଶୁଭଙ୍କର ନୁହେଁ ବୋଲି ରାଜନୀତି ସମୀକ୍ଷକ ମହଲରେ ମତପ୍ରକାଶ ପାଇଛି।

ଗତ ଦୁଇ ଦଶନ୍ଧି ଧରି ବିଜେଡିର ଗତିପଥ ଯାଜପୁର ଜିଲାରେ କୁସୁମିତ ହୋଇଛି। ତେବେ ୨୦୧୯ ଆରମ୍ଭରୁ ଯାଜପୁର ବିଧାନସଭା ନିର୍ବାଚନ ମଣ୍ଡଳିରେ ବିଜେଡି ପାଇଁ ନୂଆ ଆହ୍ୱାନ ସୃଷ୍ଟି କରିଛି। ବିଧାୟକ ବବିଙ୍କ ନିଜ ଘର ଚାଳ ମୁଣ୍ଡରେ ବାଜିଲାଣି। ଦଳ ଭିତରେ ଥିବା କେତେକ ବରିଷ୍ଠ କର୍ମୀ ମେଳି ବାନ୍ଧିବା ସହ ଦଳ ଛାଡ଼ିବା ବବିଙ୍କୁ ଅଡୁଆରେ ପକାଇଛି। ଗତବର୍ଷ ମାର୍ଚ୍ଚରେ ଯାଜପୁର ପୌରପରିଷଦ ୧୫୦ ବର୍ଷ ପୂର୍ତ୍ତି ପାଳନ କରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧୫୦ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଥିଲେ। ଏଥିରେ ସହରର ରାସ୍ତାଘାଟ ଓସାରିଆ ହେବା ସହିତ ବହୁ ଚର୍ଚ୍ଚିତ କୁସୁମା ପୋଖରୀର ପୁନରୁଦ୍ଧାର ହୋଇଛି। ତେବେ କେତେକ ନିର୍ଦ୍ଦିଷ୍ଟ ବିଜେଡି କର୍ମୀ ଏଥିରେ କୋଟିପତି ହୋଇଛନ୍ତି। ଜିଲା ପ୍ରଶାସନକୁ ହାତରେ ରଖି ଏକାଧିକ ପ୍ରକଳ୍ପରେ ନିମ୍ନମାନର କାର୍ଯ୍ୟ କରି ବିଲ୍ ଭାଉଚରରେ ଚଞ୍ଚକତା ହୋଇଥିବା ଅଭିଯୋଗ ହୋଇଛି। ଏପରିକି କୁସୁମା ପୋଖରୀରେ ଆବଶ୍ୟକତାଠାରୁ ଢେର ଅଧିକ ଖର୍ଚ୍ଚ ଦର୍ଶାଯାଇ କୋଟି କୋଟି ଟଙ୍କା ବାଟମାରଣା ହୋଇଥିବା ଚର୍ଚ୍ଚା ହେଉଛି । ବିଧାୟକଙ୍କ ଏଭଳି ଏକଚାଟିଆ ନୀତିକୁ କେତେକ ବରିଷ୍ଠ କର୍ମୀ ବିରୋଧ କରି ଆସୁଛନ୍ତି। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ଶେଷରେ ଦଳ ଛାଡ଼ିବାକୁ ସେମାନେ ନିଷ୍ପତ୍ତି ନେଇଛନ୍ତି । ଧୀରେଧୀରେ ପୁରୁଣା ବିଜେଡି କର୍ମୀଙ୍କ ସହ ଦୂରତା ବଢ଼ିବାରେ ଲାଗିଛି। ବିଧାୟକ ସେମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ବିଫଳ ହେଉଛନ୍ତି । ଦଳ ଭିତରର ବିବାଦକୁ ସାଧାରଣ ଭୋଟରଙ୍କ ନଜରଠାରୁ ହଟାଇବା ପାଇଁ କ୍ରିକେଟ ଖେଳ, ଗଣଦୌଡ଼, ରକ୍ତଦାନ ଶିବିର, ମହୋତ୍ସବ, ରାଜ୍ୟସ୍ତରୀୟ ନେତା, ବଲିଉଡ ଓ ଓଲିଉଡ ସେଲିବ୍ରିଟିଙ୍କ ଉପରେ ଭରସା କରିଛନ୍ତି। ବିଧାୟକ ବବିଙ୍କ ଏହି ନୂଆ ଫଣ୍ଡା ତାଙ୍କୁ ହିଁ ବିପଦରେ ପକାଇଛି। ୨୦୦୦ ମସିହାରୁ ବିଜେଡି ଏଠାରେ ଲଗାତାରଭାବେ ବିଜୟୀ ହୋଇଛି। ୨୦୦୦ରେ ବିଜେଡିର ସୂର୍ଯ୍ୟମଣି ଜେନା ୧୭,୪୭୫ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବାବେଳେ ୨୦୦୪ରେ ପରମେଶ୍ୱର ସେଠୀ ୧୫,୧୭୦ ଭୋଟ, ୨୦୦୯ରେ ବବି ୬୧,୭୧୨ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ସେହିପରି ୨୦୧୪ରେ ବବି ୮୪,୬୧୩ ଭୋଟ ବ୍ୟବଧାନରେ ବିଜୟୀ ହୋଇ ରେକର୍ଡ ସୃଷ୍ଟି କରିଛନ୍ତି। ଯାହାକି ବବିଙ୍କଠାରେ ଅହଙ୍କାର ଓ ସ୍ୱେଚ୍ଛାଚାରିତା ବୃଦ୍ଧି କରିବାରେ କାରଣ ସାଜିଥାଇପାରେ ବୋଲି କୁହାଯାଉଛି। ଏପରି କି ବବି ଅଧିକାଂଶ ସମୟ ବାହାରେ ରହୁଥିବାରୁ କର୍ମୀଙ୍କୁ ଏକଜୁଟ କରିବାରେ ସେ ବିଫଳ ହୋଇଛନ୍ତି। ଫଳରେ ଗଡର ମୂଳଦୁଆ ଦୋହଲିବାକୁ ଆରମ୍ଭ କଲାଣି। ଆଉ ଏହା ଆଗାମୀ ନିର୍ବାଚନରେ ବିଜେଡିର ଭୋଟ ହାରକୁ ନିଶ୍ଚିତ ଭାବେ ପ୍ରଭାବ ପକାଇବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଲେଣି। ତେବେ ପୂର୍ବତନ ପୌରାଧ୍ୟକ୍ଷ ବେହେରା କହିଛନ୍ତି ବିଜେଡିରେ ନୀତି ଆଦର୍ଶ ବୋଲ କିଛି ନାହିଁ। ଏହି ଦଳରେ ସ୍ୱେଚ୍ଛାଚାରିତା ଶାସନ ଚାଲିଛି। ତେଣୁ ସେ ବିଜେଡି ଛାଡିଥିବା କହିଛନ୍ତି। ଅନ୍ୟପକ୍ଷେ ବିଧାୟକଙ୍କ ମତାମତ ମିଳିପାରି ନ ଥିବାବେଳେ ବିଜେଡି ଜିଲା ସଭାପତି ସରୋଜ କୁମାର ମହାପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନକୁ ଆଧାର କରି ଜିଲାରେ ବିଜେଡି ସଂଗଠନ ଆହୁରି ସୁଦୃଢ ହୋଇଛି। ତେଣୁ କିଏ ଦଳ ଛାଡ଼ିଲେ ବିଜେଡିକୁ କିଛି ଫରକ ପଡ଼ିବ ନାହିଁ। ଏପରି କି ଯେଉଁମାନେ ଦଳ ଛାଡ଼ି କଂଗ୍ରେସରେ ମିଶିଛନ୍ତି ସେମାନେ ଦୀର୍ଘ ବର୍ଷ ଧରି ସକ୍ରୀୟ ରାଜନୀତିରେ ନାହାନ୍ତି ବୋଲି ମହାପାତ୍ର କହିଛନ୍ତି।

ଅଲିଭରିଡ୍‌ଲେଙ୍କ ସୁରକ୍ଷା ଚିନ୍ତା

### ୧୨୦୦ କିମି ସାଇକେଲରେ ବୁଲିରେ ଦୁଇ ଯୁବକ

**ପୁରୀଅଫିସ, ୩।୨**

ଓଡ଼ିଶାର ଗହୀରମଥା, ଋଷିକୁଲ୍ୟା ଏବଂ ପୁରୀ ଉପକୂଳକୁ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ଅଲିଭ୍‌ରିଡଲେ କଇଁଛ ମିଳନ ଏବଂ ଅଣ୍ଡାଦାନ ଲାଗି ଆସିଥାନ୍ତି। କିନ୍ତୁ ବେଆଇନ ଭାବେ ହେଉଥିବା ଟ୍ରଲର ଚଳାଚଳ ଏବଂ ଜାଲରେ ପଡି ଏମାନଙ୍କ ମୃତ୍ୟୁ ଘଟିଥାଏ। ବିଭିନ୍ନ ସମୟରେ ଏମାନଙ୍କ ମୃତଦେହ ସମୁଦ୍ର ବେଳାଭୂମିରେ ଦେଖିବାକୁ ମିଳେ। ସଚେତନତା ଅଭାବରୁ ଏମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ତେଣୁ ଏହି କଇଁଛଙ୍କ ସଂରକ୍ଷଣ ଏବଂ ସୁରକ୍ଷା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ପୁରୀ ଜିଲାର ଲିମ୍‌କା ରେକର୍ଡଧାରୀ ୨ଯୁବକ ୧,୨୦୦କିମି ସାଇକେଲରେ ଯାତ୍ରା କରିଛନ୍ତି। ଏହି ଦୁଇଯୁବକ ହେଲେ ଅସ୍ତରଙ୍ଗ ଗୁଣ୍ଡଲବାର ସୌମ୍ୟରଞ୍ଜନ ବିଶ୍ୱାଳ (୨୧) ଏବଂ ସାକ୍ଷୀଗୋପାଳ ବଅଁପାଳର ଦିଲୀପ କୁମାର ବିଶ୍ୱାଳ (୨୦)। ଉଭୟ କଇଁଛ ମାସ୍କଟ ପରିଧାନ କରି ସେମାନେ ଓଡ଼ିଶାର ବିଭିନ୍ନ ଜିଲା ବୁଲିଛନ୍ତି। ଏହି ଯାତ୍ରା ସଫଳ କରି ଗତ ୨ ତାରିଖରେ ଭୁବନେଶ୍ୱରରେ ପହଞ୍ଚି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଏବଂ ମୁଖ୍ୟ ବନ ସଂରକ୍ଷକ ଡ. ଦେବବ୍ରତ ସ୍ୱାଇଁଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି।

■ ମଝିନଈରେ ବୁଡ଼ିଗଲା ଡଙ୍ଗା, ଜଣେ ନିଖୋଜ

## ବୃଦ୍ଧଙ୍କୁ ଉଦ୍ଧାର କଲେ ସପ୍ତମ ଶ୍ରେଣୀ ଛାତ୍ର

**ଲମତାପୁଟ,୩।୨(ଡି.ଏନ୍.ଏ.)**



ଉଦ୍ଧାରକାରି ବାଳକ ପଦ୍ମନ କିର୍ସାନି।

ଅସୁସ୍ଥ ମା'କୁ ଡାକ୍ତରଖାନା ନେବା ପାଇଁ ନିଜେ ଡଙ୍ଗା ଚଳାଇ ନଦୀ ପାର ହେଉଥିଲେ ସପ୍ତମ ଶ୍ରେଣୀରେ ପଢୁଥିବା ଛୋଟିଆ ବାଳକ ପଦ୍ମନ କିର୍ସାନି। ଡଙ୍ଗା ମଝିନଈରେ ହେବା ବେଳକୁ ତାଙ୍କ ଆଖିରେ ପଡ଼ିଲା, ଜଣେ ବୃଦ୍ଧ ବୁଡ଼ିଯାଉଛନ୍ତି। ଏପଟେ ଅସୁସ୍ଥ ମା', ସେପଟେ ପାଣିରେ ଜଣେ ଅସହାୟ ବୃଦ୍ଧଙ୍କ ଜୀବନ। ଏଭଳି ପରିସ୍ଥିତିରେ ସେ ସାହସ ଜୁଟାଇ ନଦୀକୁ ଲମ୍ଫ ମାରି ସେହି ବୃଦ୍ଧଙ୍କୁ ଉଦ୍ଧାର କରିଛନ୍ତି। କୋରାପୁଟ ଜିଲା କୋଲାବ ଜଳଭଣ୍ଡାରର ଏକ ଘାଟରେ ଏଭଳି ସାହସ ଓ ମାନବିକତା ଦେଖାଇଛନ୍ତି ପଦ୍ମନ।

ସୂଚନା ଅନୁଯାୟୀ, ମାଲକାନଗିରି ଜିଲା ବାଲିମେଲା ବ୍ଲକ୍ ଚିତାପାରି-୧ର ଗୁରୁ ହନ୍ତାଳ(୫୪) ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁଖବର ଜଣାଇବା ପାଇଁ ଦୁର୍ଲା ଗ୍ରାମକୁ ଆସିଥିଲେ। କୋରାପୁଟ ଜିଲା ଲମତାପୁଟ ବ୍ଲକ୍ କୋଲାବ ଜଳଭଣ୍ଡାର ବିଚ୍ଛିନ୍ନାଞ୍ଚଳ ଟିକରପଡ଼ା ପଞ୍ଚାୟତରେ ରହିଛି ଦୁର୍ଲା ଗାଁ। ସେଠାରେ ଖବର ଦେବା ପରେ ସମ୍ପର୍କୀୟ ଦାଦା ଗୋପୀ ହନ୍ତାଳ (୭୦)ଙ୍କ ସହ ମାଛଧରା ଡଙ୍ଗାରେ ଫେରୁଥିଲେ। ଦୁର୍ଭାଗ୍ୟକୁ ନଦୀ ମଝିରେ ଡଙ୍ଗା ବୁଡ଼ି ଯାଇଥିଲା। ସେହି ସମୟରେ ଦୁର୍ଲା ଗ୍ରାମର ସପ୍ତମ ଶ୍ରେଣୀ ଛାତ୍ର ପଦ୍ମନ କିର୍ସାନି ମା'ଙ୍କ ଦେହ ଖରାପ ଥିବା ହେତୁ ତାଙ୍କୁ ହସ୍ପିଟାଲ ନେବା ପାଇଁ ନିଜେ ଅନ୍ୟ ଏକ ଡଙ୍ଗା ଚଳାଇ ନଦୀ ପାର ହେଉଥିଲେ। ଗୋପୀ ପାଣିରେ ବୁଡ଼ିଯାଇ ଚିତ୍କାର କରୁଥିବା ଦେଖିବାକୁ ପାଇଥିଲେ ପଦ୍ମନ। ସାହସ ଜୁଟାଇ ସେ ନଦୀକୁ ଲମ୍ଫମାରି ଗୋପୀଙ୍କୁ ମଝିନଈରୁ ଉଦ୍ଧାର କରିଥିଲେ। କିନ୍ତୁ ଗୁରୁଙ୍କ କୌଣସି ପତ୍ତା ମିଳି ନଥିଲା। କୋରାପୁଟ ଓଡ୍ରାଫ ଟିମ୍ ଏବଂ ନନ୍ଦପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧ୍ୟା ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଚଳାଇଥିଲେ ମଧ ଗୁରୁଙ୍କ ସନ୍ଧାନ ମିଳିପାରି ନାହିଁ।

■ ୭ରୁ ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ

## ବିଧାନସଭା ଘେରିବେ ୫୦ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ

**ଭୁବନେଶ୍ୱର, ୩।୨(ବ୍ୟୁରୋ)**

ବିଭିନ୍ନ ଦାବି ଓ ସରକାରଙ୍କ ଅଣଦେଖାକୁ ନେଇ ଆସନ୍ତା ୭ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବ ପ୍ରାଥମିକ ଶିକ୍ଷକ ସଂଘ। ୫୦ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ଏହି ଆନ୍ଦୋଳନରେ ସାମିଲ୍ ହୋଇ ବିଧାନସଭା ଘେରାଉ କରିବେ। ଏଥିପାଇଁ ଯେଉଁ ପରିସ୍ଥିତି ଉପୁଜିବ ସେଥିପାଇଁ ସରକାର ହିଁ ଦାୟୀ ରହିବେ ବୋଲି ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ଚେତାବନୀ ଦେଇଛନ୍ତି।

ରବିବାର ସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ମହାରଣା ଅଭିଯୋଗ କରିଛନ୍ତି ଯେ, ରାଜ୍ୟରେ ପ୍ରାଥମିକ ଶିକ୍ଷା ଅତ୍ୟନ୍ତ ଦୟନୀୟ ସ୍ଥିତିରେ ପହଞ୍ଚିଛି। ଲକ୍ଷାଧିକ ସ୍ଥାୟୀ ଶିକ୍ଷକ ପଦବୀ ଖାଲି ପଡ଼ିଥିବାବେଳେ ସରକାର ଠିକା ନିଯୁକ୍ତି ଦେଇ କାମ ଚଳାଉଛନ୍ତି। ପୁଣି ଚୁକ୍ତି ଅନୁସାରେ, ୬ ବର୍ଷରେ ଠିକା କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରୁଥିଲେ ମଧ୍ୟ ସେମାନଙ୍କ କ୍ଷେତ୍ରରେ ସୁରକ୍ଷିତ ଚାକିରି ସର୍ତ୍ତାବଳୀ ପୂରଣ କରୁନାହାନ୍ତି। ସମାନ କାମକୁ ସମାନ ଦରମା ନ ଦେଇ ଉଚ୍ଚଶିକ୍ଷିତ ଯୁବତୀଯୁବକମାନଙ୍କୁ ଶୋଷଣ କରୁଛନ୍ତି। ଶିକ୍ଷା ଅଧିକାର ଆଇନ୍‌କୁ କଡ଼ାକଡ଼ି କାର୍ଯ୍ୟକାରୀ ନ କରି ପରୋକ୍ଷରେ ଶିକ୍ଷା କ୍ଷେତ୍ରକୁ ଘରୋଇକରଣ କରିବାକୁ ଚେଷ୍ଟା କରୁଛନ୍ତି। ସବୁଠାରୁ ସ୍ପର୍ଶକାତର ପ୍ରସଙ୍ଗ ହେଲା, ଶିକ୍ଷକମାନଙ୍କୁ ଅଣଶିକ୍ଷା କାର୍ଯ୍ୟରେ ଲଗାଉଥିବାରୁ ବିଦ୍ୟାଳୟରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ପୁଣି ଶିକ୍ଷକମାନଙ୍କର ୭ମ ବେତନ କମିଶନରେ ଗ୍ରେଡ୍ ପେ ୨୮୦୦ ଟଙ୍କା ଦେଇ ଦରମା ସଂଶୋଧନ କରିବାରେ କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି। ରାଜ୍ୟରେ ଠିକା କନିଷ୍ଠ ଶିକ୍ଷକଙ୍କ ମୂଳ ଦରମାର ୨୫% ବୃଦ୍ଧି ଓ ବାର୍ଷିକ ୧୦% ବୃଦ୍ଧି କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ ତାହାକୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ କରୁନାହାନ୍ତି। ଠିକା ଶିକ୍ଷକଙ୍କ କାର୍ଯ୍ୟକାଳକୁ ମୂଳ ଚାକିରିରେ ଇନ୍‌କ୍ରିମେଣ୍ଟ ସହ ଗଣନା କରିବା ଓ ୨୦୦୫ ମସିହା ପୂର୍ବ ପ୍ରଚଳିତ ପେନ୍‌ସନ ବ୍ୟବସ୍ଥା ଲାଗୁ କରିବାକୁ ଦାବି କରି ଆସୁଥିଲେ ମଧ ସରକାର ଗୁରୁତ୍ୱ ଦେଉ ନ ଥିବା ସେ କହିଛନ୍ତି। ଏହି ସମ୍ମିଳନୀରେ ସଂଘ ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ, ପ୍ରବୀଣ କୁମାର ଦାସ, ସୁଧାଂଶୁ ଶେଖର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପାଇକ ମେଳି ନୁହଁ ଓଡ଼ିଶା ମେଳି ହେବା କଥା

**ଓଡ଼ିଶାର ସବୁବର୍ଗର ଜନସାଧାରଣ ପାଇକ ଯୁଦ୍ଧରେ ସାମିଲ ଥିଲେ**

**ଡ. ସୁରେନ୍ଦ୍ର କୁମାର ମିଶ୍ର**



ଗଡ଼କୁଜଙ୍ଗରେ ଥିବା କୁଞ୍ଜବିହାରୀ ମନ୍ଦିର।




୧୮୧୭ ମସିହାର ଯୁଦ୍ଧକୁ ଆମେ ଗଣଯୁଦ୍ଧ କହିବାର ଅର୍ଥ ଖୁବ୍ ସରଳ। ବାସ୍ତବରେ ସମଗ୍ର ଓଡ଼ିଶାର ପାଇକବାହିନୀ ଏବଂ ସାଧାରଣ ଜନତା ଏଥିରେ ସାମିଲ ହୋଇଥିଲେ। ବକ୍ସି ଜଗବନ୍ଧୁ ସିନା ପୁରୀ ପଟେ ନେତୃତ୍ୱ ନେଇଥିଲେ, ବିପ୍ଳବ ଯାଇ ସମ୍ବଲପୁରରେ ପହଞ୍ଚିଲା ବେଳକୁ ବକ୍ସିଙ୍କର ଆଉ ନେତୃତ୍ୱ ନ ଥିଲା। ସ୍ୱତଃ ଜନସାଧାରଣ ଏଥିରେ ସାମିଲ ହୋଇ ସାରିଥିଲେ। ବାଣପୁରରୁ ବିପ୍ଳବ ଆରମ୍ଭ ହେବା ପରେ ବ୍ରହ୍ମଗିରି, ପାରିକୁଦ, ପୁରୀ, ଡେଲାଙ୍ଗ, ପିପିଲି, ସତ୍ୟବାଦୀ, ନିମାପଡ଼ା (କୋଠଦେଶ), କୋଣାର୍କ, ଗୋପ, ନୟାଗଡ଼ ଓ ରଣପୁରରେ ଏହା ପହଞ୍ଚିଲା ବେଳକୁ ଯୁଦ୍ଧରେ ପରିଣତ ହୋଇ ଯାଇଥିଲା। କୁଜଙ୍ଗ ଓ କନିକା ଅଞ୍ଚଳର ପାଇକ ବୀରମାନେ ବାମଦେବ ପଟ୍ଟଯୋଶୀ ଓ ନାରାୟଣ ପରମଗୁରୁଙ୍କ ନେତୃତ୍ୱରେ ଯୁଦ୍ଧ ଘୋଷଣା କରିସାରିଥିଲେ। ସେତେବେଳକୁ କେନ୍ଦ୍ରାପଡ଼ା-ଯାଜପୁର ଦେଇ ଭଦ୍ରକରେ ଯୁଦ୍ଧର ଦୁନ୍ଦୁଭି ବାଜିସାରିଥିଲା। ବାଲେଶ୍ୱରର ପାଇକବୀରମାନେ ତାତିଯିବା ପରେ ଏହା ଗଣବିପ୍ଳବରେ ରୂପାନ୍ତରିତ ହୋଇଗଲା। ସମ୍ବଲପୁରର ଅଂଚଳରେ ଏହି ବିପ୍ଳବ ଯୁଦ୍ଧର ରୂପ ନେଲା।

ଏକ ବିଦ୍ରୋହ ତଡ଼ିତ ବେଗରେ ଗଣବିପ୍ଳବ ମାଧ୍ୟମ ଦେଇ ଯୁଦ୍ଧରେ ପରିଣତ ହେବା ପରେ କାହିଁକି କେଜାଣି ଇତିହାସକାରମାନେ ମଧ ଏହାକୁ ପାଇକବିଦ୍ରୋହ ଶୀର୍ଷକରେ ସୀମିତ ରଖିଲେ, ତାହା ବିଚାର କରିବାର ବେଳ ଆସିଛି। ଏହି ଯୁଦ୍ଧ ହେଉଛି ସାମ୍ରାଜ୍ୟବାଦ ବିରୋଧରେ ସମଗ୍ର ଭାରତବର୍ଷରେ ଏକ ଶୀର୍ଷସ୍ତରର ଯୁଦ୍ଧ। ଯୁଦ୍ଧ ଆରମ୍ଭକାଳ ଥିଲା ୧୮୦୪ ମସିହା। ଶୀର୍ଷ ସ୍ତରରେ ପହଞ୍ଚିବାକୁ ଲାଗିଲା ୧୩ ବର୍ଷ। କ୍ଷାନ୍ତ ହେବାକୁ ଲାଗିଲା ୧୦ ବର୍ଷ। ଆଜି ଯଦି ୧୮୦୪ ମସିହା ଯୁଦ୍ଧ ହେଉଛି 'ରାଜବିଦ୍ରୋହ' ଏବଂ ୧୮୧୭ ମସିହା ହେଉଛି 'ପାଇକ ବିଦ୍ରୋହ' ଭଳି ଅବାଞ୍ଛିତ ଶବ୍ଦ ଇତିହାସ ପୁସ୍ତକରେ ସ୍ଥାନପାଇ ନ ଥାନ୍ତା, 'ଯୁଦ୍ଧ' ଶବ୍ଦରେ ମହିମାମଣ୍ଡିତ ହୋଇଥାନ୍ତା, ତେବେ ଜାତୀୟ ଇତିହାସକାରମାନେ ଭାରତର ଏହି ପ୍ରଥମ ଯୁଦ୍ଧକୁ ସ୍ୱୀକାର କରିବାକୁ ବାଧ ହୋଇଥାନ୍ତେ। ଆମେ ଆମ ଐତିହ୍ୟ ମୂଳରେ କୁରାଢ଼ୀ ମାରିଦେଲୁ ସେତେବେଳେ, ଆଜି ବି ମାରି ଚାଲିଛୁ। ଏକ ଗୋଳିଆ-ଘାଣ୍ଟିଆ ପାଣିରେ ଅତୀତ ଐତିହ୍ୟ ଆମକୁ ଜାଲ୍-ଜାଲୁଆ ଦିଶୁଛି। ସ୍ପଷ୍ଟ ହେଉ ନାହିଁ। ଆଜି ବି ପାଇକ ମେଳି କରିବାକୁ ପଡୁଛି। ପ୍ରକୃତରେ ଏହା ଓଡ଼ିଶା ମେଳି ହେବା କଥା।

କାରଣ ସିପାହି ବିଦ୍ରୋହ ଗୋଟିଏ ଗଣବିପ୍ଳବ ନ ଥିଲାବେଳେ ପାଇକ ଯୁଦ୍ଧ ଗଣଯୁଦ୍ଧରେ ପରିଣତ ହୋଇଥିଲା। ସିପାହି ବିଦ୍ରୋହ ସାମ୍ରାଜ୍ୟବାଦୀଙ୍କୁ ଦେଶରୁ ହଟାଇବା ପାଇଁ ମୂଳ ଲକ୍ଷ୍ୟରେ ହୋଇ ନ ଥିଲା, ଅଥଚ ଓଡ଼ିଶାର ଯୁଦ୍ଧ ସାମ୍ରାଜ୍ୟବାଦୀଙ୍କୁ ହଟାଇ ଦେବାକୁ ହୋଇଥିଲା। କେବଳ ଗୋଟିଏ ଶବ୍ଦ ଯାକୁ ପାଣିଚିଆ କରିଦେଇଛି ବୋଲି ମନେ ହୁଏ। ତାହା ହେଉଛି 'ପାଇକ ବିଦ୍ରୋହ'। 'ପାଇକଯୁଦ୍ଧ' ଶବ୍ଦଟି ପ୍ରୟୋଗ ହୋଇଥିଲେ ଘଟଣା ନିଆରା ହୋଇଥାନ୍ତା, ଆଉ ଏ ଯୁଦ୍ଧକୁ ୧୮୦୪ ମସିହାରୁ ଗଣତି କରିଥିଲେ ପ୍ରଥମ ୧୩ ବର୍ଷର ଯୁଦ୍ଧ ଭାରତରେ ଚର୍ଚ୍ଚା ସ୍ତରକୁ ଆସିଥାନ୍ତା।

ଆମେ ଏକଥା କୌଣସି ଖିଆଲରେ କହୁନାହୁଁ, ପାଇକଯୁଦ୍ଧ ସଂଘଟିତ ହେବାର ପୂର୍ବ ଇତିହାସ ସାଙ୍କେତିକ ଭାବରେ ସଜେଇ ଦେଖିଲେ ଆମ ଧାରଣା ବଦଳିଯିବ। ବିଚାରବୋଧ ଦୃଷ୍ଟିରେ ପାଇକବିଦ୍ରୋହ କହିବାକୁ ନିଶ୍ଚୟ ଅନେକଥର ଭାବିବାକୁ ପଡ଼ିବ।

| ଘଟଣାବଳୀର ଐତିହ୍ୟ | |
|---|---|
| ୧୮୦୩ ମସିହା ସେପ୍ଟେମ୍ବର ୧୮ ତାରିଖ | କର୍ନେଲ ହାରକୋଟ ମାଣିକପାଟଣା ଦଖଲ କରିଥିଲେ। |
| ୧୮୦୩ ମସିହା ସେପ୍ଟେମ୍ବର | ପୁରୀ ଅଧିକାର। |
| ୧୮୦୩ ମସିହା ଅକ୍ଟୋବର ୧୪ ତାରିଖ | କଟକର ବାରବାଟୀ ଦୁର୍ଗ ଦଖଲ। |
| ୧୮୦୩ ମସିହା ଡିସେମ୍ବର | ଫିରିଙ୍ଗି ଶାସକ ଗୋପନ ଚୁକ୍ତିପତ୍ର ପଠାଇଥିଲେ। |
| ୧୮୦୪ ମସିହା ଅକ୍ଟୋବର | ଓଡ଼ିଆ ପାଇକବୀରମାନଙ୍କର ପିପିଲିଠାରେ ଫିରିଙ୍ଗି ସେନାକୁ ଆକ୍ରମଣ। |
| ୧୮୦୫ ମସିହା ଡିସେମ୍ବର ୫ ତାରିଖ | ଗଜପତି ମୁକୁନ୍ଦଦେବଙ୍କୁ ବିଦ୍ରୋହୀ ଘୋଷିତ କରିଥିଲେ। ସେହିବର୍ଷ ମୁକୁନ୍ଦପ୍ରସାଦରେ ଫିରିଙ୍ଗି ଶାସକମାନେ ୭ ହଜାର ସେନାଛାଉଣୀ ପକାଇଥିଲେ। |
| ୧୮୦୬ ମସିହା ମାର୍ଚ୍ଚ ୫ ତାରିଖ | ଜୟୀ ରାଜଗୁରୁଙ୍କ ବିଚାର ଓ ଅମାନବିକ ଫାଶୀ ଅଦେଶ। |
| ୧୮୦୬ ମସିହା ଡିସେମ୍ବର ୬ ତାରିଖ | ମେଦିନୀପୁରର ବାଘୀତୋଟାଠାରେ ଜୟୀ ରାଜଗୁରୁଙ୍କୁ ବର୍ବରୋଚିତ ଫାଶୀ। |
| ୧୮୦୭ ମସିହାରେ | ଗଜପତି ମୁକୁନ୍ଦ ଦେବଙ୍କୁ ବନ୍ଦୀଶାଳାରୁ ମୁକ୍ତି। |
| ୧୮୧୦ ମସିହା | ଗଞ୍ଜାମ ଜିଲାର ମହୁରୀ ଜମିଦାରି ନିଲାମ। |
| ୧୮୧୨ ମସିହା | ଗଞ୍ଜାମ ଜିଲାର ଘୁମୁସର ରାଜା ଧନଞ୍ଜୟ ଭଞ୍ଜଙ୍କର କାରାବାସ। ଏଥିପାଇଁ ଗଞ୍ଜାମରେ ଫିରିଙ୍ଗି ଶାସନ ବିରୁଦ୍ଧରେ ପ୍ରବଳ ଜନଅସନ୍ତୋଷ। ଜନଅସନ୍ତୋଷର ନେତୃତ୍ୱ ନେଇଥିଲେ ଶ୍ରୀକର ଭଞ୍ଜ। |
| ୧୮୧୭ ମସିହା ମାର୍ଚ୍ଚ ମାସରେ | ଘୁମୁସରଠାରେ ପାଇକମେଳି। ୪ ଶହ କନ୍ଧ ସେନା ଖୋର୍ଦ୍ଧା ଆକ୍ରମଣ କରିଥିଲେ। ବାସ୍ତବରେ ସେମାନେ ସମସ୍ତେ କନ୍ଧ ଥିଲେ କି ନାହିଁ ତାହା ଗବେଷଣା ହୋଇନାହିଁ। କାହିଁକି ନା ଖୋର୍ଦ୍ଧା-ନୟାଗଡ଼ ଓ ରଣପୁରଠାରେ ଅତ୍ୟାଚାରିତ ହୋଇ ବହୁ ପାଇକ ଘୁମୁସର ଚାଲି ଯାଇଥିଲେ। ମନେହୁଏ, ସେଇ ପାଇକମାନେ ହିଁ କନ୍ଧ ସେନାଙ୍କୁ ଏକାଠି କରି ଫିରିଙ୍ଗି ଶାସନ ବିରୋଧରେ ଖୋର୍ଦ୍ଧା ଆକ୍ରମଣ କରିଥିଲେ। ସେତିକିବେଳେ ବହୁଚର୍ଚ୍ଚିତ ନିମକହାରାମ ଶ୍ରୀଚରଣ ପଟ୍ଟନାୟକଙ୍କୁ ହତ୍ୟା କରାଯାଇଥିଲା। ପାଇକବୀର ଏବଂ ଜନସାଧାରଣ ଯୁଦ୍ଧରେ ସାମିଲ ହେବା ପରେ ଫିରିଙ୍ଗି ସିପାହିମାନେ ଗଙ୍ଗପଡ଼ା ଗଡ଼ଠାରେ ପରାସ୍ତ ହୋଇଥିଲେ। ପରେ ବାଲକାଟି ଓ ଟିକିଲିଠାରେ ତାହାର ପୁନରାବୃତ୍ତି ହୋଇଥିଲା। |
| ୧୮୧୭ ମସିହା ଏପ୍ରିଲ ୧୩ ତାରିଖ | ପୁରୀରେ ଯୁଦ୍ଧ ଆରମ୍ଭ ହୋଇଥିଲା। ଗଜପତିଙ୍କ ପାଇକ, ରାଜଭକ୍ତ ସେବକ, ଶ୍ରୀମନ୍ଦିର ସେବକ ଓ ସହରର ଜନସାଧାରଣ ପୁରୀ ଯୁଦ୍ଧରେ ସାମିଲ ହୋଇଥିଲେ। |
| ୧୮୧୭ ମସିହା ଏପ୍ରିଲ ୧୮ ତାରିଖ | ଫିରିଙ୍ଗି ଶାସନ ପୁରୀ ଛାଡ଼ି କଟକ ଚାଲି ଯାଇଥିଲେ। ତାହା ପରେ ପରେ ଇଂରେଜମାନେ ଖୋର୍ଦ୍ଧା ଅଧିକାର କରି ପାଇକବାହିନୀଙ୍କୁ ସମୂଳେ ଧ୍ୱଂସ କରିବା ପାଇଁ ପଦକ୍ଷେପ ନେଇଥିଲେ। ପୁନଃ ଇଂରେଜମାନେ ପୁରୀ ଆକ୍ରମଣ କରି ଗଜପତି ମୁକୁନ୍ଦଦେବଙ୍କୁ ବନ୍ଦୀ କରିଥିଲେ।ତେବେ ବି ପାଇକବାହିନୀ ଜନସାଧାରଣଙ୍କ ସହିତ ମେଳିକରି ଗଜପତିଙ୍କୁ ଛଡାଇ ନେବା ପାଇଁ ଉଦ୍ୟମ କରିଥିଲେ। ଆର୍ମଷ୍ଟ୍ରଙ୍ଗ (ଯାହାଙ୍କ ନାମରେ ପୁରୀରେ ଏକ ରାସ୍ତା ନାମିତ ହୋଇଛି) ପ୍ରବଳ କୂଟନୀତି ପ୍ରୟୋଗ କରି ପାଇକବାହିନୀ ଓ ଜନସାଧାରଣଙ୍କୁ ଛିନ୍‌ଛତ୍ର କରି ଦେଇଥିଲେ। ଏଥିରୁ ଅନୁମିତ ହୁଏ ୧୮୦୪ ମସିହାରୁ ଆରମ୍ଭ ହୋଇଥିବା ଯୁଦ୍ଧ ୧୮୧୭ ମସିହା ବେଳକୁ କିପରି ଗଣଯୁଦ୍ଧରେ ପରିଣତ ହୋଇଥିଲା। |

# ଔଷଧ ବ୍ୟବହାର



ଡା. ନିତ୍ୟାନନ୍ଦ ସ୍ୱାଇଁ





ଔଷଧ ସହ ଆମେ ସମସ୍ତେ ପରିଚିତ। ଶରୀରଟି ରୋଗର ବସା ହୋଇଥିବାରୁ କୌଣସି ରୋଗର ଚିକିତ୍ସା ପାଇଁ ଆମେ ଔଷଧ ଉପରେ ନିର୍ଭର କରିବା ଲାଗି ବାଧ୍ୟ। କାରଣ କେତେବେଳେ କେଉଁ ରୋଗ ଆସି ଶରୀରରେ ଉଭା ହୋଇ ପଡିବ ତାହା ଆମକୁ ଅଜଣା। ଯାହାହେଉ ଔଷଧ ପ୍ରତି ଅସାବଧାନ ହୋଇ ବେପରୁଆ ମନୋଭାବ ପୋଷଣ କରିବା ଆଦୌ ନିରାପଦ ନୁହେଁ। ପ୍ରତ୍ୟେକେ ଜାଣି ରଖିବା ଉଚିତ ଯେ ଔଷଧ ଜୀବନ ରକ୍ଷା କରେ, ପୁଣି ଔଷଧ ଜୀବନ ନେଇଯାଏ ମଧ୍ୟ। ଏପରି କି ଯେଉଁ ଔଷଧଟି ଆମ ରୋଗରୁ ଆରୋଗ୍ୟ କରି ବଞ୍ଚେଇ ଦିଏ, ସେହି ଔଷଧଟି ମଧ୍ୟ ଠିକ୍ ଭାବରେ ବ୍ୟବହାର ନ କଲେ ଜୀବନ ପ୍ରତି ସୃଷ୍ଟି କରେ ସଙ୍କଟ। ସେଥିପାଇଁ ଔଷଧ ବ୍ୟବହାର ସମ୍ପର୍କରେ ଆମ ସମସ୍ତଙ୍କର କେତେକ ସାଧାରଣ ଧାରଣା ରହିବା ବାଞ୍ଛନୀୟ।

ଆମେ ଯେତେବେଳେ ଡାକ୍ତରଙ୍କ ପାଖକୁ ଯାଉ ସେତେବେଳେ ସେ ଆମକୁ ନାନା ପ୍ରଶ୍ନ ପଚାରିଥାଆନ୍ତି। ତାଙ୍କର ପ୍ରଶ୍ନଗୁଡିକ ରୋଗ ନିର୍ଣ୍ଣୟ ଓ ଔଷଧ ବ୍ୟବସ୍ଥା କରିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବୟସ କେତେ ବୋଲି ଜାଣିଲେ ସେ ସେହି ଅନୁସାରେ ଔଷଧର ମାତ୍ରା ସ୍ଥିର କରିଥାନ୍ତି। ପିଲା ଓ ବୟସ୍କ ବ୍ୟକ୍ତିଙ୍କ ପାଇଁ ଔଷଧର ମାତ୍ରା ସମାନ ନ ହେବା ସ୍ୱାଭାବିକ। ସେହିପରି ରୋଗର ତୀବ୍ରତା ମଧ୍ୟ ଔଷଧର ପ୍ରକାର ଓ ମାତ୍ରା ନିର୍ଦ୍ଧାରଣକୁ ପ୍ରଭାବିତ କରିଥାଏ। ପୁଣି ଅନ୍ୟ କୌଣସି ରୋଗରେ ଆକ୍ରାନ୍ତ ହୋଇଥିଲେ ସେହି ରୋଗ ମଧ୍ୟ ଅନ୍ତ୍ରନଳୀରୁ ଔଷଧର ଶୋଷଣ, ଦେହ ଭିତରେ ତା'ର ଚୟାପଚୟ କିମ୍ବା ଔଷଧର ନିଷ୍କାସନ ଉପରେ ପ୍ରଭାବ ପକାଇପାରେ।

ଉଦାହରଣସ୍ୱରୂପ ବୃକକ୍ ବା କିଡ୍‌ନୀ ରୋଗ ଥିଲେ ରୋଗୀ ଶରୀରରୁ କେତେକ ଧରଣର ଔଷଧର ନିଷ୍କାସନ ଆଶାନୁରୂପ ହୋଇ ନ ଥାଏ। ଫଳରେ ନିଷ୍କାସିତ ହୋଇ ନ ପାରି ସେହି ଔଷଧ ଦେହରେ ଜମିଯାଏ ଏବଂ ବିଭିନ୍ନ ଜଟିଳତା ସୃଷ୍ଟିର କାରଣ ହୋଇପଡେ। ସେହିପରି ଯକୃତ ବା ଲିଭର ବେମାରି ଥିଲେ ମଧ୍ୟ କେତେକ ଔଷଧ ଶରୀରରେ ଠିକଭାବରେ ଚୟାପଚୟ ହୋଇ ପାରେନି କି ନିଷ୍କାସିତ ହୋଇପାରେନି। ସୁତରାଂ ଯେଉଁ ରୋଗଟିର ଚିକିତ୍ସା ପାଇଁ ଡାକ୍ତରଙ୍କ ପାଖକୁ ଯିବେ, ସେହି ରୋଗଟିର ଲକ୍ଷଣ ଇତ୍ୟାଦି ଡାକ୍ତରଙ୍କୁ ଜଣେଇବା ସହ ନିଜେ ଭୋଗିଥିବା କିମ୍ବା ଭୋଗୁଥିବା ରୋଗଗୁଡିକ ସମ୍ପର୍କରେ ମଧ୍ୟ ତାଙ୍କୁ ଅବଗତ କରେଇଦେବା ନିରାପଦ। ଏବେ ଭୋଗୁଥିବା ଲକ୍ଷଣଗୁଡିକ ସହ ପୂର୍ବରୋଗର କୌଣସି ସମ୍ପର୍କ ନ ଥିଲେ ମଧ୍ୟ ଏ ସମ୍ପର୍କରେ ଡାକ୍ତରଙ୍କୁ କହିଦେବା ଭଲ । କାରଣ ଏବକାର ରୋଗର ଚିକିତ୍ସା ପାଇଁ ଔଷଧମାନ ନିର୍ବାଚନ କରିବାରେ ଏହା ଡାକ୍ତରଙ୍କ ନିମିତ୍ତ ସହାୟକ ହୋଇଥାଏ।

ଏହା ବ୍ୟତୀତ ଡାକ୍ତରଙ୍କୁ ଜଣେଇବାର ଅଛି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ। ତାହା ହେଲା ଆପଣଙ୍କର ଯଦି କୌଣସି ଔଷଧ ପ୍ରତି ଆଲର୍ଜି ଥାଏ, ତେବେ ଏ ସମ୍ପର୍କରେ ତାଙ୍କୁ ନିଶ୍ଚୟ ଅବଗତ କରେଇବେ। ଆଲର୍ଜିକୁ ଚିହ୍ନିବାରେ ବିଶେଷ ସମସ୍ୟା ନାହିଁ। କୌଣସି ଔଷଧ ପ୍ରତି ଆଲର୍ଜି ଥିଲେ ସେହି ଔଷଧ ନେବା ପରେ ଚର୍ମରେ ଅଗିଆବାତ ଫଳିଯାଇ କୁଣ୍ଡେଇ ହୁଏ। ଚର୍ମରେ ରିବି ରିବି ନାଲି ନାଲି ହୋଇ ଫଳିଯାଇପାରେ। ନାକ ବୁଣ୍ଟି ହୋଇ ଛିଙ୍କ ହୋଇପାରେ। କଷ୍ଟ ହୋଇପାରେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ। ପୁଣି କୌଣସି ଔଷଧ ଖାଇବା ପରେ ପେଟ ଗୋଳମାଳ ଆରମ୍ଭ ହୋଇଯାଉଥିଲେ ତାହା ମଧ୍ୟ ଡାକ୍ତରଙ୍କ ଦୃଷ୍ଟିକୁ ଆଣିବା ଦରକାର। ଏହା ଜାଣିଲେ ସେ ଏଥିପାଇଁ ବ୍ୟବସ୍ଥା କରିପାରିବେ।

ଡାକ୍ତରଙ୍କୁ ମଧ୍ୟ ନିଜେ ଖାଉଥିବା ଅନ୍ୟାନ୍ୟ ସବୁ ଔଷଧର ନାଆଁ କହିବେ। ଆପଣ ହୁଏତ ଖାଉଥିବେ ଭିଟାମିନ ଔଷଧ। ଖାଉଥିବେ ଯନ୍ତ୍ରଣା ନିବାରଣ କରିପାରୁଥିବା ଔଷଧ। କେହି କେହି ଥାଇପାରନ୍ତି ଡାଇବେଟିସ, ଉଚ୍ଚ ରକ୍ତଚାପ କି ହୃଦ୍‌ରୋଗ ଚିକିତ୍ସାରେ। ହୋମିଓପ୍ୟାଥି ଏବଂ ଆୟୁର୍ବେଦ ଔଷଧ ବ୍ୟବହାର କରୁଥିଲେ, ଏକଥା ମଧ୍ୟ କହିବେ ଡାକ୍ତରଙ୍କୁ। ତେବେ ଆପଣ ହୁଏତ ଭାବିପାରନ୍ତି, ଅନ୍ୟ ଔଷଧଗୁଡିକ ବିଷୟରେ ଡାକ୍ତରଙ୍କୁ କାହିଁକି ଜଣେଇବେ।

ଜାଣି ରଖନ୍ତୁ ଯେ ବିଭିନ୍ନ ଔଷଧ ମଧ୍ୟ ପାରସ୍ପରିକ କ୍ରିୟାରେ ଜଡିତ ହୋଇପଡନ୍ତି। କୌଣସି ଔଷଧ ଅନ୍ୟ ଔଷଧର ଶୋଷଣକୁ ବାଧା ଦେଇଥାଏ। ସେହିପରି କୌଣସି ଔଷଧ ଅନ୍ୟ କେତେକ ଔଷଧର କାର୍ଯ୍ୟକାରିତାକୁ ବଢେଇ ଦେଇପାରେ କିମ୍ବା କମେଇ ଦେଇପାରେ ମଧ୍ୟ। ସେଥିପାଇଁ ଡାକ୍ତର ଆପଣ ବ୍ୟବହାର କରୁଥିବା ଔଷଧଗୁଡିକ ସମ୍ପର୍କରେ ଜାଣିବା ନିହାତି ଆବଶ୍ୟକ। ତେବେ ଆପଣ ବ୍ୟବହାର କରୁଥିବା ଔଷଧଗୁଡିକର ନାଆଁ ମନେ ରଖି ନ ଥିଲେ ସେହି ଔଷଧଗୁଡିକୁ ସାଙ୍ଗରେ ନେଇ ଡାକ୍ତରଙ୍କ ନିକଟକୁ ଯିବା ଉଚିତ।

ମହିଳା ରୋଗୀ ଗର୍ଭବତୀ ହୋଇଥିଲେ କି ଗର୍ଭ ହୋଇଛି ବୋଲି ସନ୍ଦେହ କରୁଥିଲେ କିମ୍ବା ଶିଶୁକୁ ସ୍ତନ୍ୟପାନ କରାଉଥିଲେ, ଏହା ମଧ୍ୟ ଡାକ୍ତରଙ୍କୁ ଜଣେଇବେ। କାରଣ ଏପରି କେତେକ ଔଷଧ ଅଛି ଯାହା ଗର୍ଭ ଫୁଲ ବା ପ୍ଲାସେଣ୍ଟା ମାଧ୍ୟମରେ ଗର୍ଭସ୍ଥ ଭ୍ରୂଣର ଶରୀରରେ ପ୍ରବେଶକରି ତା'ର କ୍ଷତି କରିଥାଏ। ସେଥିପାଇଁ ଗର୍ଭବତୀ ମହିଳାମାନେ ଡାକ୍ତରଙ୍କୁ ନ ପଚାରି କୌଣସି ଔଷଧ ଖାଇବା ଉଚିତ ନୁହେଁ। କେତେକ ଔଷଧ ମାଆ କ୍ଷୀରରେ କ୍ଷରିତ ହୋଇଥାଏ ମଧ୍ୟ।

ନିଜ ଆଡୁ ଡାକ୍ତରଙ୍କୁ କିଛି ବିଷୟ ପଚାରି ବୁଝିନେବା ଉଚିତ। ଅନେକ ରୋଗୀ ଡାକ୍ତରଙ୍କୁ ପ୍ରଶ୍ନ ପଚାରିବା ପାଇଁ ଭୟ କରିଥାନ୍ତି। କେତେକ ଡାକ୍ତର ମଧ୍ୟ ରୋଗୀଙ୍କୁ ପ୍ରଶ୍ନ ପଚାରିବା ନିମନ୍ତେ ଉତ୍ସାହିତ କରନ୍ତିନି। ବରଂ ରୋଗୀ କିଛି ପଚାରିଲେ ପ୍ରତିକ୍ରିୟା ପ୍ରକାଶ କରି ଚିଡି ଉଠନ୍ତି। ମାତ୍ର ଡାକ୍ତରମାନେ ଏପରି କରିବା ଆଦୌ ଉଚିତ ନୁହେଁ। ତେବେ ଡାକ୍ତରଙ୍କଠାରୁ ସହଯୋଗର ମନୋଭାବ ପ୍ରକାଶ ପାଇଲେ ତାଙ୍କୁ ନିମ୍ନଲିଖିତ କେତୋଟି ପ୍ରଶ୍ନ ପଚାରି ବୁଝିନେଲେ ତାହା ଯଥେଷ୍ଟ ହିତସାଧନ କରିଥାଏ।

**ଡାକ୍ତରଙ୍କୁ ପଚାରିବେ :** ମୋତେ ଦିଆଯାଉଥିବା ଔଷଧଗୁଡ଼ିକର ନାଆଁ କ'ଣ ଓ ତାହା କିପରି ମୋତେ ସାହାଯ୍ୟ କରିପାରିବ? ଔଷଧଗୁଡ଼ିକୁ ମୁଁ କେମିତି ଓ କେତେବେଳେ ବ୍ୟବହାର କରିବି? ଔଷଧ ବ୍ୟବହାର କରିବି କେତେଦିନ ଧରି?

**ଚିକିତ୍ସାରେ ରହିଥିବାବେଳେ :** (କି କି ଖାଦ୍ୟ ଖାଇବି/ଖାଇବିନି? ଚା', କଫି, ମଦ ଇତ୍ୟାଦି ପିଇବି ନା ପିଇବିନି? ଧୂମପାନ କରିବି କି ନାହିଁ? ଗାଡ଼ି ଚଳେଇବି କି ନାହିଁ?) ଔଷଧଗୁଡ଼ିକର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଅଛି କି? କୌଣସି ଜଟିଳତା ପ୍ରକାଶ ପାଇଲେ ଏହାର କି ପ୍ରତିକାର କରିବି? ଔଷଧ ବ୍ୟବହାର କରିବା ପାଇଁ ଥରେ ଅଧେ ଭୁଲି ହୋଇଗଲେ କ'ଣ କରିବି?

ସୁତରାଂ ଡାକ୍ତରଙ୍କ ପରାମର୍ଶ କୋଠରି ଛାଡ଼ିବା ପୂର୍ବରୁ ଡାକ୍ତରଙ୍କୁ ପଚାରି ନିଜର ସମସ୍ତ ସନ୍ଦେହ ଦୂର କରିନେବା ଉଚିତ। ମନେରଖନ୍ତୁ ଯେ, ନିଜ ରୋଗ ଏବଂ ଚିକିତ୍ସା ସମ୍ପର୍କିତ ସମସ୍ତ ପ୍ରେସ୍‌କ୍ରିପ୍‌ସନ, ପରୀକ୍ଷାନିରୀକ୍ଷା ରିପୋର୍ଟ ଇତ୍ୟାଦିକୁ କ୍ରମଅନୁସାରେ ସାଇତି ରଖିବେ। ପରବର୍ତ୍ତୀ ଅସୁସ୍ଥତାର ଚିକିତ୍ସାରେ ଏହା ଖୁବ୍ ସାହାଯ୍ୟ କରିଥାଏ। ଔଷଧର ନାଁ ସହ ପୂର୍ବରୁ ପରିଚିତ ଥିଲେ ମଧ୍ୟ ବଜାରରୁ ଔଷଧ କିଣିବାବେଳେ ଓ ଔଷଧ ବ୍ୟବହାର କରିବା ପୂର୍ବରୁ ଔଷଧର ନାଁ ଓ ତା'ର ପ୍ରୟୋଗବିଧି ପୁନର୍ବାର ପଢ଼ିନେବେ। କେଉଁ ଔଷଧକୁ ଭୋଜନ ପୂର୍ବରୁ ଖାଇବେ ଓ କେଉଁ ଔଷଧକୁ ଭୋଜନ ପରେ ଖାଇବେ ତାହା ପ୍ରେସ୍‌କ୍ରିପ୍‌ସନ୍‌କୁ ପଢ଼ି ଜାଣିନେବେ।

-ଅଭୀପ୍ସା, ସେକ୍ଟର-୬,
ପ୍ଲଟ୍ ନଂ-୧୧୩୧,
ଅଭିନବ ବିଡ଼ାନାସୀ, କଟକ
ମୋ-୯୪୩୭୭୬୬୧୧୭

"ଔଷଧ ପ୍ରତି ଅସାବଧାନ ହୋଇ ବେପରୁଆ ମନୋଭାବ ପୋଷଣ କରିବା ଆଦୌ ନିରାପଦ ନୁହେଁ। ପ୍ରତ୍ୟେକେ ଜାଣି ରଖିବା ଉଚିତ ଯେ ଔଷଧ ଜୀବନ ରକ୍ଷା କରେ, ପୁଣି ଔଷଧ ଜୀବନ ନେଇଯାଏ ମଧ୍ୟ। ଏପର କି ଯେଉଁ ଔଷଧଟି ଆମ ରୋଗରୁ ଆରୋଗ୍ୟ କରି ବଞ୍ଚେଇ ଦିଏ, ସେହି ଔଷଧଟି ମଧ୍ୟ ଠିକ ଭାବରେ ବ୍ୟବହାର ନ କଲେ ଜୀବନ ପ୍ରତି ସୃଷ୍ଟି କରେ ସଙ୍କଟ। ସେଥିପାଇଁ ଔଷଧ ବ୍ୟବହାର ସମ୍ପର୍କରେ ଆମ ସମସ୍ତଙ୍କର କେତେକ ସାଧାରଣ ଧାରଣା ରହିବା ବାଞ୍ଛନୀୟ।"

## ଅଳ୍ପରେ...



**ଜିନ୍ କାର୍ଯ୍ୟଧାରା ଓ ଓଜନ ବୃଦ୍ଧି :** ଆଜିକାଲି ଅନେକ ଓଜନ ବୃଦ୍ଧି ସମସ୍ୟା ସହ ଜଡିତ। ନିକଟରେ ୟୁନିଭର୍ସିଟି ଅଫ ୱାଶିଂଟନ୍‌ର ସ୍ୱାସ୍ଥ୍ୟବିଜ୍ଞାନୀମାନେ ଓଜନ ବୃଦ୍ଧିକୁ ନିୟନ୍ତ୍ରଣ କରିବାକୁ ଏକ ନୂଆ ଉପାୟ ଖୋଜି ପାଇବାରେ ସକ୍ଷମ ହୋଇଛନ୍ତି। ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ଯଦି ଆମ ଶରୀର ଭିତରେ ଥିବା କେତେକ ଜିନ୍ କାର୍ଯ୍ୟଧାରାକୁ ପ୍ରତିହତ କରାଯାଏ ତେବେ ଓଜନ କମିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଏହାକୁ ନେଇ ସେମାନେ ଅଧିକ ତଥ୍ୟ ଜାଣିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି।



**ବ୍ୟବହାରକୁ ପ୍ରଭାବିତ କରେ ଟାଟୁ :** ସାଧାରଣତଃ ଟାଟୁ କରିବା ଯୁବପିଢ଼ିଙ୍କ ପାଇଁ ଏକ ଫ୍ୟାଶନ ପାଲଟି ଗଲାଣି। ହେଲେ ଏହାର ପ୍ରଭାବ ସମ୍ପୃକ୍ତ ବ୍ୟକ୍ତିଙ୍କର ବ୍ୟବହାର ଉପରେ ପଡିବାର ଯଥେଷ୍ଟ ଆଶଙ୍କା ରହିଛି। ଉକ୍ତ ବିଷୟବସ୍ତୁକୁ ନେଇ ହୋଇଥିବା ଏକ ସର୍ଭେରୁ ଏହା ଜଣାପଡିଛି। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପାଖାପାଖି ୨୫ ପ୍ରତିଶତ ବ୍ୟକ୍ତିଙ୍କ ବ୍ୟବହାରରେ ଧୀରେ ଧୀରେ ରୁକ୍ଷ ହେଉଥିବାର ଦେଖିବାକୁ ମିଳିଥିଲା।



**ଷ୍ଟେମ ସେଲ୍‌ରୁ ହୋଇପାରେ ଡାଇବେଟିସ୍ ଚିକିତ୍ସା :** ଡାଇବେଟିସ୍ ଏପରି ଏକ ରୋଗ ଯାହାକୁ ଔଷଧ ହେଉ ଅବା ଖାଦ୍ୟ ଦ୍ୱାରା ନିୟନ୍ତ୍ରଣରେ ରଖାଯାଇଥାଏ। ହେଲେ ଏହା ସମ୍ପୂର୍ଣ୍ଣ ଆରୋଗ୍ୟସାଧ ବୋଲି ଯୁକ୍ତି ବାଢ଼ିଛନ୍ତି ୱଶିଂଟ୍‌ନ ୟୁନିଭର୍ସିଟି ସ୍କୁଲ ଅଫ ମେଡିସିନ୍‌ର ବିଶେଷଜ୍ଞମାନେ। ସେମାନେ ଆଶା ପ୍ରକାଶ କରିଛନ୍ତି ଯେ ଯଦି ଷ୍ଟେମ୍ ସେଲ୍‌କୁ ଇନସୁଲିନ୍‌ରେ ରୂପାନ୍ତରିତ କରାଯାଇପାରନ୍ତା ତେବେ ଏହି ରୋଗକୁ ପ୍ରାୟ ନିୟନ୍ତ୍ରଣରେ ରଖି ହୁଅନ୍ତା। ତେବେ ଏଭଳି ଉକ୍ତି ଉପରେ ଆହୁରି କେତେ ସତ୍ୟତା ରହିଛି ତାହା ଜାଣିବାକୁ ସେମାନେ ଉଦ୍ୟମ ଚାଲୁ ରଖିଛନ୍ତି।

## ସ୍ୱାସ୍ଥ୍ୟ ସୂଚନା



❖ଅବସାଦଗ୍ରସ୍ତ ହୋଇଥିଲେ ତାହାକୁ ନେଇ ବିଚଳିତ ହୁଅନ୍ତୁ ନାହିଁ। ବରଂ ସେଥିରୁ କିପରି ମୁକୁଳିବେ ସେଥିପାଇଁ ଚେଷ୍ଟା କରନ୍ତୁ।

❖ମାନସିକ ଶାନ୍ତି ପାଇବାର ଏକ ସହଜ ଉପାୟ ରହିଛି। ତାହା ହେଲା ଯୋଗ। ତେଣୁ ପ୍ରତିଦିନ ସକାଳେ କିଛି ସମୟ ଯୋଗ କରନ୍ତୁ।

❖ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ କଥା ହେଉଥିବା ସମୟରେ କୌଣସି କାରଣକୁ ଲୁଚାଇବାକୁ ଚେଷ୍ଟା କରନ୍ତୁ ନାହିଁ। ଏହାଦ୍ୱାରା ଚିକିତ୍ସା ପ୍ରଣାଳୀରେ ବାଧା ସୃଷ୍ଟି ହେବା ସହ ଉକ୍ତ ରୋଗରୁ ଆପଣ ଆରୋଗ୍ୟ ହେବାରେ ବାଧକ ସାଜିଥାଏ।

❖ଖାଦ୍ୟ ଖାଇବା ସମୟରେ ନିଜର ଲୋଭକୁ ନିୟନ୍ତ୍ରଣରେ ରଖନ୍ତୁ। କାରଣ ଅସନ୍ତୁଳିତ ଖାଦ୍ୟ କେତେକ ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ।

❖ସନ୍ତୁଳିତ ଜୀବନଶୈଳୀକୁ ଅନୁସରଣ କରିବାକୁ ଚେଷ୍ଟା କରନ୍ତୁ। ଏହା ଆପଣଙ୍କୁ ଅନେକାଂଶରେ ସୁସ୍ଥ ରଖିଥାଏ।

❖ବୟସ ବଢ଼ିବା ସହ ଆମେ କେତେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଉ। ତେଣୁ ଏହି ସମୟରେ ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମ ସାମିଲ କରନ୍ତୁ।

## ବେପରୁଆ ଡ୍ରାଇଭିଂ ରୋକିବ ଡିଭାଇସ୍



ଆଜିକାଲି ବେପରୁଆ ଡ୍ରାଇଭିଂ ଯୋଗୁ ଅନେକ ଅକାଳରେ ପ୍ରାଣ ହରାଉଛନ୍ତି। ପୁଣି କେତେକ ଗୁରୁତର ଆହତ ହେଉଛନ୍ତି। ତେବେ ଏହାକୁ କିପରି ରୋକଯାଇପାରିବ ତାହାର ଏକ ଉପାୟ ଖୋଜି ପାଇଛନ୍ତି ୟୁନିଭର୍ସିଟି ଅଫ କାଲିଫର୍ନିଆର ବୈଜ୍ଞାନିକମାନେ। ସେମାନେ ଏପରି ଏକ ଉଚ୍ଚ ଶକ୍ତି ସମ୍ପନ୍ନ ଡିଭାଇସ ପ୍ରସ୍ତୁତ କରିଛନ୍ତି ଯାହା ବେପରୁଆ ଗାଡି ଚଳାଉଥିବା ବ୍ୟକ୍ତିଙ୍କ ସତର୍କ କରାଇ ଦେଇପାରିବ। ଉକ୍ତ ଡିଭାଇସ୍‌କୁ ଗାଡିରେ ସଂଯୋଗ କରିବା ପରେ ତାହା କାର୍ଯ୍ୟ କରିବା ଆରମ୍ଭ କରିଥାଏ। ଯେତେବେଳେ ଡ୍ରାଇଭର ଗାଡି ଚାଳନାରେ ବ୍ୟତିକ୍ରମ ସୃଷ୍ଟି କରେ ସେତେବେଳେ ସେ ଏକ ପ୍ରକାର ସାଉଣ୍ଡ ଦ୍ୱାରା ତାଙ୍କୁ ସତର୍କ କରିଦିଏ। ଫଳରେ ଡ୍ରାଇଭର ସତର୍କ ହୋଇ ନିୟନ୍ତ୍ରଣରେ ଗାଡି ଚଳାଇଥାଏ। ପରୀକ୍ଷାମୂଳକ ଭାବରେ ଏହାକୁ ବ୍ୟବହାର କରାଯାଇ ସଫଳତା ମିଳିଛି ବୋଲି ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି। ତେବେ ଏହାସତ୍ତ୍ୱେ ଗାଡି ଚଳାଇବା ସମୟରେ ନିଶାଦ୍ରବ୍ୟଠାରୁ ନିଜକୁ ଦୂରେଇ ରଖିବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ପିଲାଙ୍କ ବୁଦ୍ଧିମତ୍ତା ଓ ଡିଜିଟାଲ ଡିଭାଇସ

ବର୍ତ୍ତମାନ ଡିଜିଟାଲ ଯୁଗ। କମ୍ପ୍ୟୁଟର, ମୋବାଇଲ ଏବଂ ବିଭିନ୍ନ ପ୍ରକାର ଇଲେକ୍‌ଟ୍ରୋନିକ ଗେଜେଟ୍‌ର ବ୍ୟବହାର ଦିନକୁ ବଢ଼ି ଚାଲିଛି। କେବଳ ଯୁବପିଢ଼ି ନୁହେଁ, ଛୋଟ ପିଲା ମଧ୍ୟ ନିଜକୁ ଏହା ସହ ସାମିଲ କରିବାକୁ ପଛାଉ ନାହାନ୍ତି। ଯଦି ଛୋଟ ପିଲା ଏଭଳି ଜିନିଷ ବ୍ୟବହାର କରୁଛନ୍ତି, ତେବେ ତାହାର ଅନେକାଂଶରେ ସୁପ୍ରଭାବ ପିଲାଙ୍କ ଉପରେ ପଡ଼ିଥାଏ। ଛୋଟ ପିଲା ଡିଜିଟାଲ ଡିଭାଇସଗୁଡିକୁ ବ୍ୟବହାର କଲେ ସେମାନଙ୍କର ବୁଦ୍ଧିମତ୍ତାର ବିକାଶ ଘଟିଥାଏ ବୋଲି ମତବ୍ୟକ୍ତ କରିଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ହେଲେ ଏହାର ଅଯଥା ବ୍ୟବହାର ପ୍ରତି ସେମାନେ ସଚେତନ ହେବା ନିହାତି ଦରକାର। ଯଦି ସେମାନେ ଆବଶ୍ୟକତାଠାରୁ ଅଧିକ ସମୟ ଡିଜିଟାଲ ଡିଭାଇସ ବ୍ୟବହାର କରୁଛନ୍ତି, ତେବେ ତାହା ସେମାନଙ୍କର କ୍ୟାରିୟରକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଡିଜିଟାଲ ଡିଭାଇସ୍ ବ୍ୟବହାର ଦ୍ୱାରା ପିଲାମାନଙ୍କର ବୁଦ୍ଧିମତ୍ତାର କିପରି ବିକାଶ ହେଉଛି, ସେ ସମ୍ପର୍କରେ ଉକ୍ତ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ପିଲାମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ପିଲାଙ୍କର ବୁଦ୍ଧିମତ୍ତାର ବିକାଶ ପଛରେ ଡିଜିଟାଲ ଡିଭାଇସ ବ୍ୟବହାରର ଭୂମିକା ଅନେକାଂଶରେ ଥିଲା ବୋଲି ଏହି ସର୍ଭେରୁ ଜଣାପଡ଼ିଥିଲା। ହେଲେ ପିଲାମାନେ ଏକ ସୀମିତ ସମୟ ପାଇଁ ଏହାକୁ ବ୍ୟବହାର କରିବା ଆବଶ୍ୟକ।



## ବିଳମ୍ବରେ ଖାଦ୍ୟ ଖାଇଲେ



ବ୍ୟସ୍ତମୟ ଜୀବନଶୈଳୀର କୁପ୍ରଭାବ ଶରୀର ଉପରେ ପଡିଥାଏ। ବିଶେଷଭାବରେ କାର୍ଯ୍ୟଚାପ ଯୋଗୁ କେତେକ ଠିକ୍ ସମୟରେ ଖାଦ୍ୟ ଖାଇପାରି ନ ଥାନ୍ତି। ବିଳମ୍ବରେ ଭୋଜନ କରିବା ସହ ଶୟନ କ୍ଷେତ୍ରରେ ଅନିୟମିତତା ଦେଖିବାକୁ ମିଳିଥାଏ। କେବଳ ସେତିକି ନୁହେଁ, ବିଳମ୍ବରେ ଖାଦ୍ୟ ଖାଇଲେ ବୁଦ୍ଧିମତ୍ତା ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ସତର୍କ କରାଇ ଦେଇଛନ୍ତି ଲଣ୍ଡନ ୟୁନିଭର୍ସିଟିର ଖାଦ୍ୟ ବିଶେଷଜ୍ଞମାନେ। ଯେଉଁମାନଙ୍କର ବିଳମ୍ବରେ ଖାଦ୍ୟ ଖାଇବା ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲା ସେଭଳି କିଛି ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଏହାଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତା କେତେ ପ୍ରଭାବିତ ହେଉଛି ତାହାକୁ ତନ୍ନ ତନ୍ନ କରି ଲକ୍ଷ୍ୟ କରିଥିଲେ ବିଶେଷଜ୍ଞମାନେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ୩୦ ପ୍ରତିଶତ ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ପୂର୍ବାପେକ୍ଷା କମୁଥିବାର ଦେଖିବାକୁ ମିଳିଥିଲା ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି।

## ସଂକ୍ଷେପରେ

### ପି.ଭି. ଭାରତୀ କର୍ପୋରେଶନ ବ୍ୟାଙ୍କ ସିଇଓ



**ନୂଆଦିଲ୍ଲୀ,୩-୨:** କାନାରା ବ୍ୟାଙ୍କର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ପି.ଭି.ଭାରତୀ କର୍ପୋରେଶନ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଭାବେ ଦାୟିତ୍ୱ ନେଇଛନ୍ତି। ରବିବାର ବ୍ୟାଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ବିବୃତି ଜାରି କରାଯାଇଛି। ପ୍ରଥମ ମହିଳା ଭାବେ ସେ ବ୍ୟାଙ୍କର ଶୀର୍ଷ ପଦରେ ଅଧିଷ୍ଠିତ ହୋଇଛନ୍ତି। ୨୦୧୬ ସେପ୍ଟେମ୍ବର ୧୫ରୁ ସେ କାନାରା ବ୍ୟାଙ୍କରେ ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଭାବେ କାର୍ଯ୍ୟ କରି ଆସୁଥିଲେ। ବ୍ୟାଙ୍କିଙ୍ଗ ଶିଳ୍ପରେ ତାଙ୍କର ୩୭ ବର୍ଷର ଅଭିଜ୍ଞତା ରହିଛି। ସେ ରାଷ୍ଟ୍ରୀୟ ରାଜଧାନୀ କ୍ଷେତ୍ର ତଥା ତାମିଲନାଡୁରେ ବିଭିନ୍ନ ଶାଖାରେ କାମ କରିଛନ୍ତି। ତାଙ୍କ ନିକଟରେ ଗ୍ରାମୀଣ, ଅର୍ଦ୍ଧସହରାଞ୍ଚଳ, ସହରାଞ୍ଚଳ ଏବଂ ମେଟ୍ରୋ ଶାଖାରେ କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି।

### ୭ରେ ମୁଦ୍ରାନୀତି ଘୋଷଣା



**ମୁମ୍ବାଇ,୩-୨:** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ୬ଷ୍ଠ ମୁଦ୍ରାନୀତି ବୈଠକ ଆସନ୍ତା ୫ରୁ ଆରମ୍ଭ ହୋଇ ୭ରେ ଶେଷ ହେବ। ଗଭର୍ନର ଭାବେ ଶକ୍ତିକାନ୍ତ ଦାସ ଦାୟିତ୍ୱ ନେବା ପରେ ଏହା ହେବ ତାଙ୍କର ପ୍ରଥମ ବୈଠକ ଓ ଏଥିରେ ସେ ଅଧକ୍ଷତା କରିବେ। କେନ୍ଦ୍ରୀୟ ବ୍ୟାଙ୍କ କ୍ରମାଗତ ଭାବେ ଦ୍ୱିତୀୟ ଥର ସୁଧ ହାର ଅପରିବର୍ତ୍ତିତ ରଖିପାରନ୍ତି ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି। ଡ.ଉର୍ଜିତ ପଟେଲଙ୍କ ଇସ୍ତଫା ପରେ ଅର୍ଥ ମନ୍ତ୍ରଣାଳୟରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଥିବା ପୂର୍ବତନ ବ୍ୟୁରୋକ୍ରାଟ ଶକ୍ତିକାନ୍ତ ଗତ ବର୍ଷ ଡିସେମ୍ବରରେ ଗଭର୍ନର ଭାବେ ଦାୟିତ୍ୱ ନେଇଛନ୍ତି। ବର୍ତ୍ତମାନ ରେପୋ ରେଟ ୬.୫% ରହିଥିବା ବେଳେ ଅନ୍ତରୀଣ ବଜେଟ ମୁଦ୍ରା ନୀତି ସମୀକ୍ଷାକୁ ପ୍ରଭାବିତ କରିପାରେ ବୋଲି କୁହାଯାଉଛି।

### ୯ରେ ଆର୍‌ବିଆଇ ବୋର୍ଡକୁ ଉଦ୍‌ବୋଧନ ଦେବେ ଗୋୟଲ



**ନୂଆଦିଲ୍ଲୀ,୩-୨:** ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଆସନ୍ତା ୯ରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବୋର୍ଡ ବୈଠକରେ ଉଦ୍‌ବୋଧନ ଦେବେ। ଏଥିରେ ସେ ଅନ୍ତରୀଣ ବଜେଟର ମୁଖ୍ୟ ବିନ୍ଦୁଗୁଡ଼ିକୁ ଉପସ୍ଥାପନ କରିବେ। ସୂଚନାଥାଉ କି, ଆର୍‌ବିଆଇର ୬ଷ୍ଠ ମୁଦ୍ରାନୀତି ଘୋଷଣାର ଦୁଇଦିନ ପରେ ଏହି ବୈଠକ ହେବାକୁ ଯାଉଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଏହି ବୈଠକରେ ସରକାରଙ୍କୁ ଅନ୍ତରୀଣ ଲାଭାଂଶ ପ୍ରଦାନ ନେଇ ଆଲୋଚନା କରାଯିବ। କେନ୍ଦ୍ରୀୟ ବ୍ୟାଙ୍କର ପ୍ରଥମ ୬ମାସର ଆର୍ଥିକ ସ୍ଥିତି ଆଧାରରେ ସରକାରଙ୍କୁ ପ୍ରାୟ ୨୮ ହଜାର କୋଟି ଟଙ୍କାର ଲାଭାଂଶ ମିଳିବାର ସମ୍ଭାବନା ରହିଛି।

### ୨୦୧୯-୨୦ରେ ୩.୪% ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ ଅସମ୍ଭବ: ମୁଡିଜ

**ନୂଆଦିଲ୍ଲୀ, ୩-୨:** ଆର୍ଥିକ ବ୍ୟୟ ତଥା ଧିମା ରାଜସ୍ୱ ଆଦାୟ କାରଣରୁ ସରକାରଙ୍କ ଲାଗି ୨୦୧୯-୨୦ରେ ୩.୪% ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ ଅସମ୍ଭବ ହେବ ବୋଲି ମୁଡିଜ ଇନଭେଷ୍ଟର୍ସ ସର୍ଭିସ ପକ୍ଷରୁ କୁହାଯାଇଛି। ଏକ ରିପୋର୍ଟ ପ୍ରକାଶ କରି ଏହାର ଏମ୍‌ଡି(ସ୍ୱାୟତ୍ତ ବିପଦ ସମୂହ) ଜେନ୍ ଫାଙ୍ଗ କହିଛନ୍ତି ଯେ, ଭାରତ ସରକାରଙ୍କ ଦ୍ୱାରା ଋଣ:ଜିଡିପି ଅନୁପାତ ଅଧିକ ରହିଛି। ଏହାକୁ କମ କରିବାକୁ ହେଲେ କେନ୍ଦ୍ର ସରକାରଙ୍କୁ ବିତ୍ତୀୟ ନିଅଣ୍ଟ ପରିମାଣକୁ ନିୟନ୍ତ୍ରଣରେ ରଖିବାକୁ ହେବ। ଫାଙ୍ଗ କହିଛନ୍ତି ଯେ, ସରକାରଙ୍କ ଅଭିବୃଦ୍ଧି ଅନୁମାନ ତର୍କସଙ୍ଗତ ପରି ମନେହେଉଛି। ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ କରିବା ଲାଗି ସରକାରଙ୍କ ସମ୍ମୁଖରେ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ହାସଲ କରିବାର ବହୁ ଆହ୍ୱାନ ରହିବ ବୋଲି ମନେ କରାଯାଉଥିବା ସେ କହିଛନ୍ତି।

> ଯୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆର ସିଷ୍ଟମକୁ ନିରନ୍ତର ଭିତ୍ତିରେ ଅପଡେଟ କରିବାର ଆବଶ୍ୟକତା ରହିଛି।
> – ଅଜୟ ଭୂଷଣ ପାଣ୍ଡେ, ସିଇଓ, ୟୁଆଇଡିଏଆଇ



> ୩.୩% ବିତ୍ତୀୟ ନିଅଣ୍ଟ ସହ ସରକାର ୨୦୧୮–୧୯ ଆର୍ଥିକ ବର୍ଷକୁ ଶେଷ କରିପାରନ୍ତି।
> – ସୁଭାଷ ଚନ୍ଦ୍ର ଗର୍ଗ, ଅର୍ଥନୈତିକ ବ୍ୟାପାର ସଚିବ



## ଚାଷୀଙ୍କୁ ସହାୟତା ନେଇ ସଙ୍କେତ ଦେଲେ ଜେଟ୍‌ଲୀ

# ଏବେ ମିଳୁଛି ୫୦୦, ଆଗକୁ ବଢ଼ିବ

**ନ୍ୟୁୟର୍କ,୩-୨**

ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ୨୦୧୯-୨୦ ଅନ୍ତରୀଣ ବଜେଟରେ ଚାଷୀଙ୍କୁ ବାର୍ଷିକ ୬ ହଜାର ଟଙ୍କାର ସହାୟତା ଘୋଷଣା କରିଛନ୍ତି। ଏହାକୁ ହିସାବରେ ନେଲେ ଚାଷୀ ମାସକୁ ୫୦୦ ଟଙ୍କାର ସହାୟତା ପାଇବେ। ତେବେ ଏହାକୁ ଭବିଷ୍ୟତରେ ବଢ଼ାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀ ରବିବାର ସଙ୍କେତ ଦେଇଛନ୍ତି।

ଆମେରିକାରେ ଚିକିତ୍ସା କରାଉଥିବା ଜେଟ୍‌ଲୀ ଗଣମାଧ୍ୟମ ସହ ସାକ୍ଷାତକାର ବେଳେ କହିଛନ୍ତି, ସରକାରଙ୍କ ରାଜସ୍ୱ ଆଦାୟ ବଢ଼ିବା ମାତ୍ରେ ଚାଷୀଙ୍କ ସହାୟତାକୁ ବୃଦ୍ଧି କରାଯିବ। ଏଥିସହିତ ରାଜ୍ୟ ସରକାରଗୁଡ଼ିକ କେନ୍ଦ୍ରର ସହାୟତା ବ୍ୟତୀତ ନିଜ ଆଡୁ ଚାଷୀଙ୍କ ଲାଗି ଯୋଜନା ଘୋଷଣା କରିପାରିବେ। ସେ କହିଛନ୍ତି, ୧୨ କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ପ୍ରତିବର୍ଷ ୬୦୦୦ ଟଙ୍କାର ସହାୟତା ଦିଆଯିବ। ଏହାବ୍ୟତୀତ ସରକାରଙ୍କ ଅନ୍ୟାନ୍ୟ ଯୋଜନାରେ ସେମାନଙ୍କୁ ଘର, ସବ୍‌ସିଡିଯୁକ୍ତ ଖାଦ୍ୟଶସ୍ୟ, ମାଗଣା ଚିକିତ୍ସା ସୁବିଧା ଦେବା, ସଫାସୁତୁରା କାର୍ଯ୍ୟକୁ ମାଗଣାରେ କରାଯିବାର ସୁବିଧା ଯୋଗାଇ ଦେବା, ବିଜୁଳି, ସଡ଼କ, ଗ୍ୟାସ୍ ସଂଯୋଗ, ଶସ୍ତା ସୁଧ ହାରରେ ଦୁଇଗୁଣ ଋଣ ଭଳି ଅନେକ ଯୋଜନା ମାଧ୍ୟମରେ ଚାଷୀଙ୍କ ଆର୍ଥିକ ଅସୁବିଧାକୁ ଦୂର କରାଯିବ। ସେ କହିଛନ୍ତି, ଚାଷୀଙ୍କୁ ସର୍ବନିମ୍ନ ଆୟ ସମର୍ଥନ ଦେବାର ଏହା ପ୍ରଥମ ବର୍ଷ। ସରକାରଙ୍କ ଆୟ ବଢ଼ିବା କ୍ଷଣି ସେମାନଙ୍କୁ ଅଧିକ ସହାୟତା ଦିଆଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ବର୍ତ୍ତମାନର ଏନ୍‌ଡିଏ ସରକାର ଗ୍ରାମାଞ୍ଚଳର ବିକାଶ ଲାଗି ଲକ୍ଷ ଲକ୍ଷ କୋଟି ଟଙ୍କା ବିନିଯୋଗ କରିଛନ୍ତି। ଉକ୍ତ ସହାୟତା ଏହାଠାରୁ ଭିନ୍ନ ହେବ। କେନ୍ଦ୍ର ସରକାର ଚାଷୀଙ୍କ ଲାଗି ସହାୟତା ପରିମାଣକୁ ୭୫ ହଜାର କୋଟି ଟଙ୍କାରୁ ଆରମ୍ଭ କରିଛନ୍ତି ଏବଂ ଆଗକୁ ଆହୁରି ବଢ଼ିବ। ୧୫ କୋଟି ଭୂମିହୀନ ଚାଷୀ ଉକ୍ତ ସହାୟତାରୁ ବାଦ୍ ପଡ଼ିବା ନେଇ ପ୍ରଶ୍ନ ହେବାରୁ ସେ କହିଛନ୍ତି ଯେ, ସେମାନଙ୍କ ଲାଗି ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା ଏମ୍‌ଜିଏନ୍‌ଆରଜିଏ ସମେତ ଅନ୍ୟ ଅନେକ ଯୋଜନା ରହିଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କ ଚାଷୀ ସହାୟକ ଯୋଜନାକୁ ସମାଲୋଚନା କରିଥିବା ବେଳେ ଜେଟ୍‌ଲୀ ଏଥିଲାଗି ତାଙ୍କୁ ଭର୍ତ୍ସନା କରିଛନ୍ତି। କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର କେଉଁ ବଡ଼ କାମ କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ରାହୁଲଙ୍କୁ ସମାଲୋଚନା କରି ଜେଟ୍‌ଲୀ କହିଛନ୍ତି ଯେ, ସେ ଦାୟିତ୍ୱ ସମ୍ପନ୍ନ ହୁଅନ୍ତୁ। ସେ କଲେଜ ବଦଳରେ ଦେଶର ନିର୍ବାଚନ ଲଢ଼ୁଛନ୍ତି ବୋଲି ବୁଝିବା ଉଚିତ। ସୂଚନାଥାଉ କି, କେନ୍ଦ୍ରର କୃଷକ ସହାୟତା ଯୋଜନାକୁ ସମାଲୋଚନା କରି ରାହୁଲ କହିଥିଲେ ଯେ, କେନ୍ଦ୍ର ସରକାର ଚାଷୀଙ୍କୁ ଦୈନିକ ମାତ୍ର ୧୭ ଟଙ୍କା ଖର୍ଚ୍ଚ କରିବାକୁ ଦେଇ ସେମାନଙ୍କୁ ପରିହାସ କରୁଛନ୍ତି। ଏହାର ଜବାବରେ ଜେଟ୍‌ଲୀ କହିଛନ୍ତି ଯେ, ନକାରାତ୍ମକ ଚିନ୍ତାଧାରା ଦ୍ୱାରା ପରିଚାଳିତ ନୱାବମାନଙ୍କୁ ଏତିକି କହିବି ଯେ, ସେମାନେ ନିଜ ରାଜ୍ୟ ସରକାରଙ୍କୁ କେନ୍ଦ୍ରର ସହାୟତା ବ୍ୟତୀତ ଚାଷୀଙ୍କୁ ଆଉ କିଛି ସହାୟତା ଦିଅନ୍ତୁ। ସଂଘୀୟ ବ୍ୟବସ୍ଥାରେ ୬୦:୪୦ ଢ଼ାଞ୍ଚାରେ ଯୋଜନାର କ୍ରିୟାନ୍ୱୟନ ଭଳି ସମସ୍ତ ରାଜନୈତିକ ଦଳଗୁଡ଼ିକ ଦଳୀୟ ସ୍ୱାର୍ଥ ଉପରକୁ ଉଠି ଚାଷୀଙ୍କ ପାଇଁ ସହାୟତା ଘୋଷଣା କରନ୍ତୁ ବୋଲି ଜେଟ୍‌ଲୀ ଆହ୍ୱାନ ଦେଇଛନ୍ତି। ଲେଖାନୁଦାନକୁ ନେଇ ପୂର୍ବତନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମଙ୍କ ବକ୍ତବ୍ୟର ଜବାବରେ ଜେଟ୍‌ଲୀ କହିଛନ୍ତି ଯେ, ଅର୍ଥ ଯେପରି ଖର୍ଚ୍ଚ ହେଉ, ସେଥିରେ କିଛି ଯାଏ ଆସେ ନାହିଁ। କିନ୍ତୁ ଏହା ବ୍ୟକ୍ତିଗତ ଆକାଉଣ୍ଟକୁ ନ ଯାଉ ଏହା ଦେଖିବାକୁ ହେବ।



### ଚଳିତ ମାସରୁ ଚାଷୀଙ୍କୁ ମିଳିବ ସହାୟତା

କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି(ପିଏମ୍-କିଷାନ) ଯୋଜନା ଅଧୀନରେ କ୍ଷୁଦ୍ର ଚାଷୀଙ୍କୁ ଚଳିତ ମାସରୁ ସେମାନଙ୍କ ଆକାଉଣ୍ଟରେ ଟଙ୍କା ପଠାଇବା ଆରମ୍ଭ କରିବେ। ଆର୍ଥିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ ବଜେଟ ପରେ ଏକ ସାକ୍ଷାତକାର ବେଳେ ଏହା କହିଛନ୍ତି। ଲାଭାର୍ଥୀଙ୍କ ତାଲିକା ପୂର୍ବରୁ ସରକାରଙ୍କ ନିକଟରେ ରହିଥିବାରୁ ଏହା ସମ୍ଭବ ହେବ ବୋଲି ସେ କହିଛନ୍ତି। ସୂଚନାଥାଉ କି, ଅର୍ଥ ମନ୍ତ୍ରୀ ପୀୟୂଷ ଗୋୟଲ ଶୁକ୍ରବାର ଅନ୍ତରୀଣ ବଜେଟ ଉପସ୍ଥାପନ କରି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଲାଗି ବାର୍ଷିକ ୬ ହଜାର ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଥିଲେ। ତିନୋଟି କିସ୍ତିରେ ୨ହଜାର ଟଙ୍କା ଲେଖାଏ ସହାୟତା ଦିଆଯିବ। ଏହାଦ୍ୱାରା ୧୨ କୋଟି କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ। ଗର୍ଗ କହିଛନ୍ତି ଯେ, ଏହି ଯୋଜନାକୁ ୨୦୧୮ ଡିସେମ୍ବରରୁ ଲାଗୁ କରାଯିବ। ଚଳିତ ଆର୍ଥିକ ବର୍ଷ ଲାଗି ୨୦ ହଜାର କୋଟି ଟଙ୍କାର ଆବଶ୍ୟକତା ରହିଛି। ଏଥିଲାଗି ବଜେଟରେ ବ୍ୟବସ୍ଥା କରାଯାଇଛି। ସେ କହିଛନ୍ତି ଯେ, ଜମିର ରେକର୍ଡ ମଧ ସରକାରଙ୍କ ନିକଟରେ ରହିଛି। ସରକାର ୨୦୧୫-୧୬ରେ କୃଷି ଗଣନା ଜାରି କରିଥିଲେ। ଅଧିକାଂଶ ରାଜ୍ୟ ଇଲେକ୍ଟ୍ରୋନିକ ମାଧମରେ ରେକର୍ଡ ରଖିଛନ୍ତି ଅଥବା ରଖିବା ଆରମ୍ଭ କରିଛନ୍ତି।

### ବଜେଟ ଆଲୋଚନାରେ ଭାଗ ନେବାର ସମ୍ଭାବନା କମ୍

କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀ ସଂସଦର ବଜେଟ ଆଲୋଚନାରେ ଭାଗ ନେଇପାରିବେ ନାହିଁ ବୋଲି ସଙ୍କେତ ଦେଇଛନ୍ତି। କାରଣ ତାଙ୍କର ଭାରତ ଫେରିବା ଅନିଶ୍ଚିତତା ଭିତରେ ରହିଛି। ଆମେରିକାରେ ତାଙ୍କର ଚିକିତ୍ସା ଶେଷ ହୋଇଛି। କିନ୍ତୁ ଡାକ୍ତର ତାଙ୍କୁ କେବେ ଛୁଟି ଦେବେ ତାହା ଉପରେ ତାଙ୍କର ସ୍ୱଦେଶ ଫେରିବା ନିର୍ଭର କରିବ ବୋଲି ଗଣମାଧମ ପ୍ରତିନିଧିଙ୍କ ସହ ସାକ୍ଷାତ୍‌କାର ବେଳେ ସେ କହିଛନ୍ତି। ତେବେ ଖୁବଶୀଘ୍ର ସେ ଭାରତ ଫେରିବେ ବୋଲି ଜେଟ୍‌ଲୀ ସ୍ପଷ୍ଟ କରିଛନ୍ତି। ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ହିଁ ବଜେଟ ଆଲୋଚନାରେ ଅଂଶଗ୍ରହଣ କରିବେ ବୋଲି ସେ କହିଛନ୍ତି।

### ଆନ୍ଦୋଳନ ହୋଇଥିଲେ ନିଯୁକ୍ତିବିହୀନ ଅଭିବୃଦ୍ଧି ମାନିଥାନ୍ତି



ନିଯୁକ୍ତିବିହୀନ ଦେଶରେ ଅଭିବୃଦ୍ଧି ହେଉଛି ବୋଲି ଚର୍ଚ୍ଚା ହେଉଥିବା କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏହାକୁ ଖଣ୍ଡନ କରିଛନ୍ତି। ଗତ ୫ ବର୍ଷ ଭିତରେ କୌଣସି ସାମାଜିକ କିମ୍ବା ରାଜନୈତିକ ଆନ୍ଦୋଳନ ନ ହେବା ଏହା ପ୍ରମାଣ କରୁଛି ଯେ, ଏନ୍‌ଡିଏ ସରକାରଙ୍କ ସମୟରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଆନ୍ଦୋଳନ ହୋଇଥିଲେ ନିଯୁକ୍ତିବିହୀନ ଅଭିବୃଦ୍ଧି ହୋଇଥିବା ସେ ମାନିଥାନ୍ତେ ବୋଲି ଜେଟ୍‌ଲୀ କହିଛନ୍ତି। ଅନ୍ତରୀଣ ବଜେଟରେ ଏ ସମ୍ପର୍କରେ ଉଲ୍ଲେଖ କରା ନ ଯିବାକୁ ସେ ଉଚିତ ବୋଲି କହିଛନ୍ତି। ସେ କହିଛନ୍ତି ଯେ, ଅନ୍ତରୀଣ ବଜେଟ ସାଧାରଣ ବଜେଟଠାରୁ ଭିନ୍ନ ହୋଇଥାଏ। ଏଥିରେ ରିପୋର୍ଟ କାର୍ଡ ଓ ଭବିଷ୍ୟତର ରୂପରେଖ ହୋଇଥାଏ। ଦେଶରେ ନିଯୁକ୍ତି ସୃଷ୍ଟି ହୋଇନି ବୋଲି କୁହାଯାଉଛି, ଅଥଚ ଦେଶରେ ଗତ ୫ ବର୍ଷ ଭିତରେ କୌଣସି ସାମାଜିକ କିମ୍ବା ରାଜନୈତିକ ଆନ୍ଦୋଳନ ହେଲାନି କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି।

## ଆଇଟି ଅଧିକାରୀଙ୍କୁ ଭେଟିବେନି ଟିକସଦାତା



**ନୂଆଦିଲ୍ଲୀ,୩-୨**

ଆଗାମୀ ଦୁଇ ବର୍ଷ ଭିତରେ କେନ୍ଦ୍ର ସରକାର ଟିକସ ପ୍ରଦାନ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ଏହି ସମୟ ଭିତରେ ଆୟକର ଅଧିକାରୀଙ୍କୁ ଆଉ ଟିକସଦାତା ଭେଟିବେ ନାହିଁ। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ଅଧକ୍ଷ ସୁଶୀଲ ଚନ୍ଦ୍ରା ଗଣମାଧମ ପ୍ରତିନିଧିଙ୍କ ସହ ଆଲୋଚନା କାଳରେ ଏହା କହିଛନ୍ତି। ସରକାର ଆୟକର ପ୍ରଦାନ ପ୍ରକ୍ରିୟାକୁ ଅଧିକ ସରଳ କରିବାକୁ ପ୍ରୟାସ କରୁଛନ୍ତି ବୋଲି ସେ କହିଛନ୍ତି। ଏହି ନୂଆ ପ୍ରକ୍ରିୟାରେ ଟିକସଦାତାଙ୍କୁ ପୂର୍ବରୁ ପୂର୍ଣ୍ଣ ହୋଇଥିବା ରିଟର୍ନ ଫର୍ମ ଉପଲବ୍ଧ କରାଯିବ। ସେ କହିଛନ୍ତି ଯେ, ବିନା ଭେଟଘାଟ ସେବା ଯୋଗାଣ ଲାଗି ଆୟକର ବିଭାଗ ପକ୍ଷରୁ ଗତ ବର୍ଷ ପ୍ରାୟ ୨.୦୬ ଲକ୍ଷ ଆୟକର ଆକଳନ ମାମଲାକୁ ଅନଲାଇନରେ ସମାଧାନ କରାଯାଇଥିଲା। ନିକଟରେ କେନ୍ଦ୍ର ସରକାର କେନ୍ଦ୍ରୀୟ ପ୍ରୋସେସିଂ କେନ୍ଦ୍ରକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ସ୍ରୋତ ଉପରେ ଟିକସ କାଟିବାକୁ ଆଧାର କରି ପୂର୍ବରୁ ପୂର୍ଣ୍ଣ ହୋଇଥିବା ରିଟର୍ନ ଫର୍ମ ଟିକସଦାତାଙ୍କୁ ଦିଆଯିବ ବୋଲି ଚନ୍ଦ୍ରା କହିଛନ୍ତି। ଏହାଦ୍ୱାରା ରିଟର୍ନର ଯାଞ୍ଚ ମାତ୍ର ୨୪ଘଣ୍ଟା ମଧ୍ୟରେ ହୋଇଯିବ। କେନ୍ଦ୍ରୀୟ ପ୍ରୋସେସିଂ ହେବା ମାତ୍ରେ ଗୋଟିଏ ଦିନ ଭିତରେ ଟିକସଦାତାଙ୍କୁ ସେମାନଙ୍କ ଦାବି ପ୍ରଦାନ କରାଯିବ ବୋଲି ଚନ୍ଦ୍ରା ସ୍ପଷ୍ଟ କରିଛନ୍ତି।

## ଏସ୍‌ବିଆଇ ଗ୍ରୀନ ମାରାଥନର ଦ୍ୱିତୀୟ ସଂସ୍କରଣ ଆୟୋଜିତ



**ଭୁବନେଶ୍ୱର,୩-୨**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ଗ୍ରୀନ ମାରାଥନର ଦ୍ୱିତୀୟ ସଂସ୍କରଣ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ନିରନ୍ତରତାର ପ୍ରଚାର ପ୍ରସାର ଲାଗି ବ୍ୟାଙ୍କ ପକ୍ଷରୁ ଏଭଳି ଏକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବ୍ୟାଙ୍କର ସିଜିଏମ୍ ପ୍ରବୀଣା କାଲା, ଜିଏମ୍ ଡିଏସ୍ ମିଶ୍ର ଏବଂ ଭୁବନେଶ୍ୱର ସର୍କଲ ଜିଏମ୍ ଜି.ଭଟ୍ଟାଚାର୍ଯ୍ୟ ଏହାକୁ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଏସ୍‌ବିଆଇ ଜେନେରାଲ ଇନସ୍ୟୁରାନ୍ସ ପ୍ରାଇଭେଟ ଲିମିଟେଡର ଏମ୍‌ଡି ତଥା ସିଇଓ ପୁଷଣ ମହାପାତ୍ର ଉପସ୍ଥିତ ଥିଲେ। ଭାରତୀୟ ହକି ଖେଳାଳି ଅଲିମ୍ପିଆନ ୱିଲିୟମ ଖାଲକୋ, ଜାତୀୟ ରେକର୍ଡ ହୋଲ୍ଡର ଅନୁରାଧା ବିଶ୍ୱାଳ, ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଶ୍ରଦ୍ଧାଞ୍ଜଳୀ ସାମନ୍ତରାୟ, ହକି ତାରକା ପ୍ରବୋଧ ତିର୍କୀ କାର୍ଯ୍ୟକ୍ରମରେ ଯୋଗ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୩,୦୦୦ ରନର ଅଂଶଗ୍ରହଣ କରିଥିଲେ। କ୍ଲିନ ଏବଂ ଗ୍ରୀନ ସିଟିକୁ ପ୍ରୋତ୍ସାହିତ କରିବାକୁ ଯୋଗଦାନ କରିଥିବା ବ୍ୟକ୍ତି ବିଶେଷଙ୍କୁ ଗ୍ରୀନ ଟିସାର୍ଟ ପ୍ରଦାନ କରାଯାଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

## ନାଲ୍‌କୋ ପକ୍ଷରୁ ସ୍ମାଇଲ ପୁରସ୍କାର ପ୍ରଦାନ




**ଭୁବନେଶ୍ୱର,୩-୨**

ଅନ୍ତର୍ଜାତୀୟ ଆଲୁମିନିୟମ କନ୍‌ଫରେନ୍ସ (ଇନକାଲ)ର ସଫଳ ରୂପାୟନ ପରେ ନାଲକୋ ପକ୍ଷରୁ ସଦଭାବନା ନାମକ ସଂସ୍ଥାକୁ ସ୍ମାଇଲ ପୁରସ୍କାର ପ୍ରଦାନ କରାଯାଇଛି। ଦିବ୍ୟାଙ୍ଗଙ୍କ ଉନ୍ନତୀକରଣ ଲାଗି ଉକ୍ତ ପ୍ରତିଷ୍ଠାନ କାର୍ଯ୍ୟ କରୁଥିବା ବେଳେ ଏହାକୁ ରାଜ୍ୟପାଳ ଗଣେଶୀ ଲାଲ ପୁରସ୍କୃତ କରିଛନ୍ତି। ନାଲ୍‌କୋ ଅଧକ୍ଷ ତପନ କୁମାର ଚାନ୍ଦ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ ନାଲକୋ ନାଇଟ ଅବସରରେ ପ୍ରସିଦ୍ଧ ବଲିଉଡ ଗାୟକ କୁମାର ସାନୁ ସଙ୍ଗୀତ ପରିବେଷଣ କରିଥିଲେ।

Health in Your Hand
କର୍କଟ, ମଧୁମେହ, ହାର୍ଟ ରୋଗ ଓ ଷ୍ଟ୍ରୋକ୍ ଜନିତ ରୋଗର ପ୍ରତିରୋଧ ଓ ନିୟନ୍ତ୍ରଣ ପାଇଁ ରାଷ୍ଟ୍ରୀୟ କାର୍ଯ୍ୟକ୍ରମ
ଓଡ଼ିଶା ସରକାର
World Cancer Day 4 February

**ବିଶ୍ୱ କର୍କଟ ଦିବସ**

୪ ଫେବୃଆରୀ ୨୦୧୯

 କ୍ୟାନ୍‌ସର (କର୍କଟ) ରୋଗ ସମ୍ପର୍କରେ ବ୍ୟାପକ ଜନ ସଚେତନତା ସୃଷ୍ଟି ପାଇଁ ପ୍ରତି ବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କ୍ୟାନ୍‌ସର ଦିବସ ରୂପେ ପାଳନ କରାଯାଉଛି । କର୍କଟ ରୋଗର ପ୍ରମୁଖ କାରଣ ଗୁଡିକ ଉପରେ ତମାଖୁ ସେବନ, ମଦ୍ୟପାନ, ଖାଦ୍ୟ ପଦାର୍ଥରେ ରାସାୟନିକ ଦ୍ରବ୍ୟର ବ୍ୟବହାର ଓ କିଛି ଭୂତାଣୁ ଜନିତ ସଂକ୍ରମଣ ଅନ୍ତର୍ଭୁକ୍ତ । ଉପଯୁକ୍ତ ଜୀବନଶୈଳୀ ଓ ଖାଦ୍ୟପେୟରେ ନିୟନ୍ତ୍ରଣ ଦ୍ୱାରା ଏହି ରୋଗକୁ ପ୍ରତିରୋଧ କରାଯାଇ ପାରିବ । ଆସନ୍ତୁ, ବିଶ୍ୱ କ୍ୟାନ୍‌ସର ଦିବସ ଅବସରରେ ଆମେ ବ୍ୟକ୍ତିଗତ ଓ ସାମୂହିକ ସ୍ତରରେ ପ୍ରୟାସ ଜାରିରଖି କ୍ୟାନ୍‌ସର ମୁକ୍ତ ଭବିଷ୍ୟତ ଗଠନ ପାଇଁ ପ୍ରତିଜ୍ଞା କରିବା ।

**କ୍ୟାନ୍‌ସର ପ୍ରତିରୋଧର ଉପାୟ**

- କୌଣସି ପ୍ରକାର ତମାଖୁ ସେବନରୁ ନିବୃତ୍ତ ରହିବା ।
- ମାଦକ ଦ୍ରବ୍ୟ ବା ନିଶା ସେବନ ନକରିବା ।
- ନିୟମିତ ସ୍ତନ୍ୟପାନ କରାଇବା ।
- ନିରାପଦ ଯୌନ ଓ ପ୍ରଜନନ ଅଭ୍ୟାସ ଆପଣାଇବା ।
- ସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ ଜାରି ରଖିବା ।
- ସୁସ୍ଥ ଜୀବନ ଶୈଳୀ ଆପଣେଇବା ।
- ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ।

**ମନେରଖନ୍ତୁ, କ୍ୟାନ୍‌ସର ରୋଗ ପ୍ରାଥମିକ ଅବସ୍ଥାରେ ଆରୋଗ୍ୟସାଧ୍ୟ ।**

ଅଧିକ ଜାଣିବା ପାଇଁ ନିକଟସ୍ଥ ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡେ-କେୟାର କେମୋଥେରାପି କେନ୍ଦ୍ରରେ ଯୋଗାଯୋଗ କରନ୍ତୁ ।

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha http://www.health.odisha.gov.in/ @HFWOdisha
DSPL-380
10003/13/0102/1819

ହାମିଲଟନ ଦିନିକିଆରେ ପରାଜୟ ପରେ ୱେଲିଂଟନଠାରେ ଅସାଧାରଣ ପ୍ରଦର୍ଶନ ଦ୍ୱାରା ମ୍ୟାଚ ଜିତିବା ଲାଗି ଆମେ ସ୍ଥିର କରିଥିଲୁ। –ରୋହିତ ଶର୍ମା, ଭାରତର କାମଚଳା ଅଧିନାୟକ



ବର୍ତ୍ତମାନର ଭାରତୀୟ କ୍ରିକେଟ ଦଳ ନିକଟରେ ବିଶ୍ୱର ଯେକୌଣସି ଦେଶ ଓ ପିଚ୍‌ରେ ମ୍ୟାଚ ଜିତିବାର ସାମର୍ଥ୍ୟ ରହିଛି।
– ସଚିନ ତେନ୍ଦୁଲକର, ବ୍ୟାଟିଂ ଆଇକନ୍



# ନ୍ୟୁଜିଲାଣ୍ଡରେ ଭାରତର ସର୍ବବୃହତ ସିରିଜ୍ ବିଜୟ

ୱେଲିଂଟନ,୩।୨(ପି.ଟି.)

ନ୍ୟୁଜିଲାଣ୍ଡ ମାଟିରେ ଭ୍ରମଣକାରୀ ଭାରତ ସର୍ବବୃହତ୍ ଦିନିକିଆ ସିରିଜ ବିଜୟ ହାସଲ କରି ଇତିହାସ ସୃଷ୍ଟି କରିଛି। ସ୍ଥାନୀୟ ୱେଷ୍ଟପ୍ୟାକ୍ ଷ୍ଟାଡିୟମରେ ଖେଳାଯାଇଥିବା ପଞ୍ଚମ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଭାରତ ୩୫ ରନରେ ନ୍ୟୁଜିଲାଣ୍ଡକୁ ହରାଇଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ଭାରତ ୪–୧ରେ ବିଜୟୀ ହୋଇଛି। ୧୯୬୭ରୁ ଭାରତ ନ୍ୟୁଜିଲାଣ୍ଡ ଗସ୍ତ କରିଆସୁଥିଲେ ମଧ୍ୟ ସବୁ ଫର୍ମାଟ ଦୃଷ୍ଟିକୋଣରୁ ଭାରତ ପାଇଁ ଏହା ସର୍ବବୃହତ୍ ସିରିଜ ବିଜୟ ସାବ୍ୟସ୍ତ ହୋଇଛି। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ୧୮ ରନରେ ୪ ଉଇକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ଏହା ପରେ ଅମ୍ବାତି ରାୟୁଡୁ, ବିଜୟ ଶଙ୍କର, କେଦାର ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଲଢୁଆ ବ୍ୟାଟିଂ ବଳରେ ଭାରତ ୪୯.୫ ଓଭରରେ ୨୫୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ବ୍ୟାଟିଂ ଆରମ୍ଭ କରି ନିୟମିତ ବ୍ୟବଧାନରେ ଉଇକେଟ ହରାଇବା ସହ ୪୪.୧ ଓଭରରେ ୨୧୭ ରନ କରି ଆଲଆଉଟ ହେବା ସହ ପରାଜୟବରଣ କରିଛି। ୯୦ ରନର ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିବା ରାୟୁଡୁଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ସେହିପରି ସାରା ସିରିଜରେ ସ୍ଥିର ପ୍ରଦର୍ଶନ କରିଥିବା ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସାମି ପ୍ଲେୟାର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

୨୫୩ ରନ ଟାର୍ଗେଟର ପିଛା କରି ନ୍ୟୁଜିଲାଣ୍ଡ ୩୮ ରନରେ ୩ ଉଇକେଟ ହରାଇଥିଲା। ଅଧିନାୟକ କେନ୍ ୱିଲିୟମସନ, ଉଇକେଟ କିପର ବ୍ୟାଟ୍ସମ୍ୟାନ ଟମ ଲଥାମ, ଜିମ୍ମି ନିଶାମ ଲଢୁଆ ବ୍ୟାଟିଂ କରିଥିଲେ ମଧ୍ୟ ଅନ୍ୟମାନେ ବିଫଳ ହୋଇଥିଲେ। ଓପନର ହେନେରୀ ନିକୋଲ୍ସ ୮ ରନ କରି ଆଉଟ ହେବାପରେ ଅନ୍ୟତମ ଓପନର କଲିନ୍ ମୁନରୋ ୨୪, ଅଭିଜ୍ଞ ରସ୍ ଟେଲର ମାତ୍ର ୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ନିକୋଲ୍ସ, ମୁନରୋ ସାମିଙ୍କ ଦ୍ୱାରା ଓ ଟେଲର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଦ୍ୱାରା ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଚତୁର୍ଥ ଉଇକେଟ ଯୋଡିରେ ଲଥାମ ଓ ୱିଲିୟମସନ ୬୭ ରନ କରି ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ତେବେ ୱିଲିୟମସନ ୩୯ ରନ କରି କ୍ରିଜ୍‌ରେ ଜମି ଆସୁଥିବା ବେଳେ କେଦାର ଯାଦବ ତାଙ୍କୁ ଆଉଟ କରି ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ। ଏହାପରେ ଲଥାମ ଅଧିକ ସମୟ ତିଷ୍ଠି ନ ପାରି ୩୭ ରନ କରିଥିବା ବେଳେ ଯୁଜବେନ୍ଦ୍ର ଚହଲଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ କଲିନ୍ ଡି ଗ୍ରାଣ୍ଡହୋମ ୧୧ ରନକରି ଚହଲଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇଥିଲେ। ଅଲରାଉଣ୍ଡର ଜେମ୍ସ ନିଶାମ ୪୪ ରନ କରି ଜମି ଆସୁଥିବା ବେଳେ ମହେନ୍ଦ୍ର ସିଂ ଧୋନୀଙ୍କ ଦ୍ୱାରା ଅତି ଚମତ୍କାର ଢଙ୍ଗରେ ରନ୍ ଆଉଟ ହୋଇଥିଲେ। ସପ୍ତମ ଉଇକେଟ ଯୋଡିରେ ନିଶାମ ଓ ସାଣ୍ଟନର ୪୧ ରନ କରି କରିଥିଲେ। ତେବେ ନିଶାମ ପ୍ୟାଭିଲିୟନ ଫେରିବା ପରେ ନ୍ୟୁଜିଲାଣ୍ଡର ବିଜୟ ଆଶା ମଉଳି ଯାଇଥିଲା। ଟୋଡ ଆଷ୍ଟଲେ ୧୦, ମିଚେଲ ସାଣ୍ଟନର ୨୨, ଟ୍ରେଣ୍ଟ ବୋଲ୍ଟ ଯଥାକ୍ରମେ ଚହଲ, ପାଣ୍ଡ୍ୟା ଓ ଭୁବନେଶ୍ୱର କୁମାରଙ୍କ ଦ୍ୱାରା ଆଉଟ ହୋଇଥିଲେ। ମ୍ୟାଟ ହେନେରୀ ୧୭ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ଚହଲ ସର୍ବାଧିକ ୩, ସାମି ଓ ପାଣ୍ଡ୍ୟା ଦୁଇଟି ଲେଖାଏ, ଭୁବନେଶ୍ୱର ଓ କେଦାର ଗୋଟିଏ କରି ଉଇକେଟ ହାସଲ କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ମାତ୍ର ୧୮ ରନରେ ଓପନର ରୋହିତ ଶର୍ମା, ଶିଖର ଧାୱନ, ଶୁବମନ ଗିଲ ଓ ଅଭିଜ୍ଞ ଧୋନୀଙ୍କୁ ହରାଇ ବିପଦରେ ପଡିଥିଲା। ରୋହିତ ୨ ଓ ଶୁବମନ ୭ ରନକରି ହେନେରୀଙ୍କ ଦ୍ୱାରା, ଧାୱନ ୬ ଓ ଧୋନୀ ୧ ରନ କରି ବୋଲ୍ଟଙ୍କ ଶିକାର ହୋଇଥିଲେ। ସ୍ୱଳ୍ପ ରନ୍‌ରେ ଭାରତୀୟ ଟପ୍ ଅର୍ଡରର ବିପର୍ଯ୍ୟୟ ଘଟିଥିବା ବେଳେ ପଞ୍ଚମ ଉଇକେଟ ଯୋଡିରେ ରାୟୁଡୁ ଓ ବିଜୟ ଶଙ୍କର ୯୮ ରନ କରି ସ୍ଥିତି ସମ୍ଭାଳିଥିଲେ। ଶଙ୍କର ୪୫ ରନ କରିଥିବା ବେଳେ ନିଶାମ ଓ ମୁନରୋଙ୍କ ପ୍ରୟାସରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଏହାପରେ ଷଷ୍ଠ ଉଇକେଟ ଯୋଡିରେ ରାୟୁଡୁ ଓ କେଦାର ୭୪ ରନ କରି ଦଳର ସ୍କୋରକୁ ଆଗକୁ ବଢାଇନେଇଥିଲେ। ତେବେ ରାୟୁଡୁ ୧୧୩ଟି ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୪ ଛକା ସହ ୯୦ ରନ କରି ହେନେରୀଙ୍କ ବଲ୍‌ରେ ମୁନରୋଙ୍କୁ କ୍ୟାଚ୍ ଦେଇଆଉଟ ହେବା ସହ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ସେହିପରି କେଦାର ୩୪ ରନ କରିଥିବା ବେଳେ ହେନେରୀଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଅଷ୍ଟମ ଉଇକେଟ ଯୋଡିରେ ପାଣ୍ଡ୍ୟା ଓ ଭୁବନେଶ୍ୱର ଦ୍ରୁତ ୪୫ ରନ କରି ଦଳର ସ୍କୋରକୁ ୨୫୦ ରନ ପାର କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପାଣ୍ଡ୍ୟା ମାତ୍ର ୨୨ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ସହ ୫ ଛକା ସହ ୪୫ ରନ କରି ଆଉଟ ହେବାପୂର୍ବରୁ ଭାରତକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ସେ ଲେଗ୍ ସ୍ପିନର ଆଷ୍ଟଲେଙ୍କୁ କ୍ରମାଗତ ୩ଟି ବିଶାଳ ଛକା ମାରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ଭୁବନେଶ୍ୱର ୬ ରନ କରି ବୋଲ୍ଟଙ୍କ ତୃତୀୟ ଶିକାର ହୋଇଥିଲେ। ଶେଷରେ ସାମି ୧ ରନ କରିଥିବା ବେଳେ ବୋଲ୍ଟଙ୍କ ଦ୍ୱାରା ରନ୍ ଆଉଟ ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ହେନେରୀ ସର୍ବାଧିକ ୪, ବୋଲ୍ଟ ୩, ନିଶାମ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

## ରାୟୁଡୁ ପ୍ଲେୟାର ଅଫ୍ ଦି ମ୍ୟାଚ୍, ସାମି ପ୍ଲେୟାର ଅଫ୍ ଦି ସିରିଜ



ଟ୍ରଫି ସହ ଉଲ୍ଲସିତ ଭାରତୀୟ ଦଳ ।

## ସଂକ୍ଷିପ୍ତ ସ୍କୋର

- ଭାରତ ୪୯.୫ ଓଭରରେ ୨୫୨ ଆଉଟ୍ (ରାୟୁଡୁ- ୯୦, ଶଙ୍କର- ୪୫, ପାଣ୍ଡ୍ୟା- ୪୫, ଯାଦବ- ୩୪, ହେନେରୀ- ୪/୩୫, ବୋଲ୍ଟ- ୩/୩୯, ନିଶାମ- ୧/୩୩)।
- ନ୍ୟୁଜିଲାଣ୍ଡ ୪୪.୧ ଓଭରରେ ୨୧୭ ଅଲଆଉଟ୍ (ନିଶାମ- ୪୪, ୱିଲିୟମସନ- ୩୯, ଲଥାମ- ୩୭, ମୁନରୋ- ୨୪, ସାଣ୍ଟନର- ୨୨, ହେନେରୀ- ୧୭*, ଚହଲ- ୩/୪୧, ପାଣ୍ଡ୍ୟା- ୨/୫୦, ସାମି- ୨/୩୫, ଭୁବନେଶ୍ୱର- ୧/ ୩୮)।


ଅମ୍ବାତି ରାୟୁଡୁ ଏକ ପୁଲ ଶଟ୍ ମାରୁଛନ୍ତି।

## ରୋହିତଙ୍କ ଶତକ ଧାରା ଭାଙ୍ଗିଲା

ଭାରତୀୟ ଓପନର ରୋହିତ ଶର୍ମାଙ୍କ ପ୍ରତ୍ୟେକ ସିରିଜ୍‌ରେ ଶତକ ମାରିବାର ଧାରା ଭଙ୍ଗ ହୋଇଛି। ରୋହିତ ଏପର୍ଯ୍ୟନ୍ତ କ୍ରମାଗତ ୯ ସିରିଜ୍‌ରେ ଶତକ ହାସଲ କରିଛନ୍ତି। ହେଲେ ଏହି ଧାରା ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ଭଙ୍ଗ ହୋଇଛି। ୩୧ ବର୍ଷୀୟ ଷ୍ଟାଣ୍ଡବାଇ ଅଧିନାୟକ ୨୦୧୭ ଚାମ୍ପିୟନ୍ସ ଟ୍ରଫିଠାରୁ ପ୍ରତ୍ୟେକ ସିରିଜ୍‌ରେ ଅତିକମ୍‌ରେ ଗୋଟିଏ ଶତକ ହାସଲ କରି ଆସୁଛନ୍ତି। ସେ ଚାମ୍ପିୟନ୍ସ ଟ୍ରଫିରେ ୧୨୩* ରନ୍ କରିଥିଲେ। ଏହାପରେ ଶ୍ରୀଲଙ୍କା ବିପକ୍ଷରେ ୧୨୪* ଓ ୧୦୪, ଅଷ୍ଟ୍ରେଲିଆ ବିପକ୍ଷରେ ୧୨୫, ନ୍ୟୁଜିଲାଣ୍ଡ ବିପକ୍ଷରେ ୧୪୭, ଶ୍ରୀଲଙ୍କା ବିପକ୍ଷରେ ୨୦୮*, ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୧୫, ଇଂଲଣ୍ଡ ବିପକ୍ଷରେ ୧୦୧*, ୱେଷ୍ଟଇଣ୍ଡିଜ ବିପକ୍ଷରେ ୧୬୨ ଓ ଶେଷରେ ଅଷ୍ଟ୍ରେଲିଆ ବିପକ୍ଷରେ ୧୩୩ ରନ୍‌ର ଇନିଂସ ଖେଳିଥିଲେ। ମାତ୍ର ଚଳିତ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ୍ ଶତକ ହାସଲ କରିବାରେ ବିଫଳ ହୋଇଛନ୍ତି। ସେ ୫ ମ୍ୟାଚ୍ ଖେଳି ସମୁଦାୟ ୧୬୯ ରନ୍ କରିଛନ୍ତି। କୌତୂହଳର ବିଷୟ ହେଉଛି ରୋହିତ ୨୦୧୬ ନ୍ୟୁଜିଲାଣ୍ଡ ଗସ୍ତରେ ଶତକ ମାରି ପାରି ନ ଥିଲେ।

## ସଂକ୍ଷେପରେ

### ‘ହାଓ ଇଜ୍ ଦି ଜୋଶ’ ଧ୍ୱନିରେ ଭାରତୀୟ୍ ଖେଳାଳି ଖୁସି ମନାଇଲେ

ୱେଲିଂଟନ,୩।୨ (ପି.ଟି.): ନ୍ୟୁଜିଲାଣ୍ଡ ବିପକ୍ଷ ଐତିହାସିକ ସିରିଜ ବିଜୟ୍ ପରେ ଭାରତୀୟ୍ କ୍ରିକେଟର ‘ଉରି- ଦି ସର୍ଜିକାଲ ଷ୍ଟ୍ରାଇକ୍’ ସିନେମାର ଜଣାଶୁଣା ସଂଳାପ ‘ହାଓ ଇଜ୍ ଦି ଜୋଶ’ ଉଚ୍ଚାରଣ କରି ଖୁସି ମନାଇଥିଲେ। ଭାରତୀୟ୍ ଦଳକୁ ଟ୍ରଫି ପ୍ରଦାନ କରାଯିବା ପରେ କେଦାର ଯାଦବ ‘ହାଓ ଇଜ୍ ଦି ଜୋଶ’ ଉଚ୍ଚାରଣ କରିଥିଲେ। ଏଥି ସହିତ ଅନ୍ୟ ଖେଳାଳିମାନେ ‘ହାଇ ସାର’ ଉଚ୍ଚାରଣ କରି ବିଜୟ୍ ଉତ୍ସବ ମନାଇଥିଲେ। ଭାରତୀୟ୍ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବିଜୟ୍ ଉତ୍ସବର ଏହି ଭିଡିଓକୁ ଶେୟାର କରିଛି। ଉରି ମୁଭିର ମୁଖ୍ୟ ଚରିତ୍ରରେ ଅବତୀର୍ଣ୍ଣ ହୋଇଥିବା ଭିକି କୌଶାଲ ମଧ ତାଙ୍କ ଟାଇମ୍ ଲାଇନ୍‌ରେ ଏହି ଭିଡିଓ ପୋଷ୍ଟ କରିଛନ୍ତି। ଆମ କ୍ରିକେଟ ଦଳ ପୂରା ଦେଶର ଜୋଶ ହାସଲ କରି ଆମକୁ ଗର୍ବିତ କରିଛି। ବିଜୟ୍ ପାଇଁ ଅଭିନନ୍ଦନ ବୋଲି ଭିକି ଟୁଇଟ୍ କରି ଉଲ୍ଲେଖ କରିଛନ୍ତି।

### ଟଣ୍ଡନଙ୍କୁ ପିଏସ୍ଏ ଟାଇଟଲ

ସିଆଟଲ (ଆମେରିକା), ୩।୨ (ପି.ଟି.): ଭାରତର ପ୍ରଫେଶନାଲ ସ୍କ୍ୱାଶ୍ ଖେଳାଳି ରମିତ ଟଣ୍ଡନ ପିଏସ୍ଏ ଚ୍ୟାଲେଞ୍ଜର ସିଆଟଲ ଓପନ୍ ଟାଇଟଲ ହାସଲ କରିଛନ୍ତି। ଛନ୍ତି। ନିକଟରେ କ୍ୟାରିୟରର ଶ୍ରେଷ୍ଠ ମାନ୍ୟତା ପାଇଥିବା ଟପ୍ ସିଡ୍ ଟଣ୍ଡନ (୫୮ ତମ ର୍ୟାଙ୍କିଙ୍ଗ) ୧୧-୪, ୧୧-୭, ୨-୧୧, ୧୧-୨ ଗେମ୍‌ରେ ଇଜିପ୍ଟର ମହମ୍ମଦ ଏଲ୍ ଶେର୍‌ବିନିଙ୍କୁ ହରାଇ ଦେଇଛନ୍ତି। ଏହା ହେଉଛି ନୂଆବର୍ଷରେ ପ୍ରଥମ (ପ୍ରଫେଶନାଲ ସ୍କ୍ୱାଶ ଆସୋସିଏଶନ) ପିଏସ୍ଏ ଏବଂ ମୋଟ ଉପରେ ଚତୁର୍ଥ ଟାଇଟଲ। ସେ ସମ୍ପୂର୍ଣ୍ଣ ଫାଇନାଲରେ ଚମତ୍କାର ପ୍ରଦର୍ଶନ କରିଥିଲେ। ଦ୍ୱିତୀୟ୍ ଗେମ୍ ସଂଘର୍ଷପୂର୍ଣ୍ଣ ବିଜୟ୍ ଦ୍ୱାରା ସେ ସାମାନ୍ୟ ନର୍ଭସ ହୋଇଯାଇଥିଲେ। ଫଳରେ ୩ୟ ଗେମ୍‌ରେ ତାଙ୍କୁ ପରାସ୍ତ ହେବାକୁ ପଡ଼ିଥିଲା। ହେଲେ ୪ର୍ଥ ଗେମ୍‌କୁ ଜିତି ଟାଇଟଲ ହାତେଇ ନେଇଥିଲେ।

### ସିରିଜ୍ ଜିତିଲା ୱେଷ୍ଟଇଣ୍ଡିଜ

ଆଣ୍ଟିଗୁଆ,୩।୨: ଦୀର୍ଘ ୧୦ ବର୍ଷ ପରେ ଇଂଲଣ୍ଡ ବିପକ୍ଷରେ ପ୍ରଥମ ଥର ଇଣ୍ଡିଜ ଦଳ ଟେଷ୍ଟ ସିରିଜ ଜିତିଛି। ପ୍ରଥମ ମ୍ୟାଚ୍‌କୁ ଏକତରଫା ଭାବେ ଜିତିଥିବା ଜାଶନ ହୋଲ୍ଡରଙ୍କ ନେତୃତ୍ୱାଧୀନ ଇଣ୍ଡିଜ ଦଳ ଦ୍ୱିତୀୟ୍ ଟେଷ୍ଟକୁ ମାତ୍ର ତିନି ଦିନରେ ଜିତି ନେଇଛି। ଏହି ବିଜୟ୍ ସହ ତିନି ଟେଷ୍ଟ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୨-୦ ବ୍ୟବଧାନରେ ଇଣ୍ଡିଜ ଦଳ ହାତେଇ ନେଇଛି। ପ୍ରଥମ ଇନିଂସରେ ଇଂଲଣ୍ଡ ୧୮୭ ରନ୍ କରିଥିବାବେଳେ ଇଣ୍ଡିଜ ୩୦୬ ରନ୍ କରିଥିଲା। ଫଳରେ ୧୧୯ ରନ୍‌ରେ ପଛୁଆ ଥିବା ଇଂଲଣ୍ଡ ଦଳ ଦ୍ୱିତୀୟ୍ ଇନିଂସରେ ୧୩୨ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଇଂଲଣ୍ଡ ଦଳର ସମସ୍ତ ବ୍ୟାଟ୍ସମ୍ୟାନ ଭଲ ଆରମ୍ଭ ପାଇଥିଲେ ମଧ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଜୋସ ବଟଲର ୨୪, ଜୋ ଡେନଲି ୧୭ ଓ ରୋରି ବର୍ଣ୍ଣ୍ସ ୧୬ ରନ୍ କରିଥିଲେ। ଘରୋଇ ଦଳ ପାଇଁ କେମାର ରୋଚ ଓ ଅଧିନାୟକ ହୋଲ୍ଡର ୪ ଉଇକେଟ ନେଇଥିଲେ। ଏହାପରେ ୧୪ ରନ୍‌ର ବିଜୟ୍ ଲକ୍ଷ୍ୟକୁ ଇଣ୍ଡିଜ ଦଳ ୧୦ ଉଇକେଟରେ ହାସଲ କରି ନେଇଥିଲା। ମ୍ୟାଚ୍‌ର ଆଉ ଏକ ଉଲ୍ଲେଖନୀୟ ଘଟଣା ହେଉଛି ଇଣ୍ଡିଜ ଦଳରେ ସାମିଲ ଥିବା ଆଲଜାରି ଜୋଶେଫଙ୍କ ମା’ଙ୍କ ଶନିବାର ସକାଳେ ଦେହାନ୍ତ ହୋଇଯାଇଛି। ଏହାସତ୍ତ୍ୱେ ସେ ମ୍ୟାଚ୍‌ରେ ଖେଳିବା ଜାରି ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ। ସେ ଅନ୍ତିମ ଇନିଂସରେ ୨ ଉଇକେଟ ନେବା ସହ ଗୋଟିଏ କ୍ୟାଚ୍ ଧରିଥିଲେ।

### ବ୍ୟାଟିଂ କରିବାକୁ ଫେରିଲେ କରୁଣାରତ୍ନେ

କାନବେରା, ୩।୨(ଏଏଫପି):ଶ୍ରୀଲଙ୍କା ଦିମୁଥ୍ କରୁଣାରତ୍ନେଙ୍କୁ ରବିବାର ମେଡିକାଲରୁ ଖଲାସ ହେବାପରେ ସେ ଦ୍ୱିତୀୟ୍ ଇନିଂସ ବ୍ୟାଟିଂ କରିବା ଆରମ୍ଭ କରିଛନ୍ତି। ସ୍ଥାନୀୟ୍ ମାନୁକା ଓଭାଲଠାରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ୍ ଟେଷ୍ଟରେ ସେ ବ୍ୟାଟିଂ କରୁଥିବାବେଳେ ପ୍ୟାଟ କମିନ୍ସଙ୍କ ଏକ ବାଉନ୍ସର ତାଙ୍କ ବେକରେ ବାଜିଥିଲା। ଏହାପରେ ସେ ସଜ୍ଞାହୀନ ହୋଇ ଫିଲ୍ଡରେ ପଡ଼ିଯାଇଥିଲେ। ତୁରନ୍ତ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି। ଚିନ୍ତା କରିବାର କୌଣସି ବିଷୟ୍ ନ ଥିବାରୁ ତାଙ୍କୁ ଚଳିତ ଟେଷ୍ଟ ମ୍ୟାଚ୍‌ରେ ବ୍ୟାଟିଂ କରିବାକୁ ଶ୍ରୀଲଙ୍କା କ୍ରିକେଟ ପକ୍ଷରୁ ଅନୁମତି ଦିଆଯାଇଛି। ୫୧୬ ରନ୍‌ର ବିଶାଳ ବିଜୟ୍ ଲକ୍ଷ୍ୟ ପିଛା କରୁଥିବା ଶ୍ରୀଲଙ୍କା ୩ୟ ଦିବସ ଶେଷସୁଦ୍ଧା ବିନା କ୍ଷତିରେ ୧୭ ରନ୍ କରିଛି। କରୁଣାରତ୍ନେ ୮ ଓ ଲାହିରୁ ଥିରିମାନେ ୮ ରନ୍ କରି ଅପରାଜିତ ରହିଛନ୍ତି।

# ଓଡ଼ିଶାର ଡବଲ୍ ପରାଜୟ

କଟକ ଅଫିସ, ୩।୨

ରବିବାର ଜାତୀୟ ହକି ଚାମ୍ପିୟନଶିପ୍‌ର ୨ଟି ଯାକ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପରାଜୟର ସମ୍ମୁଖୀନ ହୋଇଛି। କେରଳର କୋଲାମଠାରେ ଚାଲିଥିବା ୯ମ ଜାତୀୟ ଜୁନିୟର ବାଳିକା ହକି ଚାମ୍ପିୟନଶିପ (ଡିଭିଜନ–ଏ)ର ମ୍ୟାଚ୍‌ରେ ଓଡ଼ିଶା ୦–୨ ଗୋଲରେ ଉତ୍ତରପ୍ରଦେଶଠାରୁ ପରାସ୍ତ ହୋଇଥିଲା। ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ଚାଲିଥିବା ୯ମ ସିନିୟର ପୁରୁଷ ଜାତୀୟ ହକି ଚାମ୍ପିୟନଶିପ(ଡିଭିଜନ–ଏ)ରେ ଓଡ଼ିଶା ୩–୬ ଗୋଲରେ ଏୟାର ଇଣ୍ଡିଆ ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡ(ଏଆଇଏସ୍‌ପିବି) ଠାରୁ ହାରିଥିଲା। ଏଆଇଏସ୍‌ପିବି ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟରରେ ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ୩ୟ କ୍ୱାର୍ଟରରେ ୩ଟି ଗୋଲ ଦେଇ ମ୍ୟାଚ୍‌କୁ କବଜା କରିଥିଲା। ତୃତୀୟ କ୍ୱାର୍ଟରରେ ଓଡ଼ିଶା ପକ୍ଷରୁ ପ୍ରସନ ତିର୍କୀ ଏକ ଗୋଲ ଦେବା ଫଳରେ ସ୍କୋର ୫–୧ ସ୍ଥିତିରେ ପହଞ୍ଚିଥିଲା। ଚତୁର୍ଥ କ୍ୱାର୍ଟରରେ ଓଡ଼ିଶା ପକ୍ଷରୁ ସଞ୍ଜୀପ ନିଲମ ଖେସ ଓ ପ୍ରସନ୍ନ ଗୋଟିଏ ଲେଖାଏ ଗୋଲ ଦେଇଥିବା ବେଳେ ଏଆଇଏସ୍‌ପିବି ପକ୍ଷରୁ ମଧ୍ୟ ଗୋଟିଏ ଗୋଲ ହୋଇଥିଲା।

# ଟାଇଗର ଉଡ୍ସଙ୍କ ସହ ଗଲ୍ଫ ଖେଳିଲେ ଟ୍ରମ୍ପ

ଜୁପିଟର,୩।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱର ଦୁଇ କିମ୍ବଦନ୍ତୀ ଗଲ୍ଫ ଖେଳାଳି ଟାଇଗର ଉଡ୍ସ ଓ ଜ୍ୟାକ ନିକଲସଙ୍କ ସହ ଗଲ୍ଫ ଖେଳିଛନ୍ତି। ଏ ନେଇ ଟ୍ରମ୍ପ ନିଜ ଟୁଇଟରରେ ଏକ ଫଟୋ ଜରିଆରେ ସୂଚନା ଦେଇଛନ୍ତି। ଫ୍ଲୋରିଡାର ଜୁପିଟରସ୍ଥିତ ନ୍ୟାଶନାଲ ଗଲ୍ଫ କ୍ଲବଠାରେ ଉଡ୍ସ ଓ ନିକଲସଙ୍କ ସହ ଟ୍ରମ୍ପ ଭେଟିଥିଲେ। ଗତ ଦୁଇମାସ ମଧ୍ୟରେ ଏହା ଟ୍ରମ୍ପଙ୍କ ପ୍ରଥମ ଫ୍ଲୋରିଡା ଗସ୍ତ।

# ମହିଳା ହକି: ଭାରତର ସହଜ ବିଜୟ

ମୁରସିଆ (ସ୍ପେନ୍), ୩।୨(ସ୍ପୋର୍ଟ୍ସ ବ୍ୟୁରୋ)

ଭାରତୀୟ ମହିଳା ହକି ଦଳ ରବିବାର ୨୦୧୮ ମହିଳା ବିଶ୍ୱକପ୍ ରୌପ୍ୟ ବିଜେତା ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ ୩–୦ ଗୋଲରେ ଜିତିନେଇଛି। ଭ୍ରମଣକାରୀ ଭାରତୀୟ ଦଳର ସ୍ପେନ ଟୁର୍ ଅବସରରେ ଏହା ଥିଲା ଶେଷ ମ୍ୟାଚ। ଦଳ ସ୍ପେନ ବିପକ୍ଷ ଏହାର ପୂର୍ବ ମ୍ୟାଚ ୧–୧ରେ ଡ୍ର ରଖିଥିଲା। ରବିବାର ମ୍ୟାଚରେ ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ଫରୱାର୍ଡ ଲାଇନ୍ ଆୟର୍ଲାଣ୍ଡ ଷ୍ଟ୍ରାଇକିଂ ସର୍କଲକୁ ଭେଦ କରିବାରେ ସଫଳ ରହିଥିଲା। ନଭଜୋତ କୌର ଦଳ ପାଇଁ ପ୍ରଥମ ବ୍ରେକ୍ ଥ୍ରୁ ଆଣିଥିଲେ। ୧୩ତମ ମିନିଟ୍‌ରେ ଏକ ଚମତ୍କାର ଫିଲ୍ଡ ଗୋଲ ଦେଇ ସେ ଦଳକୁ ୧–୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତର ଏକ ତ୍ରୁଟି ଯୋଗୁ ଆୟର୍ଲାଣ୍ଡକୁ ପେନାଲ୍ଟି କର୍ନର ସୁଯୋଗ ମିଳିଥିଲା। ଭାରତୀୟ ଡିଫେନ୍ସର ଦୃଢ ପ୍ରତିରୋଧ ଯୋଗୁ ଘରୋଇ ଦଳ ଏହାକୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲା। ପ୍ରଥମାର୍ଦ୍ଧ ଖେଳ ଶେଷ ହେବାଲାଗି ଆଉ ୧୦ମିନିଟ ଖେଳ ବାକିଥିବାବେଳେ ଅଭିଜ୍ଞ ଖେଳାଳି ଦୀପ ଗ୍ରେସ୍ ଏକ୍କାଙ୍କ ସହାୟତାରେ ରୀନା ଖୋକାର ଏକ ଗୋଲ ସ୍କୋର କରି ଭାରତର ଅଗ୍ରଣୀ ବ୍ୟବଧାନ ୨–୦କୁ ବୃଦ୍ଧି କରିଥିଲେ। ଦଳ ଏହାର ପ୍ରଭାବୀ ଖେଳ ଜାରି ରଖିଥିଲେ ମଧ ତୃତୀୟ କ୍ୱାର୍ଟର ଖେଳର ମାତ୍ର କେଇ ମିନିଟ ମଧ୍ୟରେ ଆୟର୍ଲାଣ୍ଡ ଦଳକୁ ପୁଣି ଏକ ପେନାଲ୍ଟି କର୍ନର ମିଳିଥିଲା। ଏଥର ମଧ ଭାରତର ଡିଫେନ୍ସ ଖେଳାଳିମାନେ ଏହାକୁ ଗୋଲରେ ପରିଣତ କରାଇ ଦେଇ ନ ଥିଲେ। ଅନ୍ତିମ କ୍ୱାର୍ଟରରେ ଭାରତର ଏକ ଜୋର୍‌ଦାର ଆକ୍ରମଣ ବେଳେ ଦଳକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଟୁର୍‌ରେ ଭାରତ ତରଫରୁ ସର୍ବାଧିକ ଗୋଲ ସ୍କୋର କରିଥିବା ଗୁର୍‌ଜିତ କୌର ଏହାକୁ ଗୋଲରେ ପରିଣତ କରିଥିଲେ।



ଭାରତ ଓ ଆୟର୍ଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ।

# ସର୍ବଭାରତୀୟ ଲାଲମନି କ୍ରିକେଟ୍: ସେରସା ଚାମ୍ପିୟନ

ସୋନପୁର,୩।୨(ନି.ପ୍ର.)

ସୋନପୁର ଗାନ୍ଧୀ ପଡିଆରେ ଚାଲିଥିବା ୩୩ତମ ସର୍ବ ଭାରତୀୟ ଲାଲମନି ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ସେରସା(ରାଞ୍ଚି) ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍‌ରେ ଦଳ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧାକୁ ହରାଇ ଦେଇଛି। ପ୍ରଥମେ ଅନୁଷ୍ଠିତ ଟି୨୦ ମ୍ୟାଚରେ ଖୋର୍ଦ୍ଧା ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୪୭ ରନ କରିଥିଲା। କାମେଶ୍ୱର ବାରିକ ୨୧, ସମୀର ମହାନ୍ତି ୨୩, ସୁବିତ ବିଶ୍ୱାଳ ୩୪ ରନ, ଲଗ୍ନଜିତ ସାମଲ ୨୮ ଓ ରାଜକିଶୋର ପଟେଲ ୧୯ ରନ ସଂଗ୍ରହ କରିଥିଲେ। ରାଞ୍ଚିର ଏ.ପୱନ. କୁମାର ୫ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ରାଞ୍ଚି ଦଳ ୧୮.୫ ଓଭରରେ ୫ ଉଇକେଟ ହରାଇ ୧୫୦ ରନ ସଂଗ୍ରହ କରିଥିଲା। ସୁବ୍ରତ ଘୋଷ ୫୮ ରନ, ଏ. ପୱନ କୁମାର ୫୬ ରନ କରିଥିଲେ। ଖୋର୍ଦ୍ଧା ପକ୍ଷରୁ ରାଜକିଶୋର ପଟେଲ ୨ ଉଇକେଟ ନେଇଥିଲେ। ପରେ ଟି ୧୦ ମ୍ୟାଚ୍‌ରେ ଖୋର୍ଦ୍ଧା ଦଳ ପ୍ରଥମେ ବ୍ୟାଟିଂ କରି ୭୭ ରନ ସଂଗ୍ରହ କରିଥିଲା। ସମୀର ମହାନ୍ତି ୧୦, ଲଗ୍ନଜିତ ସାମଲଙ୍କ ୧୬ ରନ ଓ ରାଜକିଶୋର ପଟେଲଙ୍କ ୨୧ ରନ କରିଥିଲେ। ଜବାବରେ ରାଞ୍ଚି ଦଳ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟକୁ ଅନାୟାସରେ ଅତିକ୍ରମ କରିଥିଲା। ଉଭୟ ଫର୍ମାଟର ଫଳାଫଳ ଅନୁଯାୟୀ ରାଞ୍ଚି ୫ ଉଇକେଟ୍‌ରେ ବିଜୟ ଲାଭ କରି ଚଳିତ ବର୍ଷର ଚାମ୍ପିୟନ ହୋଇଛି। ରାଞ୍ଚି ଦଳର ଏ. ପୱନ କୁମାର ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ସିରିଜ୍ ବିବେଚିତ ହୋଇଥିଲେ। କରିମ୍ ସ୍ପୋର୍ଟ୍ସ ନାଗପୁରର କାର୍ତ୍ତିକ ନାଇଡୁ ବେଷ୍ଟ ବୋଲର, ରବିନ ସିଂ ବେଷ୍ଟ ବ୍ୟାଟ୍ସମ୍ୟାନ, ଖୋର୍ଦ୍ଧାର ରାଜକିଶୋର ପଟେଲ ବେଷ୍ଟ ଫିଲ୍ଡର ଓ କାମେଶ୍ୱର ବାରିକ ଶ୍ରେଷ୍ଠ ଉଇକେଟ କିପର ବିବେଚିତ ହୋଇଥିଲେ। ମ୍ୟାଚ ପରିଚାଳନା କରିଥିଲେ ପୃଥ୍ୱୀରାଜ ମିଶ୍ର ଓ ସମୀର ପାଣିଗ୍ରାହୀ। ସ୍କୋରର ଥିଲେ ରାଜେଶ ଅଗ୍ରୱାଲ। ଧାରା ବିବରଣୀ ପ୍ରଦାନ କରିଥିଲେ ପ୍ରଜ୍ଞା ପ୍ରିୟଦର୍ଶିନୀ ମିଶ୍ର, ବି.ଏସ. ରାଓ, ଅଚ୍ୟୁତ ମିଶ୍ର ଓ ପାର୍ଥ ଦାସ। ପୁରସ୍କାର ବିତରଣ ଉତ୍ସବରେ ସୁବର୍ଣ୍ଣପୁର ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଚାମ୍ପିୟନ ସେରସା ଦଳକୁ ୫୫ ହଜାର ୫୫୫ ଟଙ୍କା ସହ ଟ୍ରଫି ଏବଂ ଏସ୍‌ପି ଦେବୀପ୍ରସାଦ ଦାଶ ରନର୍ସ ଅପ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଦଳକୁ ୩୩ ହଜାର ୩୩୩ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ।

ଉଦ୍‌ଯାପନୀ ସମାରୋହରେ ସମ୍ମାନିତ ଅତିଥିଭାବେ ସୁବର୍ଣ୍ଣପୁର ପି.ଡି. ଡି.ଆର୍,ଡି.ଏ ସୂର୍ଯ୍ୟନାରାୟଣ ଦାଶ, ରାମ୍‌କୋ ସିମେଣ୍ଟ ଆଣ୍ଡ ଷ୍ଟିଲ୍‌ର ସାଧାରଣ ପରିଚାଳକ ସୁଧାଂଶୁ ଶେଖର ଗନ୍ତାୟତ, ଅନ୍ତର୍ଜାତୀୟ ଓଡ଼ିଆ କ୍ରିକେଟ ଖେଳାଳି ପ୍ରଜ୍ଞାନ ଓଝା, ଚଳଚ୍ଚିତ୍ର ଅଭିନେତ୍ରୀ ପୁଷ୍ପା ପଣ୍ଡା, ଲିପି ଓ ବିଦୁସ୍ମିତା ଯୋଗଦାନ କରିଥିଲେ। ଆୟୋଜକ ସୁବର୍ଣ୍ଣପୁର ଜିଲା କ୍ରିକେଟ ସଂଘର ସଭାପତି ପଠାନ କୁମାର ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ସଭାରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ପ୍ରଶାନ୍ତ ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ସେର୍‌ସା ରାଞ୍ଚି ଦଳକୁ ଜିଲାପାଳ ଓ ଅନ୍ୟ ଅତିଥିବୃନ୍ଦ ଟ୍ରଫି ପ୍ରଦାନ କରୁଛନ୍ତି।

### ନିଯୁକ୍ତି ସତ୍ତ୍ୱେ କୋଚ୍ ପଦରେ ଯୋଗଦେବେ ନାହିଁ

ନୂଆଦିଲ୍ଲୀ,୩।୨

ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଗତ ଶୁକ୍ରବାର ଟୁଇଟର ପେଜରେ ଅଷ୍ଟ୍ରେଲିଆର ବ୍ରେଟ କ୍ଲାର୍କଙ୍କୁ ଜୁନିୟର ଟେବୁଲ ଟେନିସ ଦଳ ଓ ଚାଇନାର ୟୁନ ୱେଇଙ୍କୁ ଜାତୀୟ ଟିଟି ଏକାଡେମୀ ଲାଗି ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରାଯାଇଥିବା ସୂଚନା ଦିଆଯାଇଥିଲା। କିନ୍ତୁ ଉଭୟ ଭେଟେରାନ ନିଜ ଦାୟିତ୍ୱ ସମ୍ଭାଳିବା ପାଇଁ ଭାରତ ଗସ୍ତ କରିବା ଲାଗି ମନା କରି ଦେଇଛନ୍ତି। ନିଯୁକ୍ତ ପ୍ରକ୍ରିୟାରେ ଅତ୍ୟଧିକ ବିଳମ୍ବ ହେବା ଯୋଗୁ ଦୁଇ କୋଚ୍ ପଦରେ ଯୋଗଦେବାକୁ ଉପଲବ୍ଧ ନୁହନ୍ତି। କାରଣ ଦୁଇଜଣଙ୍କୁ ଅନ୍ୟ ଦେଶରେ ନିଯୁକ୍ତି ମିଳିସାରିଛି। ଏ ସମ୍ପର୍କରେ ସେମାନେ ଟେବୁଲଟେନିସ ଫେଡେରେଶନ ଅଫ୍ ଇଣ୍ଡିଆ (ଟିଟିଏଫ୍ଆଇ) ସାଧାରଣ ସମ୍ପାଦକ ଏମ୍‌ପି ସିଂଙ୍କୁ ସୂଚିତ କରିଛନ୍ତି।

# ସମାବେଶରେ ଯୋଗ ଦେଇପାରିଲେନି ଚାଷୀ

**ଖର୍ଚ୍ଚ ବହନ ବିବାଦ**
- ୧୦୦୦ ଚାଷୀଙ୍କ ପାଇଁ ବି ଯୋଗାଡ଼ ହୋଇପାରିଲାନି ଅର୍ଥ
- ଫେରିଗଲା ବସ୍, ନିରାଶ ହେଲେ ଚାଷୀ

ରସୁଲପୁର,୩।୨(ଡିଏନଏ)

ଚାଷୀଙ୍କ ଯାତାୟାତ ଓ ଖାଇବା ଖର୍ଚ୍ଚ ବହନ କରିବାକୁ ନେଇ ବିବାଦ ଉପୁଜିବାରୁ ଚାଷୀମାନେ କେନ୍ଦୁଝର ପଣ୍ଡାପଡ଼ାଠାରେ ହେଉଥିବା କୃଷକ ସମାବେଶରେ ରବିବାର ଯୋଗ ଦେଇପାରି ନାହାନ୍ତି। ଫଳରେ ୨୦ଟି ବସ୍ ବ୍ଲକ ପରିସରରୁ ଫେରିଯାଇଥିବା ଦେଖିବାକୁ ମିଳିଥିଲା। ଶେଷ ମୁହୂର୍ତ୍ତରେ ହିଁ ଚାଷୀଙ୍କ ସମାବେଶରେ ଯୋଗଦେବା ଆଶା ମଉଳି ଯାଇଥିଲା।

କେନ୍ଦୁଝର ଜିଲାର ପଣ୍ଡାପଡାଠାରେ ରାଜ୍ୟସ୍ତରୀୟ କୃଷି ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ରସୁଲପୁର ବ୍ଲକରୁ ୨୦୦୦ ଚାଷୀ ଯୋଗଦେବାର ଥିଲା। ଚାଷୀଙ୍କୁ ଏକଜୁଟ କରିବା ଦାୟିତ୍ୱ ପ୍ରାଥମିକ ସେବା ସମବାୟ ସମିତି (ପାକ୍ସ)କୁ ଦିଆଯାଇଥିଲା। ଏତେ ସଂଖ୍ୟକ ଚାଷୀ ଯୋଗାଡ କରିବା ସମ୍ଭବ ନୁହେଁ ବୋଲି ଆୟୋଜକ ଅନୁଭବ କରିଥିଲେ। ପରେ ଚାଷୀ ସଂଖ୍ୟା ୧୦୦୦କୁ ଖସାଇ ଦିଆଯାଇଥିଲା। ଚାଷୀ ସମାବେଶକୁ ନେଇ ଆୟବ୍ୟୟର ଠିକ୍ ଆକଳନ କରା ନ ଯାଇ କାର୍ଯ୍ୟକ୍ରମ ଚୂଡନ୍ତ କରାଯାଇଥିଲା। ପରେ ଏ ବାବଦକୁ ଅର୍ଥ ଭରଣା କରିବା ସମ୍ଭବ ନ ହେବାରୁ ଶେଷ ମୁହୂର୍ତ୍ତରେ ଚାଷୀଙ୍କ ଗସ୍ତକୁ ବାତିଲ କରିଦିଆ ଯାଇଥିଲା। ଏ ସମ୍ପର୍କରେ ବ୍ଲକ ପ୍ରଶାସନ ନିକଟରେ କୌଣସି ସୂଚନା ନ ଥିଲା। ସେପଟେ ପରିବହନ ବିଭାଗ ପକ୍ଷରୁ ୨୦ଟି ବସ୍ ଶନିବାର ସନ୍ଧ୍ୟାରେ ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଯାଇଥିଲା। ବସ ପରିଚାଳକମାନେ ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କ ନିକଟରେ ଯାତାୟାତ ବାବଦ ଅର୍ଥ ଦାବି କରିଥିଲେ। ଏ ଦିଗରେ ସରକାରୀସ୍ତରରେ କୌଣସି ବ୍ୟୟବରାଦ କରାଯାଇ ନ ଥିଲା। ଫଳରେ ବିଡିଓ ପରିଡା ଅର୍ଥ ଦେଇପାରି ନ ଥିଲେ। ଶେଷ ମୁହୂର୍ତ୍ତରେ ଚାଷୀଙ୍କ ଗସ୍ତ ବାତିଲ ହୋଇଯାଇଥିଲା। ଏଭଳି ଅସ୍ୱାଭାବିକ ପରିସ୍ଥିତିକୁ ନେଇ ଚାଷୀ ଦୁଃଖିତ ହୋଇଥିବା ବେଳେ ବ୍ଲକ ପ୍ରଶାସନ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ବିଡିଓ ପରିଡାଙ୍କୁ ପଚାରିବାରୁ, ଶେଷ ମୁହୂର୍ତ୍ତରେ ଚାଷୀମାନେ ସମାବେଶକୁ ଯିବା କାର୍ଯ୍ୟକ୍ରମ ବାତିଲ ହୋଇଯାଇଥିଲା। ଫଳରେ ଏଭଳି ସ୍ଥିତି ଉପୁଜିଲା ବୋଲି କହିଥିଲେ।




## ସଂକ୍ଷେପରେ

### ପୋଲିସ କର୍ମଚାରୀଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ

**କୋରେଇ,୩।୨(ସ୍ୱ.ପ୍ର.):** ଜନସାଧାରଣଙ୍କୁ ସର୍ବୋତ୍କୃଷ୍ଟ ସେବା ଯୋଗାଉଥିବା ଷ୍ଟେଟ ବ୍ୟାଙ୍କର ଆକାଉଣ୍ଟଧାରୀଙ୍କ ଜମାଖାତାରୁ ଗତ ମାସରେ ଟଙ୍କା ଗାଏବ ଘଟଣାର ତଦନ୍ତ ଜାରି ରହିଥିବା ବେଳେ ରବିବାର ପୁନଶ୍ଚ ଜଣେ ପୋଲିସ କର୍ମଚାରୀଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ହୋଇଥିବା ଜଣାପଡ଼ିଛି। ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ପୋଲିସ କର୍ମଚାରୀ ସୁବ୍ରତ କୁମାର ଜେନାଙ୍କ ଆକାଉଣ୍ଟରୁ ରବିବାର ଟଙ୍କା ଗାଏବ ହୋଇଥିବା ଜଣାପଡ଼ିଛି। ସୁବ୍ରତଙ୍କର ଯାଜପୁର ଟାଉନସ୍ଥିତ ଷ୍ଟେଟ ବ୍ୟାଙ୍କରେ ଜମାଖାତା ରହିଛି। ପ୍ରକାଶ ଯେ, ସୁବ୍ରତଙ୍କ ଆକାଉଣ୍ଟକୁ ଶନିବାର ଦରମା ବାବଦରେ ୨୧,୭୩୦ ଟଙ୍କା ଜମା ହୋଇଥିଲା। ସେ ରବିବାର ପାଣିକୋଇଲିସ୍ଥିତ ବ୍ୟାଙ୍କ ପରିସରରେ ଥିବା ଏଟିଏମରୁ ୬୦୦୦ଟଙ୍କା ଉଠାଇବା ପାଇଁ ଯାଇଥିଲେ। ହେଲେ ଆକାଉଂଟରେ ବାଲାନ୍ସ କମ୍ ଅଛି ବୋଲି କମ୍ପ୍ୟୁଟର ସ୍କ୍ରିନରେ ଲେଖିବା ପରେ ସେ ମିନି ଷ୍ଟେଟମେଣ୍ଟ ବାହାର କରିଥିଲେ। ତାଙ୍କ ଆକାଉଣ୍ଟରେ ୩୦୯୧ଟଙ୍କା ଥିବା ଦେଖି ସୁବ୍ରତ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ରବିବାର ବ୍ୟାଙ୍କ ଛୁଟି ଥିବାରୁ ସୋମବାର ବ୍ୟାଙ୍କରେ ଅଭିଯୋଗ କରିବା ସହ ଥାନାରେ ଲିଖିତ ଭାବେ ଜଣାଇବେ ବୋଲି ସୁବ୍ରତ କହିଛନ୍ତି। ସୂଚନାଯୋଗ୍ୟ, ଗତ ମାସରେ ୪ ଜଣ ଏସ୍‌ବିଆଇ ଆକାଉଣ୍ଟଧାରୀଙ୍କ ଜମାଖାତାରୁ ୧ ଲକ୍ଷ ୧୦ ହଜାର ଟଙ୍କା ଗାଏବ ହେବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ରାତିଅଧିଆ ତନାଘନା କରିଥିଲେ।

### ରାସ୍ତା ପାର୍ଶ୍ୱରୁ ଅସହାୟ ବୃଦ୍ଧା ଉଦ୍ଧାର

**କୋରେଇ,୩।୨(ସ୍ୱ.ପ୍ର.):** ୧୬ ନଂ. ଜାତୀୟ ରାଜପଥର ପାଣିକୋଇଲି ବଜାରର ରାସ୍ତା ପାର୍ଶ୍ୱରେ ଶୋଇଥିବା ଜଣେ ଅସହାୟ ବୃଦ୍ଧାଙ୍କୁ ରବିବାର ସକାଳ ୭ଟାରେ ରେଡ଼କ୍ରସ ସୋସାଇଟି ରାଜ୍ୟ ଶାଖାର ଆଜୀବନ ସଦସ୍ୟ ତାରିଣୀ କୁମାର ପଟ୍ଟନାୟକ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟ ପଠାଇଛନ୍ତି। ପ୍ରକାଶ ଯେ, ବୃଦ୍ଧା ଜଣକ ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳର ସନାତନ ସୋରେନଙ୍କ ସ୍ତ୍ରୀ ସୁନିଆ(୭୦)। ସେ କୌଣସି କାରଣବଶତଃ ପାଣିକୋଇଲି ଆସିଥିବା ବେଳେ ଘରକୁ ଫେରି ନ ପାରି ସ୍ଥାନୀୟ ଏକ ହୋଟେଲରେ ରହି ବାସନ ମାଜୁଥିଲେ। ରବିବାର ସକାଳେ ତାଙ୍କୁ ରାସ୍ତା କଡ଼ରେ ପଡ଼ିଥିବା ଦେଖି ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଭାରତୀୟ ରେଡ଼କ୍ରସ ସୋସାଇଟି ରାଜ୍ୟ ଶାଖାର ଆଜୀବନ ସଦସ୍ୟ ତାରିଣୀ କୁମାର ପଟ୍ଟନାୟକଙ୍କୁ ଖବର ଦେଇଥିଲେ। ଏ ବିଷୟରେ ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନାଙ୍କୁ ଜଣାଇବାରୁ ସେ ବୃଦ୍ଧାଙ୍କୁ କମ୍ବଳ ପ୍ରଦାନ କରିଥିଲେ। ସୁନିଆ ତାଙ୍କର ଦୁଇ ପୁଅ ନିମାଇଁ ଓ ଲିଲୁଆ ବୋଲି କହୁଥିବା ବେଳେ ଅନ୍ୟ କାହାର ନାମ କହିପାରୁନାହାନ୍ତି।

### କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ
### ଏମ୍‌ସିସି ମାର୍ଥାପୁର ଚାମ୍ପିୟନ



**କୋରେଇ,୩।୨(ସ୍ୱ.ପ୍ର.):** କୋରେଇ ବ୍ଲକ ଅନ୍ତର୍ଗତ ତଣ୍ଡରା ପଞ୍ଚାୟତ ବରେଇ ଗ୍ରାମରେ ହତାଶୁଣି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଜିସିସି ଗନ୍ଧଣ ବନାମ ଓ ମା’ ମଙ୍ଗଳା ସିସି ମାର୍ଥାପୁର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଗନ୍ଧଣ ପ୍ରଥମେ ବ୍ୟାଂଟି କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୪୩ ରନ କରିଥିଲା। ଜବାବରେ ମାର୍ଥାପୁର ୯ ଉଇକେଟ ହରାଇ ଧାର୍ଯ୍ୟ ଲକ୍ଷ ହାସଲ କରି ବିଜୟୀ ହୋଇଥିଲା। ସଦାଶିବ ରାଉତ ଓ ତାପସ ମହାନ୍ତି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିବା ବେଳେ ସ୍କୋରରଭାବେ ପାର୍ଥସାରଥି ବାରିକ ଓ ଘୋଷକ ଭାବେ ମାନସ ସାହୁ ଯୋଗଦାନ କରିଥିଲେ। ପଞ୍ଚାୟତ ସଭାପତି ମାନସ ମହାନ୍ତିଙ୍କ ଅଧକ୍ଷତାରେ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଧରଣୀଧର ଘଡାଇ, ମୁଖ୍ୟ ବକ୍ତାଭାବେ ଜିଲା ସାଧାରଣ ସମ୍ପାଦକ ସୁବାସ ଧଳ, ସମ୍ମାନିତ ଅତିଥିଭାବେ ସରପଞ୍ଚ ଗୋପାଳ ସେଠୀ, ସମିତିସଭ୍ୟା ପ୍ରାର୍ଥନୀ ଆରତୀ ଦଳାଇ ପ୍ରମୁଖ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପବିତ୍ର ପାତ୍ର, ମ୍ୟାନ ଅଫ ଦି ସିରିଜ ବଳରାମ ପାତ୍ର, ଷ୍ଟାଇଲିଷ୍ଟ ବ୍ୟାଟସମ୍ୟାନ ପ୍ରଭୁଦତ ପାତ୍ର ଏବଂ ରନର୍ସ ଅପ୍ ଓ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ।

## ତାମିଲନାଡୁରେ ଅର୍ଜୁନଙ୍କ ଦାଦନ ଖଟିବା ଘଟଣା
# ଶିଶୁ ଶ୍ରମିକରୁ ମୁକ୍ତ ହେଲେ ଦୁଇ ନାବାଳିକା

ସୁକିନ୍ଦା,୩।୨(ଡି.ଏନ୍.ଏ.)

ତାମିଲନାଡୁରେ ଦାଦନ ଖଟୁଥିବା ଅର୍ଜୁନ ସାମାନଙ୍କ ଦୁଇ ନାବାଳିକା ଝିଅଙ୍କୁ ରବିବାର ଉଦ୍ଧାର କରାଯାଇଛି। ସରକାରଙ୍କ ତରଫରୁ ସେମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ସହ ଥଇଥାନ କରାଯିବାକୁ ପଦକ୍ଷେପ ନିଆଯିବ ବୋଲି ସୁକିନ୍ଦା ବିଡିଓ ମଣି ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ଯାଜପୁର ଜିଲା ସୁକିନ୍ଦା ଥାନା ବତଲଣ୍ଡା ଗ୍ରାମର ଅର୍ଜୁନଙ୍କ ଦୁଇ ଝିଅ ଅଭାବ ଯୋଗୁ ଶିଶୁ ଶ୍ରମିକ ଭାବେ କାମ କରୁଥିଲେ। ଜଣେ ଦାନଗଦି ବ୍ଲକ ସାଲିଜଙ୍ଗା ଓ ଅନ୍ୟଜଣେ ସୁକିନ୍ଦା ବ୍ଲକ ମୁଣ୍ଡାକୁଳ ଗ୍ରାମରେ ଜଣେ ପୋଲିସ କର୍ମଚାରୀଙ୍କ ଘରେ ଆୟାଭାବେ କାମ କରୁଥିଲେ। ପୂର୍ବରୁ ଏ ସମ୍ପର୍କରେ ଯାଜପୁର ଡିସିପିଓଙ୍କଠାରୁ ଆରମ୍ଭ କରି ସିଡବ୍ଲ୍ୟୁସି, ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ହେଲେ ଏନେଇ ଧରିତ୍ରୀରେ ବାରମ୍ବାର ଖବର ପ୍ରକାଶ ପାଇ ସୁକିନ୍ଦା ବିଡିଓଙ୍କ ହସ୍ତକ୍ଷେପ ପରେ ପୋଲିସ କର୍ମଚାରୀ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ରବିବାର ତାଙ୍କ ମା’ଙ୍କ ପାଖରେ ଛଡ଼ା ଯାଇଥିବା ଜଣାପଡ଼ିଛି। ସରସ୍ୱତୀଙ୍କ ଅଭିଯୋଗ ଆଧାରରେ ଯାଜପୁର ଏସ୍‌ପି ଚରଣ ସିଂ ମିନାଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ମୁଖ୍ୟାଳୟର ଜଣେ ଡିଏସ୍‌ପି ଶ୍ୟାମ ସୁନ୍ଦର ଟୁଡୁ ଓ ସୁକିନ୍ଦା ବିଡିଓ ତାମିଲନାଡୁରେ ଅର୍ଜୁନଙ୍କୁ ନେଇ ରଖିଥିବା ଲେବର ସପ୍ଲାୟର୍ସ କାଳିଆଙ୍କୁ ଯୋଗାଯୋଗ କରି ତାଗିଦ୍ କରିବା ପରେ ଆସନ୍ତା ସପ୍ତାହ ମଧ୍ୟରେ ତାଙ୍କୁ ଘରେ ଆଣି ଛାଡିବାକୁ ପ୍ରତିଶ୍ରୁତି ମିଳିଥିବା ଜଣାପଡିଛି।

# ଖନନ ସମୟରେ ମାଟି ତଳୁ ବାହାରିଲା ବ୍ରୋଞ୍ଜ

ଚଣ୍ଡିଖୋଲ,୩।୨(ଡି.ଏନ୍.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଅଚ୍ୟୁତବସନ୍ତ ପଞ୍ଚାୟତ ଅଧୀନ ଅସିହା ଗଡ଼ ଗ୍ରାମରେ ରବିବାର ପାନୀୟ ଜଳ ଯୋଗାଣ ପାଇଁ ଚଣ୍ଡିଖୋଲ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ତରଫରୁ ପ୍ରଡକ୍ସନ ୱେଲ୍ ଖନନ କରାଯାଉଥିଲା। ଖନନ ସମୟରେ ଏଠାରୁ ବାହାରିଥିବା ଏକ ବିରଳ ଧାତୁ ମୂଲ୍ୟବାନ୍ ଦସ୍ତା ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏହି ପ୍ରଡକ୍ସନ ୱେଲ୍ ୨୫୦ ଫୁଟ ଖନନ ପରେ ମାଟି ତଳୁ ସୀସା କିମ୍ବା ବ୍ରୋଞ୍ଜ ଭଳି ଧାତୁ ବାହାରୁଥିବା ଦେଖିବାକୁ ମିଳିଥିଲା। ମାଟି ତଳୁ ବିରଳ ଧାତୁ ବାହାରିବା ଖବର ପ୍ରଚାରିତ ହେବା କ୍ଷଣି ଏହାକୁ ଦେଖିବା ପାଇଁ ସେଠାରେ ଲୋକଙ୍କ ଭିଡ଼ ଲାଗି ରହିଥିଲା। ଏହାର ଓଜନ ପାଖାପାଖି ୮ ରୁ ୧୦ କେଜି। ଏହି ଧାତୁ ପ୍ରକୃତରେ କ’ଣ ପରୀକ୍ଷା ପରେ ଜଣାପଡ଼ିବ ବୋଲି ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ସାହୁ ପ୍ରକାଶ କରିଛନ୍ତି।

## ଓଲଟିଲା ବିଦେଶୀ ମଦ ବୋଝେଇ ଟ୍ରକ
# ମଦ କେନ୍ ବୋହି ନେଲେ ଲୋକେ

ରସୁଲପୁର,୩।୨(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାରର ସୁଆଁସାହି ଛକ ନିକଟରେ ଶନିବାର ରାତି ପ୍ରାୟ ୨ଟାରେ ଏକ ମଦ ବୋଝେଇ ଟ୍ରକ ଭାରସାମ୍ୟ ହରାଇ ରାସ୍ତା ତଳକୁ ଓଲଟି ପଡିଥିଲା। ଉକ୍ତ ଟ୍ରକରେ ବିଦେଶୀ ମଦ ବୋଝେଇ ହୋଇଥିଲା। ଦୁର୍ଘଟଣାସ୍ଥଳରେ ମଦ କେନଗୁଡିକ ଚାରିଆଡେ ବିଛାଡି ହୋଇ ପଡିଥିଲା। ଢିଲା ସୁରକ୍ଷା ବ୍ୟବସ୍ଥା ଯୋଗୁ ସ୍ଥାନୀୟ ଲୋକେ ମଦ କେନ୍‌ଗୁଡିକୁ ବୋହି ନେଇଥିବା ଦେଖିବାକୁ ମିଳିଥିଲା।


ଓଲଟି ପଡ଼ିଥିବା ମଦ ବୋଝେଇ ଟ୍ରକ।

ପ୍ରକାଶ ଯେ, ଭୁବନେଶ୍ୱରସ୍ଥିତ ବିଅର ପ୍ଲାଣ୍ଟରୁ ଏକ ଦଶଚକିଆ ଟ୍ରକ (ନଂ. ଓଆର୦୨ଏଏସ୧୫୩୬) ରେ ବିଅର ବୋଝେଇ ହୋଇ ବାଲେଶ୍ୱରକୁ ଯାଉଥିଲା। ମାତ୍ର ଶନିବାର ରାତିରେ ଟ୍ରକଟି କୌଣସି କାରଣରୁ ରାସ୍ତା କଡ଼କୁ ଓଲଟି ପଡିଥିଲା। ଟ୍ରକ ଉପରେ ଢଙ୍କା ଯାଇଥିବା ପାଲ ଫାଟି ଯିବାରୁ ବିଅର ଟିଣଗୁଡିକ ଏଣେ ତେଣେ ବିଛାଡ଼ି ହୋଇଯାଇଥିଲା। ସ୍ଥାନୀୟ ଲୋକେ ଏହାର ସୁଯୋଗରେ ମଦ କେନ୍ ବୋହି ନେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମଦ ଗାଡିକୁ ଜଗିଥିଲେ ମଧ୍ୟ ଲୋକେ ପୋଲିସର ଦୃଷ୍ଟି ଆଢୁଆଳରେ ମଦ ବୋହି ନେଇଯାଉଥିବା ଦେଖାଯାଇଥିଲା। କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ଟ୍ରକରୁ ମଦକୁ ଅନ୍ୟ ଏକ ଟ୍ରକକୁ ସ୍ଥାନାନ୍ତର କରାଯାଇଥିଲା। ଉକ୍ତ ମଦ ବୋଝେଇ ଟ୍ରକଟି କୁଆଖିଆ ଥାନା ପୋଲିସ ହେପାଜତରେ ରହିଛି। ସୋମବାର ଅବକାରୀ ବିଭାଗ ପକ୍ଷରୁ କାଗଜପତ୍ରକୁ ଯାଞ୍ଚ କରାଯିବା ପରେ ଲକ୍ଷ୍ୟସ୍ଥଳକୁ ଉଦ୍ଧାର ମଦ କେନ୍‌ଗୁଡିକୁ ପଠାଯିବ ବୋଲି ଯାଜପୁର ଜିଲା ଅବକାରୀ ଅଧୀକ୍ଷକ ରଜତ କୁମାର ପ୍ରହରାଜ କହିଛନ୍ତି।




## ବି.ଆର. ଆମ୍ବେଡକର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ
# କୁଣ୍ଡପାଟଣାକୁ ହରାଇ ଉତ୍ତର ପ୍ରତାପ ଚାମ୍ପିୟନ

ଧର୍ମଶାଳା,୩।୨(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଚୋରମୁହାଁସ୍ଥିତ ବି.ଆର ଆମ୍ବେଦକର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ରବିବାର ଚୋରମୁହାଁ ଖେଳ ପପଡ଼ିଆଠାରେ ବି.ଆର ଆମ୍ବେଡକର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉତ୍ତରପ୍ରତାପ ଓ କୁଣ୍ଡପାଟଣା ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କୁଣ୍ଡପାଟଣା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ମଧ୍ୟରୁ ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୭୨ ରନ୍ କରିଥିଲା। ଜବାବରେ ଉତ୍ତରପ୍ରତାପ ୧୦ ଓଭରରେ ୭ ଉଇକେଟ ହରାଇ ୭୩ ରନ୍ କରି ବିଜୟୀ ହୋଇଥିଲା। ଉଦଯାପନୀ ଉତ୍ସବରେ କ୍ଲବ ସଭାପତି ବିଦ୍ୟାଧର ବେହେରା ଅଧ୍ୟକ୍ଷତା କରିଥିଲେ। ସୁମନ ମହାନ୍ତି, ସୁରଜ ବେହେରା ଖେଳ ପରିଚାଳନା କରିଥିଲେ। ଯୁବନେତା ପ୍ରଦ୍ୟୁମ୍ନ ମହାନ୍ତି ଅତିଥିଭାବେ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ।

# ରାହାମ୍ବା ଗ୍ରାମରେ ଅଗ୍ନିକାଣ୍ଡ

ରସୁଲପୁର,୩।୨(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ଗ୍ରାମରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଉକ୍ତ ଅଗ୍ନିକାଣ୍ଡ ଯୋଗୁ ହରେକୃଷ୍ଣ ବରାଳଙ୍କର ୨ବଖରା ବାସଗୃହ ସମ୍ପୂର୍ଣ୍ଣ ଜଳି ଯାଇଛି। କେହି ଦୁର୍ବୃତ୍ତ ଘରେ ନିଆଁ ଲଗାଇ ଦେଇଥିବାରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ଶନିବାର ରାତି ପ୍ରାୟ ସାଢେ ୧୧ଟା ସମୟରେ ହରେକୃଷ୍ଣଙ୍କ ଘର ଜଳୁଥିବା ଗ୍ରାମବାସୀ ଦେଖିଥିଲେ। ସେ ଚିତ୍କାର କରିବାରୁ ହରେକୃଷ୍ଣଙ୍କ ପରିବାର ଓ ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଘରେ ଥିବା ମୂଲ୍ୟବାନ୍ ସମାଗ୍ରୀଗୁଡିକୁ ଉଦ୍ଧାର କରାଯାଇ ପାରି ନ ଥିଲା। ଫଳରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଥିବା ଆକଳନ କରାଯାଇଛି।

# ଅଗ୍ନିକାଣ୍ଡରେ ୧୦ ଏକର ଆଖୁ ଫସଲ ଭସ୍ମୀଭୂତ

ସୁକିନ୍ଦା,୩।୨(ଡି.ଏନ୍.ଏ.)

ସୁକିନ୍ଦା ବ୍ଲକ ଅନ୍ତର୍ଗତ ଆମ୍ବଳବା ପଞ୍ଚାୟତର ଜାମୁପୋଷି ଗ୍ରାମର ଆଖୁ କିଆରିରେ ରବିବାର ମଧ୍ୟାହ୍ନରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟି ୧୦ ଏକର ଆଖୁ ଫସଲ ଭସ୍ମୀଭୂତ ହୋଇଯାଇଛି। ଆମ୍ବଳବା ପୂର୍ବତନ ସରପଞ୍ଚ ତଥା ଜାମୁପୋଷି ଗ୍ରାମର ସଞ୍ଜୀବ ପୁହାଣଙ୍କ ୩ ଏକର, ଶିଶିର ଜେନାଙ୍କ ୧ ଏକର, ଜିତେନ୍ଦ୍ର ପୁହାଣଙ୍କ ୧ ଏକର, ସୋମନାଥ ପୁହାଣଙ୍କ ୧ ଏକର ଓ ସଞ୍ଜୟ ଜେନାଙ୍କ ୨ ଏକର ଓ ଅନ୍ୟ ଚାଷୀଙ୍କ ଫସଲ ମିଶି ମୋଟ ୧୦ ଏକର ଆଖୁ ଫସଲ ନଷ୍ଟ ହୋଇଯାଇଥିବା ଅଗ୍ନିଶମ ବିଭାଗ ତରଫରୁ ସୂଚନା ମିଳିଛି। ଖବରପାଇ ସୁକିନ୍ଦା ଦମକଳ ବାହିନୀ ଦମକଳ କେନ୍ଦ୍ରର ୨ ଦମକଳ ମାଧ୍ୟମରେ ଭାରପ୍ରାପ୍ତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ୧୨ଜଣ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ମାତ୍ର ନିଆଁକୁ ସହଜରେ ଆୟତ୍ତ କରାଯାଇ ନ ପାରିବାରୁ ଶେଷରେ ଢେଙ୍କାନାଳ ଜିଲା ଭୁବନ ଦମକଳ କେନ୍ଦ୍ରର ସାହାଯ୍ୟ ନିଆଯାଇଥିଲା। ଆଖୁ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି।


ଆଖୁ କିଆରିରେ ନିଆଁ ଲାଗି ଯାଇଛି।



## ୪ର୍ଥ ଦିନ ଓଳାଶୁଣୀ ଗୁମ୍ଫା ମେଳାରେ ଲକ୍ଷାଧିକ ଜନସମାଗମ

# ଦର୍ଶନ କରିପାରିଲେନି ଅଧିକାଂଶ ଭକ୍ତ


ଓଳାଶୁଣୀ ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼।

**ଚଣ୍ଡିଖୋଲ,୩।୨(ଡି.ଏନ୍.ଏ.)**

ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ମେଳା ରବିବାର ଚତୁର୍ଥ ଦିନରେ ପହଞ୍ଚିଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଲକ୍ଷାଧିକ ଲୋକ ମେଳା ଦେଖିବାକୁ ଆସିଥିଲେ। ଜନସମାଗମକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଛି। ରବିବାର ଛୁଟିଦିନ ଥିବାରୁ ଜନସମାଗମ ବହୁ ମାତ୍ରାରେ ବୃଦ୍ଧି ପାଇଛି। ଏପରିକି ଜାତୀୟ ରାଜପଥଠାରୁ ମେଳା ପଡ଼ିଆ ପର୍ଯ୍ୟନ୍ତ କୌଣସି ଚାରି ଚକିଆ ଯାନକୁ ଛଡ଼ା ଯାଇ ନଥିଲା। ପୋଲିସ ଟ୍ରାଫିକ୍ ପୋଷ୍ଟ ପାଖରୁ ମେଳା ପରିସରକୁ ଦୁଇ ଚକିଆ ଯାନ ସମ୍ପୂର୍ଣ୍ଣ ନିଷିଦ୍ଧ ଥିଲା। ପାହାଡ଼ର ଶୀର୍ଷଦେଶରୁ ପାଦଦେଶ ପର୍ଯ୍ୟନ୍ତ ଲମ୍ବିଥିବା ପଶ୍ଚିମ ଓ ପୂର୍ବ ପଟର ରାସ୍ତା ଜନସମାଗମରେ ପୂରି ରହିଥିଲା। ପାଦଦେଶରେ ଥିବା ଅସ୍ଥାୟୀ ଦୋକାନଗୁଡ଼ିକରୁ ଜିନିଷ ପତ୍ର କିଣାବିକା କରିବା ଯାତ୍ରୀଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଥିଲା। ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ସମାଧି ମନ୍ଦିର ଦର୍ଶନ ପାଇଁ ଲାଗିଥିବା ଲମ୍ବା ଧାଡ଼ି ୨୨ ପାହାଚ ତଳକୁ ଲମ୍ବି ଯାଇଥିବାରୁ ବହୁ ଭକ୍ତ ଦର୍ଶନ ନ କରି ଫେରି ଯାଇଥିଲେ। ଗୋବରୀ ନଦୀ ପାଖ ୫ ନଂ (କ) ଜାତୀୟ ରାଜପଥ କଡ଼ରେ ହଜାର ହଜାର ସଂଖ୍ୟାରେ ଚାରି ଚକିଆ ଗାଡ଼ି ରହିବା ସହ ସେଠାରୁ ଯାତ୍ରୀମାନେ ଚାଲି ଚାଲି ଦୀର୍ଘ ପଥ ଅତିକ୍ରମ କରି ପାହାଡ଼ ଉପରକୁ ଯାଉଥିବା ଦୃଶ୍ୟ ବେଶ୍ ମନୋରମ ଥିଲା।

## କଳାକାର ଓଡ଼ିଶାର ୨୪ ଘଣ୍ଟିଆ ସାଂସ୍କୃତିକ କାର୍ଯ୍ୟକ୍ରମ

କଳାକାର ଓଡ଼ିଶା ତରଫରୁ ଓଳାଶୁଣୀ ପାହାଡ଼ର ଶୀର୍ଷ ଦେଶରେ ୨୪ ଘଣ୍ଟିଆ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଭାପତି ସତ୍ୟବ୍ରତ ପୁହାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଓଳାଶୁଣୀ ମଠର ମଠାଧୀଶ ନାମାନନ୍ଦ ଦାସ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଉତ୍କଳ ସମ୍ମିଳନୀ ରାଜ୍ୟ ସଭାପତି ଅଦ୍ୱୈତ ପ୍ରସାଦ ପାତ୍ର, ପ୍ରାଧ୍ୟାପକ ଅଭିମନ୍ୟୁ ରାଉତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଜାତୀୟ ଯୁବ ପ୍ରକଳ୍ପର ସଂଯୋଜକ ମଧୁସୂଦନ ଦାସ, ଚଳଚ୍ଚିତ୍ର ତାରକା ସୁଶ୍ରୀ ଜୟଶ୍ରୀ, କଣ୍ଠଶିଳ୍ପୀ କୁମାର ଜାନୁ, ବରେଣ୍ୟ ଅତିଥିଭାବେ ସାଧୁ ସୁଧାକର ଦାସ, ସାଧୁ ଗଦାଧର ଦାସ, ମହନ୍ତ ପର୍ଶୁରାମ ଦାସ, ବ୍ରହ୍ମ ଅବଧୂତ ହରେକୃଷ୍ଣ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଦେବେନ୍ଦ୍ର କୁମାର ପାତ୍ର ଓ ପ୍ରଫୁଲ ଦାସଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। ସେହିଭଳି ପ୍ରବଚକ ଭାବରେ ତ୍ରିଲୋଚନ ଭଞ୍ଜ, ଗୟାଧର ସାହୁ ଓ ଦୁଷ୍ମନ୍ତ ବାବା ପ୍ରମୁଖ ଯୋଗଦେଇଥିଲେ। ଅଭିନେତା ଓ ମଞ୍ଚ ନିର୍ଦ୍ଦେଶକ ଖଗେଶ୍ୱର ନାୟକ, କଣ୍ଠଶିଳ୍ପୀ ସୁମିତ୍ରା ବେହେରା, ନୃତ୍ୟଶିଳ୍ପୀ ବବିତା ସାମଲ, ନୃତ୍ୟଗୁରୁ ଲଛମନ ଦଳାଇ ପ୍ରମୁଖ ବିଭିନ୍ନ କଳା ପ୍ରଦର୍ଶନ କରିଥିଲେ। ରାଜ୍ୟସ୍ତରୀୟ କଳାକାର, ସାଧୁ ସନ୍ଥ ସମାବେଶ, ସମ୍ବର୍ଦ୍ଧନା ସଭା, କବିତା ପାଠୋତ୍ସବ ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ହୋଇଥିଲା। ବିଶ୍ୱ ଭାତୃତ୍ୱ ଭାବରେ ବାନ୍ଧି ରହିବା ସହ ଶାନ୍ତି ମୈତ୍ରୀ ଓ ସଦ୍‌ଭାବନା ପ୍ରତିଷ୍ଠା ପାଇଁ ନିବେଦନ କରାଯାଇଥିଲା। ଆଡଭୋକେଟ ଦେବରାଜ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲାବେଳେ ନୀଳମାଧବ ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଗଠନର ସମ୍ପାଦକ ପ୍ରଭାତ ଜେନା ଧନ୍ୟବାଦ ଦେଇଥିଲେ।

### ବ୍ୟବସାୟୀଙ୍କ ମଧ୍ୟରେ ଆନନ୍ଦ

ମେଳା ପରିସରରେ ପ୍ରବଳ ଭିଡ଼ ବ୍ୟବସାୟୀଙ୍କ ମଧ୍ୟରେ ଆନନ୍ଦ ଭରି ଦେଇଛି। ଓଳାଶୁଣୀ ଗୁମ୍ଫା ପାହାଡ଼ର ଶୀର୍ଷ ସ୍ଥାନଠାରୁ ଆରମ୍ଭ କରି ପାହାଡ଼ର ପଶ୍ଚିମ ପଟ ମେଳା ପଡ଼ିଆରେ ୧୫ ଶହରୁ ଅଧିକ ବିଭିନ୍ନ କିସମର ଅସ୍ଥାୟୀ ବ୍ୟବସାୟ ପ୍ରତିଷ୍ଠାନ ଖୋଲାଯାଇଛି। ଯାତ୍ରୀ ଓ ଶ୍ରଦ୍ଧାଳୁମାନେ ବିଭିନ୍ନ ଘର ସଜା ଓ ଘରକରଣା ସାମଗ୍ରୀ କିଣି ନେଉଥିବାରୁ ଦୋକାନୀଙ୍କର ଅଧିକ ବ୍ୟବସାୟ ହୋଇଥିଲା।



## ଭାଜପାର କାର୍ଯ୍ୟକର୍ତ୍ତା ସମାବେଶ

**ବରୀ,୩।୨(ସ୍ୱ.ପ୍ର.)**

ବରୀ ନିର୍ବାଚନମଣ୍ଡଳୀର ସ୍ଥାନୀୟ ରମାଦେବୀ ବାଳିକା ବିଦ୍ୟାଳୟ ଖେଳପଡ଼ିଆରେ ରବିବାର ସ୍ଥାନୀୟ ଭାଜପାର କାର୍ଯ୍ୟକର୍ତ୍ତା ସମାବେଶ ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବରୀ ମଣ୍ଡଳ ସଭାପତି ନିର୍ମଳ ସାମଲ ଏଥିରେ ସଭାପତିତ୍ୱ କରିଥିଲେ। ଭାଜପାର ରାଜ୍ୟ ପଛୁଆ ବର୍ଗ ମୋର୍ଚ୍ଚା ଉପସଭାପତି ଆଶୁତୋଷ ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ ୧୭୦ ଜଣ କଳାକାରଙ୍କୁ ସାର୍ଟିଫିକେଟ ପ୍ରଦାନ କରିଛନ୍ତି। ଆଗାମୀ ନିର୍ବାଚନ ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ନିର୍ବାଚନୀ ମନ୍ତ୍ର ଦେବା ସହ ତୃଣମୂଳସ୍ତରରୁ ଏକଜୁଟ ହୋଇ ନିର୍ବାଚନ ଲଢ଼ିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲା ପରିଷଦ ସଦସ୍ୟ ରବୀନ୍ଦ୍ର ଜେନା, ସୌଭାଗ୍ୟ ମିଶ୍ର, ଅରୁଣ ସାମଲ, ବୃନ୍ଦାବନ ସାମଲ, ଯାଜପୁର ଜିଲା ଭାଜପା ଉପସଭାପତି ଅକ୍ଷୟ ବେଉରିଆ, ପୂର୍ବତନ ଯୁବମୋର୍ଚ୍ଚା ସଭାପତି ଜଗନ୍ନାଥ ପ୍ରସାଦ ପରିଡ଼ା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଜଗନ୍ନାଥ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

**ଧର୍ମଶାଳା,୩।୨(ଡି.ଏନ.ଏ.):** ଧର୍ମଶାଳା ତହସିଲ କୁମାରୀ ପଞ୍ଚାୟତ ଦେଉଳିପାଳ ଗ୍ରାମର ରଙ୍କନିଧି ଧଳ ରବିବାର ରୋଷେଇ କରୁଥିବାବେଳେ ଅଗ୍ନିକାଣ୍ଡ ଘଟି ୨ ବଖରା ଜଳିଯାଇଛି। ଘରେ ଥିବା ସମସ୍ତ ଆସବାବ ପତ୍ର, ଧାନ, ଚାଉଳ, ନଗଦ ଟଙ୍କା ପୋଡ଼ି ଯାଇଛି। ଚଣ୍ଡିଖୋଲ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ରଙ୍କନିଧି ଜଣେ ଗରିବ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଓ ଏକ ବିଜୁ ପକ୍କାଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।






ଉତ୍କଳଗୌରବ ମଧୁସୂଦନ ଦାସଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୦୪ ଫେବୃଆରୀ, ୨୦୧୯

**ସକାଳ ଘ.୧୦.୩୦ମି.**
ରାଜଭବନ ଛକସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଶ୍ରଦ୍ଧା ସୁମନ ଅର୍ପଣ ।

**ସମୟ: ପୂର୍ବାହ୍ନ ଘ.୧୦.୪୦ମି.** **ସ୍ଥାନ : ବିଧାନସଭା ପ୍ରାଙ୍ଗଣ**

ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ବାଚସ୍ପତି, ମାନ୍ୟବର ଉପବାଚସ୍ପତି, ମାନ୍ୟବର ବିରୋଧୀ ଦଳ ନେତା, ମାନ୍ୟବର ମନ୍ତ୍ରିମଣ୍ଡଳର ବରେଣ୍ୟ ସଦସ୍ୟବୃନ୍ଦ, ମାନ୍ୟବର ସାଂସଦ ତଥା ବିଧାୟକଗଣ ଓ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।

**ସାଧାରଣ ସଭା**

ସମୟ : ସଂଧ୍ୟା ୬ ଘଟିକା ସ୍ଥାନ : ଜୟଦେବ ଭବନ

ମୁଖ୍ୟ ଅତିଥି – **ଶ୍ରୀଯୁକ୍ତ ପ୍ରତାପ ଜେନା**, ମାନ୍ୟବର ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ ଏବଂ ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି – **ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର**, ମାନ୍ୟବର ବିଧାୟକ,
**ଶ୍ରୀମତୀ ଜ୍ୟୋତି ରେଖା ନାୟକ**, ଜିଲ୍ଲା ପରିଷଦ ଅଧ୍ୟକ୍ଷା, କଟକ

ମୁଖ୍ୟ ବକ୍ତା – **ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା**, ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ, ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର

କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସ୍ୱରବିତାନ ଅନୁଷ୍ଠାନର କଳାକାର କୃଷ୍ଣଚନ୍ଦ୍ର ରାୟ, ଡ. ଝୁମୁକି ରଥ, ଛନ୍ଦା ମିଶ୍ର, ବିବେକ ରାଉତ, ଶିବାନି ଦାସ, ବିଭୁ ପ୍ରସାଦ ନାୟକ ଓ ପୁଷ୍ପାଞ୍ଜଳି ମହାଳିକଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଉତ୍କଳ ସମ୍ମିଳନୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

**ଲକ୍ଷ୍ମୀଧର ମହାନ୍ତି**
ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ

"ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ,
ଟାଣେ କିରେ ଗାଡ଼ି ଦାନାର ତୋବଡା
ଘୋଡ଼ା ମୁହେଁ ବନ୍ଧା ଥିଲେ ?"
– ଉତ୍କଳଗୌରବ ମଧୁସୂଦନ ଦାସ

DADLS-265
15001/13/0568/1819

## ପୋଲିଓ ଛଡ଼େଇ ନେଇଛି ପରିବାରର ହସ ଖୁସି

# ଚିକିତ୍ସାରେ ବାଧକ ସାଜିଛି ଅର୍ଥ

**ଛତିଆ,୩।୨(ଡି.ଏନ୍.ଏ.)**

ସରକାର ଗରିବ, ଅସହାୟ ତଥା ଦିବ୍ୟାଙ୍ଗଙ୍କ ପାଇଁ ଅନେକ ଯୋଜନା ପ୍ରଣୟନ କରୁଥିଲେ ମଧ୍ୟ ପ୍ରକୃତ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହାର ଉଦାହରଣ ଦେଖିବାକୁ ମିଳିଛି ବଡଚଣା ବ୍ଲକ ଛତିଆ ପଞ୍ଚାୟତର ଇଛାନଗର ପାଟଣା ଗ୍ରାମର ପ୍ରଦୀପ୍ତ ଦାସଙ୍କ ଦୁଇ ପୁଅ ଗୌତମ (୧୫) ଓ ଈଶ୍ୱର (୧୧)ଙ୍କ କ୍ଷେତ୍ରରେ। ପୋଲିଓ ଛଡେଇ ନେଇଛି ପରିବାରର ହସ ଖୁସି। ଘରର ଚାରି କାନ୍ଥ ମଧ୍ୟରେ ଅଭିଶପ୍ତ ଜୀବନ କାଟୁଛନ୍ତି ଦୁଇଭାଇ। ଜନ୍ମର କିଛି ଦିନ ପରେ ପୋଲିଓରେ ଆକ୍ରାନ୍ତ ହୋଇ ପରିବାର ଉପରେ ବୋଝ ପାଲଟିଛନ୍ତି। ବାପା ମା' ଅନେକ ଦିଅଁ ଦେବତା ପୂଜି ବଡ ପୁଅ ଈଶ୍ୱରଙ୍କୁ ଜନ୍ମ ଦେଇଥିଲେ। ହେଲେ ସେ ଖୁସି ବେଶି ଦିନ ରହି ନ ଥିଲା। ଈଶ୍ୱରଙ୍କ ବୟସ ବଢିବା ସହ ଅଧିକ ରୋଗଗ୍ରସ୍ତ ହେବାକୁ ଲାଗିଲେ। ପ୍ରଦୀପ୍ତ ନିଜର ସକ୍ଷମ ଅନୁସାରେ ପୁଅର ଚିକିତ୍ସା କରାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଶେଷରେ ଭାଗ୍ୟକୁ ଆଦରି ଦିନ କାଟିଲେ। ଏହାର ଦୁଇ ବର୍ଷ ପରେ ଆଉ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ବଡ ପୁଅ ପରି ସାନ ପୁଅ ମଧ୍ୟ ପୋଲିଓରେ ଆକ୍ରାନ୍ତ ହୋଇ ପରିବାରରେ ବୋଝ ଉପରେ ନଳିତା ବିଡା ସାଜିଲା। ଅତ୍ୟନ୍ତ ଗରିବ ପରିବାରରେ ଜନ୍ମ ହୋଇଥିବାରୁ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଛତିଆ ବଜାରରେ ଏକ ଛୋଟ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ପ୍ରଦୀପ୍ତ ଅର୍ଥାଭାବରୁ ଘରେ ପିଲାଙ୍କୁ ଚିକିତ୍ସା କରୁଛନ୍ତି। ସରକାର ଦିବ୍ୟାଙ୍ଗଙ୍କ ପାଇଁ ଅନେକ ଯୋଜନା କରୁଥିବା ବେଳେ ଈଶ୍ୱର ଓ ଗୌତମଙ୍କ ପାଇଁ ମାତ୍ର ୫୦୦ ଟଙ୍କା ଲେଖାଏ ଭତ୍ତା ପାଉଛନ୍ତି। ପ୍ରଦୀପ୍ତଙ୍କ ଜମିବାଡି କିଛି ନାହିଁ। ଗୋଟିଏ ପଟେ ପରିବାର ଚଳାଇବାର ଚିନ୍ତା ତ ଅନ୍ୟପକ୍ଷରେ ଦୁଇ ପୁଅଙ୍କ ଚିକିତ୍ସା, ଯାହାକୁ ନେଇ ପ୍ରଦୀପ୍ତ ଓ ତାଙ୍କ ପତ୍ନୀ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ତେଣୁ ଏଥିପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଚିକିତ୍ସା ପାଇଁ ସହାୟତା ଯୋଗାଇଦେବାକୁ ଜନସାଧାରଣରେ ଦାବି ହେଉଛି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇଲେକ୍ଟ୍ରୋନିକ୍ସ ଇଣ୍ଟରଲକିଂ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

**ଟେଣ୍ଡର ନଂ.-** ୬୭୦-ଅଇଆଇ-ଏନ୍ଆର୍-କେନ୍ଦ୍ରି-ଏମ୍ଏନ୍‌ଡିଏଚ୍, ତାରିଖ- ୨୮।୦୧।୨୦୧୯
**କାର୍ଯ୍ୟ:** ଦକ୍ଷିଣ ପୂର୍ବ ମଧ୍ୟ ରେଳପଥର ରାୟପୁର ଡିଭିଜନରେ ନୂଆ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ନୟା ରାୟପୁର ଏବଂ କେନ୍ଦ୍ରି ଷ୍ଟେଶନର ନୂଆ ଇଲେକ୍ଟ୍ରୋନିକ୍ସ ଇଣ୍ଟରଲକିଂ (ଡିଷ୍ଟ୍ରିବ୍ୟୁଟେଡ୍ ଟାଇପ୍)ର ଇଞ୍ଜିନିୟରିଂ କ୍ଲିୟରାନ୍ସକୁ ସୁବିଧାଜନକ କରିବା ଏବଂ ସ୍ଥାପନ/ପରୀକ୍ଷଣ/କମିଶିଂ ପାଇଁ ୟାର୍ଡରେ ଏସ୍ ଆଣ୍ଡ ଟି କ୍ଲିୟରାନ୍ସ ଏବଂ ମନ୍ଦିର ହସୌଦ ଷ୍ଟେଶନଠାରେ ବିଦ୍ୟମାନ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ (ଡିଷ୍ଟ୍ରିବ୍ୟୁଟେଡ୍ ଟାଇପ୍) (ମେସର୍ସ ମେଧା ଗଠନ)ର ପରିବର୍ତ୍ତନ/ସଂଶୋଧନ।
**ଟେଣ୍ଡର ମୂଲ୍ୟ-** ଟ.୧୫,୨୨,୭୧,୩୫୫/- (ପନ୍ଦର କୋଟି ବାଇଶ ଲକ୍ଷ ଏକସ୍ତରି ହଜାର ତିନିଶହ ପଞ୍ଚାବନ ମାତ୍ର)।
**ଇଏମ୍‌ଡି-** ଟ.୯,୧୧,୩୬୦ (ନଅଲକ୍ଷ ଏଗାର ହଜାର ତିନିଶହ ଷାଠିଏ ମାତ୍ର)।
**ଟେଣ୍ଡର ସମାପ୍ତି:** ତା୦୬।୦୩।୨୦୧୯ରିଖ ଅପରାହ୍ଣ ୧୫.୩୦ ଘଟିକାରେ।
ଅଧିକ ବିବରଣୀ/ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଡେପୁଟି ସିଏସ୍‌ଟିଇ (ସିଓଏନ୍), ଏସ୍‌ଇସି ରେଳପଥ, ଶାହଡୋଲଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନ୍‌ଲୋଡ୍ କରନ୍ତୁ ।

**ଡେପୁଟି ଚିଫ୍ ସିଗ୍ନାଲ ଆଣ୍ଡ ଟେଲିକମ୍, ଇଂ./ସିଓଏନ୍/ଶାହଡୋଲ**
CPR/10/374
ସ୍ୱଚ୍ଛ ଭାରତ ଅଭିଯାନ

# ସହରର ମୁଖ୍ୟ ରାସ୍ତାରେ ପାଣି

**ଯାଜପୁରରୋଡ଼,୩।୨(ନି.ପ୍ର.)**


ରାସ୍ତା ଉପରେ ପାଣି ଚାଲୁଛି।

ପୂର୍ତ୍ତ ବିଭାଗ, ବିଦ୍ୟୁତ୍ ବିଭାଗ ଓ ଜନ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ସମନ୍ୱୟ ନ ଥିବାରୁ ରାସ୍ତା ନିର୍ମାଣ ସମୟରେ ବେପରୁଆ ଭାବେ ମାଟି ଖୋଳାଯାଉଛି। ଏପରିକି ମାଟି ତଳେ ଯାଇଥିବା ପାଇପଗୁଡ଼ିକ ମଧ୍ୟ କଟାଯାଉଛି। ସେହିପରି ବିଦ୍ୟୁତ୍ ବିଭାଗ ଖୁଣ୍ଟ ପୋତିବା ସମୟରେ ଅନେକ ସ୍ଥାନରେ ପାଇପ୍ ଫାଟି ଯାଉଛି। ଫଳରେ ସହରର ମୁଖ୍ୟ ରାସ୍ତାରେ ପାଣି ଚାଲୁଛି। ଆଗାମୀ ଦିନରେ ଜଳ ସଙ୍କଟ ଦେଖାଯିବାର ଆଶଙ୍କା ଥିଲେ ମଧ୍ୟ ଏଥିପ୍ରତି ଜନ ସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟି ନାହିଁ। ଚୋରଦା, କଣ୍ଟିଗଡ଼ିଆ ଛକ ଅଞ୍ଚଳରେ ପାଇପ ଫାଟି ଯିବା ଯୋଗୁ ପାନୀୟ ଜଳ ଦୂଷିତ ହେଉଛି। ଫଳରେ ସମଗ୍ର ଯାଜପୁରରୋଡ଼ ସହରରେ ଥଣ୍ଡା, କାମଳ ଓ ବିଭିନ୍ନ ପେଟରୋଗ ଦେଖା ଦେବାରେ ଲାଗିଛି। ଯୋଜଡ଼ିଆଁ ଜଳ ପ୍ରକଳ୍ପ ସେପ୍ଟେମ୍ବରରେ ସମ୍ପୂର୍ଣ୍ଣ ହେବା ପାଇଁ ଧାର୍ଯ୍ୟ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାମ ସରିନାହିଁ। ତେବେ ପ୍ରକଳ୍ପ ଶେଷ ହେବା ନେଇ ମଧ୍ୟ କର୍ତ୍ତୃପକ୍ଷଙ୍କଠାରୁ ସଠିକ୍ ଉତ୍ତର ମିଳୁନି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ଅରୁଣ କୁମାର ସ୍ୱାଇଁଙ୍କୁ ପଚାରିବାରେ, ପୂର୍ତ୍ତ ବିଭାଗ ଓ ବିଦ୍ୟୁତ୍ ବିଭାଗ ତାଙ୍କ ସହ ଯୋଗାଯୋଗ କରିନାହାନ୍ତି। ପାଇପ୍ ଫାଟିବା ଖବର ପାଇ ତାହାକୁ ମରାମତି କରାଯାଉଛି ବୋଲି କହିଛନ୍ତି।

**ଆଲ୍ଲାହାବାଦ ବ୍ୟାଙ୍କ**
ମଣ୍ଡଳ କାର୍ଯ୍ୟାଳୟ : ୩/ ୧ବି, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫,
ଫୋନ୍ - (୦୬୭୪) ୨୩୬୨୩୪୨, ୨୩୬୦୪୩୩, ଫ୍ୟାକ୍ସ - ୨୩୬୨୮୩୬

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଛି । ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରୀଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ,୨୦୦୨ ଧାରା ୧୩(୨) ଅନୁଯାୟୀ ନୋଟିସ ଜାରି ପରେ ନିମ୍ନଲିଖିତ ଆକାଉଣ୍ଟଗୁଡିକର ସମ୍ପତ୍ତିଗୁଡିକୁ ଦଖଲ କରିଛନ୍ତି । ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪)ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରିବାକୁ ଅଧୀକାର ପାଇଛନ୍ତି । ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବ୍‌ସାଇଟ https://allahabadbank.auctiontiger.net ରେ ପ୍ରଦତ୍ତ ପଦ୍ଧତି ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରାଯିବ ।

**ଇ-ନିଲାମ ତାରିଖ ଓ ସମୟ: ତା ୦୮.୦୩.୨୦୧୯ (ଶୁକ୍ରବାର) ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୧.୦୦ ଘଟିକା**
**ପ୍ରସ୍ତାବ/ଇ - ନିଲାମ ପ୍ରକ୍ରିୟା ସମ୍ବନ୍ଧିୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା ୦୬.୦୩.୨୦୧୯ ରିଖ ଅପରାହ୍ନ ୫.୦୦ ଘଟିକା**

| ଶାଖାର ନାମ / ଋଣଗ୍ରହୀତା/ ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ)ଡିମାଣ୍ଡ ନୋଟିସ୍ ତାରିଖ, (ଖ)ଦଖଲ ନୋଟିସ୍ ତାରିଖ,(ଗ)ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସମ୍ପତ୍ତିର ବିବରଣୀ | କ)ସଂରକ୍ଷିତ ମୂଲ୍ୟ ଖ)ଅମାନତ ରାଶି ଗ)ବର୍ଦ୍ଧିତ ବିଡ୍ ପରିମାଣ |
|---|---|---|---|
| **ଭୁବନେଶ୍ୱର ମୁଖ୍ୟ ଶାଖା** ଋଣଗ୍ରହୀତା: ମେସର୍ସ କଟକ ଡାଇବେଟିକ୍ ରିସର୍ଚ୍ଚ ଫାଉଣ୍ଡେସନ୍, ଜାମିନ୍‌ଦାର:(୧) ଡଃ ଆଲୋକ କାନୁନ୍‌ଗୋ (ମ୍ୟାନେଜିଂ ଟ୍ରଷ୍ଟି), ପିତା-୰ପଦ୍ମଶ୍ରୀ ବିନୋଦ, (୨) ଶ୍ରୀ ଆୟାଶ କାନ୍ତ କାନୁନ୍‌ଗୋ (ଟ୍ରଷ୍ଟି), ସମସ୍ତଙ୍କ ଠିକଣା: ୧୧୨୦, ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯ । | କ)୨୮.୦୮.୨୦୧୮ ଖ)୦୭.୧୨.୨୦୧୮ ଗ)୨୮.୦୮.୨୦୧୮ ସୁଦ୍ଧା ଟ.୨,୦୩,୮୬,୫୪୭.୦୫/- +୨୮.୦୮.୨୦୧୮ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ଡଃ ଆଲୋକ କାନୁନ୍‌ଗୋଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.-୫୧୯, ଡ୍ରଇଁ ନଂ.-ବି/୧୨୬୩, ପ୍ଲଟ ନଂ.-୧୧୨୦ (ଜିଏ ଡିପାର୍ଟମେଣ୍ଟ ପ୍ଲଟ ନଂ.-ଏ/୧), ଏରିଆ-୨.୦୦ ଏକର, ଜିଲ୍ଲା-ଖୋର୍ଦ୍ଧା, ମୌଜା-ଡୁମୁଡୁମା, ଏସ୍‌ଆରଓ-ଖଣ୍ଡଗିରି, ଥାନା ନଂ.-୦୪, ଭୁବନେଶ୍ୱର । ଚଉହଦି: ଉତର-ପ୍ଲଟ ନଂ.୪୪୩(ଆଇ.ଆଇ.ଟି.ଟି.ଏମ୍), ଦକ୍ଷିଣ-ସରକାରୀ ପ୍ଲଟ ନଂ.୧୧୨୦(ପିଟି), ପୂର୍ବ-୧୦୦'-୦' ଚଉଡା ରାସ୍ତା, ପଶ୍ଚିମ- ପିଆରଓ-୬୦'-୦' ଚଉଡା ରାସ୍ତା । | କ) ଟ.୩୪,୭୧,୭୫,୦୦୦/- ଖ) ଟ.୩,୪୭,୧୭,୫୦୦/- ଗ) ଟ.୨୫,୦୦୦/- |
| **ଭୁବନେଶ୍ୱର ମୁଖ୍ୟ ଶାଖା** ଋଣଗ୍ରହୀତା :ମେସର୍ସ କାନୁନ୍‌ଗୋ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡାଇବେଟିସ୍ ସ୍ପେସିଆଲିଟିସ୍ ପ୍ରା.ଲିଃ, ଜାମିନ୍‌ଦାର: (୧) ଡଃ ଆଲୋକ କାନୁନ୍‌ଗୋ (ପରିଚାଳନା ନିର୍ଦ୍ଦେଶକ), ପିତା-୰ପଦ୍ମଶ୍ରୀ ବିନୋଦ, ଠିକଣା: ୧୧୨୦, ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯, (୨)ଶ୍ରୀମତୀ ମମତା ତ୍ରିପାଠୀ (ନିର୍ଦ୍ଦେଶକ), ଠିକଣା: ଫ୍ଲାଟ ନଂ.-୩୦୨, ଆକରକ୍ସ ରାଧାଗୋବିନ୍ଦ ଏନ୍‌କ୍ଲେଭ, ଏନ୍/୪୨, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫ । | କ)୨୮.୦୯.୨୦୧୮ ଖ)୦୭.୧୨.୨୦୧୮ ଗ)୨୮.୦୯.୨୦୧୮ ସୁଦ୍ଧା ଟ.୨,୪୨,୮୭,୮୩୮.୫୦/- +୨୮.୦୯.୨୦୧୮ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ଡଃ ଆଲୋକ କାନୁନ୍‌ଗୋଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.-୧-ସି/୨୩, ସେକ୍ଟର-୯, ସା/ପୋ-ମର୍କତ ନଗର, ଥାନା-ବିଡାନାସୀ, ଜିଲ୍ଲା-କଟକ, ଏରିଆ-୨୪୦୦ ବର୍ଗଫୁଟ । ଚଉହଦି: ଉତର-୯ ମିଟର ଚଉଡା ରାସ୍ତା, ଦକ୍ଷିଣ-ପ୍ଲଟ ନଂ.-୧-ସି/୨୪, ପୂର୍ବ-ପ୍ଲଟ ନଂ.୧-ସି/୨୨, ପଶ୍ଚିମ-୧୨ ମିଟର ଚଉଡା ରାସ୍ତା । | କ) ଟ.୧,୩୯,୭୦,୦୦୦/- ଖ) ଟ.୧୩,୯୭,୦୦୦/- ଗ) ଟ.୨୫,୦୦୦/- |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**
୧) ଇ - ନିଲାମ ପ୍ଲାଟଫର୍ମ (https://allahabadbank.auctiontiger.net) ଆମର ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର), ପଞ୍ଜିକୃତ କାର୍ଯ୍ୟାଳୟ : ଅହମ୍ମଦାବାଦ, ଯୋଗାଯୋଗ ନଂ. : ୦୭୯-୪୦୨୩୦୮୨୪/୮୨୩/୮୨୧ ଏବଂ ମୋବାଇଲ୍ ନଂ. ଶ୍ରୀ ରାମ ଶର୍ମା କିମ୍ବା ଶ୍ରୀ ରାକେଶ ନାୟକ -୦୮୦୦୦୦୨୩୨୯୭, ୦୯୯୩୭୨୨୦୩୧୯ ଦ୍ୱାରା ପ୍ରଦାନ କରାଯିବ । ଆବଶ୍ୟକମତେ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ EMD ଜମା କରିଥିଲେ ଏହି ସେବା ପ୍ରଦାନକାରୀ ମଧ୍ୟ ଇ - ନିଲାମ ତାଲିମ ଏବଂ ଡ଼େମୋନଷ୍ଟ୍ରେସନ ପ୍ରଦାନ କରିପାରିବେ ।
୨) ଇ - ନିଲାମରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଅଂଶଗ୍ରହଣକାରୀମାନେ ସେବାପ୍ରଦାନକାରୀଙ୍କ ଉପରୋକ୍ତ ୱେବ୍‌ସାଇଟରୁ ବିନା ଶୁଳ୍କରେ ବିକ୍ରୟ ନୋଟିସ୍, ନିୟମ ଏବଂ ସର୍ତ୍ତାବଳୀ, ଇ - ନିଲାମ କାର୍ଯ୍ୟକାରୀ ପ୍ରକ୍ରିୟା ମାର୍ଗଦର୍ଶିକା ପୁସ୍ତିକା ଏବଂ ଇ - ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ ଫର୍ମ ଯାହାକି ଉପଦର୍ଶିତ ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର) ଅହମ୍ମଦାବାଦ, ଇଣ୍ଟରନେଟରୁ ଡାଉନଲୋଡ କରିପାରିବେ ।
୩) ଇଚ୍ଛୁକ ନିଲାମଧାରୀମାନେ ଇ - ନିଲାମ ସେବା ପ୍ରଦାନକାରୀଙ୍କ ୱେବସାଇଟ https://allahabadbank.auctiontiger.net ଦ୍ୱାରା ଇ - ନିଲାମରେ ଅଂଶଗ୍ରହଣ କରିପାରିବେ । ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ତା ୦୬.୦୨.୨୦୧୯ ରିଖ ପରଠାରୁ www.tenders.gov.in and https://allahabadbank.auctiontiger.net ଦେଖନ୍ତୁ ।
ଦ୍ରଷ୍ଟବ୍ୟ: ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଜାମିନଦାର /ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ତାରିଖରେ ନିଲାମ ବିକ୍ରୟ ସମ୍ପନ୍ନ ହେବ ।

ସ୍ଥାନ-ଭୁବନେଶ୍ୱର, ତାରିଖ- ୦୨.୦୨.୨୦୧୯ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ



ଜରା, ବ୍ୟାଧି ଓ ମୃତ୍ୟୁ ତୁମ ଜୀବନରେ ନିଶ୍ଚୟ ଆସିବ। ଏହାକୁ ସର୍ବଦା ସ୍ମରଣ ରଖ।
- ଗୌତମବୁଦ୍ଧ



## ସଂକ୍ଷେପରେ

### ଦାମଦରପୁର ବିଜୁ ଯୁବବାହିନୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ



**କାଳିଆପାଣି,୩।୨(ଡିଏନଏ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଦୁଧୁଯୋରୀ ଗ୍ରାମ ପଞ୍ଚାୟତର ବୋତଲଣ୍ଡା ମିନି କ୍ରିକେଟ୍ ଖେଳ ପଡ଼ିଆରେ ଦାମୋଦରପୁର ବିଜୁ ଯୁବବାହିନୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ବିଜୁ ଯୁବବାହିନୀ ପକ୍ଷରୁ ଗ୍ରାମ ପଞ୍ଚାୟତର ୧୩ଟି ଗ୍ରାମର ଖେଳାଳିଙ୍କୁ ନେଇ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦୁଧୁଯୋରୀ ସରପଞ୍ଚ ଅକ୍ଷୟ କୁମାର ନାଏକ ଏବଂ ଉକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ଉଦୟନାଥ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଜଗତ କୁମାର ଦାସ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ୍ ବୋତଲଣ୍ଡା ଓ ମଙ୍ଗଳପୁର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବୋତଲଣ୍ଡା ନିର୍ଦ୍ଧାରିତ ୧୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ୮ ୱିକେଟ୍ ହରାଇ ୮୪ ରନ୍ ସଂଗ୍ରହ କରିଥିଲା। ଜବାବରେ ମଙ୍ଗଳପୁର କ୍ରିକେଟ ୩ ୱିକେଟ୍ ହରାଇ ମ୍ୟାଚ ଜିତି ନେଇଥିଲା। ଅପରାହ୍ନ ୩ଟାରେ ଦ୍ୱିତୀୟ ମ୍ୟାଚ ବଉଳପାଳ ଓ ଦାମୋଦରପୁର ପାତ୍ରସାହି କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବଉଳପାଳ କ୍ରିକେଟ୍ କ୍ଲବ ନିର୍ଦ୍ଧାରିତ ୧୦ ଓଭରରେ ୬ ୱିକେଟ୍ ହରାଇ ୭୪ ରନ୍ ସଂଗ୍ରହ କରିଥିଲା। ବିଜୟୀ ରନ୍‌ର ପିଛା କରି ଦାମୋଦରପୁର ପାତ୍ରସାହି କ୍ରିକେଟ୍ କ୍ଲବ ୫ ୱିକେଟ ହରାଇ ୭୫ ରନ୍ ସଂଗ୍ରହ କରି ବାଜି ମାରିନେଇ ଥିଲା। ଅମରେନ୍ଦ୍ର ସିଂ ଓ ପ୍ରସନ୍ନ ନାୟକ ୨ଟି ମ୍ୟାଚ୍‌ରେ ଅମ୍ପାୟାର ଭାବେ ପରିଚାଳନା କରିଥିଲେ। ସେହିଭଳି ବିଜୁ ଯୁବ ବାହିନୀର ସଭ୍ୟ ବିଜୟ ସେଠୀ, ବିଶ୍ୱଜିତ୍ ପ୍ରଧାନ, ସୌମ୍ୟଜିତ୍ ବରାଳ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ।

### ନିର୍ମାଣ ଶ୍ରମିକଙ୍କୁ କିଟ୍ସ ବଣ୍ଟନ

**ବରୀ,୩।୨(ସ୍ୱ.ପ୍ର.):** ବରୀ ବ୍ଲକ ଅଧୀନ ଭଅଁରା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଶୁକ୍ରବାର ନିର୍ମାଣ ଶମିକଙ୍କୁ କିଟ୍ସ ବଣ୍ଟନ କରାଯାଇଛି। ଜି ଆଣ୍ଡ ଜି ସ୍କିଲ୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ସ୍ଥାନୀୟ ଏଜେନ୍ସି ଜରିଆରେ ୨୦୦ରୁ ୩୦୦ ନିର୍ମାଣ ଶ୍ରମିକଙ୍କୁ କିଟ୍ସ ବଣ୍ଟନ କରାଯାଇଥିବା ଦେଖିବକୁ ମିଳିଛି। ଏଥିରେ ୨୩ ପ୍ରକାର ସାମଗ୍ରୀ ରହିଥିବା ସୂଚନା ଦିଆଯାଇଛି। ଜିଲା ଶ୍ରମ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ସହକାରୀ ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ଉପସ୍ଥିତ ରହି କିଟ୍ସ ବଣ୍ଟନ କରିଥିଲେ। ୧ଲକ୍ଷ ୩୦ ହଜାର ଶ୍ରମିକ ଜିଲାରେ ନାମ ପଞ୍ଜୀକୃତ କରିଥିବାବେଳେ ସମସ୍ତଙ୍କ ନିକଟରେ ଏହି କିଟ୍ସ ପହଞ୍ଚି ପାରି ନ ଥିବା ଜଣାପଡିଛି। ପ୍ରିତମ୍ ରାଉତ, ଗଗନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

■ ଯାଜପୁରରୋଡ ଫେରୋକ୍ରୋମ କାରଖାନା

# ଠିକାଦାରଙ୍କୁ ଗୁରୁତ୍ୱ, ଶ୍ରମିକଙ୍କୁ ଉପେକ୍ଷା

■ରାତିଅଧିଆ ହେଉଛି ମେଶିନ ଦ୍ୱାରା କାର୍ଯ୍ୟ
■ବିରୋଧ କରି ଉତ୍ତେଜନା

**ଯାଜପୁର ଅଫିସ,୩।୨**

ଯାଜପୁରରୋଡ ଇଡକଲ ଫେରୋକ୍ରୋମ ଆଣ୍ଡ ଆଲଏଜ ଲିମିଟେଡ କାରଖାନାରେ ଶ୍ରମିକ ଅଶାନ୍ତି ଦୀର୍ଘ ୫ମାସ ହେଲା ଲାଗି ରହିଛି। ୧୯୬୮ ମସିହାରେ ଶ୍ରମିକଙ୍କୁ କାମ ଦେବା ଉଦ୍ଦେଶ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ବାବୁଙ୍କ ଉଦ୍ୟମରେ ଏହି କାରଖାନା ପ୍ରତିଷ୍ଠା ହୋଇଥିଲା। ଅଥଚ କାରଖାନା କର୍ତ୍ତୃପକ୍ଷ ଠିକାଦାର ପୋଷିବା ନୀତିକୁ ଧରି ଗରିବ, ନୀରିହ ଶ୍ରମିକଙ୍କ ପେଟରେ ଲାତ ମାରୁଛନ୍ତି । ରାତିଅଧିଆ ମେଶିନ ଲଗାଇ କିପରି ଠିକାଦାରଙ୍କ ଲାଭକୁ ଦୁଇଗୁଣ କରିବେ ସେଥିଲାଗି ଖେଳ ଖେଳୁଥିବାର ଜ୍ୱଳନ୍ତ ପ୍ରମାଣ ଶନିବାର ମଧ୍ୟରାତ୍ରିରେ ଦେଖିବାକୁ ମିଳିଛି।

ହାଇକାର୍ବନ ହ୍ୟାଣ୍ଡେଲିଂ ସାଇଟରେ ୬୮ଜଣ ଶ୍ରମିକଙ୍କ ପାଇଁ ଗତ ୧।୧୨।୨୦୧୮ ତାରିଖରୁ ନୂତନ ଠିକାଦାର ଚୟନ ହୋଇଥିଲା। ଏହି ଠିକାଦାର ଶ୍ରମିକଙ୍କ ଗେଟ୍ ପାସ ବାହାର କରିବାରେ କାଳକ୍ଷେପଣ ନୀତି ଅବଲମ୍ବନ କରିବାରୁ ଶ୍ରମିକମାନେ ୧ମାସ ଧରି ଧାରଣା ଦେଇଥିଲେ। ମେଶିନ ଯୋଗେ କାମ କରୁଥିବାରୁ ଗତ ମାସରେ ୪୦ ଜଣ ମହିଳା ଶ୍ରମିକଙ୍କୁ ମାତ୍ର ୪ ଦିନ କାର୍ଯ୍ୟ ମିଳିଥିଲା। ୨୮ଜଣ ପୁରୁଷ ଶ୍ରମିକଙ୍କୁ ୬ଦିନ କାମ ଯୋଗାଇ ଦିଆଯାଇଥିଲା। ଏହାସହ ଗତ ୧ ତାରିଖରେ ଶ୍ରମିକଙ୍କୁ ଗେଟ ପାସ ନ ଦେଇ ଲୁଚି ରହିବାରୁ ୪୦ରୁ ଉର୍ଦ୍ଧ୍ୱ ଶ୍ରମିକ କାମ ପାଇଁ କାରଖାନା ସମ୍ମୁଖରେ ଅପେକ୍ଷା କରି ଘରକୁ ଫେରିଥିଲେ। ଶନିବାର ମଧ୍ୟ ଠିକାଦାର ଆସି ନ ଥିଲେ । ଶ୍ରମିକମାନେ କାରଖାନା ଆଗରେ ଠିକାଦାରଙ୍କୁ ଜଗି ରହି ଶେଷରେ ପୂର୍ବପରି ଫେରିଥିଲେ। କାଳେ ଠିକାଦାର ମେଶିନ ଲଗାଇ କାମ ହାସଲ କରିନେବେ ସେଥିଲାଗି ଶ୍ରମିକମାନେ ଗେଟ ସମ୍ମୁଖରେ ଜଗି ରହିଥିଲେ। ଏହାଦେଖି ସନ୍ଧ୍ୟାରେ କାରଖାନାର ନିରାପତ୍ତା ଅଧିକାରୀ ବିଦ୍ୟାଧର ଆଇଚ ଶ୍ରମିକଙ୍କୁ ସନ୍ଧ୍ୟା ପରେ ଆଉ ମେଶିନ ଲାଗିବ ନାହିଁ, ତୁମେମାନେ ଘରକୁ ପଳାଅ ବୋଲି କହିଥିଲେ। ଫଳରେ ଶ୍ରମିକମାନେ ଘରକୁ ଫେରି ଯାଇଥିଲେ। ହେଲେ ଶ୍ରମିକଙ୍କ ଗଲା ପରେ କାରଖାନା କର୍ତ୍ତୃପକ୍ଷଙ୍କ ଇସାରାରେ ଠିକାଦାର ମେଶିନ ଓ ଟ୍ରାକ୍ଟର ଲଗାଇ କାମ ଆରମ୍ଭ କରି ଦେଇଥିଲେ। ଖବର ପାଇ ରାତି ପ୍ରାୟ ୧୦ଟା ବେଳେ ୫୦ରୁ ଉର୍ଦ୍ଧ୍ୱ ଶ୍ରମିକ କାରଖାନା ପାଖକୁ ଠେଙ୍ଗା ବାଡି ଧରି ଆସିଥିଲେ। ଫଳରେ ରାତି ୧୧ଟା ବେଳେ ସି-ସିଫ୍ଟରେ ଭିତରକୁ କାମ କରିବାକୁ ଯାଉଥିବା କର୍ମଚାରୀ/ଶ୍ରମିକମାନେ ଅଟକି ଥିବାବେଳେ ବି-ସିଫ୍ଟରେ ଭିତରେ ଥିବା ଶ୍ରମିକ/କର୍ମଚାରୀମାନେ ବାହାରକୁ ବାହାରି ପାରି ନ ଥିଲେ। ସେଠାରେ ଶ୍ରମିକମାନେ ପାଟିତୁଣ୍ଡ କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ମେନ୍‌ଗେଟକୁ ସିଲ କରି ଧାରଣାରେ ବସି ରହିଥିଲେ। ପରେ ସ୍ଥାନୀୟ ପୋଲିସ ଓ କାରଖାନା କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ । ମେଶିନ ଦ୍ୱାରା କାମ ବନ୍ଦ କରିବା ପରେ ଶ୍ରମିକମାନେ ରାତି ପ୍ରାୟ ସାଢେ ୧୨ଟା ବେଳେ ଧାରଣାରୁ ହଟିଥିଲେ । ଉଖ୍ୟକ୍ତ ଶ୍ରମିକଙ୍କ ଆକ୍ରମଣ ଭୟରେ ଠିକାଦାରଙ୍କ ତରଫରୁ କାରଖାନା ମଧ୍ୟରେ ଅନାଧିକାର ପ୍ରବେଶ କରିଥିବା ୫/୬ ଜଣ ବ୍ୟକ୍ତି ଓ ମେଶିନ ଚାଳକ ରାତି ୩ଟା ପରେ ବାହାରକୁ ଆସିଥିଲେ। ତଥାପି ରବିବାର ଶ୍ରମିକଙ୍କୁ କାମ ଦିଆଯାଇ ନାହିଁ। କାରଖାନାର ପୂର୍ବତନ ଶ୍ରମିକ ନେତା ଦୁଷ୍ମନ୍ତ କୁମାର ରାଉତ କହିଛନ୍ତି, କାରଖାନା କର୍ତ୍ତୃପକ୍ଷ ସମସ୍ତ ନୀତି ନିୟମକୁ ଜଳାଞ୍ଜଳି ଦେଇ ଏଠାରେ ଶ୍ରମିକଙ୍କ ଜୀବନ ଜୀବିକା ପ୍ରତି ଖେଳ ଖେଳୁଛନ୍ତି। ତାହା ଆଗକୁ ମହଙ୍ଗା ପଡିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ସାଇଟର ଶ୍ରମିକମାନେ ହାତଚାଳିତ ୨, ୩ ଓ ୪ ନମ୍ବର ଜିଗିଂରେ କାମ କରିଥାନ୍ତି। ପୂର୍ବରୁ ଧରିତ୍ରୀରେ ଜିଗିଂ ପ୍ଲାଣ୍ଟରେ ଅନିୟମିତତା ଓ ଲୁଟ ଘଟଣା ନିୟମିତ ଭାବେ ଖବର ପ୍ରକାଶ ପାଇବା ପରେ ଏମ୍‌ଡି ଗତ ୧୯ ତାରିଖରେ ନୂଆ ଜିଗିଂରେ ସ୍ଲାଗ ପ୍ରୋସେସିଂ କରି ବିନା ଶ୍ରମିକରେ ମୋଟ ୧୧୫ ଟନ ମେଟାଲ ବାହାର କରିଥିବା ଦର୍ଶାଇଛନ୍ତି। ୭୭ ଟନ ମେଟାଲକୁ ହାତ ଚାଳିତ ଜିଗିଂରେ ଶ୍ରମିକଙ୍କ ଦ୍ୱାରା ଏହା ସମ୍ପାଦନ ହେବା କଥା। ୭୭ଟନ ମେଟାଲ ଅଟୋମେଟିକ ଜିଗିଂ କାରଖାନାରୁ ଅନୈତିକ ଭାବେ ଉତ୍ପାଦନ କରି ନିଜକୁ ଦକ୍ଷ ବୋଲି ଇଡକଲ ଅଧ୍ୟକ୍ଷଙ୍କ ପାଖେ ପ୍ରମାଣ ଦେବା ପାଇଁ ଏଭଳି ଅଭିନବ ଉପାୟ ହୋଇଥିବା କୁହାଯାଉଛି। ଏଥିରେ ଶତାଧିକ ଶ୍ରମିକଙ୍କ ଜୀବନଜୀବିକା ପ୍ରଭାବିତ ହୋଇଛି । ଏ ସମ୍ପର୍କରେ କାରଖାନାର ଏମ୍‌ଡି ବୀରକିଶୋର ସାହୁଙ୍କୁ ପଚାରିବାରୁ, ଦୀର୍ଘଦିନ ହେଲା ସାଇଟ ବନ୍ଦ ପଡିଥିବାରୁ ମେଶିନ ଲଗାଇ ସଫାସୁତୁରା କରାଯାଉଥିଲା। ଏଥିରେ ଶ୍ରମିକମାନେ ବିରୋଧ କରିବାରୁ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ସ୍ୱାଭାବିକ କରିଛି ବୋଲି କହିଛନ୍ତି।

### ସାମାନ୍ୟ ବଚସାରୁ ଜଣେ ଗୁରୁତର
## ଅଭିଯୁକ୍ତ କୋର୍ଟ ଚାଲାଣ

**କଳିଙ୍ଗନଗର,୩।୨(ଡି.ଏନ.ଏ.)**

କଳିଙ୍ଗନଗର ଥାନା ଅନ୍ତର୍ଗତ ବାରଗାଡିଆ ପଞ୍ଚାୟତ ନୂଆ ଗାଁ ନିକଟରେ ସାମାନ୍ୟ ବଚସାରୁ ଜଣେ ଗୁରୁତର ହେବା ଘଟଣାରେ କଳିଙ୍ଗନଗର ପୋଲିସ ରବିବାର ଜଣଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର ଅଜୟ ଦେହୁରୀ (୨୭)। ପ୍ରକାଶ ଯେ, ନୂଆ ଗାଁର ଅଜୟ ଦେହୁରୀ (୨୭) ଓ ପ୍ରତାପ ବେହେରା (୨୫) ସାଙ୍ଗ ହୋଇ ମଦ୍ୟପାନ କରିବାକୁ ଯାଇଥିବା ଶୁଣିବାକୁ ମିଳିଛି। ହେଲେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅଜୟ ଏକ ଭୁଜାଲି ପ୍ରତାପଙ୍କ ପୋଟରେ ଭୁସି ଦେଇଥିଲେ। ଫଳରେ ପ୍ରତାପଙ୍କ ପେଟରେ ଗଭୀର ଅଘାତ ଲାଗିବାରୁ ସେ ଚେତାଶୂନ୍ୟ ହୋଇ ପଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଟାଟା ମେଡିକା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଖବରପାଇ କଳିଙ୍ଗନଗର ପୋଲିସ ଏକ ମାମଲା (୧୩/୧୯) ରୁଜୁ କରି ଅଜୟଙ୍କୁ ଗିରଫ କରିଥିଲା।

## ଆବର୍ଜନାରେ ଭରପୂର ଦଶାଶ୍ୱମେଧ ଘାଟ

**ବିରଜାକ୍ଷେତ୍ର,୩।୨(ଡି.ଏନ୍.ଏ)**

ପୌରାଣିକ ଗାଥା ବହନ କରୁଥିବା ଯାଜପୁର ସହରର ବୈତରଣୀ ନଦୀକୂଳେ ଅବସ୍ଥିତ ଦଶାଶ୍ୱମେଧ ଘାଟଟି ସମ୍ପୂର୍ଣ୍ଣଭାବେ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇଥିବା ଦେଖିବାକୁ ମିଳିଛି। ଏହି ଘାଟରୁ ସ୍ନାନ, ତର୍ପଣ, ପିଣ୍ଡଦାନ କରିବା ପାଇଁ ଭାରତ ତଥା ବାହାର ଦେଶରୁ ହିନ୍ଦୁ ଧର୍ମାବଲମ୍ବୀ ଲୋକ ଆସିଥାନ୍ତି। ଏହି ଘାଟରେ ସ୍ନାନ, ତର୍ପଣ, ପିଣ୍ଡ ଓ ଗୋଦାନ କଲେ କୋଟିକୋଟି ପୂଣ୍ୟ ମିଳିଥାଏ ବୋଲି ପୌରାଣିକ ମତ ଅଛି। କିନ୍ତୁ ଦଶାଶ୍ୱମେଧ ଘାଟକୁ ଯିବାବେଳେ ଡାହାଣ ପାର୍ଶ୍ୱଟି ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହୋଇଛି। ଯାହାକୁ ନେଇ ଓଡ଼ିଶା ତଥା ଭାରତବର୍ଷର ବିଭିନ୍ନ ପ୍ରଦେଶରୁ ଆସୁଥିବା ଭକ୍ତମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।



ଦଶାଶ୍ୱମେଧ ଘାଟ ଆବର୍ଜନାରେ ଭର୍ତ୍ତି ହୋଇଛି।

ଜିଲା ପ୍ରଶାସନ ଓ ପୌର ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବାକୁ ଶ୍ରଦ୍ଧାଳୁମାନେ ନିବେଦନ କରିଛନ୍ତି। ବର୍ତ୍ତମାନ ସହରର ବାଳାଶ୍ରମ ପଡ଼ିଆରେ ୩୭ତମ ଜଗନ୍ନାଥ ଚେତନା ମହାଧିବେଶନ ଅନୁଷ୍ଠିତ ହେଉଛି। ଯାଜପୁର ପୌର ପ୍ରଶାସନ ପକ୍ଷରୁ ବାଳାଶ୍ରମ ପଡ଼ିଆ ଓ ଯାଜପୁର ସହରକୁ ଜଗନ୍ନାଥ ଚେତନା ମହାଧିବେଶନ ପାଇଁ ସ୍ୱଚ୍ଛ ରଖାଯାଉଛି। ବାଳାଶ୍ରମ ପଡ଼ିଆକୁ ଲାଗିଥିବା ଦଶାଶ୍ୱମେଧ ଘାଟରେ ଆବର୍ଜନା ଭରିଥିବା ପରିସ୍ଥିତି ପ୍ରତି କିଭଳି ପୌର ପ୍ରଶାସନ ନଜରରେ ପଡୁନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଖରସ୍ରୋତା ମହାବିଦ୍ୟାଳୟର ବାର୍ଷିକୋତ୍ସବ

**ସିଂହପୁର,୩।୨(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟର ବାର୍ଷିକୋତ୍ସବ ଉପଲକ୍ଷେ ରବିବାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାୟକ ରାଜେଶ ଓ ରାଜନନ୍ଦିନୀ ସଂଗୀତରେ ଉପସ୍ଥିତ ଶ୍ରୋତାଙ୍କ ମନମୁଗ୍ଧ କରିଥିଲେ। ଅଧ୍ୟକ୍ଷ କ୍ଷୀରୋଦ କୁମାର ବେହେରା, ପରିଚାଳନା ସମିତି ସଦସ୍ୟ ସୁଶାନ୍ତ ନାୟକ, ଅଧ୍ୟାପକ ଗଗନ ବିହାରୀ ବେହେରା, ମିହିର ରାଉତ, କୈଳାସ ମିଶ୍ର, ସୁବୋଧ ନାୟକ, ସତ୍ୟବ୍ରତ ପାଢୀ, ଅର୍ପିତା ସ୍ୱାଇଁ, ଗାୟତ୍ରୀ ଧଳ, ରୋଜାଲିନ କୁଅଁର, ମୀନକେତନ ତ୍ରିପାଠୀ, ଶ୍ରୀକାନ୍ତ ନାୟକ, ପୂର୍ଣ୍ଣଚନ୍ଦ୍ର ସାମଲ ପ୍ରମୁଖଙ୍କ ସହଯୋଗରେ ବାର୍ଷିକୋତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା। ମହାବିଦ୍ୟାଳୟର ଛାତ୍ରୀଛାତ୍ର ଆଶିଷ, ରଶ୍ମି, ଉମା, ରାକେଶ, ତାପସ, ରୁପାଲି, ସ୍ମୃତି, ଭାଗ୍ୟଶ୍ରୀ, ସୋମ୍ୟା ପ୍ରମୁଖଙ୍କ ନାଟକ ପରିବେଷଣ ଚିତ୍ତାକର୍ଷକ ଥିଲା। ବାର୍ଷିକୋତ୍ସବ ସଫଳ ପାଇଁ ଅଧ୍ୟକ୍ଷ ବେହେରା ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଛାତ୍ରୀଛାତ୍ର ଭଲ ମଣିଷ ହେବାକୁ ଆହ୍ୱାନ

**ଯାଜପୁର ଅଫିସ,୩।୨**

ରିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ନବମ ବାର୍ଷିକ ଉତ୍ସବ 'ଜୟନ୍ତ ୨୦୧୮' ଶନିବାର ବ୍ୟାସଦେବ ଟାଉନ୍ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ନିର୍ଦ୍ଦେଶକ ଜନ୍ମେଜୟ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବର ବ୍ୟାସନଗର ପୌର ପରିଷଦର ପ୍ରାକ୍ତନ ଅଧ୍ୟକ୍ଷା ସବିତା ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍କୁଲର ଶୈକ୍ଷିକ ବାତାବରଣ ଓ ବିଭିନ୍ନ କାର୍ଯ୍ୟଧାରାର ପ୍ରଶଂସା କରିଥିଲେ। କୋରେଇ ବିଧାୟକ ଆକାଶ ଦାସ ନାୟକ ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାକୁ ଆହ୍ୱାନ ଦେଇଥିଲେ। ଖାଡ଼େଶ୍ୱର କଲେଜର ଅଧ୍ୟକ୍ଷ ଯୁଗଳ କିଶୋର ହୋତା ସମ୍ମାନିତ ଅତିଥି, ଜେନାପୁର ଡିଗ୍ରୀ କଲେଜ ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସ୍କୁଲର ଅଧ୍ୟକ୍ଷ ଇଂ ଦିଗନ୍ତ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ପିଲାଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ସ୍କୁଲ ଉପାଧ୍ୟକ୍ଷ ସୁବାଷ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ଓ ଛାତ୍ରୀଛାତ୍ର।

## ଗୋଚର ଜମିରେ ବିଜୁଖଳା ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

**ଧର୍ମଶାଳା,୩।୨(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଚହଟା ପଞ୍ଚାୟତ ଚହଟା ଗ୍ରାମରେ ଥିବା ଗୋଚର କିସମ ଜମିରେ ବିଜୁଖଳା ନିର୍ମାଣକୁ ରବିବାର ସମିତି ସଭ୍ୟଙ୍କ ସମେତ ଗ୍ରାମର କେତେଜଣ ବ୍ୟକ୍ତି ବିରୋଧ କରିଛନ୍ତି। ମୌଜା ଚହଟା ଖାତା ନଂ. ୭୪୪ ପ୍ଲଟ ୮୪୦ରେ ଥିବା ଏ୦୯୩ ଡିସମିଲ ଜମିର କିଛି ଅଂଶରେ ବିଜୁଖଳା ନିର୍ମାଣ କାର୍ଯ୍ୟ କରାଯାଉଛି। ଏହାକୁ ବିରୋଧ କରି ଚହଟା ପଞ୍ଚାୟତ ସମିତିସଭ୍ୟ ମନୋଜ ରାଉଳଙ୍କ ସମେତ ଗୁରୁ ଚରଣ ସେଠୀ, କିଶୋର କୁମାର ରାଉତ, ଅନନ୍ତ ଦେହୁରୀ ଓ ଶରତ ଓଝା ପ୍ରମୁଖ ଯାଜପୁର ଜିଲାପାଳ, ଏସ୍‌ପି, ରାଜସ୍ୱ ବିଭାଗ ଓ ବନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି। ଏହି ଜମିକୁ ଅଣଗୋଚର ଜମିରେ ପରିଣତ କରିବା ପାଇଁ ଧର୍ମଶାଳା ତହସିଲ ପକ୍ଷରୁ ୨୦୧୭ ସେପ୍ଟେମ୍ବର ୮ରେ ନୋଟିସ ଜାରି କରାଯାଇଥିଲା। ତେବେ ଏହି ଜମିକୁ ଅଣଗୋଚର କରାଗଲେ ଗୃହପାଳିତ ପଶୁ ଚରିବାକୁ ଅସୁବିଧାର ସମ୍ମୁଖୀନ ହେବେ ଦର୍ଶାଇ ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ମାତ୍ର ଅଭିଯୋଗକାରୀଙ୍କ ପ୍ରତିବାଦକୁ କର୍ଣ୍ଣପାତ ନ କରି ଗତ ୨୫ ତାରିଖରେ ଉକ୍ତ ଗୋଚର କିସମ ଜମିରେ ଥିବା ଏକ ଆମ୍ବ ଗଛକୁ ବ୍ଲକ ପ୍ରଶାସନ ପକ୍ଷରୁ କଟାଯାଇ ସେଠାରେ ବିଜୁଖଳା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ଘଟଣାର ତଦନ୍ତ କରାଯାଇ ନ୍ୟାୟ ପ୍ରଦାନ ନିମନ୍ତେ ଅଭିଯୋଗକାରୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡାଙ୍କୁ ପଚାରିବାରେ, ଯଦି ଏଭଳି କିଛି ବେଆଇନ କାର୍ଯ୍ୟ ହୋଇଥାଏ, ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ପାରିବାରିକ କଳହରୁ ଯୁବତୀଙ୍କ ଆତ୍ମହତ୍ୟା

**ଯାଜପୁରରୋଡ,୩।୨(ନି.ପ୍ର.)**

କୋରେଇ ଥାନା ଅନ୍ତର୍ଗତ ମୁଳିସରଗଡା ଗ୍ରାମର ଜଣେ ଯୁବତୀ ପାରିବାରିକ କଳହରୁ ଶନିବାର ରାତିରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ମାମଲା (୨/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

## ବେସାହାରା ଶିଶୁଙ୍କୁ ଥଇଥାନ ଦାବି

**ଯାଜପୁରରୋଡ୍, ୩।୨(ନି.ପ୍ର.)**

ବ୍ୟାସନଗର ପୌର ପରିଷଦ ୯ନଂ. ୱାର୍ଡ ଆଦିବାସୀ ସାହିର ଏକ ପଡ଼ିଆରେ ଥିବା ଗଛମୂଳେ ୨୦ ବର୍ଷ ହେବ ଲାଗଡ଼ ଚାତର (୪୫) ନାମ୍ନୀ ଜଣେ ମହିଳା ରହୁଛନ୍ତି। ତାଙ୍କ ସ୍ୱାମୀ ବାଜୀୟା ଚାତରଙ୍କ ୫ ବର୍ଷ ହେବ ପରଲୋକ ହୋଇଗଲାଣି। ଲାଗଡ଼ଙ୍କର ୩ପିଲା ପାଖରେ ଅଛନ୍ତି। ଅତି ଦୟନୀୟ ଅବସ୍ଥାରେ ଥିବାବେଳେ ସରକାରୀ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏହି ପିଲାଙ୍କ ଦୁଃଖ ଦେଖି ଚୋରଦା ଗ୍ରାମର ଓମ୍ ଶ୍ରୀବିଶ୍ୱନାଥ ଟ୍ରଷ୍ଟ ସେମାନଙ୍କୁ ଶିକ୍ଷା ଓ ଆଶ୍ରୟ ଦେବା ପାଇଁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ। ପିଲାମାନଙ୍କର କୌଣସି ପ୍ରମାଣପତ୍ର ନ ଥିବାରୁ ସେମାନଙ୍କୁ ଉଦ୍ଧାର କରିବାକୁ ଅସୁବିଧା ହେଉଛି। ସେମାନଙ୍କୁ ଥଇଥାନ କରିବାକୁ ଟ୍ରଷ୍ଟ ପକ୍ଷରୁ ହିମାଂଶୁ ନାୟକ, ଚନ୍ଦ୍ର ପ୍ରକାଶ ଜେନ୍ ଓ ରାଜେଶ କୁମାର ରାଉତ ପ୍ରମୁଖ ଦାବି କରିଛନ୍ତି।

## କଂଗ୍ରେସ ଓବିସି ସେଲ୍‌ର କର୍ମକର୍ତ୍ତା ଘୋଷିତ

**ଧର୍ମଶାଳା, ୩।୨(ଡି.ଏନ୍.ଏ.)**

ରାଜ୍ୟ କଂଗ୍ରେସ ପଛୁଆ ବର୍ଗ ସଭାପତି ବିଷ୍ଣୁ ଚରଣ ବାରିକଙ୍କ ଅନୁମୋଦନ କ୍ରମେ ଯାଜପୁର ଜିଲା ଓ ବ୍ଲକସ୍ତରୀୟ କଂଗ୍ରେସ ଓବିସି ସେଲ୍‌ର କର୍ମକର୍ତ୍ତାଙ୍କ ନାମ **ଘୋଷିତ** ହୋଇଯାଇଛି। ଏ ନେଇ ଶୁକ୍ରବାର ଜାରକାଠାରେ ଜିଲା ଓବିସି ସେଲର ସଭାପତି ସଞ୍ଜୟ କୁମାର ରାୟ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି। ଜିଲା ଉପାଧ୍ୟକ୍ଷ ଭାବେ ମଧୁସୂଦନ ସାହୁ, ବରଦା ପ୍ରସନ୍ନ ରାୟ, ଭଗବାନ ସାହୁ, ଗୋବିନ୍ଦ ଚରଣ ପରିଡ଼ା, ଅକ୍ଷୟ କୁମାର ସାହୁ, ପ୍ରତାପ ଚନ୍ଦ୍ର ଦାସ, ପ୍ରକାଶ ଚନ୍ଦ୍ର ରାୟ, ରବୀନ୍ଦ୍ର ନାୟକ, ବିପିନ୍ ବିହାରୀ ଦାସ, ଦୀପ୍ତିରଞ୍ଜନ ପରିଡ଼ା ଓ ରମେଶ ଚନ୍ଦ୍ର ବେହେରାଙ୍କ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ସଂଯୋଜକ ଭାବେ ଆଶିଷ୍ କୁମାର ଧଳ, ବିଷ୍ଣୁ ଚରଣ ସାମଲ, ମଦନମୋହନ ସାହୁ, ଅନୀଲ କୁମାର ସାମନ୍ତରାୟ, ପଦ୍ମନାଭ ନାୟକ ଓ ସହାୟକ ଭାବେ ଶ୍ରୀଧର ସାହୁ, ନିରଞ୍ଜନ ପରିଡା, ଧନେଶ୍ୱର ସାହୁ, ଅଶୋକ କୁମାର ଜେନା, ସମୀର ରାଉତ, ପ୍ରଫୁଲ୍ଲ କୁମାର ବେହେରା, କାହ୍ନୁ ଚରଣ ସ୍ୱାଇଁ ଓ ପୀତବାସ ରାଉତଙ୍କୁ ନିଯୁକ୍ତି ଦିଆଯାଇଛି। ତେବେ ସୁକିନ୍ଦା ବ୍ଲକ ପାଇଁ ବିଶ୍ୱଜିତ୍ ଓଝା, ଦାନଗଦୀ ଗୟାଧର ସାହୁ, ବଡ଼ଚଣା-ସୁଧାଂଶୁ ଶେଖର ଜେନା, ଧର୍ମଶାଳା- ପ୍ରଶାନ୍ତ ସାମଲ, ବରୀ- ଇନ୍ଦ୍ରମଣି ପରିଡା, ବିଞ୍ଝାରପୁର-ବ୍ରଜକିଶୋର ଦାସ, ଦଶରଥପୁର- ଦର୍ପନାରାୟଣ ମହାପାତ୍ର, କୋରେଇ- ପୁରୁଷୋତ୍ତମ ବିଶ୍ୱାଳ, ରସୁଲପୁର- ନରେଶଚନ୍ଦ୍ର ବେହୁରିଆ, ଯାଜପୁର- ଆଦିତ୍ୟ ରାଉତଙ୍କୁ ବ୍ଲକ କଂଗ୍ରେସ ଓବିସି ସେଲର୍ ଅଧ୍ୟକ୍ଷଭାବେ ନିଯୁକ୍ତି ଦିଆଯାଇଛି। ଏହିପରି ବ୍ୟାସନଗର ଓ ଯାଜପୁର ମ୍ୟୁନିସିପାଲିଟି ପାଇଁ ଯଥାକ୍ରମେ ଅଜୟ କୁମାର ନାୟକ ଓ ଅମୂଲ୍ୟ ବିଶ୍ୱାଳଙ୍କୁ ଓବିସି ସେଲର୍ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ନୂତନ କର୍ମକର୍ତ୍ତାମାନେ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ପ୍ରଦେଶ କଂଗ୍ରେସ ପଛୁଆବର୍ଗ ସଭାପତି ବିଷ୍ଣୁ ଚରଣ ବାରିକ୍, ଜିଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ, ସଞ୍ଜୟ କୁମାର ରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି।

■ ୩ୟ ଦିନରେ ଜଗନ୍ନାଥ ଚେତନା ମହାଧିବେଶନ

# ନୀତିକାନ୍ତି ଅନୁଯାୟୀ ହେଉଛି ପୂଜା କାର୍ଯ୍ୟ



ଜଗନ୍ନାଥ ମନ୍ଦିରର ମୁଖ୍ୟ ଦ୍ୱାର।

**ବିରଜାକ୍ଷେତ୍ର,୩।୨(ଡି.ଏନ୍.ଏ)**

୩୭ତମ ଜଗନ୍ନାଥ ଚେତନା ମହାଧିବେଶନ ଗତ ୧ରୁ ଯାଜପୁର ସହରର ପବିତ୍ର ବୈତରଣୀ ନଦୀକୂଳ ବାଳାଶ୍ରମ ପଡ଼ିଆରେ ଆରମ୍ଭ ହୋଇଛି। ରବିବାର ଏହା ତୃତୀୟ ଦିନରେ ପହଞ୍ଚିଛି। ପ୍ରଭୁ ଜଗନ୍ନାଥଙ୍କ ରୀତି, ନୀତି, କାନ୍ତି, ବିଧି ଅନୁଯାୟୀ ପ୍ରାତଃରୁ ବାଳାଶ୍ରମ ପଡ଼ିଆରେ ହୋଇଥିବା ଅସ୍ଥାୟୀ ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର କାର୍ଯ୍ୟକ୍ରମ ହେବାପରେ ସକାଳ ୭ଟାରେ ମୁଖ୍ୟ ଦ୍ୱାର ଫିଟିଥିଲା। ସକାଳ ୭ରୁ ରାତି ୧୦ ପର୍ଯ୍ୟନ୍ତ ଜଗନ୍ନାଥଙ୍କ ପରମ୍ପରା ଅନୁଯାୟୀ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ରାତି ୧୦ଟାରେ ପହୁଡ଼ ହୋଇଥିଲା । ସନ୍ଧ୍ୟାରେ ଅସ୍ଥାୟୀ ମନ୍ଦିର ପରିସରରେ ଜଗନ୍ନାଥ ଚେତନା ପକ୍ଷରୁ ପ୍ରବଚନ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତୃତୀୟ ଦିନ ଛୁଟିଦିନ ଥିବାରୁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଯାଜପୁର ଜିଲା ସମେତ ବିଭିନ୍ନ ଜିଲାରୁ ଭକ୍ତମାନେ ଆସି ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବା ସହ ଜଗନ୍ନାଥଙ୍କ ତତ୍ତ୍ୱ ସମ୍ପର୍କିତ ସମସ୍ତ ପ୍ରଦର୍ଶିତ କାର୍ଯ୍ୟକ୍ରମକୁ ଦେଖିଥିଲେ। ଚେତନା ଅଧିବେଶନ ପରିପ୍ରେକ୍ଷୀରେ ଅତିବିଷ୍ଣୁ ମହାଯଜ୍ଞ ଅନୁଷ୍ଠିତ ହେଉଥିବାରୁ ଯଜ୍ଞ ଦେଖିବା ଓ ମନୋସ୍କାମନା ପୂର୍ଣ୍ଣ ପାଇଁ ଭକ୍ତଙ୍କର ଭିଡ଼ ଲାଗିରହିଥିଲା ।

### ୧୦୩ ଯନ୍ତ୍ର, ମନ୍ତ୍ର, ତତ୍ତ୍ୱ ଉପରେ ତଥ୍ୟ ପ୍ରକାଶିତ

ବାଳାଶ୍ରମ ପଡ଼ିଆରେ ପୁରୀ ଜଗନ୍ନାଥ ମନ୍ଦିର ସଦୃଶ ଏକ ଅବିକଳ ମନ୍ଦିର ନିର୍ମାଣ ହୋଇଛି। ପ୍ରଭୁ ଜଗନ୍ନାଥଙ୍କ ସହ ଯୋଡ଼ି ହୋଇଥିବା ସମସ୍ତ ବିଷୟବସ୍ତୁ ପ୍ରଦର୍ଶିତ ହେଉଛି। ଅସ୍ଥାୟୀ ମନ୍ଦିରକୁ ଲାଗି ଜଗନ୍ନାଥଙ୍କ ଯନ୍ତ୍ର, ମନ୍ତ୍ର, ତତ୍ତ୍ୱ ଗୃହ ନିର୍ମାଣ ହୋଇଛି। ଏହି ଗୃହରେ ୧୦୩ଟି ଯନ୍ତ୍ର, ମନ୍ତ୍ର, ତତ୍ତ୍ୱ ଉପରେ ତଥ୍ୟ ପ୍ରକାଶିତ ହୋଇଛି। ଜଗନ୍ନାଥ ଚେତନା ମହାଧିବେଶନ ଦେଖିବାକୁ ଆସୁଥିବା ଭକ୍ତମାନେ ଏହି ଗୃହରେ ପ୍ରବେଶ କରି ଅନେକ କିଛି ଜାଣିବାକୁ ପାଉଥିବା କହିଛନ୍ତି। ବୈଦିକ ଯୁଗରୁ ଆଜିପର୍ଯ୍ୟନ୍ତ ପ୍ରତ୍ୟେକ ଚିନ୍ତାଧାରାକୁ ପ୍ରତୀକାତ୍ମକ ରୂପରେ ରୂପବନ୍ତ କରାଯାଇଛି। ଏହା ହେଉଛି ଜଗନ୍ନାଥଙ୍କ ମୂର୍ତ୍ତି ତତ୍ତ୍ୱ। ଭଗବାନଙ୍କ ସ୍ୱରୂପ, ଭଗବାନ କିଏ, ଭଗବାନ କଣ, ଜଗତ ଓ ଜଗନ୍ନାଥଙ୍କ ଦର୍ଶନ ଏହି ମୂର୍ତ୍ତି ତତ୍ତ୍ୱରେ ରହିଛି। ସେହିପରି ଜଗନ୍ନାଥ ଚେତନା ଅଧିବେଶନରେ ମହାବିଷ୍ଣୁ ମହାଯଜ୍ଞ ହେଉଛି। ଏହାର ତଥ୍ୟ ଅନୁଯାୟୀ ମହାରାଜ ଇନ୍ଦ୍ରଦ୍ୟୁମ୍ନ ପ୍ରଥମେ ଯଜ୍ଞର ସଂସ୍ଥାପକ ଅଟନ୍ତି। ମହାରାଜ ଇନ୍ଦ୍ରଦ୍ୟୁମ୍ନ ପ୍ରଥମେ ଚର୍ମ ଚକ୍ଷୁରେ ସତ୍ୟ ଯୁଗରେ ଭଗବାନଙ୍କୁ ଦର୍ଶନ କରିବାକୁ ଇଚ୍ଛା ପ୍ରକଟ କରିଥିଲେ। ସେହି ମନୋସ୍କାମନା ପରିପୂର୍ଣ୍ଣ ପାଇଁ ବ୍ରହ୍ମା ଏବଂ ନାରଦଙ୍କ ଉଦ୍ଦେଶ୍ୟରେ ଏକ ଯଜ୍ଞ କରିଥିଲେ। ପୁରୁଷୋତ୍ତମ କ୍ଷେତ୍ରରେ ଯଜ୍ଞ ହୋଇଥିଲା ଏବଂ ସେହି ଯଜ୍ଞରୁ ବୃହତ ଅତିବିଷ୍ଣୁ ଜଗନ୍ନାଥର ମୂଳ ଠାକୁର ଯଜ୍ଞ ନାରାୟଣ ରୂପରେ ପ୍ରକଟ ହୋଇଥିଲେ। ଏଣୁ ଜଗନ୍ନାଥ ଚେତନା ଅଧିବେଶନରେ ମନ୍ତ୍ର, ଯନ୍ତ୍ର, ତତ୍ତ୍ୱ ଓ ଯଜ୍ଞର ପ୍ରମୁଖ ଭୂମିକା ଥିବାରୁ ଏହାକୁ ଭକ୍ତମାନେ କିପରି ଦର୍ଶନ କରିପାରିବେ ଓ ଏହି ମନ୍ତ୍ର, ଯନ୍ତ୍ର, ତତ୍ତ୍ୱରୁ କିପରି ଆଧ୍ୟାତ୍ମିକ ଚେତନା ଜାଗ୍ରତ କରି ସାରା ବିଶ୍ୱକୁ ଆଧ୍ୟାତ୍ମିକ ଚେତନା ମାଧ୍ୟମରେ ଶାନ୍ତି ପ୍ରଦାନ କରିପାରିବେ ସେ ନେଇ ମନ୍ତ୍ର, ଯନ୍ତ୍ର, ତତ୍ତ୍ୱର ବ୍ୟାଖ୍ୟା ପ୍ରଦର୍ଶିତ କରାଯାଇଛି ବୋଲି ୩୭ତମ ଜଗନ୍ନାଥ ଚେତନା ମହାଧିବେଶନର ମୁଖ୍ୟ ଆଚାର୍ଯ୍ୟ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା ପ୍ରକାଶ କରିଛନ୍ତି।





ଯଦି ଜଣେ ତୁମଠାରୁ ଭଲ ନ ହୋଇଥାଏ,
ତା' ସହିତ ବନ୍ଧୁତା ବାନ୍ଧନାହିଁ।
- କନ୍‌ଫୁସିୟସ



# ସର୍ବଶିକ୍ଷା ଅଭିଯାନ ଦିଗହରା

ନୟାଗଡ଼ ଅଫିସ,୩।୨



ଶିକ୍ଷାରୁ ବଞ୍ଚିତ ପିଲାମାନେ।

- ଓଡ଼ଗାଁ ବ୍ଲକ ନାଣ୍ଡିଗିରି ଗ୍ରାମ
- ବିଦ୍ୟାଳୟ ନ ଥିବାରୁ ଶିକ୍ଷା ଏଠି ଅପହଞ୍ଚ
- ଗ୍ରାମର କେହି ମାଟ୍ରିକ୍ ପାସ୍ କରିନାହାନ୍ତି

୬ରୁ ୧୪ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁ ଯେପରି ଶିକ୍ଷିତ ହେବେ ସେଥିପାଇଁ ସରକାରଙ୍କ ପକ୍ଷରୁ ସର୍ବଶିକ୍ଷା ଅଭିଯାନ ଯୋଜନା କାର୍ଯ୍ୟକାରୀ ହେଉଛି। ହେଲେ ନୟାଗଡ଼ ନିର୍ବାଚନମଣ୍ଡଳୀ ଓଡ଼ଗାଁ ବ୍ଲକ ବାଣ୍ଡପୁର ପଞ୍ଚାୟତ ନାଣ୍ଡିଗିରି ଗ୍ରାମରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ସ୍ୱାଧୀନତାର ୭୧ ବର୍ଷ ପରେ ବି ଗ୍ରାମରେ ପିଲାମାନଙ୍କୁ ଶିକ୍ଷା ଦାନ କରିବା ପାଇଁ ବିଦ୍ୟାଳୟଟିଏ ନାହିଁ। ଫଳରେ ଗାଁର ପିଲାମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ବାଳକମାନେ ବୁଲୁଥିବା ବେଳେ ବାଳିକାମାନେ ଘରେ ରହିବାକୁ ବାଧ ହେଉଛନ୍ତି। ଗ୍ରାମରେ ବର୍ତ୍ତମାନ ୨୦ରୁ ଉର୍ଦ୍ଧ୍ୱ ବାଳିକା ବାଳକ ଅଛନ୍ତି। ଲିଜା ଜାନି, କୁମୁଦିନୀ ଜାନିଙ୍କ ଭଳି ଅନେକ ବାଳିକା ବାଳକଙ୍କ ଲାଗି ଶିକ୍ଷା ଅଧିକାର ଆଇନ ଯେପରି ମୂଲ୍ୟହୀନ ହୋଇପଡିଛି। ଗ୍ରାମରେ ବିଦ୍ୟାଳୟ ନ ଥିବାରୁ ଗ୍ରାମର କିଛି ଲୋକ ସେମାନଙ୍କ ପିଲାଙ୍କୁ ୩ କିଲୋମିଟର ଦୂର ଓସ୍ତିଆ ଗ୍ରାମରେ ଥିବା ବିଦ୍ୟାଳୟରେ ନାମ ଲେଖାଇଛନ୍ତି। ହେଲେ ବର୍ଷକରେ ଏମାନଙ୍କ ମଧ୍ୟରୁ କିଛି ପିଲା ୧୦ରୁ ୧୫ଦିନ ବିଦ୍ୟାଳୟ ଯାଆନ୍ତି। ପାଠ ପଢ଼ିବାକୁ ଇଚ୍ଛା ଥିଲେ ମଧ ଜଙ୍ଗଲ ଦେଇ ୩ କିଲୋମିଟର ଦୂରକୁ ଯାଇପାରନ୍ତି ନାହିଁ। ଫଳରେ ପାଠପଢ଼ା ଠପ୍ ହୋଇଯାଏ। ଏ ପର୍ଯ୍ୟନ୍ତ ଗ୍ରାମରେ କେହି ଦଶମ ଶ୍ରେଣୀ ପାସ୍ କରି ନ ଥିବା ଜଣାପଡ଼ିଛି। ଜିଲାରେ ବେଟି ବଚାଓ ବେଟି ପଢ଼ାଓ ଅଭିଯାନ ଚାଲୁଥିବା ବେଳେ ଏହି ଗ୍ରାମର ବାଳିକାମାନେ କିନ୍ତୁ ଏଥିରୁ ବଞ୍ଚିତ ହୋଇଛନ୍ତି। ସରକାର ଆଦିବାସୀ ଲୋକଙ୍କ ପାଇଁ କେତେ କ'ଣ ଯୋଜନା କରୁଥିଲେ ମଧ ଏଠାରେ ସବୁକିଛି ଅପହଞ୍ଚ। ଗ୍ରାମରେ ବିଦ୍ୟାଳୟ ଖୋଲିବା ପାଇଁ ଗ୍ରାମବାସୀ ବିଭିନ୍ନ ସମୟରେ ଆପତ୍ତି ଅଭିଯୋଗ କରିଥିଲେ ମଧ ଏ ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ପାରିନାହିଁ। ଏପରି କି ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ରଟିଏ ମଧ ନାହିଁ। ଜିଲାର ଅନେକଗୁଡ଼ିଏ ଗ୍ରାମରେ ଦୁଇଟି ଲେଖାଏ ବିଦ୍ୟାଳୟ ଥିବା ବେଳେ ଏହି ଗ୍ରାମରେ ଗୋଟିଏ ବି ବିଦ୍ୟାଳୟ ନ ଥିବା ଘଟଣା ଜିଲା ଶିକ୍ଷା ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ତରଫରୁ ରାଜୁ ଜାନି ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ଡ. ଅଭୟ କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ, ଗ୍ରାମବାସୀ ଆମ ପାଖରେ ଅଭିଯୋଗ କଲେ ଆମେ ଏହି ସମସ୍ୟା ସମାଧାନ କରିବାକୁ ଚେଷ୍ଟା କରିବୁ।

## ବଧୂ ହତ୍ୟା ଅଭିଯୋଗରେ ସ୍ୱାମୀ ଥାନାରେ ଅଟକ

**ଭାପୁର,୩।୨(ଡି.ଏନ୍.ଏ.):** ଯୌତୁକ ପାଇଁ ଫତେଗଡ ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗରେ ପୋଲିସ ତାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ନୟାଗଡ଼ ଜିଲା ଭାପୁର ବଜାରରେ ବ୍ୟବସାୟ କରୁଥିବା ବିଜୟ କୁମାର ଶର୍ମାଙ୍କ ଏକମାତ୍ର ଝିଅ ମମତା (୨୬) ୭ ବର୍ଷ ପୂର୍ବେ ଫତେଗଡ ଥାନା ବାଉଁଶବାଟୀ ପଞ୍ଚାୟତ ବାଘେଡ଼ିଆ ଗ୍ରାମର ଉମେଶ ପଣ୍ଡାଙ୍କ ପୁଅ ସୁବ୍ରତଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଉଭୟଙ୍କ ଏକ ୬ବର୍ଷର ପୁଅ ମଧ ରହିଛି। ଗତ ୧ ତାରିଖରେ ମମତା ବାପଘରକୁ ସକାଳୁ ଆସି ସନ୍ଧ୍ୟାରେ ଫେରିଯାଇଥିଲେ। ମାତ୍ର ୨ ତାରିଖ ସନ୍ଧ୍ୟାରେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଶାଶୁଘର ଲୋକେ ଏକ ଅଟୋରେ ଭାପୁର ଡାକ୍ତରଖାନାକୁ ଆଣି ଚିକିତ୍ସା ପାଇଁ ଭର୍ତ୍ତି କରି ପଳାଇଥିଲେ। ଡାକ୍ତର ଅନିତା ତ୍ରିପାଠୀ ମମତାଙ୍କୁ ମୃତ ଘୋଷଣା କରି ପୋଲିସକୁ ଖବର ଦେଇଥିଲେ। ଭାପୁର ଫାଣ୍ଡି ଅଧିକାରୀ ମୃତଦେହ ଜବତ କରିବା ସହ ସ୍ୱାମୀଙ୍କୁ ଭାପୁର ବଜାରରୁ ଧରି ଫତେଗଡ଼ ଥାନାରେ ଅଟକ ରଖିଛନ୍ତି। ମୃତା ମହିଳାଙ୍କ ବାପା ବିଜୟ ଶର୍ମା ଝିଅକୁ ନିର୍ଯାତନା ସହ ଅଧିକ ଯୌତୁକ ପାଇଁ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଲୋକମାନେ ମାରିଦେଇଥିବା ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ୧୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଭାପୁର: ୨ ବଖରା ଜଳିଗଲା

**ଭାପୁର,୩।୨(ଡି.ଏନ୍.ଏ.):** ଭାପୁର ବ୍ଲକ ବଡ଼ସହରା ପଞ୍ଚାୟତ ସାନସହରା ଗ୍ରାମରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ୨ ପରିବାରଙ୍କ ୨ ବଖରା ଗୁହାଳଘର ପୋଡି ପାଉଁଶ ହୋଇଯାଇଛି। ରାତି ୩ଟା ୨୦ମିନିଟ୍ ସମୟରେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଗ୍ରାମର ଆନନ୍ଦ ପ୍ରଧାନ ଓ ନିଧି ପ୍ରଧାନଙ୍କ ଗୁହାଳ ଘରେ ନିଆଁ ଲାଗିଥିଲା। ଗ୍ରାମବାସୀ ଗୁହାଳରୁ ଗାଈଙ୍କୁ ଫିଟାଇ ଦେବାରୁ କୌଣସି ଗୋସମ୍ପଦଙ୍କ ଜୀବନ ହାନି ହୋଇନାହିଁ। ଖବରପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।




# ଡ. ଭାରତ ଭୂଷଣ ରଥଙ୍କୁ ଯୁବ ପ୍ରତିଭା ପୁରସ୍କାର

ଖଣ୍ଡପଡ଼ା,୩।୨(ସ୍ୱ.ପ୍ର.)

ଭାପୁର ବ୍ଲକ ଅନ୍ତର୍ଗତ କେନ୍ଦୁପଲ୍ଲୀ ଗ୍ରାମରେ ଜନ୍ମିତ ତଥା ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ଭାରତ ଭୂଷଣ ରଥଙ୍କୁ ଯୁବ ପ୍ରତିଭା ପୁରସ୍କାର ପ୍ରଦାନ କରାଯାଇଛି। ବୁଧବାର କଟକ ଶତାବ୍ଦୀ ଭବନରେ ଆୟୋଜିତ ଉତ୍ସବରେ ତାଙ୍କୁ ଓଡ଼ିଆ ଏବଂ ସଂସ୍କୃତ ଭାଷାରେ ଥିବା ପାରଦର୍ଶିତା ତଥା ଯୁବ ସମାଜ ପାଇଁ ତାଙ୍କର ଉତ୍ସର୍ଗୀକୃତ କାର୍ଯ୍ୟଧାରା ନିମନ୍ତେ ଏହି ସମ୍ମାନ ପ୍ରଦାନ କରାଯାଇଛି । ଓଡ଼ିଶା ଯୁବ ଛାତ୍ର ସଂଗଠନର ଉଦ୍‌ଯାପନୀ ଦିବସ ଅବସରରେ ଅନୁଷ୍ଠିତ ଏହି ସମାବେଶରେ ଓଡିଶା ଉଚ୍ଚ ନ୍ୟାୟାଳୟ ପୂର୍ବତନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ ନାରାୟଣ ନାଇଡୁ, ସାମାଜିକ କର୍ମୀ ଇଂ. ପ୍ରଭାତ ରଞ୍ଜନ ମଲ୍ଲିକ, ଓଡିଶା ଯୁବ ଛାତ୍ର ସଂଗଠନର ସଭାପତି ଦେବାଶିଷ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେ ଏହା ପୂର୍ବରୁ ଅନେକ ଜାତୀୟ ସମ୍ମାନ ପ୍ରାପ୍ତ କରିଛନ୍ତି। ଅଧ୍ୟାପକ ଡ. ରଥ କଣ୍ଟିଲୋ ନିକଟସ୍ଥ କେନ୍ଦୁପଲ୍ଲୀ ଗ୍ରାମର ମାଧବ ଚନ୍ଦ୍ର ରଥଙ୍କ ଏକମାତ୍ର ପୁତ୍ର ଅଟନ୍ତି ।



ଅଧ୍ୟାପକ ଭାରତ ଭୂଷଣ ରଥଙ୍କୁ ସମ୍ମାନିତ କରାଯାଉଛି।

## ଖଣ୍ଡପଡ଼ା ଥାନା ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ

ଭାପୁର,୩।୨(ଡି.ଏନ୍.ଏ.)

ନୟାଗଡ଼ ଜିଲା ଫତେଗଡ଼ ଥାନା ଅଧିକାରୀ ଆଶୁତୋଷ ମିଶ୍ରଙ୍କ ୨ମାସ ହେଲା ବଦଳି ହୋଇଥିଲା। ହେଲେ ତାଙ୍କ ସ୍ଥାନରେ କୌଣସି ଅଫିସର ଆସି ନ ଥିବାରୁ ତାଙ୍କ ବଦଳିକୁ ଏସ୍‌ପି କାର୍ଯ୍ୟକାରୀ କରି ନ ଥିଲେ। ଏବେ ତାଙ୍କ ବଦଳିକୁ ଏସ୍‌ପି ମୋହର ମାରିବା ସହ ଖଣ୍ଡପଡ଼ା ଥାନା ଆଇଆଇସି ବିମଳ କୁମାର ମଲିକଙ୍କୁ ଫତେଗଡ଼ ଥାନାର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଫତେଗଡ଼ ଥାନାରେ ନୂତନ ଥାନା ଅଧିକାରୀ ନ ଆସିବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇବେ।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଇଲେକ୍ଟ୍ରୋନିକ୍ସ ଇଣ୍ଟରଲକିଂ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

**ଟେଣ୍ଡର ନଂ.-** ୬୭୦-ଏଇଆଇ-ଏନ୍‌ଆର୍-କେନ୍ଦ୍ରି-ଏମ୍‌ଏନ୍‌ଡିଏଚ୍, ତାରିଖ- ୨୮।୦୧।୨୦୧୯

**କାର୍ଯ୍ୟ:** ଦକ୍ଷିଣ ପୂର୍ବ ମଧ୍ୟ ରେଳପଥର ରାୟପୁର ଡିଭିଜନରେ ନୂଆ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ନୟା ରାୟପୁର ଏବଂ କେନ୍ଦ୍ରି ଷ୍ଟେଶନର ନୂଆ ଇଲେକ୍ଟ୍ରୋନିକ୍ସ ଇଣ୍ଟରଲକିଂ (ଡିଷ୍ଟ୍ରିବ୍ୟୁଟେଡ୍ ଟାଇପ୍)ର ଇଞ୍ଜିନିୟରିଂ କ୍ଲିୟରାନ୍ସକୁ ସୁବିଧାଜନକ କରିବା ଏବଂ ସ୍ଥାପନ/ପରୀକ୍ଷଣ/କମିଶିଂ ପାଇଁ ୟାର୍ଡରେ ଏସ୍ ଆଣ୍ଡ ଟି କ୍ଲିୟରାନ୍ସ ଏବଂ ମନ୍ଦିର ହସୌଦ ଷ୍ଟେଶନଠାରେ ବିଦ୍ୟମାନ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ (ଡିଷ୍ଟ୍ରିବ୍ୟୁଟେଡ୍ ଟାଇପ୍) (ମେସର୍ସ ମେଧା ଗଠନ)ର ପରିବର୍ତ୍ତନ/ସଂଶୋଧନ।

**ଟେଣ୍ଡର ମୂଲ୍ୟ-** ଟ.୧୫,୨୨,୭୧,୩୫୫/- (ପନ୍ଦର କୋଟି ବାଇଶ ଲକ୍ଷ ଏକସ୍ତରି ହଜାର ତିନିଶହ ପଞ୍ଚାବନ ମାତ୍ର)।

**ଇଏମ୍‌ଡି-** ଟ.୯,୧୧,୩୬୦ (ନଅଲକ୍ଷ ଏଗାର ହଜାର ତିନିଶହ ଷାଠିଏ ମାତ୍ର)।

**ଟେଣ୍ଡର ସମାପ୍ତି:** ତା୦୬।୦୩।୨୦୧୯ରିଖ ଅପରାହ୍ନ ୧୫.୩୦ ଘଟିକାରେ।

ଅଧିକ ବିବରଣୀ/ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଡେପୁଟି ସିଏସ୍‌ଟିଇ (ସିଓଏନ୍), ଏସ୍‌ଇସି ରେଳପଥ, ଶାହଡୋଲଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ କିମ୍ବା ଆମ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନଲୋଡ୍ କରନ୍ତୁ ।

ଡେପୁଟି ଚିଫ୍ ସିଗ୍ନାଲ ଆଣ୍ଡ ଟେଲିକମ୍, ଇଂ./ସିଓଏନ୍/ଶାହଡୋଲ

CPR/10/374

ସ୍ୱଚ୍ଛ ଭାରତ ଅଭିଯାନ

## ବିଦ୍ୟାଳୟ ପରିସର ଅସାମାଜିକଙ୍କ ଆଡ୍ଡାସ୍ଥଳୀ

ଖଣ୍ଡପଡ଼ା,୩।୨(ସ୍ୱ.ପ୍ର)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଖଳିସାହି ଲିଙ୍ଗରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରତ୍ୟହ ସନ୍ଧ୍ୟାରେ ନିଶା ସେବନକାରୀଙ୍କ ଆଡ୍‌ଡା ଜମୁଥିବା ଅଭିଯୋଗ ହେଉଛି। ନିଶାଖୋରମାନେ ବିଦ୍ୟାଳୟ ବାରଣ୍ଡାରେ ବସି ମଦ୍ୟପାନ କରିବା ପରେ ମଦବୋତଲ, ଗୁଟଖା ଜରି, ପାଣି ପାଉଚ୍ ଓ ସିଗାରେଟ ଖୋଳଗୁଡିକୁ ବିଦ୍ୟାଳୟ ପରିସରରେ ଏଣେତେଣେ ପକାଇ ଦେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ସ୍ଥାନୀୟ ଲୋକଙ୍କ ତାଗିଦ୍ ସତ୍ତ୍ୱେ ଏହି ଯୁବକମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଦ୍ୟାଳୟ ବାରଣ୍ଡାରେ ଭିଡ଼ ଜମାଉଥିବା ଅଭିଯୋଗ ହେଉଛି। ଏହାଦ୍ୱାରା ଶୈକ୍ଷିକ ବାତାବରଣ ନଷ୍ଟ ହେବା ସହ ଛାତ୍ରମାନଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ତେଣୁ ବିଦ୍ୟାଳୟ ପରିସରରେ ମଦ୍ୟପାନ ସମ୍ପୂର୍ଣ୍ଣ ବନ୍ଦ ନିମନ୍ତେ ବିଭିନ୍ନ ମହଲରୁ ଦାବି ହେଉଛି । ବିଦ୍ୟାଳୟ ପରିସର ସମେତ ନିକଟସ୍ଥ ଦଶଦୋଳ ଯାତ୍ରା ପଡ଼ିଆରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନିମନ୍ତେ ଅଞ୍ଚଳବାସୀ ଦାବି କରିଛନ୍ତି ।

DADLS-265



ଓଡ଼ିଶା ଶାସନ

## ଉତ୍କଳଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ

୦୪ ଫେବୃଆରୀ, ୨୦୧୯

**ସକାଳ ଘ.୧୦.୩୦ମି.**

ରାଜଭବନ ଛକସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ଶ୍ରଦ୍ଧା ସୁମନ ଅର୍ପଣ ।

**ସମୟ: ପୂର୍ବାହ୍ନ ଘ.୧୦.୪୦ମି.** **ସ୍ଥାନ : ବିଧାନସଭା ପ୍ରାଙ୍ଗଣ**

ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ବାଚସ୍ପତି, ମାନ୍ୟବର ଉପବାଚସ୍ପତି, ମାନ୍ୟବର ବିରୋଧୀ ଦଳ ନେତା, ମାନ୍ୟବର ମନ୍ତ୍ରିମଣ୍ଡଳର ବରେଣ୍ୟ ସଦସ୍ୟବୃନ୍ଦ, ମାନ୍ୟବର ସାଂସଦ ତଥା ବିଧାୟକଗଣ ଓ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ।

**ସାଧାରଣ ସଭା**

**ସମୟ : ସଂଧ୍ୟା ୬ ଘଟିକା** **ସ୍ଥାନ : ଜୟଦେବ ଭବନ**

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ପ୍ରତାପ ଜେନା, ମାନ୍ୟବର ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ ଏବଂ ସୂଚନା ଓ ଲୋକସମ୍ପର୍କ

ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ଦେବୀ ପ୍ରସାଦ ମିଶ୍ର, ମାନ୍ୟବର ବିଧାୟକ,
ଶ୍ରୀମତୀ ଜ୍ୟୋତି ରେଖା ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା, କଟକ

ମୁଖ୍ୟ ବକ୍ତା – ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ, ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର

କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ ।

ସ୍ୱରବିତାନ ଅନୁଷ୍ଠାନର କଳାକାର କୃଷ୍ଣଚନ୍ଦ୍ର ରାୟ, ଡ. ଝୁମୁକି ରଥ, ଛନ୍ଦା ମିଶ୍ର, ବିବେକ ରାଉତ, ଶିବାନି ଦାସ, ବିଭୁ ପ୍ରସାଦ ନାୟକ ଓ ପୁଷ୍ପାଞ୍ଜଳି ମହାଳିକଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଉତ୍କଳ ସମ୍ମିଳନୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

**ଲକ୍ଷ୍ମୀଧର ମହାନ୍ତି**
ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0568/1819

"ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ,
ଟାଣେ କିରେ ଗାଡ଼ି ଦାନାର ତୋବଡା
ଘୋଡ଼ା ମୁହେଁ ବନ୍ଧା ଥିଲେ ?"
– ଉତ୍କଳଗୌରବ ମଧୁସୂଦନ ଦାସ

**ଆଲ୍ଲାହାବାଦ ବ୍ୟାଙ୍କ**

ମଣ୍ଡଳ କାର୍ଯ୍ୟାଳୟ : ୩/ ୧ବି, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫, ଫୋନ୍ - (୦୬୭୪) ୨୩୬୨୩୪୨, ୨୩୬୦୪୩୩, ଫ୍ୟାକ୍ସ - ୨୩୬୨୮୩୬

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଛି । ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରୀଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ,୨୦୦୨ ଧାରା ୧୩(୨) ଅନୁଯାୟୀ ନୋଟିସ ଜାରି ପରେ ନିମ୍ନଲିଖିତ ଆକାଉଣ୍ଟଗୁଡିକର ସମ୍ପତ୍ତିଗୁଡିକୁ ଦଖଲ କରିଛନ୍ତି । ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪)ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରିବାକୁ ଅଧୀକାର ପାଇଛନ୍ତି । ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବ୍‌ସାଇଟ https://allahabadbank.auctiontiger.net ରେ ପ୍ରଦତ୍ତ ପଦ୍ଧତି ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରାଯିବ ।

**ଇ-ନିଲାମ ତାରିଖ ଓ ସମୟ: ତା ୦୮.୦୩.୨୦୧୯ (ଶୁକ୍ରବାର) ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୧.୦୦ ଘଟିକା**

**ପ୍ରସ୍ତାବ/ଇ - ନିଲାମ ପ୍ରକ୍ରିୟା ସମ୍ବନ୍ଧିୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା ୦୬.୦୩.୨୦୧୯ ରିଖ ଅପରାହ୍ନ ୫.୦୦ ଘଟିକା**

| ଶାଖାର ନାମ / ଋଣଗ୍ରହୀତା/ ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ)ଡିମାଣ୍ଡ ନୋଟିସ୍ ତାରିଖ, (ଖ)ଦଖଲ ନୋଟିସ୍ ତାରିଖ,(ଗ)ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସମ୍ପତ୍ତିର ବିବରଣୀ | କ)ସଂରକ୍ଷିତ ମୂଲ୍ୟ ଖ)ଅମାନତ ରାଶି ଗ)ବର୍ଦ୍ଧିତ ବିଡ୍ ପରିମାଣ |
|---|---|---|---|
| **ଭୁବନେଶ୍ୱର ମୁଖ୍ୟ ଶାଖା** ଋଣଗ୍ରହୀତା: ମେସର୍ସ କଟକ ଡାଇବେଟିକ୍ ରିସର୍ଚ୍ଚ ଫାଉଣ୍ଡେସନ୍, ଜାମିନ୍‌ଦାର:(୧) ଡଃ ଆଲୋକ କାନୁନ୍‌ଗୋ (ମ୍ୟାନେଜିଂ ଟ୍ରଷ୍ଟି), ପିତା-ସ୍ୱପଦମଶ୍ରୀ ବିନୋଦ, (୨) ଶ୍ରୀ ଆୟାଶ କାନ୍ତ କାନୁନ୍‌ଗୋ (ଟ୍ରଷ୍ଟି), ସମସ୍ତଙ୍କ ଠିକଣା: ୧୧୨୦, ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯ । | କ)୨୮.୦୮.୨୦୧୮ ଖ)୦୭.୧୨.୨୦୧୮ ଗ)୨୮.୦୮.୨୦୧୮ ସୁଦ୍ଧା ଟ.୨,୦୩,୮୬,୫୪୭.୦୫/- +୨୮.୦୮.୨୦୧୮ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ଡଃ ଆଲୋକ କାନୁନ୍‌ଗୋଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.-୫୧୯, ଡ୍ରଇଂ ନଂ.-ବି/୧୨୬୩, ପ୍ଲଟ ନଂ.-୧୧୨୦ (ଜିଏ ଡିପାର୍ଟମେଣ୍ଟ ପ୍ଲଟ ନଂ.-ଏ/୧), ଏରିଆ-୨.୦୦ ଏକର, ଜିଲ୍ଲା-ଖୋର୍ଦ୍ଧା, ମୌଜା-ଡୁମୁଡୁମା, ଏସ୍‌ଆରଓ-ଖଣ୍ଡଗିରି, ଥାନା ନଂ.-୦୪, ଭୁବନେଶ୍ୱର । ଚଉହଦି: ଉତର-ପ୍ଲଟ ନଂ.୪୪୩(ଆଇ.ଆଇ.ଟି.ଟି.ଏମ୍), ଦକ୍ଷିଣ-ସରକାରୀ ପ୍ଲଟ ନଂ.୧୧୨୦(ପିଟି), ପୂର୍ବ-୧୦୦'-୦' ଚଉଡା ରାସ୍ତା, ପଶ୍ଚିମ- ପିଆରଓ-୬୦'-୦' ଚଉଡା ରାସ୍ତା । | କ) ଟ.୩୪,୭୧,୭୫,୦୦୦/- ଖ) ଟ.୩,୪୭,୧୭,୫୦୦/- ଗ) ଟ.୨୫,୦୦୦/- |
| **ଭୁବନେଶ୍ୱର ମୁଖ୍ୟ ଶାଖା** ଋଣଗ୍ରହୀତା :ମେସର୍ସ କାନୁନ୍‌ଗୋ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡାଇବେଟିସ୍ ସ୍ପେସିଆଲିଟିସ୍ ପ୍ରା.ଲିଃ, ଜାମିନ୍‌ଦାର: (୧) ଡଃ ଆଲୋକ କାନୁନ୍‌ଗୋ (ପରିଚାଳନା ନିର୍ଦ୍ଦେଶକ), ପିତା-ସ୍ୱପଦମଶ୍ରୀ ବିନୋଦ, ଠିକଣା: ୧୧୨୦, ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯, (୨)ଶ୍ରୀମତୀ ମମତା ତ୍ରିପାଠୀ (ନିର୍ଦ୍ଦେଶକ), ଠିକଣା: ଫ୍ଲାଟ ନଂ.-୩୦୨, ଆକରକ୍ସ ରାଧାଗୋବିନ୍ଦ ଏନ୍‌କ୍ଲେଭ, ଏନ୍୪/୪୨, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫ । | କ)୨୮.୦୯.୨୦୧୮ ଖ)୦୭.୧୨.୨୦୧୮ ଗ)୨୮.୦୯.୨୦୧୮ ସୁଦ୍ଧା ଟ.୨,୪୨,୮୭,୮୩୮.୫୦/- +୨୮.୦୯.୨୦୧୮ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ଡଃ ଆଲୋକ କାନୁନ୍‌ଗୋଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.-୧-ସି/୨୩, ସେକ୍ଟର-୯, ସା/ପୋ-ମର୍କତ ନଗର, ଥାନା-ବିଡାନାସୀ, ଜିଲ୍ଲା-କଟକ, ଏରିଆ-୨୪୦୦ ବର୍ଗଫୁଟ । ଚଉହଦି: ଉତର-୯ ମିଟର ଚଉଡା ରାସ୍ତା, ଦକ୍ଷିଣ-ପ୍ଲଟ ନଂ.-୧-ସି/୨୪, ପୂର୍ବ-ପ୍ଲଟ ନଂ.୧-ସି/୨୨, ପଶ୍ଚିମ-୧୨ ମିଟର ଚଉଡା ରାସ୍ତା । | କ) ଟ.୧,୩୯,୭୦,୦୦୦/- ଖ) ଟ.୧୩,୯୭,୦୦୦/- ଗ) ଟ.୨୫,୦୦୦/- |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**

୧) ଇ - ନିଲାମ ପ୍ଲାଟଫର୍ମ (https://allahabadbank.auctiontiger.net) ଆମର ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର), ପଞ୍ଜିକୃତ କାର୍ଯ୍ୟାଳୟ : ଅହମ୍ମଦାବାଦ, ଯୋଗାଯୋଗ ନଂ. : ୦୭୯-୪୦୨୩୦୮୨୪/୮୨୩/୮୨୧ ଏବଂ ମୋବାଇଲ୍ ନଂ. ଶ୍ରୀ ରାମ ଶର୍ମା କିମ୍ବା ଶ୍ରୀ ରାକେଶ ନାୟକ -୦୮୦୦୦୦୨୩୨୯୭, ୦୯୯୩୭୨୨୦୩୧୯ ଦ୍ୱାରା ପ୍ରଦାନ କରାଯିବ । ଆବଶ୍ୟକମତେ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ EMD ଜମା କରିଥିଲେ ଏହି ସେବା ପ୍ରଦାନକାରୀ ମଧ୍ୟ ଇ - ନିଲାମ ତାଲିମ ଏବଂ ଡେମୋନଷ୍ଟ୍ରେସନ ପ୍ରଦାନ କରିପାରିବେ ।
୨) ଇ - ନିଲାମରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଅଂଶଗ୍ରହଣକାରୀମାନେ ସେବାପ୍ରଦାନକାରୀଙ୍କ ଉପରୋକ୍ତ ୱେବସାଇଟରୁ ବିନା ଶୁଳ୍କରେ ବିକ୍ରୟ ନୋଟିସ୍, ନିୟମ ଏବଂ ସର୍ତ୍ତାବଳୀ, ଇ - ନିଲାମ କାର୍ଯ୍ୟକାରୀ ପ୍ରକ୍ରିୟା ମାର୍ଗଦର୍ଶିକା ପୁସ୍ତିକା ଏବଂ ଇ - ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ ଫର୍ମ ଯାହାକି ଉପଦର୍ଶିତ ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର) ଅହମ୍ମଦାବାଦ, ଇଣ୍ଟରନେଟରୁ ଡାଉନଲୋଡ କରିପାରିବେ ।
୩) ଇଚ୍ଛୁକ ନିଲାମଧାରୀମାନେ ଇ - ନିଲାମ ସେବା ପ୍ରଦାନକାରୀଙ୍କ ୱେବସାଇଟ https://allahabadbank.auctiontiger.net ଦ୍ୱାରା ଇ - ନିଲାମରେ ଅଂଶଗ୍ରହଣ କରିପାରିବେ । ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ତା ୦୬.୦୨.୨୦୧୯ ରିଖ ପରଠାରୁ www.tenders.gov.in and https://allahabadbank.auctiontiger.net ଦେଖନ୍ତୁ ।
ଦ୍ରଷ୍ଟବ୍ୟ: ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଜାମିନଦାର /ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ତାରିଖରେ ନିଲାମ ବିକ୍ରୟ ସମ୍ପନ୍ନ ହେବ ।

ସ୍ଥାନ-ଭୁବନେଶ୍ୱର, ତାରିଖ- ୦୨.୦୨.୨୦୧୯ ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ

- ନୂଆଗାଁ ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଯାପିତ

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦର୍ଶକ ବିଭୋର

ନୂଆଗାଁ,୩।୨ (ଡି.ଏନ.ଏ.)




ସ୍ଥାନୀୟ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

ନୟାଗଡ଼ ଜିଲା ନୂଆଗାଁ ହାଇସ୍କୁଲ ପଡିଆରେ ତିନିଦିନ ଧରି ଚାଲିଥିବା ପଞ୍ଚୁପାଣ୍ଡବ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ୨୦୧୯ ରବିବାର ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦର୍ଶକ ବିଭୋର ହୋଇଉଠିଥିଲେ। ଆୟୋଜିତ ସଭାରେ ଜିଲା ଆରକ୍ଷୀ ଅଧୀକ୍ଷକ ଶଶିଭୂଷଣ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖପତ୍ର ପାଞ୍ଚାଳୀର ଶୁଭ ଉନ୍ମୋଚନ କରିଥିଲେ। ଡ. ବିଜୟ କୁମାର ଚୌଧୁରୀ ମୁଖ୍ୟବକ୍ତା ଓ ନୂଆଗାଁ ବ୍ଲକ ଜିଲା ପରିଷଦ ସଭ୍ୟ ନସିର ଅହମ୍ମଦ, ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସାହୁ, ନୂଆଗାଁ ସମିତି ସଭ୍ୟ ରମେଶ ଚନ୍ଦ୍ର ପ୍ରଧାନ, ମାଇଛେଳି, ନୂଆଗାଁ, ଜାକେଡା ପଞ୍ଚାୟତର ସରପଞ୍ଚ, ପୂର୍ବତନ ସମିତି ସଭ୍ୟ ଗୋପବନ୍ଧୁ ଖଣ୍ଟୁଆଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନୂଆଗାଁ ସମିତି ସଭ୍ୟ ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ତିନିଦିନ ଧରି ଚାଲିଥିବା ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଶ୍ୱଜିତ ଖଣ୍ଟୁଆଳ ପରିଚାଳନା କରିଥିଲେ। ଟେଲି ତାରକା ରୋଜାଲିନ ମହାନ୍ତି ଆଙ୍କରିଂ ଦାୟିତ୍ୱ ତୁଲାଇଥିଲେ। ପଲ୍ଲିଶ୍ରୀ ମେଳା ହୋଇଥିଲେ ମଧ୍ୟ କୌଣସି ସ୍ୱୟଂସହାୟକ ଗୋଷ୍ଠୀର ଷ୍ଟଲ ଆସି ନ ଥିଲା। ନିମନ୍ତ୍ରଣ ପତ୍ରରେ ଉଲ୍ଲେଖ ଥିବା ବହୁ ପ୍ରଶାସନିକ ଅଧିକାରୀ ଓ ଅତିଥି ଆସି ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ଅନ୍ତିମ ଦିବସରେ ମଧ୍ୟ ସ୍ଥାନୀୟ କୁନି କଳାକାରମାନେ ନୃତ୍ୟ ପରିବେଷଣ କରି ପ୍ରତିଭା ଦେଖାଇଥିଲେ। ଭୁବନେଶ୍ୱରରୁ ଆସିଥିବା ଶିଳ୍ପିକା ଡ୍ୟାନ୍ସ ଗ୍ରୁପ୍ ଓ ନୟାଗଡ଼ ଡେଭିଲ ଡ୍ୟାନ୍ସ ଗ୍ରୁପ୍ ନୃତ୍ୟ ଶୀତୁଆ ସନ୍ଧ୍ୟାରେ ଦର୍ଶକଙ୍କୁ ବାନ୍ଧିରଖିଥିଲା। ମହୋତ୍ସବ ଆୟୋଜନ କରିବାରେ ବିଶ୍ୱଜିତ ଖଣ୍ଟୁଆଳ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ମାନସ କୁମାର ନାୟକ, ଜିତେନ୍ଦ୍ର କୁମାର ପରିଡା ପ୍ରମୁଖ ସହଯୋଗ କରିଥିଲେ।



ଜରା, ବ୍ୟାଧି ଓ ମୃତ୍ୟୁ ତୁମ ଜୀବନରେ ନିଶ୍ଚୟ ଆସିବ। ଏହାକୁ ସର୍ବଦା ସ୍ମରଣ ରଖ।

- ଗୌତମବୁଦ୍ଧ



## ସଂକ୍ଷେପରେ

### ଧାନମଣ୍ଡି ଖୋଲିବା ଦାବିରେ ଧାରଣା ଧମକ

**ରଣପୁର,୩।୨(ସ୍ୱ.ପ୍ର.):** ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମ ପଞ୍ଚାୟତସ୍ଥ ସୁନାଖଳା ସମବାୟ ବ୍ୟାଙ୍କ ଅଧୀନରେ ଏକ ଧାନ ମଣ୍ଡି ଖୋଲାଯାଇ ଧାନ ସଂଗ୍ରହ କରାଯାଉଥିଲା। ତେବେ ସମ୍ପ୍ରତି ଉଦ୍ଦେଶ୍ୟମୂଳକ ଭାବେ ଏହି ଧାନମଣ୍ଡିକୁ ବନ୍ଦ କରିଦିଆଯାଇଛି ବୋଲି ସ୍ଥାନୀୟ ଚାଷୀମାନେ ଅଭିଯୋଗ କରୁଛନ୍ତି। ଯାହାଫଳରେ ଚାଷୀମାନେ ଧାନର ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଚାଷୀମାନେ ବାରମ୍ବାର ଧାନମଣ୍ଡି ଖୋଲିବା ପାଇଁ ଅଭିଯୋଗ କରୁଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ଫେବୃୟାରୀ ୫ ସୁଦ୍ଧା ଧାନମଣ୍ଡି ଖୋଲା ନ ଗଲେ ଚାଷୀମାନେ ବାଧ ହୋଇ ୬ ତାରିଖଠାରୁ ସୁନାଖଳା ସମବାୟ ବ୍ୟାଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଧମକ ଦେଇଛନ୍ତି।

### ଯୁବକଙ୍କୁ ଛୁରାମାଡ଼, କାରଣ ଅସ୍ପଷ୍ଟ

**ପୁରୀ ଅଫିସ, ୩।୨:** କୁମ୍ଭାରପଡା ଥାନା ଅଧୀନ ମେଡିକାଲ ଛକ ବିଶାଳ ମେଗାମାର୍ଟ ନିକଟରେ ରବିବାର ରାତିରେ ଜଣେ ଯୁବକଙ୍କୁ ଛୁରାମାଡ ହୋଇଛି। ଯୁବକ ଜଣକ ହେଲେ ବାସେଲି ସାହିର ନିଖିଳ ଷଡ଼ଙ୍ଗୀ(୨୨)। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପୁରୀ ମେଡିକାଲ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଆରମ୍ଭ କରିଛି। ଛୁରାମାଡର କାରଣ ଅସ୍ପଷ୍ଟ ରହିଛି। ମିଳିଥିବା ସୂଚନା ପ୍ରକାରେ, ନିଖିଳ ବାଇକରେ ସେହି ରାସ୍ତା ଦେଇ ଯିବା ସମୟରେ କୌଣସି ଏକ ଯୁବକଙ୍କ ସହ ପାଟିତୁଣ୍ଡ ହୋଇଥିଲା। ଯୁବକ ଜଣକ ଉତ୍ତେଜିତ ହୋଇ ଏକ ଧାରୁଆ ଛୁରୀରେ ତାଙ୍କ ପେଟକୁ ଭୁଷି ଫେରାର ହୋଇଯାଇଥିଲେ। ଖବରପାଇ ପିସିଆର ପୋଲିସ ଏବଂ ସମ୍ପର୍କୀୟ ପହଞ୍ଚି ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ।

### ସଂଗ୍ରାମୀ ଶହୀଦ ପୁସ୍ତକ ଉନ୍ମୋଚିତ



**ରଣପୁର,୩।୨(ସ୍ୱ.ପ୍ର.):** ନୟାଗଡ଼ ଜିଲା ରଣପୁର ଅଞ୍ଚଳର ଇତିହାସ ତଥା ଶହୀଦ ରଘୁ ଦିବାକର ଏବଂ ଅର୍ଜୁନ ରାଉତଙ୍କ ଜୀବନାଦର୍ଶ, ସେମାନଙ୍କ ସ୍ମୃତି ଚାରଣ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଭାଗୀରଥି ରାଉତରାୟ'ଙ୍କ ଲିଖିତ 'ଏକ ସଂଗ୍ରାମୀ ଶହୀଦ' ପୁସ୍ତକକୁ ପ୍ରତିଭାରାଣୀ ମହାନ୍ତି ପ୍ରକାଶନ କରିବା ସହିତ ରବିବାର ରଣପୁର ଅଧିଷ୍ଠାତ୍ରୀ ଦେବୀ ମା' ମଣିନାଗଙ୍କ ପବିତ୍ର ପୀଠରେ ଏହାକୁ ଉନ୍ମୋଚନ କରିଛନ୍ତି। ବିଧାୟକ ରବି ନାରାୟଣ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକ, ଦିଲୀପ ହାଲୀ, ଐତିହାସିକ ସତ୍ୟବାଦୀ ବଳିୟାରସିଂ ପ୍ରମୁଖ ଯୋଗଦେଇଥିଲେ। ଶହୀଦଙ୍କ ଦାୟାଦମାନଙ୍କୁ ସଭାରେ ସମ୍ମାନିତ କରାଯାଇଥିଲା।

### ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ବାର୍ଷିକ ମହୋତ୍ସବ



**ଗଣିଆ,୩।୨(ଡି.ଏନ.ଏ.):** ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତ ମାଳତିପୁଟ ଗ୍ରାମସ୍ଥିତ ସତ୍‌ସଙ୍ଗ କେନ୍ଦ୍ର ପରିସରରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୧ତମ ଜନ୍ମ ବାର୍ଷିକ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ରାହ୍ମମୁହୂର୍ତ୍ତରେ ବେଦମାଙ୍ଗଳିକ ଓ ନହବତ, ପ୍ରତ୍ୟୁଷରେ ଉଷାକୀର୍ତ୍ତନ, ପୂର୍ବାହ୍ନରେ ସମବେତ ପ୍ରଭାତ ବିନତି ପ୍ରାର୍ଥନା, ନଗରକୀର୍ତ୍ତନ, ସଙ୍ଗୀତାଞ୍ଜଳି ଅନୁଷ୍ଠିତ ହୋଇଥିଲା। ପରେ ମଧ୍ୟାହ୍ନରେ ସତ୍‌ସଙ୍ଗ ସଦାଲୋଚନା, ସନ୍ଧ୍ୟାରେ ସମବେତ ବିନତୀ ପ୍ରାର୍ଥନା ଓ ବିବିଧ ମାଙ୍ଗଳିକ ଅନୁଷ୍ଠାନାଦି କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଟକରୁ ସହପ୍ରତିଋତ୍ୱିକ୍ ପ୍ରକାଶ କୁମାର ଶତପଥୀ, ସତ୍ୟବ୍ରତ ସାହୁ, ମନୋଜ କୁମାର ରାଉତ, ଯାଜକ କର୍ମୀ ତଥା ସତ୍‌ସଙ୍ଗ କେନ୍ଦ୍ର ସଭାପତି ଶୋଭନ କୁମାର ମହାକୁଡଙ୍କ ସମେତ ଗଣିଆ ଓ ଦଶପଲ୍ଲା ମଣ୍ଡଳର ବହୁ ସଂଖ୍ୟକ ଗୁରୁଭାଇ ଓ ମା'ମାନେ ଯୋଗଦେଇଥିଲେ।

## ଶ୍ରୀ ନୀଳାଚଳ ତତ୍ତ୍ୱାନୁସନ୍ଧାନ ପରିଷଦର ମାସିକ ଆଲୋଚନାଚକ୍ର

# ମାସ ମଧ୍ୟରେ ମାଘ ମାସ ସ୍ୱତନ୍ତ୍ର

**ପୁରୀ ଅଫିସ, ୩।୨**

ଶ୍ରୀନୀଳାଚଳ ତତ୍ତ୍ୱାନୁସନ୍ଧାନ ପରିଷଦର ମାସିକ ଆଲୋଚନା ଚକ୍ର ଶ୍ରୀ ଭାବକୁଣ୍ଡଳେଶ୍ୱର ପୀଠରେ ରବିବାର ଅନୁଷ୍ଠିତ ହୋଇଥିଲା। ସଂସ୍କୃତି ଗବେଷକ ତଥା ଶିକ୍ଷାବିତ୍ ଉମେଶ ଚନ୍ଦ୍ର ଚିହ୍ନରା ଏଥିରେ ସଭାପତିତ୍ୱ କରିଥିଲେ। ମାଘ ମାସରେ ପର୍ବ ଉତ୍ସବ ଯାତ୍ରା ଶୀର୍ଷକ ଆଲୋଚନା ଚକ୍ରରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ଡ.ନରେଶ ଦାଶ ଆଲୋଚନା ଆରମ୍ଭ କରି କହିଲେ ଯେ, ମାଘ ନକ୍ଷତ୍ର ଯୁକ୍ତ ପୂର୍ଣ୍ଣମୀ ହେଉଥିବାରୁ ମାସର ନାମ ମାଘ। ଏହି ମାସର ଆରାଧଦେବତା ହେଉଛନ୍ତି ମାଧବ। ମାସମାନଙ୍କ ମଧ୍ୟରେ ମାଘ ମାସ ଅତ୍ୟନ୍ତ ଦୁର୍ଲ୍ଲଭ। ଏହି ମାସ ପୁନ୍ୟାର୍ଜନ ନିମନ୍ତେ ସର୍ବୋତ୍କୃଷ୍ଟ। ପଦ୍ମପୁରାଣ ଉତ୍ତର ଖଣ୍ଡରେ ମାଘ ମାସର ମାହାତ୍ମ୍ୟ ସମ୍ପର୍କରେ ବସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି। କବି ଦୀନକୃଷ୍ଣ ମାଘ ମାସ ସମ୍ପର୍କରେ ଓଡ଼ିଆରେ ୩୧ଟି ଅଧ୍ୟାୟ ବିଶିଷ୍ଟ ପୁସ୍ତକ ରଚନା କରିଛନ୍ତି। ପରମବ୍ରହ୍ମ ଶ୍ରୀଜଗନ୍ନାଥଙ୍କ ଆଜ୍ଞାନୁସାରେ ସେ ଏହି ମାହାତ୍ମ୍ୟ ରଚନା କରିଥିବା ଉଲ୍ଲେଖ ରହିଛି। ଏହି ମାସରେ ଶ୍ରୀମନ୍ଦିରରେ ଅନେକ ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ। ମାଘ ମାସରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ମଧ୍ୟରେ ପଦ୍ମବେଶ ଓ ଗଜଉଦ୍ଧାରଣ ବେଶ ଉଲ୍ଲେଖଯୋଗ୍ୟ। ଶ୍ରୀଜଗନ୍ନାଥଙ୍କ ପଦ୍ମବେଶ ପ୍ରାୟ ତିନିଶହ ବର୍ଷରୁ ଉର୍ଦ୍ଧ୍ୱ ହେବ ଅନୁଷ୍ଠିତ ହୋଇ ଆସୁଛି। ବଡଛତାମଠ ମହନ୍ତ ଶ୍ରୀରଘୁବୀର ଦାସ(ସପ୍ତଦଶ ଶତାବ୍ଦୀ) ଏହି ବେଶ ଆରମ୍ଭ କରିଥିଲେ। ପରମ୍ପରା ଅନୁସାରେ ମାଘ ଅମାବାସ୍ୟାଠାରୁ ବସନ୍ତ ପଞ୍ଚମୀ ମଧ୍ୟରେ ଶନିବାର ବା ବୁଧବାର ପଡିଲେ ପଦ୍ମବେଶ ଅନୁଷ୍ଠିତ ହୋଇଥାଏ। ମାଘ ଶୁକ୍ଳ ପଞ୍ଚମୀରେ ଶ୍ରୀଜୀଉମାନଙ୍କ ଘୋଡଉଲାଗି ହୁଏ। ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ, ବସନ୍ତ ଗୁଣ୍ଡିଚା ତୋଟାକୁ ବିଜେ କରନ୍ତି। ସେଠାରେ ଜଉଡାବ ଖେଳ, ଶୀତଳଭୋଗ, ପ୍ରସାଦ ଲାଗି ବନ୍ଦାପନା ନୀତି ହୁଏ। ଜଗନ୍ନାଥବଲ୍ଲଭ ମଠ ପରିସରରେ ବେଣ୍ଟବିନ୍ଧା ନୀତି ଅନୁଷ୍ଠିତ ହୋଇଥାଏ। ସନ୍ଧ୍ୟାଧୂପ ପରେ ମାତା ସରସ୍ୱତୀଙ୍କ ମନ୍ଦିରରେ ପାଞ୍ଜିପୂଜା ହୁଏ। ସନ୍ଧ୍ୟାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ରଥ ନିର୍ମାଣ ନିମିତ୍ତ ୩ଟି କାଠ ରଖାଯାଇ ଅନୁକୂଳ ପୂଜା ହୁଏ। ରଥ ମହୋତ୍ସବର ଶୁଭାରମ୍ଭ ଏହି ତିଥିରୁ ଆରମ୍ଭ ହୁଏ। ତିଳ ସପ୍ତମୀ ବା ମାଘ ଶୁକ୍ଳସପ୍ତମୀରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପନୀତି ପରେ ଭିତର ବେଢା ସ୍ଥିତ ସୂର୍ଯ୍ୟନାରାୟଣଙ୍କ ମନ୍ଦିରରେ ଠାକୁରଙ୍କ ନୂଆଲୁଗା ଲାଗି, ଚନ୍ଦନ ଲାଗି ଆଦି ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୁଏ। ଭୌମ୍ୟ ଏକାଦଶୀ ବା ମାଘ ଶୁକ୍ଳ ଏକାଦଶୀରେ ଶ୍ରୀଜୀଉଙ୍କ ପଞ୍ଚାମୃତ ମହାସ୍ନାନ ପରେ ଚନ୍ଦନ ସର୍ବାଙ୍ଗ ବିଜେ ହୋଇଥାଏ। ଏହି ଆଲୋଚନା ଚକ୍ରରେ ଡ.ପ୍ୟାରୀମୋହନ ପଟ୍ଟନାୟକ, ଅନାମ ଚନ୍ଦ୍ର ସାହୁ, ସତ୍ୟନାରାୟଣ ମିଶ୍ର, ଡ.ନୃସିଂହଚରଣ ସାହୁ, ଅଧ୍ୟାପକ ଶରତ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ଉମାକାନ୍ତ ମହାପାତ୍ର, ଆଦି ନାରାୟଣ ମହାରଣା, କ୍ରିଷ୍ଣା ମହାପାତ୍ର, ଅନ୍ନପୂର୍ଣ୍ଣା ଦେବୀ, ନବକିଶୋର ସାହୁ, ସୁଜାତା ସିହ୍ନା, ଶିଳାରାଣୀ ମିଶ୍ର, ନବକିଶୋର ରଥ, ବାସୁଦେବ ସାହୁ, ଗୌରାଙ୍ଗ ଦାସ ଓ ବିଶ୍ୱରଞ୍ଜନ ପତି ପ୍ରମୁଖ ଯୋଗଦାନ କରିଥିଲେ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ



ଠାକୁର ଅନୁକୂଳଚନ୍ଦ୍ରଙ୍କ ଫଟୋ ପୂଜା ପାଉଛନ୍ତି।

**ରଣପୁର, ୩।୨(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ହାଟସାହିସ୍ଥିତ ଗୁଣ୍ଡିଚା ମନ୍ଦିରଠାରେ ରବିବାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୧ ତମ ଜନ୍ମ ମହୋତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ସକାଳେ ପ୍ରାତଃ ବିନତୀ, ନଗର କୀର୍ତ୍ତନ, ସଙ୍ଗୀତାଞ୍ଜଳି ଓ ଏକ ସୁସଜ୍ଜିତ ବିମାନରେ ଠାକୁରଙ୍କ ତୈଳଚିତ୍ରକୁ ଭଜନ, କୀର୍ତ୍ତନ ସହ ସହର ପରିକ୍ରମା କରାଯାଇଥିଲା। ଗୁଣ୍ଡିଚା ମନ୍ଦିର ପରିସରରେ ସଭାପତି ପ୍ରଭାକର ରଥଙ୍କ ସଭାପତିତ୍ୱରେ ଏକ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଷ୍ଣୁ ପ୍ରସାଦ ଉପାଧ୍ୟାୟ ଠାକୁରଙ୍କ ଆଧ୍ୟାତ୍ମିକ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ମାଧବ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ। ଶେଷରେ ଆନନ୍ଦ ବଜାର ଅନୁଷ୍ଠିତ ହୋଇଥିଲା।

## ରାଜ୍ୟସ୍ତରୀୟ ମହାବୀର କପ୍ କ୍ରିକେଟ ଉଦ୍‌ଘାଟିତ

# ପ୍ରଥମ ମ୍ୟାଚରେ ବାଙ୍କୀ ବିଜୟୀ



ଖେଳାଳିମାନଙ୍କ ସହ ଅତିଥିମାନେ।

**ଗଣିଆ,୩।୨(ଡି.ଏନ.ଏ.)**

ଗଣିଆ ବ୍ଲକର ଗଣିଆସ୍ଥିତ ମହାବୀର ସାଂସ୍କୃତିକ ପରିଷଦ ତରଫରୁ ରବିବାର ୧୦ମ ବାର୍ଷିକୀ ରାଜ୍ୟସ୍ତରୀୟ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ପରିଷଦ ଖେଳପଡିଆରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ବାଙ୍କୀ ଆଥ୍‌ଲେଟିକ୍ ଆସୋସିଏଶନ ବିଜୟୀ ହୋଇଛି। ମାଜେଷ୍ଟିକ୍ କ୍ରିକେଟ କ୍ଲବ ଆଠଗଡ ପ୍ରଥମେ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଦଳ ୯ ଉଇକେଟ ବିନିମୟରେ ୧୭୨ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଙ୍କୀ ଆଥଲେଟିକ୍ ଆସୋସିଏଶନ ୧୭.୧ ଓଭରରେ ୩ ଉଇକେଟ ହରାଇ ୧୭୩ରନ୍ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ସବିର ବେହେରାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍, ହ୍ୟାଟ୍ରିକ ଛକା ପାଇଁ ବିଶ୍ୱରଞ୍ଜନ ମହାପାତ୍ର ଓ ହ୍ୟାଟ୍ରିକ୍ ଚୌକା ପାଇଁ ଆଦର୍ଶ ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜକ ମହାବୀର ସାଂସ୍କୃତିକ ପରିଷଦ ସଭାପତି ଦେବାନନ୍ଦ ମିଶ୍ର ଓ ସମ୍ପାଦକ ବିଶ୍ୱରଞ୍ଜନ ସେଠୀ ପତାକା ଦେଖାଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମହେଶ୍ୱର ମହାରଣା ଓ ତ୍ରିଲୋଚନ ବସ୍ତି ଖେଳ ପରିଚାଳନା କରିଥିଲେ। ଗଣିଆ ବ୍ଲକ ସରପଞ୍ଚ ସଂଘ ସଭାପତି ପ୍ରଫୁଲ୍ଲ କୁମାର ବେହେରା, କରଡାପଡା ସରପଞ୍ଚ ବେଣୁଧର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସୋମବାର ଡ୍ରିମ୍ ବଏଜ ଖୋର୍ଦ୍ଧା ଓ ଷ୍ଟାର କ୍ରିକେଟ ଆଠଗଡ ମଧ୍ୟରେ ଦ୍ୱିତୀୟ ଲିଗ୍ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ତରଫରୁ ସୂଚନା ମିଳିଛି।

## ଯୁବକ ସଂଘର ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ

**କୃଷ୍ଣପ୍ରସାଦ,୩।୨(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳକୁ ପ୍ଲାଷ୍ଟିକ୍ ମୁକ୍ତ ଅଞ୍ଚଳ କରିବା ପାଇଁ ଏକ ଯୁବକ ସଂଘର ସଦସ୍ୟମାନେ ଅଣ୍ଟା ଭିଡ଼ିଛନ୍ତି। ଏଥିପାଇଁ ୨୦୧୮ ଜୁଲାଇ ୩ ରୁ 'ମେ ଆଇ ହେଲ୍ପ ୟୁ' ନାମରେ ଏହି ସଂଗଠନ ଆରମ୍ଭ ହୋଇଛି। ସଦସ୍ୟମାନେ ପ୍ରତି ରବିବାର ବ୍ଲକର ବିଭିନ୍ନ ଗ୍ରାମ, ବଜାର, ମନ୍ଦିର ଓ ଛକ ଆଦି ବୁଲି ବୁଲି ପ୍ଲାଷ୍ଟିକ୍ ସଫା କରୁଛନ୍ତି। ସଂଗଠନର ୪୦ ଜଣ ଯୁବକ ସାଇକେଲ ରାଲିରେ ବାହାରି ପ୍ଲାଷ୍ଟିକ୍‌ର ହାନିକାରକ ପ୍ରଭାବ ସମ୍ପର୍କରେ ସଚେତନତାପୂର୍ବକ ସ୍ଲୋଗାନ ଦେଉଛନ୍ତି। ସଂଗଠନର ମୁଖ୍ୟ ପରିଚାଳକ ବିଷ୍ଣୁପ୍ରସାଦ ବେହେରା କୁହନ୍ତି, ମେ ଆଇ ହେଲ୍ପ ୟୁ ଦ୍ୱାରା ଅଞ୍ଚଳକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ସହ ସ୍ୱଚ୍ଛ ପରିବେଶ ସୃଷ୍ଟି କରିବା ଆମର ଲକ୍ଷ୍ୟ। କେବଳ ପ୍ଲାଷ୍ଟିକ ମୁକ୍ତ ନୁହେଁ, ଯେ କୌଣସି ସମୟରେ ଅସୁବିଧାରେ ପଡ଼ିଥିବା ବ୍ୟକ୍ତିଙ୍କୁ ତୁରନ୍ତ ସହାୟତା ନିମନ୍ତେ ଆମେ ସେଠାରେ ପହଞ୍ଚିଯିବୁ।

## ପ୍ରଣବ ମେମୋରିଆଲ ଫୁଟ୍‌ବଲ

# ରାଜ ସୁନାଖଳା ଚାମ୍ପିୟନ

**ବୋଲଗଡ଼,୩।୨(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଆରିକମା ସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ୭ ଦିନ ଧରି ଚାଲିଥିବା ପ୍ରଣବ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜସୁନାଖଳା ଫୁଟ୍‌ବଲ ଟିମ୍ ଚାମ୍ପିୟନ ହୋଇଛି। ଇଟାମାଟିର ଯଦୁମଣି କ୍ଲବ୍ ଓ ରାଜସୁନାଖଳାର ଆଦର୍ଶ କ୍ଲବ୍ ମଧ୍ୟରେ ଖେଳ ହୋଇଥିବାବେଳେ ଉଭୟ ଟିମ୍ ପରସ୍ପର ବିପକ୍ଷରେ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ଫଳରେ ଟାଏବ୍ରେକର ସହାୟତାରେ ରାଜସୁନାଖଳା ଟିମ ୪-୨ ଗୋଲ୍ ବ୍ୟବଧାନରେ ଚାମ୍ପିୟନ ହୋଇଛି। ଅତିଥି ଭାବେ ଭାଜପା ନେତା ପ୍ରକାଶ ବିଜୁଳି, ଅବସରପ୍ରାପ୍ତ ପ୍ରଫେସର ପ୍ରଫୁଲ୍ଲ କୁମାର ଯତି, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ଯୋଗଦେଇ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ ସହ ପୁରସ୍କୃତ କରିଥିଲେ। ରବିନାରାୟଣ ରଣା ଖେଳ ପରିଚାଳନା କରିଥିବା ବେଳେ ପ୍ରଦୀପ କୁମାର ଓ କୁଞ୍ଜ ବିଶ୍ୱାଳ ଲାଏନ୍ସରେ ସହାୟତା କରିଥିଲେ।



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ ଟ୍ରଫି ଗ୍ରହଣ କରୁଛନ୍ତି।

# ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀଙ୍କ ଆନ୍ଦୋଳନ ୬ରୁ

**ନୟାଗଡ଼ ଅଫିସ,୩।୨**



ବୈଠକରେ ଯୋଗଦେଇଥିବା କର୍ମଚାରୀମାନେ।

ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ୬ ଦଫା ଦାବିରେ ଚଳିତମାସ ୬ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛି। ସପ୍ତମ ବେତନ କମିଶନଙ୍କ ସୁପାରିସ ଅନୁଯାୟୀ ସର୍ବନିମ୍ନ ଦରମା ପ୍ରଦାନ, ସରକାରୀ କର୍ମଚାରୀଙ୍କ ଭଳି ଭତ୍ତା ଓ ଅନ୍ୟାନ୍ୟ ସୁବିଧା, ଚାକିରି ନିୟମିତ କରିବା, କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍)ର ବ୍ୟବସ୍ଥା, ପର୍‌ଫର୍ମାନ୍ସ ଇନ୍‌ସେନଟିଭ୍ ଉଚ୍ଛେଦ, ଇଏସ୍‌ଆଇ ଓ କ୍ୟାଶ୍‌ଲେସ୍ ହେଲଥ୍ ଇନସ୍ୟୁରାନ୍ସ ପଲିସି ଲାଗୁ, ହାଉସ୍ ରେଣ୍ଟ ସହିତ ଲୟାଲିଟି ବୋନସ୍ ପ୍ରଦାନ ଭଳି ୬ଦଫା ଦାବିରେ କର୍ମଚାରୀମାନେ ଲୋୟର ପିଏମଜିଠାରେ ଧାରଣା ଦେବେ ବୋଲି ନୟାଗଡ଼ ଜିଲା ସଭାପତି ଶୁଭ ସଙ୍କେତ ପଣ୍ଡା ସୂଚନା ଦେଇଛନ୍ତି। ରବିବାର ଏକ ପ୍ରସ୍ତୁତି ବୈଠକ କରି ରାଜ୍ୟ ସଂଘ ଆହ୍ୱାନକ୍ରମେ ଧାରଣାରେ ସାମିଲ ହେବା ପାଇଁ କର୍ମଚାରୀମାନଙ୍କୁ କୁହାଯାଇଥିଲା। କମିଟି ପକ୍ଷରୁ ସୂଚନା ଦିଆଯାଇଛି ଯେ, ୧୨ବର୍ଷ ହେଲା ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀମାନେ ନିଷ୍ଠାର ସହିତ କାର୍ଯ୍ୟ ତୁଲାଇ ଆସୁଛନ୍ତି। ହେଲେ ସରକାର ଏମାନଙ୍କ ନ୍ୟାଯ୍ୟଦାବି ପୂରଣ କରିନାହାନ୍ତି। ତେଣୁ ଏହାର ପ୍ରତିବାଦରେ ୬ତାରିଖଠାରୁ ଅହୋରାତ୍ର ଧାରଣା ଦେବେ। ଆନ୍ଦୋଳନରେ ଜିଲାର ୬୦ରୁ ଉର୍ଦ୍ଧ୍ୱ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ଯୋଗଦାନ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ସୂଚନାଯୋଗ୍ୟ କର୍ମଚାରୀମାନେ ଉପରୋକ୍ତ ଦାବି ନେଇ ପୂର୍ବରୁ ସେପ୍ଟେମ୍ବର ୧୦ ତାରିଖରେ ଧାରଣା ଦେଇଥିଲେ। ଉକ୍ତ ସମୟରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଏମ୍‌ଡ଼ି ଶାଳିନୀ ପଣ୍ଡିତ୍ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦାବି ପୂରଣ ନ ହେବାରୁ କର୍ମଚାରୀମାନେ ବାଧ୍ୟ ହୋଇ ଧାରଣାକୁ ଓହ୍ଲାଉଥିବା ପ୍ରକାଶ କରିଛନ୍ତି।

## ଆଜିଠାରୁ ରାଜ୍ୟସ୍ତରୀୟ ବଳରାମଦେବ କପ୍ ଫୁଟ୍‌ବଲ

**ଟାଙ୍ଗୀ(ଖୋର୍ଦ୍ଧା),୩।୨(ଡି.ଏନ.ଏ.)**

ସ୍ଥାନୀୟ ଚିଲିକା ଷ୍ଟାଡିୟମରେ ଟାଙ୍ଗୀ ଫୁଟ୍‌ବଲ କମିଟି ଆନୁକୂଲ୍ୟରେ ଚଳିତ ମାସ ୪ ତାରିଖ(ସୋମବାର)ଠାରୁ ରାଜ୍ୟସ୍ତରୀୟ ବଳରାମଦେବ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ରାଜ୍ୟର ୯ଟି ଫୁଟ୍‌ବଲ ଦଳ ଏଥିରେ ଅଂଶଗ୍ରହଣ କରିବେ। ଚୂଡ଼ାନ୍ତ ପ୍ରତିଯୋଗିତା ଚଳିତ ମାସ ୧୨ ତାରିଖରେ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନର ଖେଳ ପ୍ରାକ୍ତନ ଖେଳାଳିଙ୍କ ନାମରେ ନାମିତ ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଆୟୋଜକ କମିଟି ସମ୍ପାଦକ ବିଜୟ କୁମାର ରାଉତ ଜଣାଇଛନ୍ତି।

## ୭୨୦ ରୋଗୀଙ୍କୁ ମିଳିଲା ମାଗଣା ସ୍ୱାସ୍ଥ୍ୟସେବା

**ଗଣିଆ,୩।୨(ଡି.ଏନ.ଏ.)**

ରାଜ୍ୟ ସଭା ସଦସ୍ୟ ତଥା କିଟ୍ ଓ କିମ୍‌ସର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ତରଫରୁ ରବିବାର ଗଣିଆ ବ୍ଲକର ୭୨୦ ଜଣ ରୋଗୀଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି। ଗଣିଆସ୍ଥିତ କିଶୋରଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାପୀଠ ପରିସରରେ ଆୟୋଜିତ ଶିବିରରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନସେସ୍‌ର ଅଭିଜ୍ଞ ଡାକ୍ତରୀ ଦଳ ପରୀକ୍ଷାନିରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଶିବିରରେ ଶିଶୁ ରୋଗ, ଚକ୍ଷୁ, ସର୍ଜରି, ଭେଷଜ ବିଶେଷଜ୍ଞମାନେ ଯୋଗଦେଇଥିଲେ। ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିବାବେଳେ ସ୍ଥାନୀୟ ଶିକ୍ଷକ ଓ କିଶୋରଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାପୀଠର ସ୍କାଉଟ୍ ଓ ଗାଇଡ୍ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ସେହିପରି ଦଶପଲ୍ଲା ବ୍ଲକର ବାଣିଗୋଛା ଓ ନୂଆଗାଁ ବ୍ଲକର ମାଳିସାହିଠାରେ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଛି।



ଡାକ୍ତରଙ୍କ ଦ୍ୱାରା ରୋଗୀଙ୍କୁ ପରୀକ୍ଷା କରାଯାଉଛି।

## ମୋଡ଼ାନାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ଖଣ୍ଡପଡ଼ା,୩।୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସିଂଘାପଡା ପଞ୍ଚାୟତର ରୁପାପଲ୍ଲୀ ଗ୍ରାମ ନିକଟରେ ଅବସ୍ଥିତ ମୋଡ଼ାନାଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଉନ୍ନତୀକରଣ ପାଇଁ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଦ୍ୱାରା ରବିବାର ଅପରାହ୍ନରେ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରକଳ୍ପର ଜଳଧାରଣ କ୍ଷମତା ବୃଦ୍ଧି ନିମନ୍ତେ ମୃତ୍ତିକା ଖନନ ସହ ପାରିପାର୍ଶ୍ୱିକ ଉନ୍ନତୀକରଣ ନିମନ୍ତେ ରାଜ୍ୟ ସରକାର ମୋଟ ୧ କୋଟି ୬୪ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ଜଣାଯାଇଛି। ଖଣ୍ଡପଡା କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ପ୍ରକଳ୍ପର ପୁନରୁଦ୍ଧାର କାର୍ଯ୍ୟ ଆସନ୍ତା ୧ ବର୍ଷ ମଧ୍ୟରେ ଶେଷ ହେବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି। ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଭାଗର କନିଷ୍ଠ ଯନ୍ତ୍ରୀ ହିମାଂଶୁ ଶେଖର ଦାସ, ଇଂ ନିରଞ୍ଜନ ବେହେରା, ବରିଷ୍ଠ ନାଗରିକ ସଂଘର ସଭାପତି ଅଖିଳ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।





କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଧାୟକ ଓ ଅନ୍ୟମାନେ।

## ଭାଜପାର ବୁଥ୍ କମିଟି ବୈଠକ



ଯୋଗଦେଇଥିବା ଭାଜପା ନେତା ଓ କର୍ମକର୍ତ୍ତା।

**ବୋଲଗଡ,୩।୨(ଡି.ଏନ୍.ଏ.)**

ବୋଲଗଡ ବ୍ଲକ ଆରିକମାସ୍ଥିତ କୋଶଳାଶୁଣୀଙ୍କ ପୀଠରେ ଭାଜପାର ପାଞ୍ଚଗଡ ମଣ୍ଡଳସ୍ତରୀୟ ବୁଥ୍ କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସୁବାସ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରକାଶ ଚନ୍ଦ୍ର ବିଜୁଳି ଯୋଗଦେଇଥିଲେ। ଏହି ଅବସରରେ ମାୟାଧର ପଟ୍ଟନାୟକ ପ୍ରମୁଖ ଦଳରେ ନୂତନ ଭାବେ ଯୋଗଦେଇଥିଲେ। ମିଥୁନ ପାଇକରାୟ, ସଂସାରୀ ପ୍ରଧାନ, ବିଷ୍ଣୁ ଛୋଟରାୟ, ପ୍ରମୋଦ ମାନଧାତା, କୈଳାସ ଚନ୍ଦ୍ର ପ୍ରଧାନ ପ୍ରମୁଖ କର୍ମୀ ଓ ନେତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବୃଦ୍ଧି ପାଉଛି ସନ୍ଦେହଜନକ ହତ୍ୟା ଘଟଣା

**ନିରାକାରପୁର,୩।୨(ଡି.ଏନ.ଏ.)**

- ୬ରୁ ଉର୍ଦ୍ଧ୍ୱ ମୃତକଙ୍କ ତଦନ୍ତରେ ଶିଥିଳତା
- ଅଭିଯୁକ୍ତଙ୍କୁ ଗିରଫରେ ପୋଲିସର ବିଫଳତା ନେଇ ଅସନ୍ତୋଷ

ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ସମ୍ପ୍ରତି ସନ୍ଦେହଜନକ ହତ୍ୟା ଘଟଣା ବୃଦ୍ଧି ପାଉଥିବା ବିଭିନ୍ନ ମହଲରେ ଅଭିଯୋଗ ହୋଇଛି। ବିଗତ କିଛିଦିନ ମଧ୍ୟରେ ଏଠାରେ ଜଣେ ଯୁବକ ଓ ୫ରୁ ଉର୍ଦ୍ଧ୍ୱ ମହିଳାଙ୍କ ମୃତ୍ୟୁ ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଥିଲେ ମଧ ଏ ନେଇ ତଦନ୍ତରେ ଶିଥିଳ ଓ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସର ବିଫଳତାକୁ ନେଇ ଜନ ଅସନ୍ତୋଷ ସୃଷ୍ଟି ହୋଇଛି। ଉକ୍ତ ୬ ମୃତଦେହ ମଧ୍ୟରୁ ମାତ୍ର ୨ ଜଣଙ୍କ ପରିଚୟ ମିଳିପାରିଛି। ଉଲ୍ଲେଖଯୋଗ୍ୟ, ଦୀର୍ଘଦିନ ପୂର୍ବରୁ ଡିଆ ପଞ୍ଚାୟତ ଡିଆ ଆଦିବାସୀ ସାହିର ଝାଡୁଦାର ମହିଳା ସୁରେଖା ନାୟକ(୫୦)ଙ୍କ ମୃତଦେହ ନିରାକାରପୁର ଥାନା ଗୃହ ପଛପଟ ଜନବସତି ଅଞ୍ଚଳରୁ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ରାସ୍ତାରୋକୋଠାରୁ ଆରମ୍ଭ କରି ଥାନା ଘେରାଉ ପର୍ଯ୍ୟନ୍ତ ଅନେକ ବିକ୍ଷୋଭ ହୋଇଥିଲେ ମଧ ଏହି ମୃତ୍ୟୁ ଘଟଣା ଏବେ ମଧ ରହସ୍ୟ ଘେର ମଧ୍ୟରେ ରହିଯାଇଛି। ୨୦୧୮ ଅକ୍ଟୋବର ୨୩ରେ ଖଣି ଭିତର ଜନବସତି ଅଞ୍ଚଳରୁ ଜଣେ ମହିଳାଙ୍କ ମୃତଦେହ, ୨୦୧୯ ଜାନୁୟାରୀ ୧୬ରେ ନନପଡା ବିଲ ଗହୀର ମଧ୍ୟରୁ ଜଣେ ଯୁବକଙ୍କ ମୃତଦେହ, କିଛିଦିନ ତଳେ ରାମେଶ୍ୱର ଛକ ନିକଟ ମନ୍ଦାକିନୀ ନଦୀ ବ୍ରିଜ୍ ତଳୁ ଯୁବତୀଙ୍କ ମୃତଦେହ, ବଡପୋଖରୀଆ ଛକ ୧୬ ନଂ ଜାତୀୟ ରାଜପଥ କଡ଼ରୁ ଗୋଟିଏ ଅଖାରେ ହାତଗୋଡ଼ ବନ୍ଧା ଯାଇଥିବା ଅବସ୍ଥାରେ ଯୁବତୀଙ୍କ ମୃତଦେହ, ବଡ଼ପୋଖରୀଆ ଛକ ଓ ଉଗ୍ରତାରା ଛକ ମଝିରେ ଥିବା ବଡ଼ବନ୍ଧ ଭିତରୁ ଜଣେ ଯୁବତୀଙ୍କ ଗଳିତ ମୃତଦେହ ପୋଲିସ ଉଦ୍ଧାର କରିଥିଲେ ମଧ ଏହାର ଚିହ୍ନଟ, ତଦନ୍ତ ଓ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହୋଇଥିବା ସ୍ଥାନୀୟ ଲୋକ ଓ ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହୋଇଛି। ଚଳିତବର୍ଷ ଜାନୁୟାରୀ ୨୭ରେ ଜଣେ ଦିବ୍ୟାଙ୍ଗ ଯୁବକଙ୍କୁ ଅତି ନୃଶଂସ ଭାବରେ ହତ୍ୟା କରାଯାଇଥିବା ଘଟଣାର ପର୍ଦ୍ଦାଫାଶ ନେଇ ନୂତନ ଭାବେ ଯୋଗ ଦେଇଥିବା ଥାନା ଅଧିକାରୀଙ୍କ ପାଇଁ ଏକ ଆହ୍ୱାନ ପାଲଟିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ଅନେକ ସଂଗଠନ ଥାନା ଅଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି। ଏ ନେଇ ନିରାକାରପୁର ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି, ଥାନା ଅଞ୍ଚଳରେ ଉକ୍ତ ଯୁବକଙ୍କ ହତ୍ୟା ଘଟଣା ହେଉଛି ମୋର ପ୍ରଥମ କେସ୍। ତେଣୁ ପ୍ରଥମେ ଏହି ଘଟଣାର ଉପଯୁକ୍ତ ତଦନ୍ତ ସହ ଅନ୍ୟ ଘଟଣା ପ୍ରତି ପଦକ୍ଷେପ ଗ୍ରହଣ କରାଯିବ।